(ପୃଷ୍ଠା–୧୨+୮)

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜାନୁୟାରୀ ୧୧/୨୦୨୩ (୧୨+୮=୨୦ ପୃଷ୍ଠା) | Bhubaneswar, Wednesday, January 11/2023 | Page 20 | ₹ 7.00

୪୯ଶ ଭାଗ ୪୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 49 | ମୂଲ୍ୟ ₹୭/-



**ସମାଲୋଚନା ନେଇ ଉତ୍ତର ରଖିଲେ**

କିଛି ଦିନ ପୂର୍ବରୁ ନିଜ ରୋଗ ବିଷୟରେ ଜଣାଇ ସମାଲୋଚନା ହେବା ପରେ ଏବେ ଉତ୍ତର ରଖିଛନ୍ତି ସାଉଥ୍ ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁ।

୦୪

୦୨

**ଭାରତୀୟ ବଂଶୋଦ୍ଭବ ନାସାର ମୁଖ୍ୟ ପ୍ରଯୁକ୍ତିବିତ୍**

ଆମେରିକା ମହାକାଶ ଗବେଷଣା ସଂସ୍ଥା ନାସା ଭାରତୀୟ ବଂଶୋଦ୍ଭବ ଏ.ସି. ଚରଣିଆଙ୍କୁ ଏହାର ମୁଖ୍ୟ ପ୍ରଯୁକ୍ତିବିତ୍ ଭାବେ ନିଯୁକ୍ତି ପ୍ରଦାନ କରିଛି।






## ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ | ୧୫ରୁ ଚାଲାଣ କଟିବ

■ ୫ରୁ ୧୦ ହଜାର ଟଙ୍କା ଜରିମାନା

■ ଶେଷ ନମ୍ବର ୧, ୨, ୩, ୪, ୫, ୬ ପାଇଁ ଲାଗୁ

**ଭୁବନେଶ୍ୱର,୧୦।୧(ବ୍ୟୁରୋ)**

୨୦୧୯ ଏପ୍ରିଲ ପହିଲା ପୂର୍ବରୁ ପଞ୍ଜୀକୃତ ହୋଇଥିବା ପୁରୁଣା ଯାନବାହନ, ଯାହାର ଶେଷ ନମ୍ବର ୧, ୨, ୩, ୪, ୫ ଏବଂ ୬ ହୋଇଥିବ ଏବଂ ହାଇସିକ୍ୟୁରିଟି ରେଜିଷ୍ଟ୍ରେଶନ ପ୍ଲେଟ୍ (ଏଚ୍ଏସ୍ଆର୍ପି) ଲାଗି ନ ଥିବ ସେହି ଯାନଗୁଡ଼ିକ ବିରୋଧରେ ଜାନୁୟାରୀ ୧୫ରୁ ଏନ୍ଫୋର୍ସମେଣ୍ଟ ବିଭାଗ ଦ୍ୱାରା କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ମୋଟର ଭେହିକିଲ୍ ଆଇନ-୧୯୮୮ର ଧାରା ୧୯୨ ଅନୁସାରେ ସମ୍ପୃକ୍ତ ଯାନ ବିରୋଧରେ ୫୦୦୦ କିମ୍ବା ୧୦, ୦୦୦ ଟଙ୍କା ପର୍ଯ୍ୟନ୍ତ ଇ-ଚାଲାଣ କଟାଯାଇ ଜରିମାନା ଆଦାୟ କରାଯିବ।

ଅନ୍ୟପକ୍ଷରେ ଯେଉଁ ଗାଡ଼ିଗୁଡ଼ିକର ରେଜିଷ୍ଟ୍ରେଶନ ନମ୍ବର ୭ ଏବଂ ୮ ସେଗୁଡ଼ିକରେ ଏଚ୍ଏସ୍ଆର୍ପି ଲଗାଇବା ପାଇଁ ଚଳିତ ମାସ ୩୧ ତାରିଖ ଧାର୍ଯ୍ୟ କରାଯାଇଥିବା ବେଳେ ଶେଷ ନମ୍ବର ୯ ଓ ୦ ଲାଗି ଫେବୃୟାରୀ ୨୮ ଧାର୍ଯ୍ୟ କରାଯାଇଛି। ଏହା ପରେ ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ଲଗାଇ ନ ଥିବା ଯାନଗୁଡ଼ିକଠାରୁ ଜରିମାନା ଆଦାୟ କରାଯିବ ବୋଲି ରାଜ୍ୟ ସଡ଼କ ପରିବହନ କର୍ତ୍ତୃପକ୍ଷ(ଏସ୍ଟିଏ)ଙ୍କ ପକ୍ଷରୁ କୁହାଯାଇଛି।

ଅତିରିକ୍ତ ପରିବହନ କମିଶନର ଲାଲମୋହନ ସେଠୀ (ଏନ୍ଫୋର୍ସମେଣ୍ଟ) କହିଛନ୍ତି ଯେ ଜାନୁୟାରୀ ୯ ସୁଦ୍ଧା ରାଜ୍ୟରେ ସମୁଦାୟ ୩୫,୫୬,୮୧୯ ଗାଡ଼ି ମାଲିକ ସ୍ଲଟ୍ ବୁକିଂ କରିଛନ୍ତି। ସେଥିରୁ ୨୭, ୨୪,୯୯୪ ଗାଡ଼ିରେ ଏଚ୍ଏସ୍ଆର୍ପି ଲଗାଯାଇଛି। ବିଳମ୍ବ ନ କରି ଗାଡ଼ିରେ ଏଚ୍ଏସ୍ଆର୍ପି ସଂଲଗ୍ନ




କରିବାକୁ ଯାନ ମାଲିକମାନଙ୍କୁ ଏସ୍ଟିଏ ପକ୍ଷରୁ ଅନୁରୋଧ କରାଯାଇଛି। ଯେଉଁ ଗାଡ଼ିମାଲିକମାନେ ଇଣ୍ଟରନେଟ୍ ବ୍ୟବହାର କରନ୍ତି ନାହିଁ କିମ୍ବା ଟେକ୍ନୋଲୋଜି ବିଷୟରେ ଅଧିକ ଜ୍ଞାନ ନାହିଁ ସେମାନେ ନିକଟସ୍ଥ ମୋ ସେବା କେନ୍ଦ୍ର କିମ୍ବା ସେମାନଙ୍କ ସୁବିଧା ଅନୁଯାୟୀ ଆର୍ଟିଓରେ ଥିବା ଏଚ୍ଏସ୍ଆର୍ପି ସୁବିଧା କେନ୍ଦ୍ର ମାଧ୍ୟମରେ ଆବେଦନ କରିପାରିବେ। ଓଇଏମ୍ (ଯାନ ନିର୍ମାତା) ସେମାନଙ୍କ ପ୍ରାଧିକୃତ ବିକ୍ରେତାଙ୍କ ମାଧ୍ୟମରେ ୮୮ଟି ସ୍ଥାନରେ ଏବଂ ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ଅସ୍ଥାୟୀ ଫିଟ୍ମେଣ୍ଟ ସେଣ୍ଟର ଖୋଲିଛନ୍ତି। ଯେଉଁଠାରେ ଗୁରୁତ୍ୱପୂର୍ଣ୍ଣ ସରକାରୀ, ବେସରକାରୀ ପ୍ରତିଷ୍ଠାନ (ଯେଉଁଠାରେ ସମସ୍ତ ଓଇଏମ୍ର ଡିଲର ନେଟ୍ୱର୍କ ଉପଲବ୍ଧ ନାହିଁ) ରହିଛି ସେଠାରେ ମଧ୍ୟ ଏଚ୍ଏସ୍ଆର୍ପିର ଫିଟ୍ମେଣ୍ଟ ସେଣ୍ଟର ମଧ୍ୟ ଆରମ୍ଭ କରାଯାଇଛି। ଏହାଛଡ଼ା କେତେକ ଆରଟିଓ କାର୍ଯ୍ୟାଳୟରେ ଏହି ଫିଟ୍ମେଣ୍ଟ ସୁବିଧା ଓଇଏମ୍ ଦ୍ୱାରା ପ୍ରଦାନ କରାଯାଉଛି।

ଯେଉଁ ଗାଡ଼ି ନିର୍ମାତା, ଉତ୍ପାଦକମାନେ ସେମାନଙ୍କ ବ୍ୟବସାୟ ବନ୍ଦ କରିଦେଇଛନ୍ତି ସେହି ସ୍ଥାନରୁ କିଣା ଯାଇଥିବା ଗାଡ଼ି ପାଇଁ ଆର୍ଟିଓରେ ଏଚ୍ଏସ୍ଆର୍ପି କରାଯାଇପାରିବ। ଏହି ସୁବିଧା ଆର୍ଟିଓ କାର୍ଯ୍ୟାଳୟରେ କେବଳ ବାହନ ପୋର୍ଟାଲ ମାଧ୍ୟମରେ ଆବେଦନ କରିପାରିବେ। ଏଚ୍ଏସ୍ଆର୍ପି ନମ୍ବର ପ୍ଲେଟ୍ ବଦଳାଇବା ସମୟରେ କିମ୍ବା ଅନ୍ୟ କୌଣସି କାରଣବଶତଃ ଏଥିରେ କିଛି କ୍ଷତି ହେଲେ ଯାନ ମାଲିକ ଏହାର ରିପ୍ଲେସ୍ମେଣ୍ଟ ପାଇଁ ବୁକିଂ କରିପାରିବେ। ସମସ୍ତ ଅଟୋମୋବାଇଲ ନିର୍ମାତା ଏବଂ ଓଇଏମ୍ର ପ୍ରାଧିକୃତ ବିକ୍ରେତାଙ୍କୁ ଏ ବିଷୟରେ ଏକ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରଣାଳୀ (ଏସ୍ଓପି) ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, କେନ୍ଦ୍ର ସରକାର କେନ୍ଦ୍ରୀୟ ମୋଟରଯାନ ଆଇନର ନିୟମ ୫୦ ଏବଂ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟର ବିଜ୍ଞପ୍ତି/ବିଧିଗତ ଆଦେଶରେ ସଂଶୋଧନ କରିଛନ୍ତି। ସେହି ଅନୁଯାୟୀ କେନ୍ଦ୍ର ଓ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ସମସ୍ତ ଶ୍ରେଣୀର ପୁରୁଣା ଯାନ ପାଇଁ ହାଇସିକ୍ୟୁରିଟି ରେଜିଷ୍ଟ୍ରେଶନ ପ୍ଲେଟ୍ ବାଧ୍ୟତାମୂଳକ କରାଯାଇଛି।

## ଜୋଷୀମଠ ପରେ କର୍ଣ୍ଣପ୍ରୟାଗ

**ଚମୋଲି/ନୂଆଦିଲ୍ଲୀ,୧୦।୧**

ଉତ୍ତରାଖଣ୍ଡର ଜୋଷୀମଠ ପରେ କର୍ଣ୍ଣପ୍ରୟାଗରେ ମଧ୍ୟ ମାଟି ଫାଟି ଆଁ କଲାଣି। ସହରର ବହୁଗୁଣା ନଗରରେ ଥିବା ୫୦ ଘରର କାନ୍ଥରେ ଫାଟ ସୃଷ୍ଟି ହୋଇଛି। ଏଥିସହ କେତେକ ସ୍ଥାନରେ ଭୂସ୍ଖଳନ ମଧ୍ୟ ହୋଇଛି। ଏହାକୁ ଦୃଷ୍ଟିରେ ରଖି କର୍ଣ୍ଣପ୍ରୟାଗବାସୀ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମିଙ୍କୁ ଭେଟି ସରକାରୀ ସହାୟତା ଲୋଡ଼ିଛନ୍ତି।

### ମାଡ଼ିଲା ଫାଟ ବିପତ୍ତି



କର୍ଣ୍ଣପ୍ରୟାଗରେ ଏକ ଚଟାଣ ଫାଟି ଯାଇଛି।

ଜୋଷୀମଠରେ ଗତ ସପ୍ତାହରୁ ଲଗାତର ଭାବେ ରାସ୍ତାଘାଟ, ମନ୍ଦିର, ଶିକ୍ଷାନୁଷ୍ଠାନ ଓ ଲୋକଙ୍କ ଘର କାନ୍ଥରେ ସୃଷ୍ଟି ହୋଇଥିବା ଫାଟର ବ୍ୟବଧାନ ବଢ଼ିବାରେ ଲାଗିଛି। ଆଗକୁ ଅଧିକ ବିପଦ ଆଶଙ୍କା କରି ଜୋଷୀମଠକୁ ଭୂସ୍ଖଳନପ୍ରବଣ ଅଞ୍ଚଳ ଘୋଷଣା କରାଯାଇଛି। ବହୁ ପରିବାର ନିଜ ଭିଟାମାଟି ଛାଡ଼ି ସରକାରଙ୍କ ପକ୍ଷରୁ ନିର୍ମାଣ କରାଯାଇଥିବା ଅସ୍ଥାୟୀ ଶିବିରଗୁଡ଼ିକରେ ଆଶ୍ରୟ ନେଇଛନ୍ତି। ଜୋଷୀମଠବାସୀଙ୍କ ଦୁଃଖ ନ ଯାଉଣୁ ଅନ୍ୟତମ ଆଧ୍ୟାତ୍ମିକ ପୀଠ କର୍ଣ୍ଣପ୍ରୟାଗରେ ମଧ୍ୟ ଅନୁରୂପ ସଙ୍କଟ ଉପୁଜିଲାଣି। କର୍ଣ୍ଣପ୍ରୟାଗର ଉପର ବଜାର ୱାର୍ଡରେ ରହୁଥିବା ୩୦ ପରିବାର ପ୍ରତି ଫାଟ ବିପତ୍ତି ମାଡ଼ିଆସିଛି। ସେମାନେ ରାଜ୍ୟ ସରକାରଙ୍କୁ ସହାୟତା ମାଗିଛନ୍ତି। ଇତିମଧ୍ୟରେ ଚମୋଲି ଜିଲା ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ ଏକ ବୁଲେଟିନ୍ ଜାରି କରିଛନ୍ତି। ☞ପୃଷ୍ଠା–୪

### ତ୍ୱରିତ ଶୁଣାଣି ପାଇଁ ମନାକଲେ ସୁପ୍ରିମକୋର୍ଟ

■ ସବୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆମ ପାଖକୁ ଆସିବା ଅନୁଚିତ

**ନୂଆଦିଲ୍ଲୀ,୧୦।୧**

ଉତ୍ତରାଖଣ୍ଡର ଚମୋଲି ଜିଲା ଜୋଷୀମଠରେ ଦେଖାଦେଇଥିବା ବିପତ୍ତିକୁ ସଙ୍କଟ ଘୋଷଣା ସକାଶେ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ଲୋଡ଼ି ଏକ ପିଟିଶନ ଦାଖଲ ହୋଇଛି। ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଜଷ୍ଟିସ୍ ପି.ଏସ୍. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ତ୍ୱରିତ ଶୁଣାଣି କରିବାକୁ ମନା କରିଦେଇଛନ୍ତି। ଜୋଷୀମଠ ଶଙ୍କରାଚାର୍ଯ୍ୟ ସ୍ୱାମୀ ଅଭିମୁକ୍ତେଶ୍ୱରାନନ୍ଦ ସରସ୍ୱତୀଙ୍କ ପକ୍ଷରୁ ଆଇନଜୀବୀ ପରମେଶ୍ୱର ନାଥ ମିଶ୍ର ସଙ୍କଟର ☞ପୃଷ୍ଠା–୪

## ମେଟ୍ରୋ ପିଲାର ଭୁଶୁଡ଼ି ମାଆପୁଅ ମୃତ



ଭୁଶୁଡ଼ି ପଡ଼ିଥିବା ନିର୍ମାଣାଧୀନ ମେଟ୍ରୋ ପିଲାର।

**ବେଙ୍ଗାଲୁରୁ,୧୦।୧**

ବେଙ୍ଗାଲୁରୁରେ ନିର୍ମାଣାଧୀନ ଏକ ମେଟ୍ରୋ ପିଲାର ଭୁଶୁଡ଼ି ପଡ଼ିବାରୁ ଜଣେ ମହିଳା ଓ ତାଙ୍କର ଅଢ଼େଇ ବର୍ଷର ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଛି। ମହିଳାଙ୍କ ସ୍ୱାମୀ ଓ ଝିଅ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସେମାନେ ମଙ୍ଗଳବାର ସକାଳେ ଏକ ବାଇକରେ ଉକ୍ତ ଅଞ୍ଚଳ ଦେଇ ଯାଉଥିବାବେଳେ ୪୦ ଫୁଟ ଲମ୍ବ ମେଟ୍ରୋ ପିଲାର ଭୁଶୁଡ଼ି ସେମାନଙ୍କ ଉପରେ ପଡ଼ିଥିଲା। ଏହି ଦୁର୍ଘଟଣାରେ ତେଜସ୍ୱିନୀ ଓ ତାଙ୍କ ପୁଅ ବିହାନ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ନିକଟସ୍ଥ ହସ୍ପିଟାଲକୁ ନେଇଥିଲେ ହେଁ ସେଠାରେ ସେମାନଙ୍କର ମୃତ୍ୟୁ ଘଟିଥିଲା। ତେଜସ୍ୱିନୀଙ୍କ ସ୍ୱାମୀ ଲୋହିଥ ଓ ଝିଅ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଦୁର୍ଘଟଣା ପରେ ସେଠାରେ ଉତ୍ତେଜନା ଲାଗିରହିଥିବାବେଳେ ମେଟ୍ରୋ କାମକୁ ଦୁଇଦିନ ବନ୍ଦ ରଖାଯାଇଛି।

## ଚଳିତବର୍ଷରୁ ଓଡ଼ିଆରେ ଓସିଏସ୍ ପରୀକ୍ଷା

**କଟକ ଅଫିସ,୧୦।୧**

ଚଳିତବର୍ଷରୁ ପ୍ରଥମଥର ପାଇଁ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ(ଓସିଏସ୍)-୨୦୨୨ ପରୀକ୍ଷା ଓଡ଼ିଆରେ ହେବ। ପୂର୍ବରୁ କେବଳ ଇଂଲିଶ୍ ଭାଷାରେ ଏହି ପରୀକ୍ଷା ହେଉଥିଲା। କିନ୍ତୁ ଚଳିତବର୍ଷରୁ ଆଶାୟୀ ପ୍ରାର୍ଥୀମାନେ ଉଭୟ ଓଡ଼ିଆ ଏବଂ ଇଂଲିଶ୍ ଭାଷା ମଧ୍ୟରୁ ଯେ କୌଣସି ଗୋଟିଏକୁ ବିକଳ୍ପ ଭାବେ ଚୟନ କରିପାରିବେ। ପ୍ରିଲିମିନାରୀ, ମୁଖ୍ୟ ଲିଖିତ ପରୀକ୍ଷା ଓ ବ୍ୟକ୍ତିଗତ ସାକ୍ଷାତ୍କାର ପରୀକ୍ଷା ନିମନ୍ତେ ଏହି ବ୍ୟବସ୍ଥା ପ୍ରଯୁଜ୍ୟ ହେବ ବୋଲି ମଙ୍ଗଳବାର ଓପିଏସ୍ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପରୀକ୍ଷା ପାଇଁ ଅନ୍ଲାଇନ୍ରେ ଆବେଦନବେଳେ ପରୀକ୍ଷାର୍ଥୀମାନେ ଯେକୌଣସି ଗୋଟିଏ ଭାଷାକୁ ଚୟନ କରିବେ। ହେଲେ ଆବେଦନପତ୍ରରେ ଥରେ ଚୟନ କରିସାରିବା ପରେ ତାହାକୁ ପରିବର୍ତ୍ତନ କରାଯାଇପାରିବ ନାହିଁ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି।

## ୩ ଦିନରେ ୭ ମହାଦେଶ ବୁଲିଲେ

**ନୂଆଦିଲ୍ଲୀ,୧୦।୧**

ଦୁଇଜଣ ଭାରତୀୟ ମାତ୍ର ୩ ଦିନରେ ୭ ମହାଦେଶ ବୁଲି ନୂଆ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ସେମାନେ ହେଲେ ଡ. ଅଲୀ ଇରାନୀ ଏବଂ ସୁଜୟ କୁମାର ମିତ୍ର। ବିଶ୍ୱର ୭ଟି ଯାକ ମହାଦେଶ ଭ୍ରମଣ କରିବା ପାଇଁ ଉଭୟଙ୍କୁ ୩ ଦିନ ୧ ଘଣ୍ଟା ୫ ମିନିଟ ୪ ସେକେଣ୍ଡ ଲାଗିଥିଲା। ଗତ ଡିସେମ୍ବର ୪ରେ ଅଷ୍ଟ୍ରେଲିଆର ମେଲବୋର୍ନରୁ ବାହାରି ମାତ୍ର ୭ ତାରିଖ (୭୩ ଘଣ୍ଟା) ମଧ୍ୟରେ ଏସିଆ, ଆଫ୍ରିକା, ୟୁରୋପ, ଉତ୍ତର ଆମେରିକା, ଦକ୍ଷିଣ ଆମେରିକା, ଆଣ୍ଟାର୍କଟିକା ଏବଂ ଓସେନିଆ ଭ୍ରମଣ କରିଥିବା ଏହି ଦୁଃସାହସୀ



ସୁଜୟ କୁମାର ମିତ୍ର ଏବଂ ଡ. ଅଲୀ ଇରାନୀ

### ୨ ଭାରତୀୟଙ୍କ ବିଶ୍ୱ ରେକର୍ଡ

ଭାରତୀୟ ଦ୍ୱୟଙ୍କ ବିରଳ ପଦକ୍ଷେପକୁ ଗିନିଜ୍ ୱାର୍ଲ୍ଡ ରେକର୍ଡ ସ୍ୱୀକୃତି ଦେଇଛି। ଏହା ପୂର୍ବରୁ ଏତେ କମ୍ ସମୟ ମଧ୍ୟରେ ବିଶ୍ୱର କେହି ୭ ମହାଦେଶ ଭ୍ରମଣ କରି ନ ଥିଲେ ବୋଲି ଏହାର ୱେବ୍ସାଇଟ୍ରେ ଉଲ୍ଲେଖ କରାଯାଇଛି। ନିଜ ସଫଳତା ସମ୍ପର୍କରେ ଅଲୀ ଓ ସୁଜୟ କହିଛନ୍ତି, ଆଜି ଆମେ ରେକର୍ଡ ଭାଙ୍ଗିବାରେ ସଫଳ ହୋଇଛୁ। କିନ୍ତୁ ଆସନ୍ତାକାଲି ଆଉ କେହି ଆମ ରେକର୍ଡ ଭାଙ୍ଗିବାରେ ସକ୍ଷମ ☞ପୃଷ୍ଠା–୪



## ସଂକ୍ଷେପରେ

### ଇମ୍ରାନ ଖାନ୍‌ଙ୍କ ବିରୋଧରେ ଗିରଫ ପରୱାନା

**ଇସ୍‌ଲାମାବାଦ,୧୦।୧:** ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ଏବଂ ତାଙ୍କ ଦଳର ୪ ଜଣ ଶୀର୍ଷ ନେତାଙ୍କ ବିରୋଧରେ ସେଠାର ନିର୍ବାଚନ କମିଶନ ମଙ୍ଗଳବାର ଜାମିନଯୋଗ୍ୟ ଗିରଫ ପରୱାନା ଜାରି କରିଛନ୍ତି। ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍‌ର ଏହି ନେତାମାନେ ପାକିସ୍ତାନ ନିବାଚନ କମିଶନ ଏବଂ ମୁଖ୍ୟ ନିର୍ବାଚନ କମିଶନର ସିକନ୍ଦର ସୁଲ୍‌ତାନ ରାଜାଙ୍କ ବିରୋଧରେ ମନ୍ତବ୍ୟ ଦେଇଥିବାରୁ ସେମାନଙ୍କ ବିରୋଧରେ ଅବମାନନା ମାମଲା ରୁଜୁ ହୋଇଛି। ନିସାର ଦୁରାନିଙ୍କ ଅଧକ୍ଷାରେ ୪ ସଦସ୍ୟ ବିଶିଷ୍ଟ ନିର୍ବାଚନ କମିଶନ ବେଞ୍ଚ୍ ଇମ୍ରାନ ଓ ତାଙ୍କ ଘନିଷ୍ଠ ସହଯୋଗୀ ଫୱାଦ ଚୌଧରୀ, ଅସାଦ ଉମରଙ୍କ ବିରୋଧରେ ୱାରେଣ୍ଟ ଜାରି କରିଛି। ଗତବର୍ଷ ଅଗଷ୍ଟ ଓ ସେପ୍ଟେମ୍ବରରେ ନିର୍ବାଚନ କମିଶନ ସେମାନଙ୍କୁ ନୋଟିସ୍ କରିଥିଲା। ସେମାନେ ହାଜର ନ ହେବାରୁ ଗିରଫ ପରୱାନା ଜାରି ହୋଇଛି।

### ଶେହଲାଙ୍କ ନାଁରେ ମାମଲା ଲାଗି ଦିଲ୍ଲୀ ଉପରାଜ୍ୟପାଳଙ୍କ ଅନୁମତି

**ନୂଆଦିଲ୍ଲୀ,୧୦।୧(ପି.ଟି.):** ଭାରତୀୟ ସେନା ବିରୋଧରେ ଟୁଇଟ୍ କରିଥିବା ଜେଏନ୍‌ୟୁ ଛାତ୍ର ସଂଗଠନର ପୂର୍ବତନ ଉପ ସଭାନେତ୍ରୀ ଶେହଲା ରଶିଦଙ୍କ ବିରୋଧରେ ତଦନ୍ତ କରି



କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ଦିଲ୍ଲୀ ଉପରାଜ୍ୟପାଳ ଭି.କେ. ସାକ୍ସେନା ମଙ୍ଗଳବାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ଆଇନଜୀବୀ ଅଲଖ ଆଲୋକ ଶ୍ରୀବାସ୍ତବଙ୍କ ଅଭିଯୋଗକ୍ରମେ ଦିଲ୍ଲୀ ପୋଲିସର ସ୍ୱତନ୍ତ୍ର ସେଲ୍ ୨୦୧୯ରେ ଶେହଲାଙ୍କ ବିରୋଧରେ ଏତଲା ଦାଏର କରିଥିଲା। ସିଆର୍‌ପିସିର ଧାରା ୧୯୬ରେ ଉପରାଜ୍ୟପାଳ କାର୍ଯ୍ୟାନୁଷ୍ଠାନ ଲାଗି ମଞ୍ଜୁରୀ ଦେଇଛନ୍ତି। ରାଷ୍ଟ୍ର ବିରୋଧୀ ଅପରାଧ ଏବଂ ଆପରାଧିକ ଷଡ଼ଯନ୍ତ୍ର ଘଟଣାରେ ମକଦ୍ଦମା ଲାଗି ଉକ୍ତ ଧାରାରେ ମଞ୍ଜୁରୀର ଆବଶ୍ୟକତା ପଡ଼ିଥାଏ। ଜେଏନ୍‌ୟୁ ଛାତ୍ର ସଂଗଠନର ପୂର୍ବତନ ଉପ ସଭାନେତ୍ରୀ ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଶତ୍ରୁତାକୁ ବଢ଼ାଇବା ସହ ସଦ୍‌ଭାବନା ପ୍ରତି କ୍ଷତି ପହଞ୍ଚାଉଥିଲେ। ସେନା ଯବାନମାନେ କଶ୍ମୀର ଲୋକଙ୍କ ଘରେ ପଶି ନିର୍ଯାତନା ଦେଉଥିବା ୨୦୧୯ ଅଗଷ୍ଟ ୧୮ରେ ସେ ଟୁଇଟ୍ କରିଥିଲେ। ଏହା ସମ୍ପୂର୍ଣ୍ଣ ଭିତ୍ତିହୀନ କହି ସେନ୍ୟବାହିନୀ ଅଭିଯୋଗକୁ ଖଣ୍ଡନ କରିଥିଲା।

### ମହିଳାଙ୍କୁ ଝୁଣି ମାରିଦେଲେ କୁକୁର

**ଧରୱାଡ୍(କର୍ଣାଟକ),୧୦।୧:** କର୍ଣାଟକର ଧରୱାଡ୍ ଜିଲାରେ ମଙ୍ଗଳବାର ଜଣେ ନିରାଶ୍ରୟା ମହିଳାଙ୍କୁ କୁକୁର ଝୁଣି ମାରିଦେଇଛନ୍ତି। ମହିଳାଙ୍କ ପରିଚୟ ମିଳିପାରି ନାହିଁ। ସେ ମଙ୍ଗଳବାର ସକାଳେ ଉପିନା ବେଟାଗେରି ଖବରସ୍ଥାନ ଗ୍ରାମରେ ଭିକ୍ଷା ମାଗିଥିଲେ। ପରେ ସେ ଗାଁର ଏକ ଘର ନିକଟରେ ଶୋଇଥିବାବେଳେ ପଲେ କୁକୁର ତାଙ୍କୁ ଆକ୍ରମଣ କରିଥିଲେ। ପ୍ରଶାସନିକ ଅଧିକାରୀମାନେ ସେଠାରେ ପହଞ୍ଚି ମହିଳାଙ୍କ ଶେଷକୃତ୍ୟ ବ୍ୟବସ୍ଥା କରିଛନ୍ତି। ଉକ୍ତ ଅଞ୍ଚଳରେ କୁକୁରମାନଙ୍କ ଦୌରାତ୍ମ୍ୟ ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ଏହାକୁ ଗୁରୁତ୍ୱର ସହ ନେଇ ନ ଥିବାରୁ ଗ୍ରାମବାସୀ ନିନ୍ଦା କରିଛନ୍ତି।



ଭୂମଧ୍ୟ ସାଗର ଉପରେ ବଜ୍ରପାତ ବେଳେ ଇସ୍ରାଏଲ୍‌ର ଉପକୂଳ ସହର ଆଶ୍କେଲୋନ୍‌ସ୍ଥିତ ର୍ୟୁଟନ୍‌ବର୍ଗ ପାୱାର ଷ୍ଟେଶନର ଦୃଶ୍ୟ।

# ପୂର୍ବତନ ରାଷ୍ଟ୍ରପତିଙ୍କ ଝିଅଙ୍କୁ ୫ ବର୍ଷ ଜେଲ

ତେହେରାନ,୧୦।୧



ଫାଏଜେ ହାସେମି

ଇରାନର ପୂର୍ବତନ ରାଷ୍ଟ୍ରପତି ଆକବର ହାସେମି ରଫ୍‌ସାନ୍‌ଜାନିଙ୍କ ଝିଅ ଫାଏଜେ ହାସେମିଙ୍କୁ ୫ ବର୍ଷ ଜେଲଦଣ୍ଡ ହୋଇଛି। ତେବେ କେଉଁ ଅପରାଧରେ ତାଙ୍କୁ ଦଣ୍ଡିତ କରାଯାଇଛି, ତାହା ଜଣାପଡ଼ିନାହିଁ। ତାଙ୍କ ବିରୋଧରେ ସରକାର ବିରୋଧୀ ପ୍ରଚାର ଅଭିଯୋଗ ଅଣାଯାଇଥିବା ତେହରାନର ସରକାରୀ ଓକିଲ ସୂଚନା ଦେଇଥିଲେ। ଗତବର୍ଷ ସେପ୍ଟେମ୍ବରରେ ୨୨ ବର୍ଷୀୟ ମହିଳା ମହସା ଅମିନିଙ୍କର ହାଜତରେ ମୃତ୍ୟୁ ଘଟିବା ପରେ ଇରାନରେ ହିଜାବ ବିରୋଧୀ ଆନ୍ଦୋଳନ ଜୋର୍ ଧରିଥିଲା। ଏହି ସମୟରେ ଦଙ୍ଗାକୁ ଉସୁକାଇବା ଅଭିଯୋଗରେ ଫାଏଜେଙ୍କୁ ଗିରଫ କରାଯାଇଥିଲା। ୧୯୭୯ ବିପ୍ଳବ ପରେ ଏହି ଆନ୍ଦୋଳନ ଇରାନ ସରକାରଙ୍କ ପାଇଁ ସବୁଠୁ ବଡ଼ ଚ୍ୟାଲେଞ୍ଜ ଥିଲା। ୩ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଆନ୍ଦୋଳନ ଜାରି ରହିଥିବାବେଳେ ଏହାକୁ ଦମନ କରିବା ଲାଗି ସରକାର ବଳ ପ୍ରୟୋଗ କରିଥିଲେ। ସୁରକ୍ଷା ବଳର କାର୍ଯ୍ୟାନୁଷ୍ଠାନରେ ଅନେକଙ୍କ ଜୀବନ ଯାଇଥିବାବେଳେ ବହୁସଂଖ୍ୟାରେ ବିକ୍ଷୋଭକାରୀଙ୍କୁ ଗିରଫ କରାଯାଇଥିଲା। ଇତିମଧ୍ୟରେ କେତେଜଣଙ୍କୁ ମିଥ୍ୟା ଅଭିଯୋଗରେ ଦୋଷୀସାବ୍ୟସ୍ତ କରାଯାଇ ଫାଶୀ ଦିଆଗଲାଣି। ଫାଏଜେଙ୍କୁ ୫ ବର୍ଷ ଜେଲଦଣ୍ଡ ମିଳିଥିବାବେଳେ ଏହା ଚୂଡ଼ାନ୍ତ ନୁହେଁ ବୋଲି ପ୍ରତିପକ୍ଷ ଓକିଲ ଟୁଇଟ୍ କରିଛନ୍ତି।

# ରାଜ୍ୟପାଳଙ୍କୁ ନେଇ ପୋଷ୍ଟର ଯୁଦ୍ଧ

ଚେନ୍ନାଇ,୧୦।୧




ତାମିଲନାଡୁ ବିଧାନସଭାରେ ଅଭିଭାଷଣକୁ ନେଇ ଶାସକ ଦଳ ଡିଏମ୍‌କେ ଏବଂ ରାଜ୍ୟପାଳ ଆର୍.ଏନ୍. ରବିଙ୍କ ମଧ୍ୟରେ ବିବାଦର ଦିନକ ପରେ ଚେନ୍ନାଇର ବିଭିନ୍ନ ସ୍ଥାନରେ 'ରବି ବାହାରିଯାଅ' ପୋଷ୍ଟର ଲଗାଯାଇଛି। ଉକ୍ତ ପୋଷ୍ଟରରେ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ଫଟୋ ରହିଛି। ଶାସକ ଦଳର ଟୁଇଟର ହ୍ୟାଣ୍ଡଲରେ ମଧ୍ୟ ରାଜ୍ୟପାଳଙ୍କୁ ସମାଲୋଚନା କରାଯାଇଛି। ଏହାର ପ୍ରତିବାଦରେ ପୁଡୁକୋଟ୍ଟାଇଠାରେ ସ୍ଥାନୀୟ ଭାଜପା କାର୍ଯ୍ୟକର୍ତ୍ତାମାନେ ରାଜ୍ୟପାଳଙ୍କୁ ପ୍ରଶଂସା କରି ପୋଷ୍ଟର ଲଗାଇଛନ୍ତି। ଅନେକ ଭାଜପା ଟୁଇଟର ହ୍ୟାଣ୍ଡଲରେ ଶାସକ ଦଳକୁ ନିନ୍ଦା କରାଯାଇଛି।

ସୋମବାର ବିଧାନସଭାରେ ରାଜ୍ୟପାଳ ଓ ସରକାରଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଥିଲା। ସରକାରୀ ପ୍ରସ୍ତୁତ ଭାଷଣକୁ ବାଦ୍ ଦେଇ ରାଜ୍ୟପାଳ ବିଧାନସଭାରେ ନିଜସ୍ୱ ଭାଷଣ ଦେବାରୁ ଏହାକୁ ବିରୋଧ କରି ମୁଖ୍ୟମନ୍ତ୍ରୀ ତଥା ଡିଏମ୍‌କେ ଅଧକ୍ଷ ଷ୍ଟାଲିନ ରାଜ୍ୟପାଳଙ୍କ ବିରୋଧରେ ପ୍ରସ୍ତାବ ଗୃହୀତ କରାଇଥିଲେ। ଫଳରେ ରାଜ୍ୟପାଳ ଭାଷଣ ଅଧାରୁ ବିଧାନସଭା ଛାଡ଼ି ପଳାଇଥିଲେ। ସୋମବାର ବିଧାନସଭାରେ ଯାହା ଘଟିଲା ତାହାକୁ ଷ୍ଟାଲିନ୍‌ଙ୍କ ପୁଅ ଉଦୟନିଧି ପ୍ରଶଂସା କରିଛନ୍ତି। ବିଧାନସଭା ଇତିହାସରେ ଏହା ଅଭୂତପୂର୍ବ ବୋଲି ସେ କହିଛନ୍ତି। ସାଧାରଣତଃ ଷ୍ଟାଲିନ୍‌ଙ୍କ ଉତ୍ତରରେ ବିରୋଧୀ ଦଳ କକ୍ଷତ୍ୟାଗ କରିଥାନ୍ତି। କିନ୍ତୁ ଏଥର ରାଜ୍ୟପାଳ ଗୃହ ଛାଡ଼ି ପଳାଇଲେ ବୋଲି ଉଦୟନିଧି କହିଛନ୍ତି।

ପ୍ରକାଶ ଯେ, ସୋମବାର ରାଜ୍ୟପାଳ ବିଧାନସଭାରେ ପାଖାପାଖି ୫୦ ମିନିଟ ଭାଷଣ ଦେଇଥିଲେ। ତାଙ୍କ ଭାଷଣର ତାମିଲ ଭର୍ସନକୁ ବାଚସ୍ପତି ପଢ଼ିଥିଲେ। ସରକାର ରାଜ୍ୟପାଳଙ୍କ ପାଖକୁ ଚିଠା ଅଭିଭାଷଣ ପଠାଇଥିଲେ ଏବଂ ଏହାକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଥିଲେ। ଏହା ଛପାଯାଇ ସବୁ ସଦସ୍ୟଙ୍କ ଟାବ୍‌ରେ ରଖାଯାଇଥିଲା। ଯେଉଁମାନେ ହାର୍ଡକପି ଚାହିଁଥିଲେ, ସେମାନଙ୍କୁ ଯୋଗାଇ ଦିଆଯାଇଥିଲା। ସରକାରଙ୍କ ଦ୍ରାବିଡୀୟ ମଡେଲ୍ ନୀତିର ବିରୋଧୀ ରାଜ୍ୟପାଳଙ୍କ କାର୍ଯ୍ୟ ଗ୍ରହଣୀୟ ନୁହେଁ ବୋଲି ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍ କହିଥିଲେ। ଆମେ ବିଧାନସଭାର ନୀତିନିୟମକୁ ଅନୁପାଳନ କରିଥିଲୁ ଏବଂ ରାଜ୍ୟପାଳଙ୍କ ଭାଷଣ ଆରମ୍ଭରୁ ବିରୋଧ କରି ନ ଥିଲୁ। ସାମ୍ବିଧାନିକ ନିୟମ ଅନୁଯାୟୀ ଗୃହକୁ ଉଦ୍‌ବୋଧନ ଦେବାକୁ ଆସୁଥିବା ରାଜ୍ୟପାଳଙ୍କ ପ୍ରତି ଶାସକ ଦଳର ପୂର୍ଣ୍ଣ ସମ୍ମାନ ରହିଛି। ତେବେ ରାଜ୍ୟପାଳ କେବଳ ଡିଏମ୍‌କେ ନୀତି ବିରୋଧରେ କାର୍ଯ୍ୟ କଲେ ତାହା ନୁହେଁ, ସେ ସରକାରଙ୍କ ବିରୋଧରେ ଗଲେ। ସରକାର ପ୍ରସ୍ତୁତ କରିଥିବା ଚିଠା ଭାଷଣକୁ ସେ ନ ପଢ଼ିବା ବିଧାନସଭା ପରମ୍ପରାର ଉଲ୍ଲଂଘନ ବୋଲି ଷ୍ଟାଲିନ୍ ସମାଲୋଚନା କରିଥିଲେ।

# ୪,୨୭୬ କୋଟି ଟଙ୍କାର ମିଶାଇଲ୍, ଏୟାର ଡିଫେନ୍ସ ଅସ୍ତ୍ର କିଣାକୁ ମଞ୍ଜୁରୀ

ନୂଆଦିଲ୍ଲୀ,୧୦।୧(ପି.ଟି.)

ହେଲିକପ୍ଟରରୁ ନିକ୍ଷେପ କରାଯାଇପାରୁଥିବା ଟ୍ୟାଙ୍କ ବିଧ୍ୱଂସୀ ଗାଇଡେଡ୍ ମିଶାଇଲ, ଏୟାର ଡିଫେନ୍ସ ଅସ୍ତ୍ର ସମେତ ୪,୨୭୬ କୋଟି ଟଙ୍କାର ଅସ୍ତ୍ରଶସ୍ତ୍ର କ୍ରୟ ପ୍ରସ୍ତାବକୁ ଡିଫେନ୍ସ ଆକ୍ୟୁଜିଶନ କାଉନ୍‌ସିଲ୍ (ଡିଏସି) ମଞ୍ଜୁରୀ ପ୍ରଦାନ କରିଛି। ସ୍ଥଳସେନା ଓ ନୌସେନା ପକ୍ଷରୁ ଏହି ପ୍ରସ୍ତାବ ଦିଆଯାଇଥିଲା। ମଙ୍ଗଳବାର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ଡିଏସି ବୈଠକ ବସି ପ୍ରସ୍ତାବଗୁଡ଼ିକୁ ଅନୁମୋଦନ କରାଯାଇଛି। ଆଣ୍ଟିଟ୍ୟାଙ୍କ ଗାଇଡେଡ୍ ମିଶାଇଲ ହେଲିନାକୁ ଅତ୍ୟାଧୁନିକ ହାଲୁକା ହେଲିକପ୍ଟରରେ ଖଞ୍ଜାଯିବ। ଏହା ୭ କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରିବ। ହେଲିନା କ୍ଷେପଣାସ୍ତ୍ର ସହ ଲଞ୍ଚର ଏବଂ ଅନ୍ୟାନ୍ୟ ସହାୟକ ଉପକରଣ କିଣାକୁ ମଞ୍ଜୁରୀ ମିଳିଛି। ଏଗୁଡିକ ସାମିଲ ହେବା ପରେ ସ୍ଥଳସେନାର କ୍ଷମତା ବୃଦ୍ଧି ପାଇବ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

# ଇଣ୍ଡୋନେସିଆ ଭୂକମ୍ପ: ବହୁ ଘର କ୍ଷତିଗ୍ରସ୍ତ

ଜାକର୍ତ୍ତା,୧୦।୧



ପୂର୍ବ ଇଣ୍ଡୋନେସିଆ ଅନ୍ତର୍ଗତ ସମୁଦ୍ର ଗର୍ଭରେ ସୋମବାର ବିଳମ୍ବିତ ରାତିରେ ବଡ଼ ଧରଣର ଭୂକମ୍ପ ଅନୁଭୂତ ହୋଇଥିଲା। ଏହାର ତୀବ୍ରତା ରିକ୍ଟର ସ୍କେଲ୍‌ରେ ୭.୬ ଥିଲା। ଭୂକମ୍ପ ଯୋଗୁ ପୂର୍ବ ଇଣ୍ଡୋନେସିଆ ଅନ୍ତର୍ଗତ ଦ୍ୱୀପପୁଞ୍ଜର ଅନେକ ଘର କ୍ଷତିଗ୍ରସ୍ତ ହୋଇଛି। ଭୂକମ୍ପ ଝଟ୍‌କା ପପୁଆ ଓ ପୂର୍ବ ନୁସା ଟେଙ୍ଗଗରା ପ୍ରଦେଶ ସମେତ ଉତ୍ତର ଅଷ୍ଟ୍ରେଲିଆରେ ମଧ୍ୟ ଅନୁଭୂତ ହୋଇଥିଲା। ଇଣ୍ଡୋନେସିଆରେ ତାନିମ୍ବର ଦ୍ୱୀପ ଏବଂ ମାଲୁକୁ ଜିଲାରେ ୨ଟି ସ୍କୁଲ୍ ବିଲ୍ଡିଂ ଓ ୧୨୪ଟି ଘର ଭାଙ୍ଗିଥିବାବେଳେ ଜଣେ ଆହତ ହୋଇଥିବା ଜାତୀୟ ବିପର୍ଯ୍ୟୟ ପ୍ରଶମନ ସଂସ୍ଥା (ଏନ୍‌ଡିଏମ୍‌ଏ) ପକ୍ଷରୁ କୁହାଯାଇଛି। ୩ରୁ ୫ ସେକେଣ୍ଡ ପର୍ଯ୍ୟନ୍ତ କମ୍ପନରେ ବିଲ୍ଡିଂଗୁଡ଼ିକ ଦୋହଲିବାରୁ ସ୍ଥାନୀୟ ଲୋକେ ଭୟରେ ଘର ଛାଡ଼ି ପଳାଇଯାଇଥିଲେ। ଭୂକମ୍ପର କେନ୍ଦ୍ରସ୍ଥଳ ତାନିମ୍ବର ଦ୍ୱୀପ ନିକଟ ବନ୍ଦା ସମୁଦ୍ରରେ ବୋଲି ଏନ୍‌ଡିଏମ୍‌ଏ ମୁଖପାତ୍ର ଅବଦୁଲ ମୁହାରି କହିଛନ୍ତି। ଇଣ୍ଡୋନେସିଆ ପାଣିପାଗ ବିଭାଗ ଓ ଜିଓଫିଜିକାଲ ଏଜେନ୍ସି ପକ୍ଷରୁ ସୁନାମୀ ସତର୍କ ସୂଚନା ଜାରି ହୋଇଥିବାବେଳେ ୩ ଘଣ୍ଟା ପରେ ଏହାକୁ ପ୍ରତ୍ୟାହାର କରିନିଆଯାଇଥିଲା।

# ନାସାର ମୁଖ୍ୟ ପ୍ରଯୁକ୍ତିବିତ୍ ହେଲେ ଭାରତୀୟ ବଂଶୋଦ୍ଭବ

ନୂଆଦିଲ୍ଲୀ,୧୦।୧

ନ୍ୟାଶନାଲ ଏରୋନଟିକ୍ସ ଆଣ୍ଡ ସ୍ପେସ୍ ଆଡମିନିଷ୍ଟ୍ରେଶନ (ନାସା) ଭାରତୀୟ-ଆମେରିକୀୟ ଏ.ସି. ଚରଣିଆଙ୍କୁ ଏହାର ମୁଖ୍ୟ ପ୍ରଯୁକ୍ତିବିତ୍ ଭାବେ ନିଯୁକ୍ତି ପ୍ରଦାନ କରିଛି। ସେ ମହାକାଶ ସଂସ୍ଥାର ପ୍ରଶାସକ ବିଲ୍ ନେଲ୍‌ସନଙ୍କୁ ବୈଷୟିକ ନୀତି ଓ କାର୍ଯ୍ୟକ୍ରମ ଉପରେ ପରାମର୍ଶ ଦେବେ। ସେ ଗତ ୩ ତାରିଖରେ ନାସାରେ ଯୋଗଦେଇଥିଲେ। ନାସାରେ ଯୋଗଦେବା ପୂର୍ବରୁ ସେ ରିଲାଏବ୍‌ଲ ରୋବୋଟିକ୍ସର ଉପାଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ। ଏହା ପୂର୍ବରୁ ସେ ବ୍ଲୁ ଅରିଜିନ୍‌ରେ ବ୍ଲୁ ମୁନ୍ ଲୁନାର ଲ୍ୟାଣ୍ଡର ପ୍ରୋଗ୍ରାମ ଓ ନାସାର ବିଭିନ୍ନ ବୈଷୟିକ ଉପକ୍ରମ ପାଇଁ କାମ କରିଥିଲେ।



ଏ.ସି. ଚରଣିଆ

# ଏୟାର ଇଣ୍ଡିଆ ଖାଦ୍ୟରେ ଗୋଡ଼ି

ନୂଆଦିଲ୍ଲୀ,୧୦।୧

ମହିଳା ଯାତ୍ରୀଙ୍କ ଉପରେ ପରିସ୍ରା କରିବା ଘଟଣାକୁ ନେଇ ଏୟାର ଇଣ୍ଡିଆ ବଦ୍‌ନାମ ହୋଇଥିବାବେଳେ ଏବେ ବିମାନରେ ପରିବେଷଣ କରାଯାଉଥିବା ଖାଦ୍ୟରେ ଗୋଡ଼ି ବାହାରିଥିବା ଅଭିଯୋଗ ସାମ୍‌ନାକୁ ଆସିଛି। ଜଣେ ମହିଳା ଯାତ୍ରୀଙ୍କୁ ଦିଆଯାଇଥିବା ଖାଦ୍ୟର ଦୁଇଟି ଫଟୋ ସେ ଟୁଇଟରରେ ଶେୟାର କରି ସେଥିରେ ଥିବା ଗୋଡ଼ିକୁ ଦେଖାଇଛନ୍ତି। ଏଭଳି ଅବହେଳା ଗ୍ରହଣୀୟ ନୁହେଁ ବୋଲି ଅନେକ ଟୁଇଟର ବ୍ୟବହାରକାରୀ କହିବା ସହ ଭିନ୍ନ ଭିନ୍ନ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଟାଟା ଗ୍ରୁପ୍ ମାଲିକାନାରେ ଥିବା ଏୟାର ଇଣ୍ଡିଆର ସେବା ମାନକୁ ନେଇ ପ୍ରଶ୍ନ ଉଠିଛି। ସର୍ବପ୍ରିୟା ସଙ୍ଗୱାନ ନାମ୍ନୀ ଏହି ଯାତ୍ରୀ ଏୟାରଇଣ୍ଡିଆ ଫ୍ଲାଇଟ୍ ୨୧୫ରେ ଯାତ୍ରା କରୁଥିବାବେଳେ ତାଙ୍କୁ ଦିଆଯାଇଥିବା ଖାଦ୍ୟରୁ ଗୋଡ଼ି ବାହାରିଥିଲା। ଏ ସମ୍ପର୍କରେ ସେ ବିମାନର କ୍ରିଉ ମେମ୍ବର ମିସେସ୍ ଜାଡୋନ୍‌ଙ୍କୁ ଜଣାଇଥିଲେ। ଏୟାର ଇଣ୍ଡିଆ ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହ ଏ ସମ୍ପର୍କରେ କ୍ୟାଟରିଂ ଟିମ୍‌କୁ ତୁରନ୍ତ ଜଣାଇ ଦିଆଯାଇଥିବା କହିଛି।

# ଆସ୍ଥା ଜିତିଲେ ପ୍ରଚଣ୍ଡ

କାଠମାଣ୍ଡୁ,୧୦।୧(ପି.ଟି.)

ନେପାଳ ପ୍ରଧାନମନ୍ତ୍ରୀ ପୁଷ୍ପ କମଲ ଦହଲ 'ପ୍ରଚଣ୍ଡ' ମଙ୍ଗଳବାର ଆସ୍ଥାଭୋଟ ଜିତିଛନ୍ତି। ସିପିଏନ୍-ମାଓଇଷ୍ଟ ସେଣ୍ଟର ନେତା ଗତ ମାସ ୨୬ରେ ନେପାଳ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିଲେ। ନିର୍ବାଚନ ପୂର୍ବରୁ ସେ ନେପାଳୀ କଂଗ୍ରେସ ନେତୃତ୍ୱାଧୀନ ମେଣ୍ଟରୁ ଓହରିଯାଇ ବିରୋଧୀ ଦଳ ନେତା କେ.ପି. ଶର୍ମା ଓଲିଙ୍କ ସହ ହାତ ମିଳାଇଥିଲେ। ନିର୍ବାଚନରେ କୌଣସି ଦଳକୁ



ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ନ ମିଳିବାରୁ ପ୍ରଚଣ୍ଡ ନେପାଳୀ କଂଗ୍ରେସ ଓ ଅନ୍ୟ ସହଯୋଗୀ ଦଳ ସମର୍ଥନରେ ସରକାର ଗଢ଼ିଥିଲେ। ସେଥିପାଇଁ ତାଙ୍କୁ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବା ଆବଶ୍ୟକ ପଡ଼ିଥିଲା। ପ୍ରତିନିଧି ସଭାରେ ମଙ୍ଗଳବାର ୨୭୦ ସଦସ୍ୟ ଉପସ୍ଥିତ ଥିବାବେଳେ ପ୍ରଚଣ୍ଡଙ୍କ ସପକ୍ଷରେ ୨୬୮ ଭୋଟ ପଡ଼ିଥିଲା ଓ ବିରୋଧରେ ୨ଟି ଭୋଟ ଯାଇଥିଲା।

# ନାଗରିକତ୍ୱ ଆଇନ ଧାରା ୬ଏର ସାମ୍ବିଧାନିକ ବୈଧତା ଉପରେ ପ୍ରଥମେ ନିଷ୍ପତ୍ତି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୦।୧

ନାଗରିକତ୍ୱ ଆଇନର ଧାରା ୬ଏ'କୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଦାଏର ପିଟିଶନଗୁଡ଼ିକର ଶୁଣାଣି ମଙ୍ଗଳବାର ହୋଇଥିଲା। ଉକ୍ତ ଧାରାରେ ରହିଥିବା ବ୍ୟବସ୍ଥାଗୁଡ଼ିକର ସାମ୍ବିଧାନିକ ବୈଧତା ଉପରେ ପ୍ରଥମେ ନିଷ୍ପତ୍ତି ନିଆଯିବ ଓ ପରେ ଅନ୍ୟ ପ୍ରସଙ୍ଗ ଉପରେ ବିଚାର ହେବ ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି। ନାଗରିକତ୍ୱ ଆଇନ, ୧୯୫୫ର ଧାରା ୬ଏ'ରେ କୌଣସି ସାମ୍ବିଧାନିକ ଦୁର୍ବଳତା ରହିଛି କି ନାହିଁ ତାହା ଉପରେ ପ୍ରଥମେ ବିଚାର ହେବ ବୋଲି ୫ ଜଣିଆ ସାମ୍ବିଧାନିକ ପୀଠର ମୁଖ୍ୟ ଥିବା ଭାରତର ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ କହିଛନ୍ତି। ଉକ୍ତ ପୀଠରେ ସିଜେଆଇ ଚନ୍ଦ୍ରଚୂଡ଼ଙ୍କ ବ୍ୟତୀତ ଜଷ୍ଟିସ୍ ଏମ୍.ଆର୍. ଶାହା, କ୍ରିଷ୍ଣା ମୁରାରୀ, ହିମା କୋହଲି ଏବଂ ପି.ଏସ୍. ନରସିଂହ ରହିଛନ୍ତି। ଶିବସେନା ବିଭାଜନ ଉପରେ ପିଟିଶନର ଶୁଣାଣି ଶେଷ ହେବା ପରେ ନାଗରିକତ୍ୱ ଆଇନର ଶୁଣାଣି ହେବ ବୋଲି ସାମ୍ବିଧାନିକ ପୀଠ କହିଛନ୍ତି।

# ହସ୍ପିଟାଲରେ ଥିବା ଫଟୋ ଟୁଇଟ୍ କଲେ ବୋଲସୋନାରୋ

ୱାଶିଂଟନ,୧୦।୧



ବ୍ରାଜିଲର ପୂର୍ବତନ ରାଷ୍ଟ୍ରପତି ଜୈର ବୋଲସୋନାରୋ ଆମେରିକାର ଫ୍ଲୋରିଡାସ୍ଥିତ ଓର୍ଲାଣ୍ଡୋର ଏକ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳର ଫଟୋକୁ ମଙ୍ଗଳବାର ଟୁଇଟ୍ କରିଛନ୍ତି। ୨୦୧୮ରେ ଏକ ରାଜନୈତିକ ରାଲି ବେଳେ ପେଟରେ ଛୁରାମାଡ଼ ଯୋଗୁ ସୃଷ୍ଟି ହୋଇଥିବା ପୁରୁଣା କ୍ଷତ ପାଇଁ ସେ ଚିକିତ୍ସାଧୀନ ଥିବା ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ସୋମବାର ବୋଲସୋନାରୋଙ୍କ ସମର୍ଥକମାନେ ନବନିର୍ବାଚିତ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଡା ସିଲ୍‌ଭାଙ୍କ ଇସ୍ତଫା ଦାବିରେ ପାର୍ଲାମେଣ୍ଟରେ ଧସେଇ ପଶି ଭଙ୍ଗାରୁଜା କରିଥିଲେ। ଏହି ମାମଲାରେ ବ୍ରାଜିଲ ପୋଲିସ ୧,୫୦୦ରୁ ଊର୍ଦ୍ଧ୍ୱ ବୋଲସୋନାରୋ ସମର୍ଥକଙ୍କୁ ଗିରଫ କରିଛି। ସେପଟେ ପୂର୍ବତନ ରାଷ୍ଟ୍ରପତିଙ୍କୁ ଦେଶରୁ ତୁରନ୍ତ ବିଦା କରାଯାଉ ବୋଲି ଅନେକ ଆମେରିକୀୟ ଆଇନପ୍ରଣେତା ଦାବି କରିଛନ୍ତି। ଏଭଳି ସମୟରେ ବୋଲସୋନାରୋଙ୍କ ଫଟୋକୁ ନେଇ ନାନା ଚର୍ଚ୍ଚା ହେଉଛି।

# ମେକ୍ସିକୋରେ ବାଇଡେନ୍, ଟ୍ରୁଡୋ

## 'ଥ୍ରୀ ଏମିଗୋଜ୍' ସମିଟ୍

ମେକ୍ସିକୋ ସିଟି,୧୦।୧

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଓ ତାଙ୍କ କାନାଡା ପ୍ରତିପକ୍ଷ ଜଷ୍ଟିନ୍ ଟ୍ରୁଡୋ ମଙ୍ଗଳବାର ମେକ୍ସିକୋରେ ପହଞ୍ଚିଛନ୍ତି। ମେକ୍ସିକୋ ସହ ଦୁଇ ରାଷ୍ଟ୍ରର ସମ୍ପର୍କ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ସେମାନେ ସେଠାକାର ରାଷ୍ଟ୍ରପତି ଆଣ୍ଡ୍ରେସ୍ ମାନୁଏଲ୍ ଲୋପେଜ ଓବ୍ରାଡରଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଏହି ତ୍ରିପାକ୍ଷିକ ଆଲୋଚନାକୁ 'ଥ୍ରୀ ଏମିଗୋଜ୍' ବା 'ତିନି ବନ୍ଧୁ' ସମ୍ମିଳନୀ ରୂପେ ନାମକରଣ କରାଯାଇଛି। ମେକ୍ସିକୋ ରାଷ୍ଟ୍ରପତି ଓବ୍ରାଡର ତାଙ୍କ ଦୁଇ ବନ୍ଧୁ ବାଇଡେନ୍ ଓ ଟ୍ରୁଡୋଙ୍କୁ ଆପ୍ୟାୟିତ କରିଛନ୍ତି। ବାଣିଜ୍ୟିକ ଉତ୍ତେଜନାକୁ ଏଡ଼ାଇ ଆର୍ଥିକ ସହଭାଗିତା କ୍ଷେତ୍ରରେ ସମ୍ପର୍କକୁ ସୁଦୃଢ଼ କରିବା ନେଇ ୩ ନେତାଙ୍କ ମଧ୍ୟରେ କଥାବର୍ତ୍ତା ହୋଇଛି। ସେହିପରି ଡ୍ରଗ୍ସ ଚାଲାଣ, ସୁରକ୍ଷା ଓ ପ୍ରବାସୀ ଶରଣାର୍ଥୀ ପ୍ରସଙ୍ଗ ମଧ୍ୟ ଆଲୋଚନାରେ ସ୍ଥାନ ପାଇଥିବା ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି। ଏସିଆଭିତ୍ତିକ ଉତ୍ପାଦନକାରୀମାନଙ୍କ ଉପରେ ନିଜ ନିର୍ଭରଶୀଳତା ହ୍ରାସ ସକାଶେ ମେକ୍ସିକୋ ୱାଶିଂଟନର ଉଦ୍ୟମରୁ ସୁଫଳ ମିଳିବା ନେଇ ଆଶାବାଦୀ।



ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଓ କାନାଡା ରାଷ୍ଟ୍ରପତି ଜଷ୍ଟିନ୍ ଟ୍ରୁଡୋଙ୍କ ସହ ମେକ୍ସିକୋ ପ୍ରତିପକ୍ଷ ଆଣ୍ଡ୍ରେସ୍ ମାନୁଏଲ୍ ଲୋପେଜ ଓବ୍ରାଡର (ବାମ)।






ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଙ୍ଗଳବାର ସାକ୍ଷାତ କରିଛନ୍ତି ବଲିଉଡ୍ ଅଭିନେତା ରଣବୀର ସିଂ ଓ ଅଭିନେତ୍ରୀ ଦିଶା ପଟାନୀ।

# ଆଜି ଦୁଲୁକିବ ବାରବାଟୀ ଷ୍ଟାଡିୟମ

## ହକି ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବ

### ରଣବୀର ଓ ଦିଶାଙ୍କ ନାଚ ଗୀତରେ ଝୁମିବେ ଦର୍ଶକ

କଟକ ଅଫିସ,୧୦।୧

ହକି ବିଶ୍ୱକପ୍‌ର ଉଦ୍‌ଘାଟନୀ ଉତ୍ସବ ପାଇଁ ଆରମ୍ଭ ହୋଇଯାଇଛି କାଉଣ୍ଟଡାଉନ। ଉଦ୍‌ଘାଟନୀ ସନ୍ଧ୍ୟା କାର୍ଯ୍ୟକ୍ରମ ପାଇଁ ଶେଷ ହୋଇଛି ସମସ୍ତ ପ୍ରସ୍ତୁତି। ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ପୁରୁଷ ହକି ବିଶ୍ୱକପ୍‌ର ଶୁଭାରମ୍ଭ ଉତ୍ସବକୁ ଦେଖିବ ସାରା ବିଶ୍ୱ। ଉଦ୍‌ଘାଟନୀ ସନ୍ଧ୍ୟାରେ ମୁଖ୍ୟ ଆକର୍ଷଣ ସାଜିବେ ବଲିଉଡ୍ ଷ୍ଟାର ଆଇକନ୍ ଅଭିନେତା ରଣବୀର ସିଂ ଓ ଅଭିନେତ୍ରୀ ଦିଶା ପଟାନୀ। ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ପ୍ରୀତମ୍‌ଙ୍କ ମ୍ୟୁଜିକରେ ଝୁମିବେ ଦର୍ଶକ। ଏଥିସହ ପ୍ରଥମ ଥର ପାଇଁ କଟକରେ ଦେଖିବାକୁ ମିଳିବ ଅତ୍ୟାଧୁନିକ ଡ୍ରୋନ୍ ଶୋ। ଦୁଲୁକିବ କଟକର ବାରବାଟୀ ଷ୍ଟାଡିୟମ। ମତୁଆଲା କରିବ ରଣବୀର, ଦିଶାଙ୍କ ନାଚ। ପ୍ରୀତମ୍‌ଙ୍କ ସଙ୍ଗୀତରେ ଝୁମିବେ ଦର୍ଶକ। ଐତିହାସିକ ବାରବାଟୀ ଷ୍ଟାଡିୟମ ଇତିହାସରେ ଯୋଡ଼ି ହେବାକୁ ଯାଉଛି ଆଉ ଏକ ନୂଆ ଅଧ୍ୟାୟ।

ଉଦ୍‌ଘାଟନୀ ସମାରୋହର ଗୋଟିଏ ଦିନ ପୂର୍ବରୁ ମଙ୍ଗଳବାର ଦିନତମାମ ବିଭିନ୍ନ ଡ୍ୟାନ୍ସ ଗ୍ରୁପ୍ ଓ କଳାକାରମାନେ ଶେଷ ଥର ପାଇଁ ମଞ୍ଚରେ ଅଭ୍ୟାସ ଶେଷ କରିଛନ୍ତି। ବୁଧବାର ଅପରାହ୍ଣ ୩ରୁ ରାତି ୯ଟା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ବଲିଉଡ୍ ତାରକାମାନେ ଅଭ୍ୟାସ ପାଇଁ ଷ୍ଟାଡିୟମରେ ପହଞ୍ଚିଥିଲେ। ଦିଶା ପଟାନୀ ଅପରାହ୍ଣ ୫ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ରିହରସାଲ କରିଥିଲେ। ଏହାପରେ ପ୍ରୀତମ୍‌ଙ୍କ ବ୍ୟାଣ୍ଡ ରିହରସାଲ ଆରମ୍ଭ ହୋଇଥିଲା। ସେହିପରି ରଣବୀର ସିଂ ରାତି ୧୦ଟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ରିହରସାଲ କରିଥିଲେ। ଜିପ୍‌ଲାଇନ୍ ଜରିଆରେ ରଣବୀର ମଞ୍ଚକୁ ପ୍ରବେଶ କରିବାର ଯୋଜନା ରଖାଯାଇଛି। ତାଙ୍କ ଅଭ୍ୟାସ ପାଇଁ ଜିପ୍‌ଲାଇନ୍ ପ୍ରସ୍ତୁତ କରାଯାଇଛି। ରଣବୀରଙ୍କ ସହିତ ସାଇମାକ୍ ଡ୍ୟାନ୍ସ ଗ୍ରୁପ୍ ମଞ୍ଚରେ ଦେଖିବାକୁ ମିଳିବ। ଉଦ୍‌ଘାଟନୀ ଉତ୍ସବ ଦେଖିବା ପାଇଁ ପ୍ରାୟ ୪୦ ହଜାରରୁ ଅଧିକ ଦର୍ଶକ ଷ୍ଟାଡିୟମରେ ଉପସ୍ଥିତ ରହିବେ। ସେଥିମଧ୍ୟରୁ ୫ ହଜାର ଭିଭିଆଇପିଙ୍କ ପାଇଁ ପଡ଼ିଆ ମଧ୍ୟରେ ବସି ଉତ୍ସବକୁ ଉପଭୋଗ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ଅପରାହ୍ଣ ୨ଟା ବେଳେ ଷ୍ଟାଡିୟମକୁ ସାଧାରଣ ଦର୍ଶକମାନଙ୍କ ପାଇଁ ଖୋଲାଯିବ। ଉଦ୍‌ଘାଟନୀ ଉତ୍ସବକୁ ଲାଇଭ ଦେଖିବା ପାଇଁ କଟକ ସହରର ୧୬ଟି ସ୍ଥାନରେ ଫ୍ୟାନ୍ କ୍ଲବ କରାଯାଇଛି, ଯେଉଁଠି ୫ ହଜାର ଦର୍ଶକ ବସି ଏକାସଙ୍ଗେ ସ୍କ୍ରିନ୍ ମାଧ୍ୟମରେ ସମସ୍ତ କାର୍ଯ୍ୟକ୍ରମ ଦେଖିପାରିବେ।

# ଆଜିଠୁ ଧବଳେଶ୍ୱରଙ୍କୁ ଦର୍ଶନ କରିବେ ଶ୍ରଦ୍ଧାଳୁ

- ୨ ମାସର କଟକଣା ପରେ ସୁଯୋଗ
- ଅସ୍ଥାୟୀ ବାଲିବନ୍ଧ ରାସ୍ତାରେ ଚାଲିବେ ୨ କି.ମି.

ଖୁଣ୍ଟୁଣୀ,୧୦।୧(ଡି.ଏନ୍.ଏ.)



ସବୁ ଅପେକ୍ଷାର ଅନ୍ତ ଘଟିଛି, ଶେଷରେ କଟକ ମହାନଦୀ ପଠାରେ ଥିବା ପ୍ରସିଦ୍ଧ ବାବା ଧବଳେଶ୍ୱରଙ୍କୁ ଦର୍ଶନ କରିବାର ଭକ୍ତଙ୍କୁ ସୁଯୋଗ ମିଳିଛି। ଦିନେ, ସପ୍ତାହେ କି ମାସେ ନୁହେଁ, ପ୍ରାୟ ଦୁଇ ମାସର ବ୍ୟବଧାନ ପରେ ବୁଧବାର ପୂର୍ବାହ୍ଣ ୧୧ଟାରୁ ଧବଳେଶ୍ୱର ପୀଠକୁ ଯାଇ ଠାକୁରଙ୍କୁ ଦର୍ଶନ କରିବେ ଶ୍ରଦ୍ଧାଳୁ। ଏଥିପାଇଁ ମହାନଦୀ ପଠାରେ ଚାଲିଥିବା ଅସ୍ଥାୟୀ ବାଲିବନ୍ଧ ରାସ୍ତା ନିର୍ମାଣ କାର୍ଯ୍ୟ ସରିଛି। ଏହି ରାସ୍ତାରେ ଶ୍ରଦ୍ଧାଳୁ ପ୍ରାୟ ୨କି.ମି. ଚାଲିକରି କିମ୍ବା ବାଇକ୍ ଓ ଅଟୋ ମାଧ୍ୟମରେ ମନ୍ଦିରକୁ ଯାଇପାରିବେ ବୋଲି ମଙ୍ଗଳବାର ଆଠଗଡ଼ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି। ତେବେ ୩୫ ଲକ୍ଷ ଟଙ୍କାରେ ନିର୍ମିତ ଏହି ବାଲିବନ୍ଧ ରାସ୍ତା ପାଇକେରାପୁର ତୁଠଠାରୁ ଧବଳେଶ୍ୱରଙ୍କ ପଠାରେ ଥିବା ପର୍ଯ୍ୟଟନ ବିଭାଗ କମ୍ୟୁନିଟି ସେଣ୍ଟର ପର୍ଯ୍ୟନ୍ତ ୨କିଲୋମିଟର ଲମ୍ବ ହେବ।

ସୂଚନାଯୋଗ୍ୟ, ଗୁଜରାଟ ଝୁଲାପୋଲ ଅଘଟଣ ପରେ କଟକ ଜିଲା ପ୍ରଶାସନ ତତ୍ପରତା ଦେଖାଇ ଧବଳେଶ୍ୱର ପୀଠକୁ ସଂଯୋଗ କରୁଥିବା ଝୁଲାପୋଲର ମରାମତି କରିବାକୁ କହି ପୀଠ ପରିସରରେ ଅନିର୍ଦ୍ଦିଷ୍ଟକାଳ ପାଇଁ ୧୪୪ ଧାରା ଲଗାଯାଇଥିଲା। କେବଳ ଠାକୁରଙ୍କ ନୀତିକାନ୍ତି ପାଇଁ ସେବାୟତଙ୍କ ବ୍ୟତୀତ ସର୍ବସାଧାରଣଙ୍କ ଲାଗି ଦର୍ଶନ ବ୍ୟବସ୍ଥା ବନ୍ଦ ରହିଥିଲା। ଫଳରେ ଏହାକୁ ସବୁଆଡୁ ବାଦ ପ୍ରତିବାଦ ହେଲା। ବହୁ ଶ୍ରଦ୍ଧାଳୁ ଧବଳେଶ୍ୱରଙ୍କ ନିକଟକୁ ଆସି ନିରାଶ ହୋଇ ଫେରିଥିଲେ। କାର୍ତ୍ତିକ ମାସ ଥିବାରୁ ହଜାର ବର୍ଷ ଧରି ବିନା ପ୍ରତିବନ୍ଧକରେ ଧବଳେଶ୍ୱରଙ୍କ ସେବା ପୂଜା କରି ନିଜ ପରିବାରକୁ ପ୍ରତିପୋଷଣ କରି ଆସୁଥିବା ବଂଶାନୁକ୍ରମିକ ସେବାୟତ ସମାଜର ମଧ୍ୟ କ୍ଷୋଭ ପ୍ରକାଶ କଲେ। ଏଥିଯୋଗୁ ସେବାୟତ ସାଙ୍ଗକୁ ସ୍ଥାନୀୟ ମଞ୍ଚେଶ୍ୱର ପଞ୍ଚାୟତର ଶହଶହ ଛୋଟବଡ଼ ବ୍ୟବସାୟୀମାନେ ଜୀବିକା ହରାଇଥିଲେ। ସବୁ ପକ୍ଷରୁ ଏହାର ପ୍ରତିବାଦ ହେବା ପରେ ଶେଷରେ ପ୍ରଶାସନ ବାଧହୋଇ ମହାନଦୀ ପଠାରେ ଅସ୍ଥାୟୀ ବାଲିବନ୍ଧ ନିର୍ମାଣ ପାଇଁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ଗତ ଡିସେମ୍ବର ୪ରେ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ଟେଣ୍ଡର ଡକାଗଲା। ଟେଣ୍ଡର ୯ ତାରିଖରେ ଖୋଲାଯାଇ କଟକର ଏକ ସଂସ୍ଥା ଦ୍ୱାର ୩୫ ଲକ୍ଷ ଟଙ୍କାରେ ବାଲି କାମ ଆରମ୍ଭ ହୋଇ ପ୍ରାୟ ମାସକ ମଧ୍ୟରେ ଶେଷ ହେଲା। ତେବେ ବୁଧବାର ସକାଳ ୧୦ଟା ବେଳେ ଆଠଗଡ଼ ଉପଜିଲାପାଳ ସ୍ୱାଇଁ ପ୍ରଥମେ ଏହି ଅସ୍ଥାୟୀ ବାଲିବନ୍ଧ ରାସ୍ତାରେ ଚାଲି ସ୍ଥିତି ଦେଖିବେ। ଏହାପରେ ସର୍ବସାଧାରଣଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁମାନେ ନିଜ ବାଇକ୍, ଅଟୋ ଆଦିରେ ଯାଇପାରିବେ। ଅପରପକ୍ଷେ ଝୁଲାପୋଲ ଉପରେ ଯାତାୟାତ ପାଇଁ ହୋଇଥିବା କଟକଣା ବଳବତ୍ତର ରହିବ ବୋଲି ଉପଜିଲାପାଳ ସ୍ୱାଇଁ କହିଛନ୍ତି।

# ଦନ୍ତା ଆକ୍ରମଣରେ ଜୀବନ ଗଲା

ଢେଙ୍କିକୋଟ,୧୦।୧(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଢେଙ୍କିକୋଟ ଫରେଷ୍ଟ ସେକ୍ସନର ଭୋଳବେଡ଼ା ପଞ୍ଚାୟତ ରାଇକୁଦର ଗ୍ରାମରେ ଏକ ଗୋଠଛଡ଼ା ଦନ୍ତା ଆକ୍ରମଣରେ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ରାଇକୁଦର ଗ୍ରାମର ରବୀନ୍ଦ୍ର ମହାନ୍ତ(୫୫)।ସୂଚନା ଅନୁଯାୟୀ, କିଛି ଦିନ ତଳେ ଭୋଳବେଡ଼ା ଅଞ୍ଚଳକୁ ୨୪ ଟିକିଆ ହାତୀପଲ ଆସିଥିଲେ। ସେଥି ମଧ୍ୟରୁ ୨୩ଟି ହାତୀ ପିପିଳିଆ ଘାଟି ଦେଇ ଝାଡ଼ଖଣ୍ଡ ଆଡ଼କୁ ଚାଲିଯାଇଥିଲେ। ମାତ୍ର ଏକ ଦନ୍ତା ରହିଯାଇଥିଲା। ସୋମବାର ବିଳମ୍ବିତ ରାତିରେ ଏହି ଗୋଠଛଡ଼ା ଦନ୍ତା ରବୀନ୍ଦ୍ରଙ୍କ ଘର ଭାଙ୍ଗିଥିଲା। କାନ୍ଥ ତଳେ ଚାପିହୋଇ ରବି ଗୁରୁତର ହୋଇ ପଡ଼ିଥିଲେ। ତାଙ୍କୁ ଘଟଗାଁ ଡାକ୍ତରଖାନାକୁ ନିଆଯାଇଥିଲା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଢେଙ୍କିକୋଟ ଫରେଷ୍ଟର ଶିବନାରାୟଣ ଦେବ ପହଞ୍ଚି ମୃତକଙ୍କ ପରିବାର ବର୍ଗଙ୍କୁ ୪୦ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି।

# ଯୁକ୍ତ୨ ପରୀକ୍ଷା କେନ୍ଦ୍ରରେ ସିସିଟିଭି ବାଧ୍ୟତାମୂଳକ

### ପଦକ୍ଷେପ ନ ନେଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୧୦।୧(ବ୍ୟୁରୋ)

ଚଳିତବର୍ଷ ଯୁକ୍ତ୨ ପରୀକ୍ଷା ପରିଚାଳନାକୁ ଅଧିକ କଡ଼ାକଡ଼ି କରାଯିବ। ପରୀକ୍ଷାରେ ସ୍ୱଚ୍ଛତାକୁ ଗୁରୁତ୍ୱ ଦିଆଯାଉଥିବାବେଳେ ମେଧାବୀ ପରୀକ୍ଷାର୍ଥୀ ଯେପରି ଠିକ୍ ମାର୍କ ପାଇବେ ସେଥିଲାଗି ପ୍ରାଥମିକ ସ୍ତରରୁ ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସ୍ଇ) ପକ୍ଷର ପଦକ୍ଷେପ ନିଆଯାଇଛି। ଚଳିତବର୍ଷ ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭିକୁ ବାଧ୍ୟତାମୂଳକ କରାଯାଇଛି। ଏନେଇ ଗତ ନଭେମ୍ବରରେ ସମସ୍ତ କଲେଜକୁ ଅବଗତ କରାଯାଇଥିବାବେଳେ ଡିସେମ୍ବର ୩୦ ସୁଦ୍ଧା ସିସି କ୍ୟାମେରା ନ ଥିବା ଶିକ୍ଷାନୁଷ୍ଠାନକୁ ମହଲତ ଦିଆଯାଇଥିଲା। ତେବେ ଡିସେମ୍ବର ୩୧ ପରେ ଜୋନ୍‌ୱାରି ହୋଇଥିବା ଯାଞ୍ଚ ରିପୋର୍ଟରେ ରାଜ୍ୟର ୪ଟି ଜୋନ୍‌ରେ ୪୬୧ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସିସିଟିଭି ନ ଥିବା ଦର୍ଶାଯାଇଥିଲା। ଏପରିକି ଅନେକ କେନ୍ଦ୍ରରେ ପୂର୍ବରୁ ଥିବା ସିସିଟିଭି ଅଚଳ ହୋଇଥିବା ଜଣାପଡ଼ିଥିଲା। ତେଣୁ ଆସନ୍ତା ୧୩ତାରିଖ ସୁଦ୍ଧା ସବୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସିସିଟିଭି ଇନ୍‌ଷ୍ଟଲ ହେବା ସହ ସ୍ଥିତି ସମ୍ପର୍କରେ ଜଣାଇବାକୁ ଅଧ୍ୟକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ୨୫ତାରିଖ ସୁଦ୍ଧା ଯେପରି ସମସ୍ତ କ୍ୟାମେରା କାର୍ଯ୍ୟକ୍ଷମ ହେବ ସେନେଇ ପରିଷଦ ପକ୍ଷରୁ ଚେତାବନୀ ଦିଆଯାଇଛି। ଯଦି ଏପରି ନ କରନ୍ତି ତେବେ ପରିଷଦ ପକ୍ଷରୁ ଏ ସମ୍ପର୍କରେ ଗଣଶିକ୍ଷା ବିଭାଗକୁ ଅବଗତ କରାଯିବା ସହ ସମ୍ପୃକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବିରୋଧରେ ଅଭିଯୋଗ ମଧ୍ୟ କରାଯିବ।

ରାଜ୍ୟରେ ୨,୦୬୫ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଥିବାବେଳେ ଏଥର ୧,୧୫୦ରୁ ଅଧିକ ବିଦ୍ୟାଳୟକୁ ପରୀକ୍ଷା କେନ୍ଦ୍ର ଭାବେ ମନୋନୀତ କରାଯିବ। ପରୀକ୍ଷା କେନ୍ଦ୍ର, ଲାବରେଟୋରି ସମେତ ପରୀକ୍ଷା ପରିଚାଳନା ହବ୍‌ର ଷ୍ଟ୍ରଙ୍ଗରୁମ୍ ଆଦିରେ ସିସିଟିଭି ସ୍ଥାପନ ହେବ। ଆସନ୍ତା ୧୩ ତାରିଖ ସୁଦ୍ଧା ସିସିଟିଭି ସ୍ଥାପନ କରି ସାମ୍ସ ଇ–ସ୍ପେସ୍‌ରେ ଶିକ୍ଷାନୁଷ୍ଠାନର ସ୍ଥିତି ଅପ୍‌ଡେଟ୍ କରିବାକୁ କୁହାଯାଇଛି। ସେହିପରି ଯେଉଁଠି ସିସିଟିଭି ଅଚଳ ହୋଇପଡ଼ିଛି ସେ ସବୁକୁ ୨୫ତାରିଖ ସୁଦ୍ଧା ସଜାଡ଼ି ରିପୋର୍ଟ ଦାଖଲ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ଯଦି ସିସିଟିଭି ନ ଥାଏ କିମ୍ବା ଅଚଳ ହୋଇ କାର୍ଯ୍ୟକ୍ଷମ ହେଉ ନ ଥିବା ଅଭିଯୋଗ ହୁଏ ତେବେ ସମ୍ପୃକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଟ୍ୟାଗ୍ ତାଲିକାରୁ ବାଦ୍ ଦିଆଯିବ ଏବଂ ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପରିଷଦ ପକ୍ଷରୁ ଚେତାବନୀ ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ଯୁକ୍ତ୨ ଥିଓରି ପରୀକ୍ଷା ମାର୍ଚ୍ଚ ୧ରୁ ଆରମ୍ଭ ହେବ। ଦୁଇଟି ପର୍ଯ୍ୟାୟରେ ଏପ୍ରିଲ ୫ ପର୍ଯ୍ୟନ୍ତ ପରୀକ୍ଷା ଚାଲିବ। ସେହିପରି ପ୍ରାକ୍ଟିକାଲ ପରୀକ୍ଷା ଫେବୃୟାରୀ ୧ରୁ ଆରମ୍ଭ ହୋଇ ୧୦ ତାରିଖ ଯାଏ ଚାଲିବ। ଚଳିତବର୍ଷ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାରେ ମୋଟ୍ ୩,୫୬,୪୪୯ ଛାତ୍ରୀଛାତ୍ର ପରୀକ୍ଷା ପାଇଁ ଫର୍ମପୂରଣ କରିଛନ୍ତି। ସେମାନଙ୍କ ମଧ୍ୟରେ ୩,୩୮,୭୪୭ଜଣ ରେଗୁଲାର ଏବଂ ୧୭,୭୦୨ଜଣ ଏକ୍ସ ରେଗୁଲାର ଛାତ୍ରୀଛାତ୍ର ରହିଛନ୍ତି। ରେଗୁଲାର ଛାତ୍ରୀଛାତ୍ରଙ୍କ ମଧ୍ୟରୁ କଳାରେ ୨,୧୯,୧୧୦ଜଣ ଥିବାବେଳେ ବିଜ୍ଞାନରେ ୯୧,୩୭୯, ବାଣିଜ୍ୟରେ ୨୩,୧୪୮ ଏବଂ ଧନ୍ଦାମୂଳକ ଶିକ୍ଷାରେ ୫,୧୧୦ଜଣ ରହିଛନ୍ତି। ତେବେ କୌଣସି କାରଣରୁ ଯଦି ଛାତ୍ରୀଛାତ୍ର ଫର୍ମ ପୂରଣ କରି ନ ଥିବେ ତେବେ ସେମାନେ ଆସନ୍ତା ୧୬ରୁ ୧୯ ତାରିଖ ମଧ୍ୟରେ ୪୫୦ଟଙ୍କା ଫାଇନ୍ ଦେଇ ଫର୍ମପୂରଣ କରିପାରିବେ। ୧୫ ତାରିଖ ସୁଦ୍ଧା ପରୀକ୍ଷା କେନ୍ଦ୍ର ଓ ପରୀକ୍ଷା ପରିଚାଳନା ହବ୍ ସ୍ଥିର କରାଯିବ।














ସାମନ୍ଥା ରୁଥ୍ ପ୍ରଭୁ

# ସମାଲୋଚନାର ଉତ୍ତର ରଖିଲେ

**ମୁମ୍ବାଇ:** ନିଜ ରୋଗକୁ ନେଇ ସମାଲୋଚନାର ଶିକାର ହେବା ପରେ ଏବେ ଏହାର ଉତ୍ତର ରଖିଛନ୍ତି ସାଉଥ୍ ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁ। ସେ କହିଛନ୍ତି, 'ମୁଁ ମାୟୋସାଇଟିସ୍ ରୋଗରେ ପୀଡ଼ିତ। ଭଗବାନ କରନ୍ତୁ ଆଉ କେହି ଏହି ରୋଗରେ ପୀଡ଼ିତ ନ ହୁଅନ୍ତୁ। ଆଉ କାହାକୁ ଏହି ରୋଗର ଚିକିତ୍ସା ପ୍ରଣାଳୀ ଦେଇ ଗତି କରିବାକୁ ନ ପଡୁ। ସେ କିଛିଦିନ ପୂର୍ବେ ମାୟୋସାଇଟିସ୍ ରୋଗରେ ପୀଡ଼ିତ ଥିବା ନେଇ ସୋସିଆଲ ମିଡିଆରେ ଜଣାଇଥିଲେ। ଏହି ରୋଗ ଯୋଗୁ ସେ ତାଙ୍କ ଚେହେରାର ଗ୍ଲୋ ହରାଇ ବସିଥିବା ନେଇ ସୋସିଆଲ ମିଡିଆରେ ଶେୟାର କରି କହିଛନ୍ତି। ସାମନ୍ଥାଙ୍କ ଏପରି କଥାରେ ଫ୍ୟାନ୍ସମାନେ 'କେବଳ ଆପଣ ନୁହନ୍ତି, ଆପଣଙ୍କ ହୃଦୟ ବହୁତ ସୁନ୍ଦର' ବୋଲି ଟୁଇଟ୍ କରିଛନ୍ତି। ସାମନ୍ଥାଙ୍କ ଫିଲ୍ମ 'ଶକୁନ୍ତଳମ୍'ର ଟ୍ରେଲର ସୋମବାର ରିଲିଜ୍ ହୋଇଥିବାବେଳେ ଫିଲ୍ମଟି ଆସନ୍ତା ଫେବୃୟାରୀ ୧୭ରେ ରିଲିଜ୍ ହେବାକୁ ଯାଉଛି। ସାଉଥ୍ ଇଣ୍ଡଷ୍ଟ୍ରିରେ ତାଙ୍କର ଯାଦୁ ଦେଖାଇବା ପରେ ଏବେ ସେ 'ଦି ଫ୍ୟାମିଲି ମ୍ୟାନ ୨' ଜରିଆରେ ଡିଜିଟାଲ ଡେବ୍ୟୁ କରିବାକୁ ଯାଉଛନ୍ତି।

# କବର ପାଇଁ ଦେବାକୁ ପଡ଼େ ଭଡ଼ା

ଗୁଆଟେମାଲା ସିଟି

ଦୁନିଆର ବିଭିନ୍ନ ସ୍ଥାନରେ ଭିନ୍ନ ରୀତିନୀତି ରହିଥାଏ। ସେଥିମଧ୍ୟରୁ କିଛି ରୀତିନୀତି ବହୁତ ଅଜବ ହୋଇଥାଏ। ବିଦେଶରେ ଲୋକେ ମରିବା ପରେ ତାଙ୍କୁ କବର ଦିଆଯାଇଥାଏ। କିନ୍ତୁ ଏପରି ଏକ ସ୍ଥାନ ରହିଛି ଯେଉଁଠାରେ କବର ପାଇଁ ଭଡ଼ା ଦେବାକୁ ପଡ଼ିଥାଏ। ମଧ୍ୟଆମେରିକାର ଗୁଆଟେମାଲା ଦେଶରେ ଏପରି ରୀତିନୀତି ଦେଖିବାକୁ ମିଳେ। ସେଠାରେ ପ୍ରିୟଜନଙ୍କ ମୃତ୍ୟୁ ପରେ କବରସ୍ଥାନରେ କବର ଦିଆଯିବା ପରେ ଭଡ଼ା ଦେବାକୁ ପଡ଼ିଥାଏ। ଯଦି କେହି ଭଡ଼ା ଦେବାକୁ ସମର୍ଥ ନୁହେଁ, ତେବେ କବରରୁ ମୃତଦେହକୁ ବାହାର କରି ସାମୂହିକ ସ୍ଥାନରେ କବର ଦିଆଯାଏ। ତା' ବଦଳରେ ଅନ୍ୟ ଏକ ମୃତଦେହକୁ ସେହି ସ୍ଥାନରେ କବର ଦିଆଯାଇଥାଏ। ପ୍ରକୃତରେ ଗୁଆଟେମାଲାରେ ସ୍ଥାନ ଅଭାବ ଯୋଗୁ ଅନେକ ମହଲାବିଶିଷ୍ଟ କବରସ୍ଥାନ କରାଯାଇ ଏପରି ନୀତି ଲାଗୁ କରାଯାଇଛି।



# ଓସ୍କାର ଦୌଡ଼ରେ ଆଉ ୩ ଫିଲ୍ମ

**ମୁମ୍ବାଇ:** ରିଷଭ ଶେଟ୍ଟୀଙ୍କ ନିର୍ଦ୍ଦେଶିତ ଫିଲ୍ମ 'କାନ୍ତାରା', ବିବେକ୍ ଅଗ୍ନିହୋତ୍ରୀଙ୍କ ଫିଲ୍ମ 'ଦି କଶ୍ମୀର ଫାଇଲ୍‌ସ' ଏବଂ ସଞ୍ଜୟଲୀଲା ଭଁସାଲିଙ୍କ 'ଗଙ୍ଗୁବାଇ କାଠିଆୱାଡ଼ି' ଏବେ ଓସ୍କାର ଦୌଡ଼ରେ ସାମିଲ ହୋଇଛି। ଓସ୍କାର ୨୦୨୩ ପାଇଁ 'କାନ୍ତାରା' ବେଷ୍ଟ ପିକ୍ଚର ଏବଂ ବେଷ୍ଟ ଆକ୍ଟର ବର୍ଗରେ କ୍ୱାଲିଫାଏ ହୋଇଛି। ଏହା ପୂର୍ବରୁ ରାଜମୌଳିଙ୍କ ସିନେମା 'ଆର୍‌ଆର୍‌ଆର୍' ବେଷ୍ଟ ଅରିଜିନାଲ୍ ସଙ୍ଗ୍ ବର୍ଗରେ 'ନାଟୁନାଟୁ' ସ୍ଥାନ ପାଇଛି। ଏହି ଓସ୍କାର ସମ୍ମାନ ପାଇଁ 'କାନ୍ତାରା'ର ବିଳମ୍ବରେ ପ୍ରବେଶ ହୋଇଥିଲା। 'କାନ୍ତାରା' ଲିଷ୍ଟରେ ସ୍ଥାନ ପାଇବା ନେଇ ନିର୍ଦ୍ଦେଶକ ରିଷଭ ଟୁଇଟ୍ କରି ଖୁସି ବ୍ୟକ୍ତ କରିଛନ୍ତି। ୨ଟି ବର୍ଗରେ ଏହି ଫିଲ୍ମ ସ୍ଥାନ ପାଇଥିବା ସେ ଜଣାଇଛନ୍ତି। 'ଦି କଶ୍ମୀର ଫାଇଲ୍‌ସ' ବେଷ୍ଟ ଫିଲ୍ମ ଓ ବେଷ୍ଟ ଆକ୍ଟର ବର୍ଗରେ କ୍ୱାଲିଫାଏ ହୋଇଛି। ବିବେକ ଅଗ୍ନିହୋତ୍ରୀ ଏବଂ ଅନୁପମ୍ ଖେର୍ ଟୁଇଟ୍ କରି ଖୁସିବ୍ୟକ୍ତ କରିଛନ୍ତି।





# ମହିଳାଙ୍କ ବ୍ୟାଗ୍‌ରେ ୪ ଫୁଟିଆ ସାପ

ମୁମ୍ବାଇ

ବିମାନ ଯାତ୍ରା ସମୟରେ ବିଭିନ୍ନ ଜିନିଷ ସାଙ୍ଗରେ ନେବାକୁ ବାରଣ ରହିଥାଏ। ଏଥିସହ ସମସ୍ତ ଜିନିଷକୁ ଭଲଭାବେ ଯାଞ୍ଚ କରାଯାଇଥାଏ। ଗତ ଡିସେମ୍ବର ୧୫ରେ ଆମେରିକାର ଟାମ୍ପା ଅନ୍ତର୍ଜାତୀୟ ବିମାନବନ୍ଦରରେ ଜଣେ ମହିଳା ଯାତ୍ରୀଙ୍କ ବ୍ୟାଗ୍‌ରୁ ୪ ଫୁଟ ଲମ୍ବର ଏକ ସାପ ବାହାରିଥିଲା, ସେଥିପାଇଁ ତାଙ୍କୁ ବିମାନରେ ଯିବାକୁ ବାରଣ ହୋଇଥିଲା। ମହିଳା ଜଣକ ବ୍ୟାଗ୍‌ରେ ସାପ ନେଇ ବିମାନ ଯାତ୍ରା କରିବାକୁ ଚେଷ୍ଟା କରୁଥିଲେ। ସେ ବିମାନରେ ଚଢ଼ିବା ପୂର୍ବରୁ ତାଙ୍କ ବ୍ୟାଗ୍‌ର ସ୍କ୍ରିନିଂ କରାଯାଇଥିଲା। ସ୍କ୍ରିନିଂରେ ଜୋତା, ଲାପ୍‌ଟପ୍ ସହ କିଛି ଅଜବ ସାମଗ୍ରୀ ଦେଖିବାକୁ ମିଳିଥିଲା। ପରେ ତାଙ୍କ ବ୍ୟାଗ୍ ଖୋଲିବାରୁ ସେଥିରୁ ୪ ଫୁଟ ଲମ୍ବର ସାପ ବାହାରିଥିଲା। ଏହା ଦେଖି ଯାଞ୍ଚ କରୁଥିବା ଅଧିକାରୀ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ମହିଳାଙ୍କୁ ଅଟକ ରଖାଯିବା ସହ ତାଙ୍କ ବିମାନ ଯାତ୍ରାକୁ ବାରଣ କରାଯାଇଥିଲା।

# ଶୁଟିଂ ସେଟ୍‌ରେ ଆହତ ହେଲେ କାର୍ତ୍ତିକ ଆର୍ୟ୍ୟନ

ମୁମ୍ବାଇ

ବଲିଉଡ ଅଭିନେତା କାର୍ତ୍ତିକ ଆର୍ୟ୍ୟନଙ୍କ ବିଷୟରେ ଏକ ବଡ ଖବର ସାମ୍ନାକୁ ଆସିଛି।



ଫିଲ୍ମ 'ଶେହଜାଦା'ର ଶୁଟିଂ ସମୟରେ କାର୍ତ୍ତିକ ଏକ ଛୋଟ ଦୁର୍ଘଟଣାର ଶିକାର ହୋଇଛନ୍ତି। ଫଳରେ ତାଙ୍କ ଆଣ୍ଠୁରେ ଆଘାତ ଲାଗିଛି। କାର୍ତ୍ତିକ ଆର୍ୟ୍ୟନ ନିଜେ ସୋସିଆଲ ମିଡିଆରେ ଏକ ଫଟୋ ଶେୟାର କରି ଉକ୍ତ ସୂଚନା ଦେଇଛନ୍ତି। ସେ କହିଛନ୍ତି, ନାଚିବା ସମୟରେ ଆଣ୍ଠୁରେ ଆଘାତ ଲାଗିଛି। ୨୦୨୩ ବର୍ଷର ଆଇସ ବକେଟ ଚ୍ୟାଲେଞ୍ଜ ବର୍ତ୍ତମାନ ଆରମ୍ଭ ହେଉଛି। ଏଭଳି ପରିସ୍ଥିତିରେ କାର୍ତ୍ତିକ ଆର୍ଯ୍ୟାନଙ୍କ ଏହି ଇନଷ୍ଟା ପୋଷ୍ଟରୁ ଜଣାପଡୁଛି ଯେ ତାଙ୍କ ଆଘାତ ଏତେ ଗୁରୁତର ନୁହେଁ। ଅନ୍ୟପକ୍ଷରେ କାର୍ତ୍ତିକଙ୍କ ଏହି ଫଟୋ ଦେଖି ତାଙ୍କ ପ୍ରଶଂସକମାନେ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ୩ ଦିନରେ ୭ ...

ହୋଇପାରନ୍ତି। ଭ୍ରମଣ ପ୍ରିୟ ଅଲୀ ଓ ସୁଜୟ ହାସଲ କରିଥିବା ଗିନିଜ୍ ୱାର୍ଲ୍ଡ ରେକର୍ଡ ସାର୍ଟିଫିକେଟ୍‌କୁ ନିଜ ଇନ୍‌ଷ୍ଟାଗ୍ରାମ୍‌ରେ ଶେୟାର କରିଛନ୍ତି। ୬୪ ବର୍ଷୀୟ ଡ. ଅଲୀ ଜଣେ ଜଣାଶୁଣା ଫିଜିଓଥେରାପିଷ୍ଟ। ସେ ଭାରତୀୟ କ୍ରିକେଟ ଟିମ୍‌ର ଖେଳାଳିମାନଙ୍କୁ ଚିକିତ୍ସା କରିଥାଆନ୍ତି। ଅଦ୍ୟାବଧି ଅଲୀ ୯୦ ଦେଶ ଭ୍ରମଣ କରିସାରିଲେଣି। ଅଲୀ କହିଛନ୍ତି, ଭ୍ରମଣ କେବେ ସୀମାର ବାଧା ବନ୍ଧନ ମାନେ ନାହିଁ। ଏହା ବିଶ୍ୱବାସୀଙ୍କୁ ଏକାଠି କରିଥାଏ। ଅଲୀଙ୍କ ପଦାଙ୍କ ଅନୁସରଣ କରିବା ପରେ ଯାତ୍ରା ପ୍ରତି ସୁଜୟଙ୍କ ଆଗ୍ରହ ବଢ଼ିଥିଲା। କର୍ପୋରେଟ୍ ଜୀବନଶୈଳୀ ଛାଡ଼ି ସେ ମଧ୍ୟ ଏହି ଆଡ୍‌ଭେଞ୍ଚରରେ ସାମିଲ ହୋଇଥିଲେ। ବିଶ୍ୱର ୧୯୮ ଦେଶ ମଧ୍ୟରୁ ୧୭୨ ରାଷ୍ଟ୍ର ଭ୍ରମଣ ଅଭିଯାନରେ ସେ ଲାଗିଛନ୍ତି। ପ୍ରକାଶ ଯେ, ପୂର୍ବରୁ ଦ୍ରୁତତମ ଭ୍ରମଣକାରୀ ଭାବେ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ)ର ଡ.ଖାୱଲା ଅଲ୍ ରୋମାଇଥି ରେକର୍ଡ ହାସଲ କରିଥିଲେ। ୨୦୨୦ ଫେବୃୟାରୀରେ ସେ ୩ ଦିନ ୧୪ ଘଣ୍ଟା ୪୬ ମିନିଟ୍ ୪୮ ସେକେଣ୍ଡରେ ୭ ମହାଦେଶ ବୁଲିଥିଲେ। ତାଙ୍କଠାରୁ ୧୩ ଘଣ୍ଟା କମ୍ ସମୟ ନେଇ ଏହି ଦୁଇଜଣ ବିରଳ ରେକର୍ଡର ଅଧିକାରୀ ହୋଇପାରିଛନ୍ତି। ଯାତ୍ରା ପାଇଁ ଉଭୟଙ୍କୁ ସାଇକେଲଠୁ ନେଇ ବିମାନ ପର୍ଯ୍ୟନ୍ତ ମାଧ୍ୟମର ସହାୟତା ନେବାକୁ ପଡ଼ିଥିଲା।

### ତ୍ୱରିତ ଶୁଣାଣି ...

ଗମ୍ଭୀରତାକୁ ଦୃଷ୍ଟିରେ ରଖି ବୁଧବାର ତ୍ୱରିତ ଶୁଣାଣି କରିବାକୁ ଖଣ୍ଡପୀଠଙ୍କୁ ନିବେଦନ କରିଥିଲେ। ଜୋଶୀମଠରେ ଦ୍ରୁତ ଶିଳ୍ପାୟନ ଓ ଅନ୍ୟ ନିର୍ମାଣ କାର୍ଯ୍ୟ ଯୋଗୁ ଭୂସ୍ଖଳନ ହେଉଛି। ତେଣୁ ପ୍ରଭାବିତ ଲୋକଙ୍କୁ ତତ୍କାଳ ଆର୍ଥିକ ସହାୟତା ଓ କ୍ଷତିପୂରଣ ପ୍ରଦାନ କରାଯାଉ। ଏଭଳି ଆହ୍ୱାନପୂର୍ଣ୍ଣ ସମୟରେ ସ୍ଥାନୀୟ ଲୋକଙ୍କୁ ତତ୍ପରତା ସହ ସହାୟତା ପ୍ରଦାନ ଲାଗି ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏନ୍‌ଡିଏମ୍‌ଏ)କୁ ନିର୍ଦ୍ଦେଶ ଦିଆଯାଉ ବୋଲି ଆଇନଜୀବୀ ପରମେଶ୍ୱର ଯୁକ୍ତି ବାଢ଼ିଥିଲେ। ଖଣ୍ଡପୀଠ କହିଥିଲେ, ସାମ୍ପ୍ରତିକ ସ୍ଥିତିର ମୁକାବିଲା ପାଇଁ ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ ସଂସ୍ଥାଗୁଡ଼ିକ ରହିଛନ୍ତି। ତେଣୁ ସବୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆମ ପାଖକୁ ଆସିବା ଅନୁଚିତ। ଆସନ୍ତା ୧୬ ତାରିଖରେ ଶଙ୍କରାଚାର୍ଯ୍ୟଙ୍କ ଆବେଦନର ଶୁଣାଣି ପାଇଁ ଖଣ୍ଡପୀଠ ଧାର୍ଯ୍ୟ କରିଛନ୍ତି।

### ଜୋଷୀମଠ ପରେ ...

ଜୋଷୀମଠ ଟାଉନ୍‌ର ୬୭୮ ବିଲ୍ଡିଂରେ ଫାଟ ସୃଷ୍ଟି ହୋଇଛି। ସୁରକ୍ଷା ଦୃଷ୍ଟିରୁ ୮୧ ପରିବାରକୁ ଅସ୍ଥାୟୀ ଭାବେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଜୋଷୀମଠ ଅଞ୍ଚଳର ୨୧୩ଟି ରୁମ୍‌କୁ ଅସ୍ଥାୟୀ ବାସୋପଯୋଗୀ ଭାବେ ଚିହ୍ନଟ କରାଯାଇଛି, ଯେଉଁଠି ୧,୧୯୧ ଜଣଙ୍କୁ ରଖାଯାଇପାରିବ। ଏଥିସହ ସହର ବାହାରେ ଥିବା ପିପଲକୋଟିରେ ୪୯୧ ରୁମ୍/ହଲ୍ ଚିହ୍ନଟ କରାଯାଇଛି, ଯାହାର ଧାରଣ କ୍ଷମତା ୨,୨୦୫। ପ୍ରଭାବିତ ଲୋକଙ୍କୁ ଜିଲା ପ୍ରଶାସନ ଖାଦ୍ୟ ପୁଡ଼ିଆ, କମ୍ବଳ ଓ ଅନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦେଇଛି। ଏଥିସହ ପ୍ରତି ପରିବାରକୁ ୫,୦୦୦ ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯାଇଛି। ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆର୍‌ଏଫ୍) ଯବାନମାନେ ବିପଦପୂର୍ଣ୍ଣ କୋଠାଗୁଡ଼ିକୁ ଭାଙ୍ଗିବା ପାଇଁ ଅଭିଯାନ ଚଳାଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ହୋଟେଲ ମଲାରି ଇନ୍ ଏବଂ ମାଉଣ୍ଟ ଭ୍ୟୁକୁ ବୁଲ୍‌ଡୋଜର ଲଗାଇ ଭାଙ୍ଗିବା ପ୍ରକ୍ରିୟା ଆରମ୍ଭ କରାଯାଇଛି। ଇତିମଧ୍ୟରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନ୍ୟାଶନାଲ ଥର୍ମାଲ ପାୱାର କର୍ପୋରେଶନ (ଏନ୍‌ଟିପିସି)ର ତପୋବନ-ବିଷ୍ଣୁଗଡ଼ ଜଳବିଦ୍ୟୁତ୍ ପ୍ରକଳ୍ପକୁ ବିରୋଧ କରି ସ୍ଥାନୀୟ ଲୋକେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଭୂବିଜ୍ଞାନ ମନ୍ତ୍ରୀ ଜିତେନ୍ଦ୍ର ସିଂ କହିଛନ୍ତି, ଜୋଷୀମଠରେ ବୁଧବାର କେନ୍ଦ୍ର ସରକାରଙ୍କ ପକ୍ଷରୁ ମାଇକ୍ରୋ ସେସ୍‌ମିକ୍ ଅବ୍‌ଜର୍ଭେଶନ୍ ସିଷ୍ଟମ୍ ପ୍ରତିଷ୍ଠା କରାଯିବ। ଏହାଦ୍ୱାରା ସମ୍ପୃକ୍ତ ଅଞ୍ଚଳରେ ଭୂସ୍ଖଳନର କାରଣ ସମ୍ପର୍କରେ ଗବେଷଣା କରାଯାଇପାରିବ। ଭାରତର ପ୍ରାକୃତିକ ବିପର୍ଯ୍ୟୟର ମାନବୀୟ ପରିଣାମ ଦ୍ରୁତଗତିରେ ବୃଦ୍ଧିପାଉଛି। ଏଥିପାଇଁ ଉପଯୁକ୍ତ ପ୍ରଶମନ ରଣନୀତି ପ୍ରସ୍ତୁତ କରାଯିବା ଜରୁରୀ ହୋଇପଡ଼ିଛି। ଗତ ୨ ବର୍ଷ ମଧ୍ୟରେ ଭୂବିଜ୍ଞାନ ମନ୍ତ୍ରଣାଳୟ ଦେଶରେ ୩୭ଟି ସେସ୍‌ମୋଲୋଜିକାଲ୍ ସେଣ୍ଟର ପ୍ରତିଷ୍ଠା କରିଛି, ଯହିଁରୁ ଭୂକମ୍ପ ଓ ଭୂସ୍ଖଳନ ସମ୍ପର୍କିତ ବିସ୍ତୃତ ଡେଟାବେସ୍ ପ୍ରସ୍ତୁତ କରାଯାଇପାରିବ। ଆଗାମୀ ୫ ବର୍ଷରେ ଏପରି ଶତାଧିକ ସେଣ୍ଟର ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଥିବା ଜିତେନ୍ଦ୍ର ସୂଚନା ଦେଇଛନ୍ତି।

**ରାଜ୍ୟ ଖବର**

# ଷ୍ଟ୍ରବେରି ଚାଷ ପାଇଁ ବଢୁଛି ଆଗ୍ରହ



ଗ୍ରୀନବାଡ଼ି ପଞ୍ଚାୟତରେ ଷ୍ଟ୍ରବେରି ଚାଷରେ ନିୟୋଜିତ ଏଲିଜାବେଥ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା।

ଅରୁଣ ସାହୁ
ଦାରିଙ୍ଗବାଡ଼ି,୧୦।୧ (ଡି.ଏନ୍.ଏ)

ଓଡ଼ିଶାର କାଶ୍ମୀର କୁହାଯାଉଥିବା କନ୍ଧମାଳ ଜିଲା ଦାରିଙ୍ଗବାଡ଼ିରେ ପ୍ରଥମଥର ପାଇଁ ଷ୍ଟ୍ରବେରି ଚାଷ କରାଯାଉଛି। ଗ୍ରୀନବାଡ଼ି ପଞ୍ଚାୟତର ଏଲିଜାବେଥ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଜିଲା ପ୍ରଶାସନର ସହଯୋଗରେ ସ୍ଥାନୀୟ ବିଡିଓ ଗଦାଧର ପାତ୍ରଙ୍କ ନେତୃତ୍ୱରେ ଓଡ଼ିଶା ଜୀବିକା ମିଶନର ପ୍ରକଳ୍ପ ପରିଚାଳକ ପିଣ୍ଟୁ କୁମାର ନାୟକଙ୍କ ତଦାରଖରେ ୨ ଏକର ଜମିରେ ଏହି ଚାଷ କରାଯାଉଛି। ପନିପରିବା, ହଳଦୀ, ସୋରିଷ ଆଦି ପ୍ରତିବର୍ଷ ଚାଷ ଓ ଅମଳ କରିବାକୁ ପଡୁଥିବା ବେଳେ ଷ୍ଟ୍ରବେରି ଗୋଟିଏ ଥର ଅମଳ ହେବା ପରେ ତାହା ୫ ବର୍ଷ ପର୍ଯ୍ୟନ୍ତ ସିଜନରେ ଫଳିବ। ଏଥିପାଇଁ ପ୍ରତିବର୍ଷ ଖର୍ଚ୍ଚାନ୍ତ ହେବ ନାହିଁ। ତେଣୁ ଏହି ଚାଷ ପାଇଁ ଏବେ ଲୋକଙ୍କ ମଧ୍ୟରେ ଚାହିଦା ବୃଦ୍ଧି ପାଉଛି ବୋଲି ଓଡିଶା ଜୀବିକା ମିଶନର ବ୍ଲକ ପ୍ରକଳ୍ପ ପରିଚାଳକ ନାୟକ କହିଛନ୍ତି।

ପ୍ରଥମେ ଜଳ ବିଭାଜିକା ତଥା ମୃତ୍ତିକା ସଂରକ୍ଷଣ ପକ୍ଷରୁ ଜମିକୁ ପ୍ରସ୍ତୁତିରେ ସହାୟତା କରାଯାଇଥିବା ବେଳେ କୃଷି ବିଭାଗ ପକ୍ଷରୁ ମାଟି ପରୀକ୍ଷା କରାଯାଇଥିଲା। ସେହିପରି ଉଦ୍ୟାନ ବିଭାଗ ପକ୍ଷରୁ ବୈଷୟିକ ସହାୟକ କରାଯାଇଥିଲା। ଏହି ସମସ୍ତ ବିଭାଗର ସହଯୋଗରେ ଷ୍ଟ୍ରବେରି ଚାଷ ସଫଳତାର ସହ କରାଯାଇଥିବା ଦାରିଙ୍ଗବାଡି ବିଡ଼ିଓ ଗଦାଧର ପାତ୍ର କହିଛନ୍ତି। ଏମ୍‌ଜିଏନ୍‌ଆର୍‌ଜିଏସ୍‌ରେ ପ୍ରାୟ ୨ ଲକ୍ଷ ଖର୍ଚ୍ଚ କରାଯାଇ ଜମିର ଉନ୍ନତି କରାଯାଇଥିଲା ଏବଂ ଓଡିଶା ଜୀବିକା ମିଶନ ପକ୍ଷରୁ ୫ ଲକ୍ଷ ଅନୁଦାନରେ ବ୍ଲକ ପ୍ରଶାସନ ପକ୍ଷରୁ ଏହି ଚାଷକୁ ତଦାରଖ କରାଯାଇଛି। ପ୍ରାୟ ୨୦ହଜାର ଚାରା ରୋପଣ କରାଯିବା ସହ ସମସ୍ତ ଗଛକୁ ବଞ୍ଚାଇବା ପାଇଁ ପାଣି ସିଞ୍ଚନ ବ୍ୟବସ୍ଥା, ପଲିଥିନ ଢାଙ୍କିବା ଆଦି କରାଯାଇଛି। ଏବେ ସମସ୍ତ ଗଛ ବଞ୍ଚିବା ସହ ଫଳ ଦେବା ଆରମ୍ଭ କରିଛି। ଏଥିସହ ଗଛରୁ ଯେଉଁ ଚାରା ଲମ୍ବିଛି ତାକୁ କଟାଯାଇ ନୂତନ ଚାରା ସୃଷ୍ଟି କରି ବିକ୍ରି କରାଯାଉଛି। ରାସାୟନିକ ଷ୍ଟ୍ରବେରି ଫ୍ଲେବର ସାଧାରଣତଃ ମଣିଷ ଶରୀର ପାଇଁ ବହୁତ କ୍ଷତି ପହଞ୍ଚାଉ ଥିବା ବେଳେ ଏହା ଜୈବିକ ପଦ୍ଧତିରେ ଚାଷ କରାଯାଉଥିବା ଷ୍ଟ୍ରବେରି ହୋଇଥିବାରୁ ଏହାର ଚାହିଦା ବୃଦ୍ଧି ପାଉଛି। ଜାମ୍ ପ୍ରସ୍ତୁତ ସହ ରସ ପାଇଁ ଏହା ବହୁତ ଉପଯୋଗୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଏହି ଚାଷ ପାଇଁ ସମସ୍ତ ତାଲିମ ପ୍ରଦାନ କରାଯାଇଥିଲା। ଏବେ ଏହି ଷ୍ଟ୍ରବେରି ଫଳକୁ ମହିଳାମାନେ ବିକ୍ରି କରି ଭଲ ଦି 'ପଇସା ରୋଜଗାର କରୁଛନ୍ତି। ଏହି ଫଳ କିଲୋ ୪ଶହରୁ ୬ଶହ ପର୍ଯ୍ୟନ୍ତ ବିକ୍ରି କରାଯାଉଛି। ଦାରିଙ୍ଗବାଡ଼ିରେ ଶୀତ ମହୋତ୍ସବ ଚାଲିଥିବା ବେଳେ ସେଠାରେ ବିକ୍ରି କରାଯିବା ସହ ଷ୍ଟ୍ରବେରି ରସ ପ୍ରସ୍ତୁତି କରି ବୋତଲ ୨୦ଟଙ୍କା ପର୍ଯ୍ୟନ୍ତ ବିକ୍ରି କରାଯାଉଛି ବୋଲି ଓଡିଶା ଜୀବିକା ମିଶନ ପକ୍ଷରୁ କୁହାଯାଇଛି। ଏବେ ଏହି ଚାଷ ପନିପରିବା ଓ ଅନ୍ୟ ଚାଷ ଅପେକ୍ଷା ଅଧିକା ଫାଇଦା ଦେଉଛି ବୋଲି ଏଲିଜାବେଥ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ ମୋହିନୀ ପ୍ରଧାନ ଏବଂ ସମ୍ପାଦିକା ରେଣୁକା ପ୍ରଧାନ ପ୍ରମୁଖ କହିଛନ୍ତି। ଏହି ଚାଷକୁ ଆଗାମୀ ଦିନରେ ଅନ୍ୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠିମାନଙ୍କୁ ନେଇ ବିଭିନ୍ନ ପଞ୍ଚାୟତରେ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ଓଡିଶା ଜୀବିକା ମିଶନର ବ୍ଲକ ପ୍ରକଳ୍ପ ପ୍ରଶାସକ ପିଣ୍ଟୁ କୁମାର ନାୟକ କହିଛନ୍ତି।

**ଦାରିଙ୍ଗବାଡ଼ିରେ ପ୍ରଥମ**

# ସୁରମଣିରେ ଭୟାବହ ଅଗ୍ନିକାଣ୍ଡ

**୧୪ ପରିବାରର ୪୨ ବଖରା ଭସ୍ମୀଭୂତ**

ସୋରଡା,୧୦।୧(ଡି.ଏନ୍.ଏ.)

ଗଞ୍ଜାମ ଜିଲା ସୋରଡା-ଆସିକା ଜାତୀୟ ରାଜପଥ ପାର୍ଶ୍ୱ ସୁରମଣି ଗ୍ରାମରେ ସୋମବାର ମଧ୍ୟରାତ୍ରରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗ୍ରାମର ୧୪ ପରବାରର ୪୨ ବଖରା ଘର ସଂପୂର୍ଣ୍ଣ ଜଳିପୋଡି ପାଉଁଶ ହୋଇଯାଇଛି। ନିଆଁ କିଭଳି ଲାଗିଲା ତାହା ଜଣାପଡ଼ିନାହିଁ। ରାତିରେ ଉକ୍ତ ରାସ୍ତା ଦେଇ ଦାରିଙ୍ଗବାଡି ଯାଉଥିବା ପର୍ଯ୍ୟଟକମାନେ ନିଆଁ ଜଳୁଥିବା ଦେଖି ଅଟକିଥିଲେ। ସେମାନେ ପୋଡିଯାଉଥିବା ଘରେ ଶୋଇଥିବା ଲୋକଙ୍କ କବାଟ ବାଡ଼େଇ, ପାଟିକରି ଉଠେଇଥିଲେ। ନିଆଁ ବ୍ୟାପୁଥିବା ଖବରପାଇ ଆଇଆଇସି ରମେଶ କୁମାର ପ୍ରଧାନଙ୍କ ସମେତ ଦମକଳ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ ଚଳାଇଥିଲା। ରାତି ପ୍ରାୟ ୧୨ଟାରୁ ୯ ଘଣ୍ଟା ପର୍ଯ୍ୟନ୍ତ ଦମକଳବାହିନୀ ନିଆଁଲିଭା କାର୍ଯ୍ୟରେ ଲାଗିଥିଲା। ଅଗ୍ନିକାଣ୍ଡରେ ଦମୟନ୍ତୀ ନାଇକ, ଦୟାନିଧି ନାଇକ, ପରୀ ନାଇକ, ଚିନ୍ତାମଣି ନାଇକ, ବସୁଦେବ ନାଇକ, ଗନ୍ତେଇ ନାଇକ, ଧୋବା ନାଇକ, କାଳିଆ ନାଇକ, ସୁରେନ୍ଦ୍ର ନାଇକ, କନ୍ଧ ନାଇକ, ସଞ୍ଜୟ ନାଇକ, ଭାଗ୍ୟ ନାଇକ, ରଚନା ନାଇକ ଓ ପ୍ରତିମା ନାଇକଙ୍କ ଗଚ୍ଛିତ ଧାନଚାଉଳ, ଲୁଗାପଟା, ଆସବାବପତ୍ର ଆଦି ପୋଡିଯାଇଛି। ବିପନ୍ନ ପରିବାର ଶୀତ କାକରରେ ଦୟନୀୟ ଅବସ୍ଥାରେ ଅଛନ୍ତି। ମଙ୍ଗଳବାର ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ସୁରମଣିରେ ପହଞ୍ଚି ବିପନ୍ନ ପରିବାରକୁ ଆଶ୍ୱାସନା ଦେବାସହ ସମସ୍ତ ସୁବିଧା ଯୋଗାଇବାକୁ ପ୍ରୟାସ ଆରମ୍ଭ କରିଛନ୍ତି। ତହସିଲଦାର ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆ ରାଜସ୍ୱ ନିରୀକ୍ଷକଙ୍କ ସହ ପହଞ୍ଚି କ୍ଷତି ଆକଳନ ଆରମ୍ଭ କରିଛନ୍ତି। ସମସ୍ତ ପରିବାର ଗରିବ ଶ୍ରେଣୀର ହୋଇଥିବା ବେଳେ ବିଭିନ୍ନ ସହାୟତା ଯୋଗାଇବାକୁ ପ୍ରଶାସନକୁ ଅନୁରୋଧ କରାଯାଇଛି। ସୋରଡା ଲାଏନ୍ସ କ୍ଲବର ସଦସ୍ୟମାନେ ସମସ୍ତ ଅଗ୍ନି ବିପନ୍ନ ପରିବାରକୁ ଶୁଖିଲା ଖାଦ୍ୟ, ବାଲ୍‌ଟି, ରୋଷେଇ ସରଞ୍ଜାମ ଆଦି ବଣ୍ଟନ କରିଛନ୍ତି।

# ମାଡ଼ିଲାଣି ମାନ୍ଦାବସ୍ଥା

## ଚେତାଇଲା ବିଶ୍ୱବ୍ୟାଙ୍କ



**ୱାଶିଂଟନ,୧୦।୧**

୨୦୨୩ ବିଶ୍ୱ ଅର୍ଥନୀତି ପାଇଁ ଏକ ବିପଜ୍ଜନକ ବର୍ଷ ହେବାକୁ ଯାଉଛି। କାରଣ ଯେଉଁ ମାନ୍ଦାବସ୍ଥାକୁ ନେଇ ଅର୍ଥନୀତିଜ୍ଞମାନେ ଚିନ୍ତା କରୁଥିଲେ ତାହା ଆସିସାରିଛି। ଆମେରିକା, ୟୁରୋପ ଓ ଚାଇନା ଭଳି ବୃହତ୍ ଅର୍ଥନୀତିରେ ଦୁର୍ବଳ ଅଭିବୃଦ୍ଧି ଯୋଗୁ ବୈଶ୍ୱିକ ମାନ୍ଦାବସ୍ଥାର ଦ୍ୱାରଦେଶରେ ପୃଥିବୀବାସୀ ଛିଡ଼ା ହୋଇଛନ୍ତି। ମଙ୍ଗଳବାର ନିଜ ବାର୍ଷିକ ରିପୋର୍ଟରେ ଏଭଳି ଭୟଙ୍କର ଚେତାବନୀ ଦେଇଛି ବିଶ୍ୱବ୍ୟାଙ୍କ।

ଦରିଦ୍ର ରାଷ୍ଟ୍ରଗୁଡ଼ିକୁ ବିକାଶମୂଳକ ପ୍ରକଳ୍ପ ପାଇଁ ଆର୍ଥିକ ସହାୟତା ପ୍ରଦାନ କରୁଥିବା ବିଶ୍ୱବ୍ୟାଙ୍କ ଏହାର ଆନୁଆଲ୍ ରିପୋର୍ଟ ପ୍ରକାଶ କରିଛି। ଏଥିରେ ଉଲ୍ଲେଖ କରାଯାଇଛି, ଚଳିତ ବର୍ଷ ବୈଶ୍ୱିକ ଅଭିବୃଦ୍ଧି ପ୍ରାୟ ଅଧା ହ୍ରାସ ପାଇ ୧.୭%କୁ ଖସିବ, ଯାହାକି ୩% ରହିବା ନେଇ ପୂର୍ବରୁ ଆକଳନ କରାଯାଇଥିଲା। ଉକ୍ତ ଭବିଷ୍ୟବାଣୀ ସତ ପ୍ରମାଣିତ ହେଲେ ୩ ଦଶନ୍ଧି ମଧ୍ୟରେ ଏହା ହେବ ତୃତୀୟ ଦୁର୍ବଳତମ ବାର୍ଷିକ ପ୍ରସାରଣ। ଏହା ପୂର୍ବରୁ ୨୦୦୮ରେ ବୈଶ୍ୱିକ ଆର୍ଥିକ ସଙ୍କଟ ଦେଖାଦେଇଥିବାବେଳେ ୨୦୨୦ରେ କରୋନା ମହାମାରୀଜନିତ ଆର୍ଥିକ ମାନ୍ଦାବସ୍ଥା ସବୁ ଦେଶକୁ କବଳିତ କରିଥିଲା।

ଆମେରିକା ଚଳିତବର୍ଷର ମାନ୍ଦାବସ୍ଥାକୁ ଏଡ଼ାଇବା ପାଇଁ ସବୁ ପ୍ରକାର ଉଦ୍ୟମ ଚଳାଇଥିଲେ ମଧ୍ୟ ୟୁଏସ୍ ଅର୍ଥନୀତିର ଅଭିବୃଦ୍ଧିରେ ୦.୫% ହ୍ରାସ ଘଟିବ। ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଆକାଶଛୁଆଁ ଦରବୃଦ୍ଧି ଓ ଏଥିରେ ଲଗାମ ଲଗାଇବା ପାଇଁ ଆମେରିକାର କେନ୍ଦ୍ରୀୟ ବ୍ୟାଙ୍କ ଫେଡେରାଲ ରିଜର୍ଭ ସୁଧ ହାର ବଢ଼ାଉଛି। ତଥାପି ବିଶ୍ୱବ୍ୟାପୀ ଅର୍ଥନୀତିରେ ଦୁର୍ବଳତା ଆମେରିକାର ବ୍ୟବସାୟିକ ସଂସ୍ଥା ଓ ଉପଭୋକ୍ତାଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିବ। ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଯୋଗୁ ଯୋଗାଣ ଶୃଙ୍ଖଳ ବ୍ୟାହତ ହୋଇଥିବାବେଳେ ଯଦି କୋଭିଡ୍-୧୯ ସଂକ୍ରମଣ ବଢ଼େ ତେବେ ଆମେରିକା ଉପରେ ଆହୁରି ବିପଦ ଦେଖାଦେବ। ଦୀର୍ଘ ସମୟ ଧରି ଚାଇନାକୁ ରପ୍ତାନି କ୍ଷେତ୍ରରେ ବୃହତ୍ ଭୂମିକା ନେଇଆସୁଥିବା ୟୁରୋପ ମଧ୍ୟ ଚାଇନାର ଦୁର୍ବଳ ଅର୍ଥନୀତି ଯୋଗୁ ପ୍ରଭାବିତ ହେବ। ବିଶ୍ୱବ୍ୟାଙ୍କ ରିପୋର୍ଟରେ ଆହୁରି ଦର୍ଶାଯାଇଛି, ଆମେରିକା ଓ ୟୁରୋପ ଭଳି ବୃହତ୍ ଅର୍ଥନୀତିଗୁଡ଼ିକରେ ସୁଧହାର ବୃଦ୍ଧି ଗରିବ ଦେଶଗୁଡ଼ିକରୁ ପୁଞ୍ଜିନିବେଶକୁ ଆକର୍ଷିତ କରିବ। ଫଳରେ ସେହି ଦେଶଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଘରୋଇ ନିବେଶରୁ ବଞ୍ଚିତ ହେବେ। ରୁଷିଆର ୟୁକ୍ରେନ୍ ଆକ୍ରମଣ ଯୋଗୁ ଖାଦ୍ୟ ମୂଲ୍ୟ ଉଚ୍ଚରେ ଥିବାବେଳେ ଏହି ସୁଧହାର ବୃଦ୍ଧି ହେତୁ ବିକଶିତ ରାଷ୍ଟ୍ରଗୁଡ଼ିକରେ ଅଭିବୃଦ୍ଧି ଧିମେଇଯିବ ବୋଲି ବିଶ୍ୱବ୍ୟାଙ୍କ ପ୍ରେସିଡେଣ୍ଟ ଡେଭିଡ୍ ମାଲପାସ୍ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସାହାରୀୟ ଆଫ୍ରିକା ଭଳି ଅଞ୍ଚଳର ଦରିଦ୍ର ଦେଶଗୁଡ଼ିକରେ ପୃଥିବୀର ୬୦% ଗରିବ ଲୋକ ବସବାସ କରନ୍ତି। ବୈଶ୍ୱିକ ମାନ୍ଦାବସ୍ଥାର କଷାଘାତ ଏଭଳି ଲୋକଙ୍କୁ ସବୁଠୁ ବେଶି ବାଧିବ। ବିଦ୍ୟୁତ୍, ସାର, ଖାଦ୍ୟ ଓ ପୁଞ୍ଜି ସୀମିତ ହୋଇଯିବ। ୨୦୨୩ ଓ ୨୦୨୪ରେ ମୁଣ୍ଡପିଛା ଆୟ ମାତ୍ର ୧.୨% ବଢ଼ିବ।



ଡେଭିଡ୍ ମାଲ୍‌ପାସ୍

### ୱାର୍ଲ୍ଡବ୍ୟାଙ୍କ ଅଧ୍ୟକ୍ଷଙ୍କ ପରାମର୍ଶ

- ଜାତୀୟ ନୀତି ନିର୍ଦ୍ଧାରକମାନେ ଦୁର୍ବଳ ବର୍ଗଙ୍କୁ ଆର୍ଥିକ ସହାୟତା ପ୍ରଦାନକୁ ସୁନିଶ୍ଚିତ କରନ୍ତୁ।
- ମୁଦ୍ରାସ୍ଫୀତି ନିୟନ୍ତ୍ରଣକୁ ଜୋର୍ ଦିଆଯିବା ଆବଶ୍ୟକ।
- ଆର୍ଥିକ ବ୍ୟବସ୍ଥା ପ୍ରତିକୂଳ ଚ୍ୟାଲେଞ୍ଜର ମୁକାବିଲା ପାଇଁ ସାମର୍ଥ୍ୟ ବଜାୟ ରଖିବା ଜରୁରୀ।
- ମାନ୍ଦାବସ୍ଥାଜନିତ ସଙ୍କଟର ପ୍ରଭାବ ହ୍ରାସ ପାଇଁ ବିଶ୍ୱ ସ୍ତରରେ ଜରୁରୀ ପଦକ୍ଷେପ ନିଆଯିବା ଅପରିହାର୍ଯ୍ୟ।



ବ୍ରିଟେନ୍ ରାଜପରିବାରର ଛୋଟ ରାଜକୁମାର ହ୍ୟାରି ନିଜ ଜୀବନୀ ପୁସ୍ତକ 'ସ୍ପେଆର'ରେ ଏକ ଚାଞ୍ଚଲ୍ୟକର ପ୍ରଘଟ କରିଛନ୍ତି। ଭାରତ ଗସ୍ତ ବେଳେ ତାଙ୍କ ସ୍ତ୍ରୀ ମେଘାନ୍ ମର୍କେଲ ତାଜମହଲ ସମ୍ମୁଖରେ ଫଟୋ ନ ଉଠାନ୍ତୁ ବୋଲି ସେ ଚାହୁଁଥିଲେ। ମେଘାନ୍ କାଳେ ପ୍ରିନ୍ସେସ୍ ଡାଏନାଙ୍କୁ ଅନୁକରଣ କରିବାକୁ ଉଦ୍ୟମ କରୁଛନ୍ତି ବୋଲି ଲୋକେ ଭାବିବେ। ସେଥିପାଇଁ ତାଜମହଲ ଆଗରେ ନିଜ ଫଟୋ ନ ଉଠାଇବାକୁ ଡ୍ୟୁକ୍ ଅଫ୍ ସସେକ୍ସ ତାଙ୍କୁ ଅନୁରୋଧ କରିଥିଲେ।

## ବାଇଡେନ୍‌ଙ୍କ ଘରୋଇ ଅଫିସ୍‌ରେ ଗୋଇନ୍ଦା ଦସ୍ତାବିଜ୍

### ରହିଛି ୟୁକ୍ରେନ୍, ଇରାନ, ବ୍ରିଟେନ ସମ୍ପର୍କିତ ତଥ୍ୟ

**ୱାଶିଂଟନ,୧୦।୧**

ଜୋ ବାଇଡେନ୍ ଆମେରିକାର ଉପରାଷ୍ଟ୍ରପତି ଥିବା ସମୟରେ ତାଙ୍କ ଘରୋଇ କାର୍ଯ୍ୟାଳୟରୁ ଅନେକ ଗୋଇନ୍ଦା ଦସ୍ତାବିଜ୍ ମିଳିଛି। ସେଥିରେ ୟୁକ୍ରେନ୍, ଇରାନ ଏବଂ ବ୍ରିଟେନ୍‌ର ଗୋପନ ତଥ୍ୟ ରହିଥିବା ଏକ ସୂତ୍ରରୁ ଜଣାପଡ଼ିଛି। ଗତବର୍ଷ ବାଇଡେନ୍‌ଙ୍କ ଘରୋଇ କାର୍ଯ୍ୟାଳୟରୁ ୧୦ଟି ଦସ୍ତାବିଜ୍ ମିଳିଥିଲା। ସେଗୁଡ଼ିକ ୨୦୧୩ରୁ ୨୦୧୬ ସମୟର। ଏଥିସହିତ କେତେକ ବାକ୍ସରେ ବାଇଡେନ୍‌ଙ୍କ ପରିବାରର ବ୍ୟକ୍ତିଗତ ଦସ୍ତାବିଜ ମଧ୍ୟ ରହିଛି। ଆଟର୍ନି ଜେନେରାଲ ମେରିକ୍ ଗାର୍ଲାଣ୍ଡ ଜାତୀୟ ଆର୍ଚିଭ୍ସ ଆଣ୍ଡ ରେକର୍ଡସ ପ୍ରଶାସନ (ଏନ୍ଏଆର୍ଏ)ରୁ ଏ ସମ୍ପର୍କିତ ସୂଚନା ପାଇଥିଲେ। ଆମେରିକା କଂଗ୍ରେସର ମଧ୍ୟବର୍ତ୍ତିକାଳୀନ ନିର୍ବାଚନର ୬ ଦିନ ପୂର୍ବରୁ ଅର୍ଥାତ୍ ଗତ ନଭେମ୍ବର ୨ରେ ଦସ୍ତାବିଜ୍‌ଗୁଡ଼ିକ ମିଳିଥିବାବେଳେ ସୋମବାର ଏହା ଲୋକଲୋଚନକୁ ଆସିଛି। ବାଇଡେନ୍ ୟୁନିଭର୍ସିଟି ଅଫ୍ ପେନ୍‌ସିଲଭାନିଆରେ କାମ କରୁଥିଲାବେଳେ ଉକ୍ତ ଅଫିସକୁ ବ୍ୟବହାର କରୁଥିଲେ। ତାଙ୍କର ଜଣେ ବ୍ୟକ୍ତିଗତ ଓକିଲ ଉକ୍ତ ଡାଉନ୍‌ଟାଉନ୍ ଡିସି ଅଫିସକୁ ବନ୍ଦ କରିଦେଇଥିଲେ। ପୂର୍ବତନ ଉପରାଷ୍ଟ୍ରପତିଙ୍କ ବ୍ୟକ୍ତିଗତ ଦସ୍ତାବିଜ ଲେଖାଥିବା ଏକ ଲଫାପାକୁ ଓକିଲ ଖୋଲିବାରୁ ସେଥିରୁ କ୍ଲାସିଫାଏଡ୍ ଡକ୍ୟୁମେଣ୍ଟ ମିଳିଥିଲା। ଓକିଲ ଜଣକ ଉକ୍ତ ଏନ୍‌ଭଲପ୍‌କୁ ବନ୍ଦ କରିଦେଇ ଏନ୍ଏଆର୍ଏକୁ ଡାକିଥିଲେ।



ରାଜୌରୀର ଧାଙ୍ଗ୍ରିରେ ଆତଙ୍କବାଦୀ ଆକ୍ରମଣ ପରେ ଭିଲେଜ ଡିଫେନ୍ସ କମିଟି ସଦସ୍ୟମାନେ ଅସ୍ତ୍ର ଧରିଛନ୍ତି।

## ରାଜୌରୀ ଆକ୍ରମଣ ଘଟଣାରେ ୫୦ ଅଟକ

**ଜମ୍ମୁ,୧୦।୧**

ଜମ୍ମୁ-କଶ୍ମୀରର ରାଜୌରୀ ଜିଲାରେ ଜାନୁୟାରୀ ୧ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ଘଟଣାରେ ରାଜ୍ୟ ପୋଲିସ ୫୦ ଜଣଙ୍କୁ ଅଟକ ରଖି ଜେରା କରୁଛି। ରାଜୌରୀର ଧାଙ୍ଗ୍ରି ଗ୍ରାମରେ ଆତଙ୍କବାଦୀ ଆକ୍ରମଣରେ ୭ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକ ଆହତ ହୋଇଥିଲେ। ଅଟକ ସନ୍ଦିଗ୍ଧମାନଙ୍କୁ ପୋଲିସ ସମେତ ବିଭିନ୍ନ ଗୋଇନ୍ଦା ସଂସ୍ଥାର ଅଧିକାରୀମାନେ ଜେରା କରୁଛନ୍ତି। ସେମାନଙ୍କଠାରୁ ମିଳିଥିବା ସୂଚନା ତଦନ୍ତକୁ ଆଗକୁ ବଢ଼ାଇବାରେ ସହାୟକ ହେବ ବୋଲି କୁହାଯାଉଛି।



ILA PANDA
26th Oct 1932 - 11th Jan 2005

imfa

In loving memory
Baijayant 'Jay', Paramita, Nivedita, Subhrakant
Jagi, Braja, KG, Shaifalika
Raie, Reva, Anuva, Aditya, Raisah Ila, Raemana
Relatives, Members & Associates of IMFA Group

Tel: +91 674 2611000 | Email: memoriam@imfa.in

## ବର୍ଷକୁ ୨.୫ ଇଞ୍ଚ ଦବୁଛି ଜୋଷୀମଠ

**ନୂଆଦିଲ୍ଲୀ,୧୦।୧:** ଜୋଷୀମଠ ଓ ଏହାର ଆଖପାଖ ଅଞ୍ଚଳର ଭୂମି ପ୍ରତି ବର୍ଷ ୬.୫ ସେଣ୍ଟିମିଟର ବା ୨.୫ ଇଞ୍ଚ ଦବୁଥିବା ବିଶେଷଜ୍ଞମାନେ କହିଛନ୍ତି। ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ରିମୋଟ ସେନ୍ସିଂ ପକ୍ଷରୁ ହୋଇଥିବା ୨ ବର୍ଷର ଅଧ୍ୟୟନରୁ ଏହା ଜଣାପଡ଼ିଛି। ଡେରାଡୁନ୍‌ର ଏହି ସଂସ୍ଥା ଅଧ୍ୟୟନରେ ଜୋଷୀମଠ ଓ ଏହାର ଚତୁଃପାର୍ଶ୍ୱରେ ଥିବା ଅଞ୍ଚଳର ସାଟେଲାଇଟ୍ ତଥ୍ୟକୁ ବ୍ୟବହାର କରିଥିଲା। ସେଠାରେ ଅନେକ ଟେକ୍ଟୋନିକ୍ ପ୍ରକ୍ରିୟା ଚାଲିଥିବାରୁ ଅତି ସମ୍ବେଦନଶୀଳ ଅଞ୍ଚଳ ବୋଲି ଏଥିରୁ ଜଣାପଡ଼ିଥିଲା। ମାଟି ଦବିବା ଫଳରେ ଜୋଷୀମଠ ସହରର ଘରଗୁଡ଼ିକରେ ଫାଟ ସୃଷ୍ଟି ହେବା ସହ ରାସ୍ତା ଫାଟି ଆଁ କରିଛି। ଏହାକୁ ନେଇ ଲୋକେ ଆତଙ୍କିତ ଥିବାବେଳେ ୧୧୦ରୁ ଊର୍ଦ୍ଧ୍ୱ ପରିବାର ଘରଦ୍ୱାର ଛାଡ଼ି ପଳାଇଲେଣି। ସରକାର ବିପଦସଙ୍କୁଳ ଘରୁ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ଲାଗି ଯୋଜନା କରୁଛନ୍ତି। ତେବେ ସ୍ଥାନୀୟ ଲୋକଙ୍କ ବିରୋଧ ଯୋଗୁ ଉଚ୍ଛେଦ କାର୍ଯ୍ୟ ବନ୍ଦ ରହିଛି। ଜୋଷୀମଠ ସମେତ ଏହାର ଆଖପାଖ ଅଞ୍ଚଳ ଦବୁଥିବା ସାଟେଲାଇଟ୍ ଚିତ୍ରରୁ ଜଣାପଡ଼ିଥିଲା।

PARADIP PORT AUTHORITY
e-TENDER CALL NOTICE
No.EM/IOHP/GW-18/18(Pt-I)/18, Date.09/01/2023
e-TCN No. EM/IOHP-02/2023
Name of the Work : "Design, Manufacture, Supply, Erection & Commissioning of 3200TPH Capacity Ship Loader at IOB". Estimated Cost : Rs.30,12,50,000/-. Last date & time of submission of bid : up to 1800 Hrs. On 31.01.2023. Refer our website : https://eprocure.gov.in/eprocure/app for details
Executive Engineer (Mech)
Iron Ore Handling Plant
Paradip Port Authority
PPA/PR/220/2022-23, Dt.10.1.23

## ଗୋ ଫାଷ୍ଟକୁ କାରଣ ଦର୍ଶାଅ ନୋଟିସ

### ୫୫ ଯାତ୍ରୀଙ୍କୁ ଛାଡ଼ି ପଳାଇବା ଘଟଣା




**ନୂଆଦିଲ୍ଲୀ,୧୦।୧**

ବେଙ୍ଗାଲୁରୁ ବିମାନବନ୍ଦରରେ ସୋମବାର ୫୫ ଯାତ୍ରୀଙ୍କୁ ବିମାନ ଛାଡ଼ି ପଳାଇବା ଘଟଣାରେ ଗୋ ଫାଷ୍ଟ ଏୟାରୱେଜକୁ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) କାରଣ ଦର୍ଶାଅ ନୋଟିସ ଜାରି କରିଛି। ଦୁଇ ସପ୍ତାହ ମଧ୍ୟରେ ନୋଟିସର ଜବାବ ରଖିବାକୁ ଏୟାରଲାଇନ୍ସକୁ କୁହାଯାଇଛି। ଉକ୍ତ ଏୟାରଲାଇନ୍ସ ଏକାଧିକ ଭୁଲ୍ କରିଥିବା ଡିଜିସିଏ ମଙ୍ଗଳବାର କହିଛି। ଗୋ ଫାଷ୍ଟ ସୋମବାର ଘଟଣା ପାଇଁ କ୍ଷମା ମାଗିବା ସହ ଛାଡ଼ି ପଳାଇଥିବା ଯାତ୍ରୀଙ୍କୁ ଆସନ୍ତା ବର୍ଷ ମଧ୍ୟରେ ଦେଶ ମଧ୍ୟରେ ଯେକୌଣସି ସ୍ଥାନକୁ ଯିବା ଲାଗି ଗୋଟିଏ ମାଗଣା ଟିକେଟ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛି। ଯାତ୍ରୀଙ୍କୁ ଭୁଲିଯିବା ଘଟଣାରେ ସମ୍ପୃକ୍ତ କର୍ମଚାରୀଙ୍କୁ ଡ୍ୟୁଟିରୁ ବାଦ୍ ଦିଆଯାଇଛି। ସୂଚନାଯୋଗ୍ୟ, ଗୋ ଫାଷ୍ଟର ଜି୮ ୧୧୬ ବିମାନ ସୋମବାର ସକାଳେ ବେଙ୍ଗାଲୁରୁର କେମ୍ପେଗୌଡ଼ା ଅନ୍ତର୍ଜାତୀୟ ବିମାନବନ୍ଦରରୁ ଦିଲ୍ଲୀ ଅଭିମୁଖେ ଉଡ଼ାଣ ଭରିଥିଲା। ବିମାନରେ ଯିବା ପାଇଁ ୪ଟି ବସ୍‌ରେ ଯାତ୍ରୀ ଆସିଥିବାବେଳେ ଗୋଟିଏ ବସ୍‌ରେ ଥିବା ୫୫ ଯାତ୍ରୀଙ୍କୁ ନ ନେଇ ବିମାନଟି ଏୟାରପୋର୍ଟ ଛାଡ଼ିଥିଲା। ଉକ୍ତ ଯାତ୍ରୀମାନଙ୍କ ବୋର୍ଡିଂ ପାସ୍ ଥିଲା ଏବଂ ସେମାନଙ୍କ ବ୍ୟାଗ୍ ଯାଞ୍ଚ ସରିଥିଲା। ୪ ଘଣ୍ଟା ପରେ ଅନ୍ୟ ଏକ ବିମାନରେ ଉକ୍ତ ଯାତ୍ରୀମାନଙ୍କୁ ଦିଲ୍ଲୀ ପଠାଯାଇଥିଲା।

## ଦିଗପହଣ୍ଡି ନିୟନ୍ତ୍ରିତ ବଜାର କମିଟି

### ସୂଚନା

ଏତଦ୍ୱାରା ବ୍ରହ୍ମପୁର ରାଜସ୍ୱ ଉପଖଣ୍ଡର ସମସ୍ତ ଧାନ ଚାଷିଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଓ ଗଞ୍ଜାମ ଜିଲ୍ଲା ପ୍ରଶାସନଙ୍କ ନିଷ୍ପତିକ୍ରମେ ଚଳିତ ୨୦୨୨-୨୩ ଖରିଫ ବର୍ଷରେ ଉତ୍ପାଦିତ ବଳକା ଧାନ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଦରରେ ପ୍ରାଥମିକ କୃଷି ସମବାୟ ସମିତି (PACS)/ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (WSHG) ଦ୍ୱାରା ଧାନକ୍ରୟ କରିବା ପାଇଁ ବ୍ୟବସ୍ଥା କରାଯାଇଅଛି।

ଚଳିତ ଖରିଫ ୨୦୨୨-୨୩ ବର୍ଷ ପାଇଁ (FAQ) ଧାନ କ୍ରୟ ସକାଶେ ନିମ୍ନ ମାନଦଣ୍ଡ ରହିବା ବିଧେୟ।

| | କୁଇଂଟାଲ ପ୍ରତି ଦର | ୭୫ କେଜି ପିଛା ଦର |
|---|---|---|
| ସାଧାରଣ ମୋଟା ଧାନ (F.A.Q. ମାନ) | ଟ.୨୦୪୦.୦୦ ପ. | ଟ.୧୫୩୦.୦୦ ପ. |

| | FAQ ମାନ |
|---|---|
| ୧. ବାହ୍ୟ ପଦାର୍ଥ | |
| (କ) ଜୈବ ପଦାର୍ଥ (କାଠି, କୁଟା, ଧୂଷ, ଅଗାଡ଼ି ଇତ୍ୟାଦି) | :- ୧% |
| (ଖ) ଅଜୈବ ପଦାର୍ଥ (ବାଲି, ମାଟି, ଗୋଡ଼ି, ପଥର ଇତ୍ୟାଦି) | :- ୧% |
| ୨. ଖରାପ, ବେରଙ୍ଗ, ପାଣିଫୁଲା, ପୋକା ତଥା ଗଜା ହୋଇଥିବା ଧାନ (*ଖରାପ, ପାଣିଫୁଲା, ପୋକା ୪ % ମଧ୍ୟରେ ସିମୀତ ରହିବା ଦରକାର) | :- ୫% |
| ୩. ଅପରିପକ୍ୱ, କଂଚା, ସବୁଜ, ବଙ୍କା ତଥା ସଙ୍କୁଚିତ ଧାନ | :- ୩% |
| ୪. ଧାନର ଆର୍ଦ୍ରତା ବା ଜଳୀୟ ଅଂଶର ପରିମାଣ | :- ୧୭% |

**ସଫା, ଶୁଖିଲା, ସମରଙ୍ଗୀ ଓ ସମଆକାର ଧାନ ଆଣନ୍ତୁ, ସରକାରୀ ଧାର୍ଯ୍ୟ ମୂଲ୍ୟ ପାଆନ୍ତୁ।**

ସମ୍ପାଦକ
ଦିଗପହଣ୍ଡି ନିୟନ୍ତ୍ରିତ ବଜାର କମିଟି

ଉପଜିଲ୍ଲାପାଳ, ବ୍ରହ୍ମପୁର-ତଥା-ଅଧ୍ୟକ୍ଷ
ଦିଗପହଣ୍ଡି ନିୟନ୍ତ୍ରିତ ବଜାର କମିଟି

## ହାଇକୋର୍ଟ ବିଚାରପତି ଲାଗି ୯ ଜଣଙ୍କ ନାଁ ସୁପାରିସ

**ନୂଆଦିଲ୍ଲୀ,୧୦।୧**

ବିଭିନ୍ନ ହାଇକୋର୍ଟରେ ବିଚାରପତି ନିଯୁକ୍ତି ଲାଗି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ସୁପ୍ରିମକୋର୍ଟ କଲେଜିୟମ ୯ ଜଣଙ୍କ ନାଁ ସୁପାରିସ୍ କରିଛନ୍ତି। ସେମାନଙ୍କ ମଧ୍ୟରେ ୭ ଜଣ ନ୍ୟାୟିକ ଅଧିକାରୀ ଥିବାବେଳେ ୨ ଜଣ ଆଇନଜୀବୀ। ନ୍ୟାୟିକ ଅଧିକାରୀ ରାମଚନ୍ଦ୍ର ଦତ୍ତାତ୍ରେୟ ହୁଦ୍ଦାର ଏବଂ ଭେଙ୍କଟେଶ ନାଏକ ଥାବରୟାନାଏକଙ୍କୁ କର୍ଣ୍ଣାଟକ ହାଇକୋର୍ଟ ବିଚାରପତି ଭାବେ ପଦୋନ୍ନତି ପ୍ରସ୍ତାବକୁ ମଙ୍ଗଳବାର କଲେଜିୟମ ବୈଠକରେ ଅନୁମୋଦନ କରାଯାଇଛି। ଏହା ବ୍ୟତୀତ ଆଇନଜୀବୀ ନଗେନ୍ଦ୍ର ରାମଚନ୍ଦ୍ର ନାଏକଙ୍କୁ କର୍ଣ୍ଣାଟକ ହାଇକୋର୍ଟ ବିଚାରପତି ଭାବେ ପୂର୍ବ ସୁପାରିସର ପୁନର୍ବିଚାର ଲାଗି କଲେଜିୟମ ସୁପାରିସ କରିଛନ୍ତି। ଆଇନଜୀବୀ ନୀଳ କେଦାର ଗୋଖଲେଙ୍କୁ ବମ୍ବେ ହାଇକୋର୍ଟ ଏବଂ ଜୁଡ଼ିସିଆଲ ଅଫିସର ମୃଦୁଳ କୁମାର କାଲିତାଙ୍କୁ ଗୁଆହାଟୀ ହାଇକୋର୍ଟ ବିଚାରପତି ଭାବେ ପଦୋନ୍ନତି ଦେବାକୁ ସୁପାରିସ କରାଯାଇଛି। ସେହିପରି ନ୍ୟାୟିକ ଅଫିସର ପି. ଭେଙ୍କଟ ଜ୍ୟୋତିର୍ମୟୀ ଏବଂ ଭି. ଗୋପାଳକୃଷ୍ଣ ରାଓଙ୍କୁ ଆନ୍ଧ୍ରପ୍ରଦେଶ ହାଇକୋର୍ଟ ଏବଂ ଜୁଡ଼ିସିଆଲ ଅଫିସର ଅରିବମ ଗୁଣେଶ୍ୱର ଶର୍ମା ଓ ଗୋଲମେଇ ଗୈଫୁଲଶିଲ୍ଲୁ କାବୁଇଙ୍କୁ ମଣିପୁର ହାଇକୋର୍ଟ ବିଚାରପତି ପ୍ରସ୍ତାବକୁ କଲେଜିୟମ ଅନୁମୋଦନ କରିଛି।

ୟୁକୋ ବ୍ୟାଙ୍କ

ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ନଂ. ୫୪) ଏବଂ ଧାରା ୧୩ (୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ କଥିତ ଆକ୍ଟର ଧାରା ୧୩ (୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଓ ଆଇନଗତ ଖର୍ଚ୍ଚ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନେ ସେମାନଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ**କୁ ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ ଓ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ।

| ଟାଙ୍ଗୀ ଶାଖା (ଖୋର୍ଦ୍ଧା)/ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ମେସର୍ସ ଓମ୍ ଟ୍ରେଡର୍ସ, ପ୍ରୋ: ଶ୍ରୀଯୁକ୍ତ ହେମନ୍ତ କୁମାର ନାୟକ, ପିତା: ଉଦୟନାଥ ନାୟକ, ଗ୍ୟାରେଣ୍ଟିଦାତା : ଓ ଉଦୟନାଥ ନାୟକ, ପି: ଅର୍ଜୁନ ନାୟକ, ୧) ସୁକାନ୍ତ କୁମାର ନାୟକ, ୨) ଶରତ କୁମାର ନାୟକ, ୩) ହେମନ୍ତ କୁମାର ନାୟକ, ୪) ସୁବ୍ରତ କୁମାର ନାୟକ, ୫) ଦୁଷ୍ମନ୍ତ କୁମାର ନାୟକ, ୬) ଶାନ୍ତିଲତା ନାୟକ, ୭) ପୁଷ୍ପଲତା ନାୟକ, ୮) ବବୁଲ ନାୟକ, ୯) ପୁତୁଲ ନାୟକ (କ୍ର.ସଂ. ୧ ଠାରୁ ୯ ପର୍ଯ୍ୟନ୍ତ ସମସ୍ତ ଉଦୟନାଥ ନାୟକଙ୍କ ଆଇନଗତ ଉତ୍ତରାଧିକାରୀ, ସମସ୍ତଙ୍କ ଠିକଣା : ଗୋଡ଼ିପାଟଣା, ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟ-ଟାଙ୍ଗୀ, ଜିଲ୍ଲା-ଖୋର୍ଦ୍ଧା।) | ୨୯.୦୪.୨୦୧୭ ସୁଦ୍ଧା ଟ.୯,୪୨,୨୪୬.୯୦ + ସେବାବଦ ସୁଧ ଏବଂ ଖର୍ଚ୍ଚ | ୧୫.୦୨.୨୦୨୨ / ୦୬.୦୧.୨୦୨୩ | ଓ ଶ୍ରୀଯୁକ୍ତ ଉଦୟନାଥ ନାୟକ, ପିତା: ଅର୍ଜୁନ ନାୟକଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତି ଜମି ଯାହାର ମୌଜା: ଗୋଡ଼ିପାଟଣା, ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟ-ଟାଙ୍ଗୀ, ଜିଲ୍ଲା-ଖୋର୍ଦ୍ଧା, ଖାତା ନଂ. ୨୦, ପ୍ଲଟ୍ ନଂ. ୧୦୮, କ୍ଷେତ୍ର : ଏକର ୦.୦୫୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର : ରାସ୍ତା, ଦକ୍ଷିଣ : ଖାଲି ଜାଗା, ପୂର୍ବ : ବ୍ରଜବନ୍ଧୁ ନାୟକ, ପଶ୍ଚିମ : ଗୋଲେଖ ମହାପାତ୍ର। |
| ଋଣଗ୍ରହୀତାମାନେ: ଶ୍ରୀମତୀ ସତ୍ୟଭାମା ପୃଷ୍ଟି, ସ୍ୱାମୀ: ଶ୍ରୀଯୁକ୍ତ ଦୁର୍ଗା ଚରଣ ପୃଷ୍ଟି, ସା-ବାଲୁଙ୍ଗାଡିହ ସାହି, ପୋ:ଟାଙ୍ଗୀ, ଜିଲ୍ଲା-ଖୋର୍ଦ୍ଧା, ଗ୍ୟାରେଣ୍ଟିଦାତାମାନେ : ୧) ଶ୍ରୀଯୁକ୍ତ ଦୁର୍ଗା ଚରଣ ପୃଷ୍ଟି, ପି: ଲକ୍ଷ୍ମୀଧର ପୃଷ୍ଟି, ସା-ବାଲୁଙ୍ଗାଡିହ ସାହି, ପୋ:ଟାଙ୍ଗୀ, ଜିଲ୍ଲା-ଖୋର୍ଦ୍ଧା, ୨) ଶ୍ରୀମତୀ ଶୈଳବାଳା ଦେଇ, ସ୍ୱାମୀ: ଶ୍ରୀଯୁକ୍ତ ଲକ୍ଷ୍ମୀଧର ପୃଷ୍ଟି, ସା-ବାଲୁଙ୍ଗାଡିହ ସାହି, ପୋ:ଟାଙ୍ଗୀ, ଜିଲ୍ଲା-ଖୋର୍ଦ୍ଧା। | ୩୦.୦୯.୨୦୧୫ ସୁଦ୍ଧା ଟ.୨,୮୭,୩୬୦.୬୫ + ସେବାବଦ ସୁଧ ଏବଂ ଖର୍ଚ୍ଚ | ୨୮.୦୩.୨୦୧୬ / ୦୬.୦୧.୨୦୨୩ | ଶ୍ରୀମତୀ ଶୈଳବାଳା ଦେଇ, ସ୍ୱାମୀ: ଶ୍ରୀଯୁକ୍ତ ଲକ୍ଷ୍ମୀଧର ପୃଷ୍ଟିଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତି ଜମି ଯାହାର ମୌଜା: ବାଲୁଙ୍ଗାଡିହ, ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟ-ଟାଙ୍ଗୀ, ଜିଲ୍ଲା-ଖୋର୍ଦ୍ଧା, ଖାତା ନଂ. ୪୮, ପ୍ଲଟ୍ ନଂ. ୮୯, କ୍ଷେତ୍ର : ଏକର ୦.୦୩୨ ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର : ଗ୍ରାମୀଣ ରାସ୍ତା, ଦକ୍ଷିଣ : ଗ୍ରାମୀଣ ରାସ୍ତା, ପୂର୍ବ : ପ୍ଲଟ୍ ନଂ. ୯୦ (ପି), ପଶ୍ଚିମ : ପ୍ଲଟ୍ ନଂ. ୮୮। |

ସ୍ଥାନ : ଭୁବନେଶ୍ୱର, ତାରିଖ : ୧୦.୦୧.୨୦୨୩
କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

ସବୁକଥାକୁ ଉଦାରତାର ସହିତ ସ୍ମିତ ହାସ୍ୟରେ ଦେଖ । ଯେଉଁସବୁ କଥା ତୁମକୁ ଉତ୍ତ୍ୟକ୍ତ କରୁଛନ୍ତି- ସେଗୁଡିକୁ ଦେଖି ନିଜେ ଶିକ୍ଷା କର । ତା'ହେଲେ ଯାଇ ତୁମର ଜୀବନ ଅଧିକ ଶାନ୍ତିପୂର୍ଣ୍ଣ ଓ ଅଧିକ ସଫଳ ହୋଇପାରିବ । -ଶ୍ରୀମା



# ବ୍ରାସିଲିଆରେ କାପିଟୋଲ୍ ଛାପ

ଜାତିସଂଘ ଅନୁବନ୍ଧିତ ୧୯୩ ରାଷ୍ଟ୍ର ମଧ୍ୟରୁ ପ୍ରାୟ ୧୨୭ ଦେଶରେ ଗଣତନ୍ତ୍ର ଚାଲିଛି ବୋଲି ନଭେମ୍ବର ୨୦୨୨ରେ ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡ଼ିଥିଲା । କିନ୍ତୁ ଗଭୀର ଭାବେ ଦେଖିଲେ ଗଣତନ୍ତ୍ରକୁ ଅନୁସରଣ କରୁଥିବା ଏହିସବୁ ଦେଶ ମଧ୍ୟରୁ କେତେକ ରାଷ୍ଟ୍ରରେ ଏକଛତ୍ରବାଦର ଗନ୍ଧ ଉଙ୍କିମାରୁଛି । ଯେତେବେଳେ ତାହା ଉତ୍କଟ ରୂପ ଧାରଣ କରୁଛି ସେତେବେଳେ ଗଣତନ୍ତ୍ରର ଚିତ୍ର ପଦାକୁ ଆସୁଛି । ଉଦାହରଣ ସ୍ୱରୂପ ଆମେରିକୀୟ ମହାଦେଶର ଯୁକ୍ତରାଷ୍ଟ୍ର ଆମେରିକାକୁ ସର୍ବପୁରାତନ ଗଣତାନ୍ତ୍ରିକ ଦେଶ ଭାବେ ଗଣାଯାଉଥାଏ । ହେଲେ ଦୁଇବର୍ଷ ତଳେ ଅର୍ଥାତ୍ ୬ ଜାନୁୟାରୀ ୨୦୨୧ରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମର୍ଥକ କାପିଟୋଲ ହିଲ୍‌କୁ ପ୍ରବେଶ କରି ଭଙ୍ଗାରୁଜା କରିଥିଲେ । ଜୋ ବାଇଡେନ୍ ନିର୍ବାଚନରେ ଜିତିବାକୁ ଟ୍ରମ୍ପ ସାଧାରଣରେ ଗ୍ରହଣ କରିପାରି ନ ଥିବାରୁ ଏଭଳି ଅରାଜକତା ଦେଖାଦେଇଥିଲା । ଏବେ ଦକ୍ଷିଣ ଆମେରିକୀୟ ଦେଶ ବ୍ରାଜିଲରେ ସମାନ ଚିତ୍ର । ପୂର୍ବତନ ସେନା ଅଧିକାରୀ ତଥା ବ୍ରାଜିଲର ପୂର୍ବତନ ରାଷ୍ଟ୍ରପତି ଜୈର ବୋଲସୋନାରୋଙ୍କ ସମର୍ଥକମାନେ ୯ ଜାନୁୟାରୀ ୨୦୨୩ରେ ସେଠାକାର ରାଷ୍ଟ୍ରପତି ଭବନ ଉପରେ ଆକ୍ରମଣ କରିଛନ୍ତି । ନୂଆ ରାଷ୍ଟ୍ରପତି ଲୁଇଜ ଇନାସିଓ ଲୁଲା ଡା ସିଲଭା ବା ସାଧାରଣରେ ଲୁଲା ଭାବେ ପରିଚିତ ଏହି ଶ୍ରମିକ ନେତା ଦାୟିତ୍ୱ ଗ୍ରହଣ କରିବାର ମାତ୍ର ଏକ ସପ୍ତାହ ପରେ ବ୍ରାଜିଲରେ ଯେଉଁ ବିଶୃଙ୍ଖଳା ସୃଷ୍ଟି ହୋଇଛି, ସେଥିରେ ବୋଲସୋନାରୋଙ୍କ ଭଳି ଏକଛତ୍ରବାଦୀଙ୍କ ପ୍ରଚ୍ଛନ୍ନ ହାତ ଥିବା ଜଣାପଡ଼ୁଛି । କେବଳ ଲୋକଦେଖାଣିଆ ଭାବେ ବୋଲସୋନାରୋ ଟୁଇଟ୍ କରି କହିଛନ୍ତି, ବିକ୍ଷୋଭ ଶାନ୍ତିପୂର୍ଣ୍ଣ ଭାବେ କରାଯିବାର ଥିଲା । ବିଶୃଙ୍ଖଳିତ ଆଚରଣ ଲାଗି ସେ ତାଙ୍କ ସମର୍ଥକମାନଙ୍କୁ ଗାଳି କରିଛନ୍ତି । ତେବେ ଗିରଫ ହେବା ଭୟରେ ବୋଲସୋନାରୋ କ୍ଷମତା ଶେଷ ହେବାର କିଛି ଦିନ ପୂର୍ବରୁ ଦେଶ ଛାଡ଼ି ଆମେରିକାରେ ରହିବା ତାଙ୍କ ଭୀରୁତାର ପ୍ରମାଣ ମିଳୁଛି ।

ବୋଲସୋନାରୋଙ୍କ ଚରିତ୍ର ଭଲ ଭାବେ ବିଶ୍ୱବାସୀ ଜାଣିଛନ୍ତି । କ୍ଷମତା ଜାବୁଡ଼ି ଧରିବା ସକାଶେ ସେ ଯେଉଁ ପ୍ରୟାସ କରିଥିଲେ ତାହାକୁ ଦେଶବାସୀ ପ୍ରତ୍ୟାଖ୍ୟାନ କରିଦେଇଥିଲେ । ଉଲ୍ଲେଖଯୋଗ୍ୟ ଯେ, ଏକବିଂଶ ଶତାବ୍ଦୀରେ ବିଶ୍ୱରେ ଏମିତି ଅନେକ ନେତା ଅଛନ୍ତି, ଯେଉଁମାନେ ଆଜୀବନ ରାଷ୍ଟ୍ରର ସର୍ବେସର୍ବା ହୋଇ ରହିବାକୁ ଚାହୁଁଛନ୍ତି । ସଦ୍ୟ ଦୃଷ୍ଟାନ୍ତ ଭାବେ ଚାଇନାର ଶି ଜିନ୍‌ପିଙ୍ଗ ଓ ରୁଷିଆର ଭ୍ଲାଡିମିର୍ ପୁଟିନ୍‌ଙ୍କ ଚରିତ୍ର ସ୍ପଷ୍ଟ ପ୍ରତୀୟମାନ ହେଉଛି । ଆଉ ଟିକେ ଘର ନିକଟକୁ ଆସିଲେ ଭାରତର ପଡ଼ୋଶୀ ପାକିସ୍ତାନ ନିଜକୁ ଗଣତାନ୍ତ୍ରିକ ରାଷ୍ଟ୍ର ବୋଲି କହୁଛି । ସେହିଭଳି ମ୍ୟାନ୍‌ମାର ମଧ୍ୟ ସାମରିକ ନିୟନ୍ତ୍ରଣାଧୀନ ରହି ନିର୍ବାଚନ ମାଧ୍ୟମରେ ତଥାକଥିତ ଗଣତନ୍ତ୍ରର ମୋହର ମାରିବାକୁ ଚେଷ୍ଟା କରୁଛି । କିନ୍ତୁ ମନେପକାଇ ଦିଆଯାଇପାରେ ଯେ, ଅଧିକାଂଶ ଏକଛତ୍ରବାଦୀ ନେତା କ୍ଷମତାରେ ଥିବା ପର୍ଯ୍ୟନ୍ତ ଷଣ୍ଢ ଭଳିଆ ଏକତରଫା ବ୍ୟବହାର କରି ନିଜ ଲୋକଙ୍କ ଉପରେ ଅତ୍ୟାଚାର କରିଥାଆନ୍ତି । ଯେତେବେଳେ କ୍ଷମତାଚ୍ୟୁତ ହୁଅନ୍ତି ସେତେବେଳେ ମୂଷା ଭଳି ଦୌଡ଼ି ପଳାନ୍ତି । ନର୍ଦ୍ଦମା ଭିତରେ ମଧ୍ୟ ଲୁଚିବାକୁ ଚେଷ୍ଟା କରନ୍ତି ।

ବ୍ରଜିଲ୍ କର୍ତ୍ତୃପକ୍ଷ ଆମେରିକାର କାପିଟୋଲ ହିଲ୍ ଉପରେ ଟ୍ରମ୍ପ୍‌ଙ୍କ ସମର୍ଥକଙ୍କ ଆକ୍ରମଣ ଘଟଣାରୁ କିଛି ଶିଖିଲା ଭଳି ମନେହେଉ ନାହିଁ । କାରଣ ଟ୍ରମ୍ପ୍‌ଙ୍କ ଭଳି ବୋଲସୋନାରୋ ଆଉ ଜଣେ ଏକଜିଦିଆ ନେତା । ଏକଛତ୍ରବାଦର ଆଭିମୁଖ୍ୟ ରଖି ଗତି କରୁଥିବା ଏଇ ଧରଣର ନେତାମାନେ କ୍ଷମତାରୁ ଅପସରି ଯିବାକୁ ସାଧାରଣରେ ଗ୍ରହଣ କରିପାରି ନ ଥାନ୍ତି । ଲୁଲା କ୍ଷମତାକୁ ଆସିବା ବ୍ରାଜିଲ୍ ପାଇଁ ଶୁଭଙ୍କର କୁହାଯାଉଛି । ହେଲେ ବୋଲସୋନାରୋଙ୍କ ନକାରାତ୍ମକ ଚିନ୍ତାଧାରାକୁ ଲୁଲା ତାଙ୍କ ଶାସନର ପ୍ରତି ପଦକ୍ଷେପରେ ଜଗିବା ଆବଶ୍ୟକ । ଏହି ପରିପ୍ରେକ୍ଷୀରେ ବ୍ରାଜିଲ୍, ରୁଷିଆ, ଭାରତ, ଚାଇନା ଓ ଦକ୍ଷିଣ ଆଫ୍ରିକାକୁ ନେଇ ଗଠିତ 'ବ୍ରିକ୍ସ' ଅନ୍ତର୍ଜାତୀୟ ସ୍ତରରେ ଅନ୍ୟତମ ଶକ୍ତିଶାଳୀ ମଞ୍ଚ ହୋଇଥିବାରୁ ବ୍ରାସିଲିଆରେ କ୍ଷମତା ପାଇଁ ଦେଖାଦେଇଥିବା ବିଦ୍ରୋହକୁ ଅନ୍ତର୍ଜାତୀୟ ସମୁଦାୟ ସୂକ୍ଷ୍ମ ସ୍ତରରେ ଅନିଶା କରିବା ଦରକାର । ଇତିମଧ୍ୟରେ ସର୍ବାଧିକ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତ ଲୁଲାଙ୍କୁ ସମର୍ଥନ କରିଛି । ଅନୁରୂପ ଭାବେ ସର୍ବପୁରାତନ ଗଣତାନ୍ତ୍ରିକ ଦେଶ ଆମେରିକା ବୋଲସୋନାରୋ ସମର୍ଥକଙ୍କ କାର୍ଯ୍ୟକଳାପକୁ ନିନ୍ଦା କରିଛି । ଏବର ସମୟରେ ଗଣତନ୍ତ୍ରକୁ ସୁଦୃଢ଼ କରିବାକୁ ହେଲେ ବୋଲସୋନାରୋଙ୍କ ଭଳି ମାନସିକତା ପୋଷଣ କରୁଥିବା ନେତାଙ୍କୁ କ୍ଷମତାରୁ ଦୂରେଇ ରଖିବା ଆବଶ୍ୟକ ହୋଇପଡ଼ିଲାଣି ।

# ଅଣଦେଖା ଜଳଭଣ୍ଡାର

ପୁରାତନ ଯୁଗରୁ ନଦୀ ମାନବ ଜୀବନଜୀବିକା ଓ ପରିବେଶ ସୁରକ୍ଷାର ପ୍ରମୁଖ ଅଙ୍ଗ ଭାବେ ରହିଆସିଛି । ସମ୍ପ୍ରତି ଆଧୁନିକ ଯୁଗରେ କୃଷି, ଶିଳ୍ପ, ସ୍ୱାସ୍ଥ୍ୟ ଓ ଆର୍ଥିକ ବିକାଶ କ୍ଷେତ୍ରରେ ନଦୀଜଳର ବ୍ୟାପକ ବ୍ୟବହାର କରାଯାଉଛି । ଏହିସବୁ ଲକ୍ଷ୍ୟ ହାସଲ କରିବାରେ ଜଳଭଣ୍ଡାରରେ ଗଚ୍ଛିତ ଜଳର ଭୂମିକା ଅଧିକ । କିନ୍ତୁ ନିକଟରେ ଜାତିସଂଘର ଜଳ ପରିବେଶ ଓ ସ୍ୱାସ୍ଥ୍ୟ ସମ୍ପର୍କିତ ୟୁନିଭର୍ସିଟି ଇନ୍‌ଷ୍ଟିଚ୍ୟୁଟ(ୟୁଏନୟୁ-ଆଇଏନ୍‌ଡବ୍ଲ୍ୟୁଇଏଚ୍) ଦ୍ୱାରା ଜଳଭଣ୍ଡାରର ଜଳଧାରଣ କ୍ଷମତାକୁ ନେଇ ପ୍ରକାଶିତ ତଥ୍ୟ ଉଦ୍‌ବେଗଜନକ । ଏଥିରେ କୁହାଯାଇଛି ଯେ, ପୃଥିବୀର ପ୍ରାୟ ୫୦ ହଜାର ଜଳଭଣ୍ଡାର ଶଯ୍ୟା ମାଟି, ବାଲି ଗୋଡ଼ିରେ ପୋତି ହୋଇଯିବା ଯୋଗୁ ଏଗୁଡ଼ିକର ଜଳଧାରଣ କ୍ଷମତା ୧୩ରୁ ୧୯ ପ୍ରତିଶତ ହ୍ରାସ ପାଇଛି । ଫଳରେ ୧୫୦ ଦେଶର ୪୭,୪୦୩ ବୃହତ୍ ଡ୍ୟାମ୍‌ର ମୂଳ ଜଳଧାରଣ କ୍ଷମତା ୬,୩୧୬ ବିଲିୟନ ଘନ ମିଟର ହ୍ରାସ ପାଇ ୨୦୫୦ ସୁଦ୍ଧା ୪,୬୬୫ ବିଲିୟନ ଘନମିଟରରେ ପହଞ୍ଚିବ । ହ୍ରାସ ପାଇବାକୁ ଥିବା ୧,୬୫୧ ବିଲିୟନ ଘନ ମିଟର ଜଳ ଭାରତ, ଚାଇନା, ଇଣ୍ଡୋନେସିଆ, ଫ୍ରାନ୍ସ ଓ କାନାଡା ବର୍ଷକୁ ବ୍ୟବହାର କରୁଥିବା ଜଳ ପରିମାଣ ସହ ସମାନ । ଉଲ୍ଲେଖଯୋଗ୍ୟ ଯେ, ଏସିଆ ପ୍ରଶାନ୍ତ ମହାସାଗରୀୟ ଦେଶଗୁଡ଼ିକରେ ସବୁଠୁ ଅଧିକ ନଦୀବନ୍ଧ ରହିଛି । ୨୦୫୦ ସୁଦ୍ଧା ଉକ୍ତ ନଦୀବନ୍ଧଗୁଡ଼ିକର ଜଳଧାରଣ କ୍ଷମତା ଏକ ଚତୁର୍ଥାଂଶ ହ୍ରାସ ପାଇବ ବୋଲି ରିପୋର୍ଟରୁ ପ୍ରକାଶ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ଅଞ୍ଚଳରେ ବିଶ୍ୱ ଜନସଂଖ୍ୟାର ୬୦ ପ୍ରତିଶତ ଲୋକ ବାସ କରୁଛନ୍ତି । ଉକ୍ତ ରିପୋର୍ଟ ସ୍ପଷ୍ଟ କରିଛି ଯେ, ନଦୀଶଯ୍ୟା ପୋତି ହୋଇଯିବା କାରଣରୁ ୨୦୫୦ ସୁଦ୍ଧା ଭାରତର ପ୍ରାୟ ୩,୭୦୦ ନଦୀବନ୍ଧ ୨୬ ପ୍ରତିଶତ ଜଳଧାରଣ କ୍ଷମତା ହରାଇବ । ୨୦୧୫ରେ ମଧ୍ୟ କେନ୍ଦ୍ରୀୟ ଜଳ ଆୟୋଗ ରିପୋର୍ଟରେ ଦର୍ଶାଯାଇଥିଲା ଯେ ଭାରତର ୫୦ ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା ୧୫୦ ବୃହତ୍ ଜଳଭଣ୍ଡାର ମଧ୍ୟରୁ ଏକ ଚତୁର୍ଥାଂଶ ସେମାନଙ୍କ ମୂଳ ଜଳଧାରଣ କ୍ଷମତାର ୩୦ ପ୍ରତିଶତ ହରାଇ ସାରିଲେଣି । ଉକ୍ତ ଦୁଇ ରିପୋର୍ଟକୁ ଦେଖିଲେ ଭାରତ ଭବିଷ୍ୟତରେ ଗମ୍ଭୀର ଜଳ, ପରିବେଶ ଓ ଆର୍ଥିକ ସଙ୍କଟର ସାମ୍ନା କରିବାକୁ ଯାଉଥିବା ସଙ୍କେତ ମିଳୁଛି । ସଦ୍ୟତମ ହାଇଡ୍ରୋଲୋଜି ସର୍ଭେ ଅନୁଯାୟୀ ଏସିଆର ଦୀର୍ଘତମ ନଦୀବନ୍ଧ ହୀରାକୁଦର ଜଳଧାରଣ କ୍ଷମତା ୨୪ ପ୍ରତିଶତ କମିଛି ; ଯାହାର ପରିଣାମ ଏହାର ଅବବାହିକାରେ ଦେଖିବାକୁ ପାଉଛୁ ।

୨୦୫୦ ବେଳକୁ ଭାରତର ଲୋକସଂଖ୍ୟା ୧୬୦ କୋଟିକୁ ଟପିଯିବ ଏବଂ ସବୁ ଦିଗରୁ ଜଳ ଆବଶ୍ୟକତା ପୂରଣ କରିବା ଏକ ଆହ୍ୱାନ ହୋଇପାରେ । କାରଣ ନଦୀଜଳ ଭାରତର ଅର୍ଥ ବ୍ୟବସ୍ଥାର ଏକ ପ୍ରମୁଖ ସଞ୍ଚାଳକ । ସେହିଭଳି ଜଳଭଣ୍ଡାରରେ ଜଳ ପରିମାଣ କମିଲେ ଖାଦ୍ୟ, ଶକ୍ତି, ପରିବେଶ, ସ୍ୱାସ୍ଥ୍ୟ, ଆର୍ଥିକ ସୁରକ୍ଷା ଅତ୍ୟଧିକ ପ୍ରଭାବିତ ହେବ । ଗ୍ରମୀଣ ଅର୍ଥନୀତି ଭୁଶୁଡ଼ି ପଡ଼ିବ । ଭାରତରେ ଉଭୟ ଭୂପୃଷ୍ଠ ଓ ଭୂଗର୍ଭର ମୋଟ ୬୩୪ ବିଲିୟନ ଘନ ମିଟର ଜଳ ଶକ୍ତି, ଖାଦ୍ୟ, ଶିଳ୍ପ କ୍ଷେତ୍ରରେ ବ୍ୟବହାର ହେଉଛି ବୋଲି ନୀତି ଆୟୋଗ ପକ୍ଷରୁ କୁହାଯାଉଛି । କିନ୍ତୁ ଏହି ଆବଶ୍ୟକତା ବୃଦ୍ଧି ପାଇବା ଓ ଅନ୍ୟ ପକ୍ଷରେ ଜଳଭଣ୍ଡାରର ଜଳଧାରଣ କ୍ଷମତା କମିବା ନଶ୍ଚିତ ଭବିଷ୍ୟତ ପାଇଁ ବିପଦ । ବାସ୍ତବରେ ଭାରତରେ ଡ୍ୟାମ୍‌ଗୁଡ଼ିକ ସୁଦୃଢ଼ ହୋଇପାରୁନାହିଁ । ଏହା ବ୍ୟତୀତ ବିଭିନ୍ନ ସଂସ୍ଥା ଦ୍ୱାରା କରାଯାଇଥିବା ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ଭାରତର ନଦୀବନ୍ଧଗୁଡ଼ିକରେ ସେଡିମେଣ୍ଟେଶନ ସାଇନ୍ସକୁ କମ୍ ଗୁରୁତ୍ୱ ଦିଆଯାଉଛି । ଅର୍ଥାତ ଭାରତରେ ନଦୀଶଯ୍ୟା ଓ ଜଳଭଣ୍ଡାରଗୁଡ଼ିକକୁ ଦୀର୍ଘଦିନ ଧରି ସମ୍ପୂର୍ଣ୍ଣ ଭାବେ ଅଣଦେଖା କରାହୋଇଆସୁଛି । ୨୦୨୧ର ସରକାରୀ ତଥ୍ୟ ଅନୁଯାୟୀ ଦେଶରେ ୫,୨୬୪ ବୃହତ୍ ଡ୍ୟାମ୍ ଅଛି ଓ ଆଉ ୫୦୦ ନିର୍ମାଣ ଜାରି ରହିଛି । ଏହାବାଦ୍ ଅନେକ ହଜାର ମଧ୍ୟମ ଓ କ୍ଷୁଦ୍ର ଜଳଭଣ୍ଡାର କାର୍ଯ୍ୟକ୍ଷମ ଅଛି । ତଥାପି ଏବେ ଆମେ ଆବଶ୍ୟକ ପାନୀୟ ଜଳ ଯୋଗାଇବା ଲାଗି ଅକ୍ଷମ । ଜନସଂଖ୍ୟା ବୃଦ୍ଧି, ଆର୍ଥିକ ଅଭିବୃଦ୍ଧି, ଲୋକଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଓ ସହରୀକରଣ ଆଦି ଜଳନୀତିର ପ୍ରମୁଖ ଅଂଶ ହୋଇଛି । ଏ କ୍ଷେତ୍ରରେ ୨୦୧୮ରେ ନୀତି ଅୟୋଗଙ୍କ ଆକଳନ କହେ ଯେ, ୨୦୩୦ ସୁଦ୍ଧା ଭାରତର ଜଳ ଯୋଗାଣ ଚାହିଦା ୨ଗୁଣ ବଢ଼ିଯିବ । ତେବେ ଜଳଭଣ୍ଡାରରେ ଜଳ ବିନା ଯଦି ଧୋଇଲା ବାଲିମାଟି ଭର୍ତ୍ତି ହେବ ତେବେ ଭାରତ ଜଳବାୟୁ ପରିବର୍ତ୍ତନର ଆହ୍ୱାନଗୁଡ଼ିକୁ ମୁକାବିଲା କରି ଶତତ ବିକାଶ ଲକ୍ଷ୍ୟ ହାସଲ କରିବା ଅସମ୍ଭବ ହୋଇପଡ଼ିବ । ଏହାକୁ ଲକ୍ଷ୍ୟକରି ଏବେଠାରୁ ଅତିରିକ୍ତ ଜଳ ଗଚ୍ଛିତ କରିବା ଲଗି ନୂଆ ଯୋଜନା କରିବାକୁ ହେବ । ଏଥିରେ ଛୋଟ ଡ୍ୟାମ୍ ନିର୍ମାଣ, ବର୍ଷା ଜଳ ଅମଳ ଓ ଭୂତଳ ଜଳ ସ୍ତର ରିଚାର୍ଜ କରିବା କାର୍ଯ୍ୟକ୍ରମ ହାତକୁ ନେବାକୁ ପଡ଼ିବ ।



# ଆମ ସମ୍ବିଧାନପ୍ରଣେତାଙ୍କ ବିଲାତୀ ମନୋଭାବ

ସହଦେବ ସାହୁ

ଗତ ପ୍ରବନ୍ଧ 'ମୂଳ ଭାରତୀୟଙ୍କୁ ସମ୍ବିଧାନରେ ଉପେକ୍ଷା'ରେ ଆଲୋଚନା ଛଳରେ କହିଥିଲି କିପରି ଆମ ସମ୍ବିଧାନପ୍ରଣେତାମାନଙ୍କ ବିଲାତୀ ପାଠପଢ଼ା ସେମାନଙ୍କ ମାନସିକତାକୁ ଅଭାରତୀୟ କରିଦେଇଥିଲା – ତା' ପଢ଼ି କେତେକ ପାଠକ ମନ୍ତବ୍ୟ ଦେଇଛନ୍ତି ଏ ଆମ ମାଟିର ଗୁଣ । କେବେ ଆମେ ଆମ ମାଟିର ଗୁଣକୁ ବଦଳାଇବା ତାହା ନିର୍ଭର କରେ ଆମ ନେତାମାନଙ୍କ ଉପରେ । କେବଳ ବ୍ରିଟିଶ୍ ନୁହେଁ, ସବୁ ୟୁରୋପୀୟମାନେ ସେମାନଙ୍କ ଉପନିବେଶରେ (ଆମେରିକାରେ ବି) ମୂଳ ଅଧିବାସୀମାନଙ୍କୁ ଘୃଣା କରିଆସିଛନ୍ତି, ବାଧାଦେଇଥିବା ମୂଳଅଧିବାସୀମାନଙ୍କୁ ହତ୍ୟା କରିଛନ୍ତି ଏବଂ ସେମାନଙ୍କୁ 'ସଭ୍ୟ କରିବା' ପାଇଁ ସେମାନେ ଜନ୍ମ ହୋଇଛନ୍ତି ଭାବି ଖ୍ରୀଷ୍ଟଧର୍ମୀୟ ଢାଞ୍ଚାରେ ବିଦ୍ୟାଳୟ ମାନ ଖୋଲିଛନ୍ତି, ମୂଳଅଧିବାସୀମାନଙ୍କ ପିଲାମାନଙ୍କୁ ଜବରଦସ୍ତ ଟେକିଆଣି ପଢ଼ାଇଛନ୍ତି ଓ ଅମାନିଆମାନଙ୍କୁ ସ୍କୁଲ ଭୂଇଁରେ କବର ଦେଇଛନ୍ତି ବୋଲି କାନାଡାରୁ ଏବେ ତଥ୍ୟ ମିଳିଛି । ଆମ ସମ୍ବିଧାନର ପ୍ରଣେତାମାନଙ୍କ ମାନସିକତାକୁ ୟୁରୋପୀୟ ଶିକ୍ଷାର ଚିନ୍ତାଧାରା ପ୍ରଭାବିତ କରିଥିଲା, ସେମାନେ ବ୍ରିଟିଶ୍ ଶାସନ ସମୟର ଆଇନଗୁଡ଼ିକୁ ଆଦର୍ଶ ମନେକରୁଥିଲେ, ତେଣୁ ସମ୍ବିଧାନରେ ୨୧ଶ ଅଧ୍ୟାୟ (ପାର୍ଟ ଏକ୍ସଏକ୍ସଆଇ) ଯୋଡ଼ି 'ଟେମ୍ପରାରୀ, ଟ୍ରାଞ୍ଜିଶନାଲ୍ ଆଣ୍ଡ ସ୍ପେସାଲ୍ ପ୍ରୋଭିଜନ୍ସ' ଶିରୋନାମା ତଳେ ଆର୍ଟିକ୍ଲ ୩୭୨ ରଖିଦେଲେ, ଯାହା କହୁଛି ପୂର୍ବରୁ ଚାଲିଆସିଥିବା ସବୁ ଆଇନ ପୂର୍ବବତ୍ ଚାଲୁ ରହିବ । ତାହା ସବୁ ଦମନକାରୀ ବ୍ୟବସ୍ଥାରେ ବି ଥିଲା ବୋଲି ପ୍ରଣେତାମାନେ ଭାବିଲେ ନାହିଁ । ସମ୍ବିଧାନ ତିଆରି କରି ଆମ ନେତାମାନେ ଶାସନପଦ୍ଧତିକୁ 'ରିପବ୍ଲିକ୍' କରିଦେଲେ, ମାନେ ଆମେ ଆମର ଦେଶମୁଖ୍ୟଙ୍କୁ ବାଛିବୁ, ସେତେବେଳର ବ୍ରିଟିଶ୍ ରାଣୀ ଆମର ରାଷ୍ଟ୍ରମୁଖ୍ୟ ରହିବେ ନାହିଁ । ମାତ୍ର ଯେଉଁସବୁ କଳା ଆଇନ ବିରୁଦ୍ଧରେ ଆମ ସ୍ୱାଧୀନତା ସଂଗ୍ରାମୀମାନେ ଲଢୁଥିଲେ ତାହା ସବୁ ରହିଗଲା । ଗତ ଡିସେମ୍ବର ୨୨ରେ ଲୋକ ସଭାରେ 'ଜନ ବିଶ୍ୱାସ ବିଲ୍' ଉପସ୍ଥାପନ କରି କେନ୍ଦ୍ରମନ୍ତ୍ରୀ ପୀୟୁଷ ଗୋଏଲ କହିଛନ୍ତି – ଆଗରୁ ଯେପରି ସାଧାରଣ ଲୋକଙ୍କୁ ବିଶ୍ୱାସକୁ ନିଆଯାଉ ନ ଥିଲା ଏବଂ ଛୋଟ ଛୋଟ ଭୁଲ୍ ପାଇଁ ସେମାନଙ୍କୁ ଦଣ୍ଡିତ କରାଯାଉଥିଲା ତାହାର ସଂଶୋଧନ ଦରକାର । ସ୍ୱାଧୀନତାଲାଭର ୭୫ ବର୍ଷ – ଅମୃତ ମହୋତ୍ସବ – ପାଳନ ଅବସରରେ ଆମ ନେତାମାନେ ବିଲାତୀମନୋଭାବର ପ୍ରାୟଶ୍ଚିତ୍ତ କରୁଛନ୍ତି ।

ଚାରି ପାଞ୍ଚ ହଜାର ବର୍ଷ ତଳର ତଥାକଥିତ ଆର୍ଯ୍ୟମାନେ ଭାରତଭୂଖଣ୍ଡରେ ଢୁହାକୁ ଢୁହା ପ୍ରବେଶ କରୁଥିବା କାଳରେ ମୂଳ ଅଧିବାସୀମାନଙ୍କୁ ତଡ଼ିଥିବେ, ପ୍ରକୃତି ସହିତ ମିଳିମିଶି ଚଳୁଥିବା ସେହି ଲୋକେ ଅଭ୍ୟନ୍ତର ପାହାଡ ଜଙ୍ଗଲରେ ଲୁଚିବାକୁ ବାଧ୍ୟ ହେଲେ । ଅପହଞ୍ଚ ଇଲାକାରେ ଓ ପ୍ରକୃତି କୋଳରେ ସେମାନେ ବଢ଼ିଲେ ; ବ୍ରିଟିଶ୍‌ମାନେ ସେମାନଙ୍କୁ ଆନିମିଷ୍ଟ (ପ୍ରକୃତି-ଧର୍ମୀ) ଅଭିହିତ କଲେ । ଆତ୍ମରକ୍ଷା ପାଇଁ ଲୁଚିରହୁଥିବା ଲୋକେ ବାହାରର ଲୋକଙ୍କୁ ଶତ୍ରୁ ମନେକରି ମାରିଗୋଡ଼ାଉଥିଲେ । ସେମାନଙ୍କର ଏପରି ସ୍ୱଭାବର କାରଣ ନ ବୁଝି ଇଂରେଜ ଶାସକମାନେ ସେମାନଙ୍କୁ ଜନ୍ମଗତ ଅପରାଧୀ ଘୋଷଣା କରି ୧୮୭୧ର କ୍ରିମିନାଲ୍ ଟ୍ରାଇବ୍‌ସ ଆକ୍ଟ ପାସ୍ କରିନେଲେ । ସେ ଆକ୍ଟକୁ ଆମ ସମ୍ବିଧାନପ୍ରଣେତାମାନେ ସମ୍ବିଧାନର ଧାରା ୩୭୨ରେ ବଳବତ୍ତର ରଖିଲେ । ଆମ ଦେଶକୁ ଲୁଟ୍ କରୁଥିବା ସ୍ୱୟଂ ବ୍ରିଟିଶ୍‌ମାନେ ଏହି ମର୍ମରେ କ୍ରିମିନାଲ ଟ୍ରାଇବ୍ ହେବା କଥା ! ୧୯୧୯ରେ ମଣ୍ଟେଗୁ ଚେମ୍‌ସ୍‌ଫୋର୍ଡ ରିଫର୍ମ ଆସିଲା ପର୍ଯ୍ୟନ୍ତ ଅନ୍ୟ ଆଦିବାସୀଙ୍କୁ ଆଉଟ୍‌କାଷ୍ଟ ବା ଗୋଠଛଡ଼ା ଧରାଯାଉଥିଲା, ସେମାନେ ତାଲିକାଭୁକ୍ତ ସମ୍ପ୍ରଦାୟ ଓ ଦଳିତମାନେ ତାଲିକାଭୁକ୍ତ ଜାତି (ସ୍କିଡୁଲ୍‌ଡ ଟ୍ରାଇବ୍ ଓ କାଷ୍ଟ) ହୋଇଗଲେ । ୧୯୩୫ର ଗଭର୍ନମେଣ୍ଟ ଆକ୍ଟରେ ତାହା ହିଁ ରହିଲା । ଆମ ସମ୍ବିଧାନ ପ୍ରଣେତା ଭାରତୀୟ ସାହେବମାନେ ନୀଚ ଜାତିକୁ ସ୍କିଡୁଲ୍‌ଡକାଷ୍ଟ ରଖିଦେଲେ । ମହାତ୍ମା ଗାନ୍ଧୀ ସ୍କିଡୁଲ୍‌ଡକାଷ୍ଟ ଲୋକଙ୍କୁ ହରିଜନ ନାମ ଦେଲା ବେଳେ ଆମ୍ବେଡକର ପ୍ରତିବାଦ କରିଥିଲେ ଯେ ହରିଙ୍କ ଜନ କହି ସେମାନଙ୍କୁ ଭଣ୍ଡାଯାଉଛି । ସୁପ୍ରିମ୍ କୋର୍ଟ ୧୯୮୨ ମାର୍ଚ୍ଚ ୧୭ର ଏକ ରାୟରେ 'ହରିଜନ ଏକ ଅପମାନ ସୂଚକ ଶବ୍ଦ' କହିବା ପରଠାରୁ ହରିଜନ ଶବ୍ଦ ଲଗାଯାଉନାହିଁ । ସ୍ୱାଧୀନତାର ୫ ବର୍ଷ ପରେ ୧୯୫୨ ଅଗଷ୍ଟ ୩୧ରେ ହିଁ ଆମର ସାଧାରଣତନ୍ତ୍ର ସରକାର ଟ୍ରାଇବ୍‌ସମାନଙ୍କୁ କ୍ରିମିନାଲ୍ କୁହାଯିବ ନାହିଁ ବୋଲି ନୋଟିଫିକେସନ କଲେ । କିନ୍ତୁ ଦାଗ ରହିଗଲା, ଏବେ ବି ଆମେ ସେମାନଙ୍କୁ ଘୃଣା ଚକ୍ଷୁରେ ଦେଖୁଛୁ !

ବ୍ରିଟିଶ୍ ଶାସକମାନେ ଦେଖିଲେ ଭାରତୀୟମାନଙ୍କ ଭିତରେ ଜାତି ଜାତି ଭେଦରେ ଅସୂୟା ଭାବ ଅଛି, ତେଣୁ 'ଡିଭାଇଡ୍ ଆଣ୍ଡ ରୁଲ୍' ନୀତି ଗ୍ରହଣ କଲେ । ଦୁଃଖର କଥା ଆମର ଧର୍ମଗ୍ରନ୍ଥମାନ ସେମାନଙ୍କୁ ସାହାଯ୍ୟ କଲା– ଜାତିପ୍ରଥା ହେଉଛି ଭଗବାନଙ୍କ ଡିଜାଇନ୍ (ଚାତୁଃବର୍ଣ୍ଣମ୍ ମୟା ସୃଷ୍ଟମ୍ ଗୁଣକର୍ମବିଭାଗଶଃ), କାଳକ୍ରମେ ବାପା ଯାହା କରୁଥିଲା ପିଲା ସେଇଆ କରିବା କଥା ବୋଲି ପଣ୍ଡିତମାନେ କହିଦେଲେ– ତାହା ହିଁ ଜାତି ତିଆରି କଲା । ସଫାସୁତରା ରଖିବା କାମ କରୁଥିବା ଲୋକେ ଘୃଣ୍ୟ ହୋଇଗଲେ, କେତେକ ଅସ୍ପୃଶ୍ୟ ହୋଇଗଲେ । ହଜାର ହଜାର ବର୍ଷ ଧରି ଶୂଦ୍ରମାନଙ୍କୁ ଦାସ ଭଳି ଖଟାଇ ଉଚ୍ଚ ଜାତିର ଲୋକେ ସେମାନଙ୍କଠୁ ମାନବ ଅଧିକାର ଛଡ଼ାଇ ନେଲେ ! ମଝିରେ ମଝିରେ ସଂସ୍କାରକ ସାଧୁମାନେ ବାହାରି ଆମ ସମାଜରେ ଅସମାନତା ଦୂର କରିବା ପାଇଁ ଚେଷ୍ଟା କରିଥିଲେ ବି ଜାତିପ୍ରଥା ଦୂର ହେଲାନାହିଁ । ଜାତିଆଣ ପ୍ରଥା ବିରୁଦ୍ଧରେ ବୌଦ୍ଧ, ଜୈନ ଓ ଶିଖଧର୍ମ ବାହାରିଥିଲେ ବି ଭାରତୀୟ ସମାଜ ବଦଳିନାହିଁ । ବ୍ୟବସାୟ କରିବାକୁ ଆସିଥିବା ବିଲାତୀ ଲୋକେ ଯେତେବେଳେ ଶାସନଭାର ନେଇଗଲେ ଅବହେଳିତ ଜାତିର ଲୋକଙ୍କୁ ସାଗରପାରି କୃଷିକାର୍ଯ୍ୟରେ ଶ୍ରମିକ ଭାବେ ଖଟାଇବାର ଚେଷ୍ଟା କଲେ । ଆମେରିକାରେ ନିଗ୍ରୋମାନଙ୍କୁ କ୍ରୀତଦାସ କରିବାର ପ୍ରଥା ୧୮୩୩ ବେଳକୁ ଉଠିଯାଇଥିଲା, ଏପରି କି ବିଲାତରେ ଏହି ଦାସତ୍ୱ ପ୍ରଥା ବିରୁଦ୍ଧରେ ଆନ୍ଦୋଳନ ଆରମ୍ଭ ହୋଇଯାଇଥିଲା । ବିଲାତୀ ବଣିକମାନେ ଇଣ୍ଡେଞ୍ଚର୍ଡ ଲେବର୍ (ଚୁକ୍ତିଭିତ୍ତିକ ଶ୍ରମିକ) ନାମରେ ଭାରତରେ ମାନବ ଚାଲାଣ ଚାଲୁ କରିଦେଲେ, ତାହା କ୍ରୀତଦାସ ପ୍ରଥାଠାରୁ କମ୍ ନ ଥିଲା, କାରଣ ଚୁକ୍ତି ସରିଗଲା ପରେ ସେମାନଙ୍କୁ ଭାରତ ଫେରାଇ ଆଣିବାର ବ୍ୟବସ୍ଥା କରାଗଲାନାହିଁ । ଔପନିବେଶିକ ଶକ୍ତିମାନେ ୧୮୩୮ରୁ ୧୯୧୬ ଭିତରେ ପ୍ରାୟ ୧୨ ଲକ୍ଷ ଦଳିତ ଭାରତୀୟଙ୍କୁ ଦରିଆପାରି ଉପନିବେଶକୁ ଚାଲାଣ କରିଥିଲେ । ଏବେ ଆମେ ଗର୍ବ କରୁଛୁ ଯେ ଫିଜି, ଗୁଆନା, ଜାମାଇକା, ମରିସସ୍, ନାଟାଲ, ରିୟୁନିୟନ, ସୁରିନାମ୍, ତ୍ରିନିଦାଦ୍ ଭଳି ଦେଶମାନଙ୍କରେ ପ୍ରବାସୀ ଭାରତୀୟମାନେ (ଇଣ୍ଡେଞ୍ଚର୍ଡ ଲେବର୍‌ମାନଙ୍କ ଦାୟାଦମାନେ !) ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି ଭଳି ଉଚ୍ଚତମ ପଦ ଲାଭ କରିପାରିଛନ୍ତି । କାରଣ ସେଠାରେ ଜାତିଭେଦରେ ଅବହେଳା ନାହିଁ । ଏବେ ଯେଉଁ ପ୍ରବାସୀମାନେ ଯୁକ୍ତରାଷ୍ଟ୍ର ଆମେରିକାରେ ପ୍ରାଧାନ୍ୟ ବିସ୍ତାର କରିଛନ୍ତି ସେମାନେ ଭାରତରେ ଥିଲେ ଏପରି ହୋଇଥାନ୍ତେ କି ବୋଲି ସନ୍ଦେହ ହେଉଛି । ଏସବୁର କାରଣ ଭାରତର 'ସନାତନ' (ଅର୍ଥ ପରମ୍ପରା) ଧର୍ମ ସୋସିଆଲ ମୋବିଲିଟି (ଉପରକୁ ଉଠିବାର ସୁଯୋଗ) ଯୋଗାଏନାହିଁ । ଏ ତ ଆମ ମାଟିର ଗୁଣ ! ଆମ ସମ୍ବିଧାନ-ପ୍ରଣେତାମାନଙ୍କ ଔପନିବେଶିକ ମନୋଭାବ ଆମ ସମ୍ବିଧାନକୁ ଉଚ୍ଚ ବଂଶଜ ହିନ୍ଦୁମାନଙ୍କ ଦଲିଲ କରିଦେଇଛି ! ଯେ ପର୍ଯ୍ୟନ୍ତ ଆମ ନେତାଏ ଏ ମନୋଭାବ ନ ଛାଡ଼ିଛନ୍ତି ସେ ଯାଏ ଆମ ଦେଶର ୬୦%ରୁ ବେଶି ଲୋକେ ଅବହେଳାର ଶିକାର ହୋଇ ରହିଥିବେ ।



sahadevas@yahoo.com



# ଭଣ୍ଡ ଦର୍ଶନ

ହରେକୃଷ୍ଣ ଦାସ

ଛଦ୍ମ ମୁନିବେଶ ଧାରଣ କରି ରାବଣ ସୀତାଙ୍କ ହରଣ କଲା ପରେ ଏବଂ ମାରିଚ ରାକ୍ଷସ ସୁନା ହରିଣ ରୂପ ଧାରଣ କରି ଶ୍ରୀରାମଙ୍କ ବୁଦ୍ଧି ଭ୍ରଂଶ କଲା ପରେ ଅନ୍ତତଃ ଏ କଥାଟି ସ୍ପଷ୍ଟ ହୋଇଗଲା ଯେ ଚତୁରତାର ସହ ଛଳନାପୂର୍ଣ୍ଣ ଅଭିନୟ କରିପାରିଲେ ଜଣେ ବୁଦ୍ଧିମାନ ଲୋକକୁ ବି ଧୋକା ଦିଆଯାଇପାରେ । ଏ କଥା ଅବଶ୍ୟ ଭିନ୍ନ ଯେ ଶ୍ରୀରାମଙ୍କର ଏଭଳି ଆଚରଣ ପାଇଁ 'ବିନାଶ କାଳେ ବିପରୀତ ବୁଦ୍ଧି' ଉକ୍ତିଟିକୁ ତାଙ୍କ ସପକ୍ଷରେ ସଫେଇ ଆକାରରେ ପ୍ରଦାନ କରାଯାଏ । କିନ୍ତୁ ଅସଲ କଥା ହେଲା ଛଦ୍ମବେଶ ଧାରଣ କରି ଜଣେ ବୁଦ୍ଧିମାନ ଲୋକକୁ ମଧ୍ୟ ବୋକା ବନେଇ ଦିଆଯାଇପାରେ । ଏଇ କାରଣରୁ ଅନେକ ଲୋକଙ୍କର ଭଣ୍ଡ ଚେହେରା ସହଜରେ ଧରାପଡ଼େନି ଏବଂ ସମାଜ ଆଖିରେ ସେମାନେ ଅତ୍ୟନ୍ତ ସାଧୁ ପ୍ରକୃତିର ହୋଇଥିବା ପରିଚୟ ହାସଲ କରିପାରନ୍ତି ।

ବନ୍ଧୁ ଜଣକ କଥା କଥାକେ ସଂସାର ଓ ଜୀବନର ଅଳିକତା ବିଷୟରେ ବିଭିନ୍ନ ଶ୍ଳୋକ ଆବୃତ୍ତି କରି ଦାର୍ଶନିକ ଭାଷଣ ମାରି ନିଜକୁ ଏମିତି ନିରାସକ୍ତ ଦେଖେଇ ହୁଅନ୍ତି ସତେ ଯେମିତି ବୈରାଗ୍ୟ ଜର୍ଜରିତ ଜ୍ଞାନୀ ସନ୍ଥ ଜଣେ । କିନ୍ତୁ ଗୋଟେ ଭାବବିହ୍ୱଳ ମୁହୂର୍ତ୍ତରେ ଆମେ ପରସ୍ପରର ପାରିବାରିକ ଜୀବନର ଭଲମନ୍ଦ କଥା ହେଲାବେଳେ ବନ୍ଧୁଙ୍କ ଆଖି ଓଦା ହୋଇଯିବା ଦେଖି କାରଣ ପଚାରିବାରୁ ସେ ଯାହା ବଖାଣିଲେ, ସେସବୁ ଶୁଣି ଦୁଃଖ ଯେତିକି ଲାଗିଲା ତାଙ୍କ ପ୍ରତି ଦୟା ସେତିକି ଆସିଲା । ତାଙ୍କ ସ୍ତ୍ରୀ ଖୁବ୍ ଜିଦଖୋର, ସନ୍ଦେହୀ ଓ ସ୍ୱେଚ୍ଛାଚାରୀ । ଏମିତିକି ତାଙ୍କ ମୁଡ୍ ଠିକ୍ ନ ଥିଲେ ରୋଷେଇବାସ କରନ୍ତିନି, କରିଥିଲେ ବି ସ୍ୱାମୀଙ୍କୁ ଖାଇବାକୁ ଦିଅନ୍ତିନି । ଅଳ୍ପ ବୟସର ପୁଅ ତା' ବାପାଙ୍କୁ ଡରାଇ ଧମକାଇ ନିଜ ଇଚ୍ଛାରେ ସମୟ ବରବାଦ କରୁଛି । ଏ ଉଭୟଙ୍କର ଉତ୍ପାତରେ ଅତିଷ୍ଠ ହେଇ ବନ୍ଧୁ ଜଣକ ମାନସିକ ସ୍ତରରେ ରୁଗ୍ଣ । ତାଙ୍କର ଏ ଅବସ୍ଥା ହେଉଛି କାହାକୁ ଦେଖେଇ ହେଉ ନ ଥିବା ଅଜାଗା ଘାଆ ବୋଲି କହି ବନ୍ଧୁ ଆଖି ପୋଛିଲେ । ପରିସ୍ଥିତି ହାଲୁକା କରିବାକୁ ଯାଇ କହିଲି "ଏତେ ସିରିୟସ ହୁଅନି । ଏମିତିଆ କାହାଣୀ ସମସ୍ତଙ୍କ ଘରେ ଅଛି । ହେଲେ ତମେ ଯେମିତି ଜ୍ଞାନ ଚର୍ଚ୍ଚା କର, ଶୁଣିଲେ ଲାଗେ ଯେ ତମେ ହଉଛ ସଂସାରରେ ଥିବା ଗୋଟେ ଯୋଗୀ । ତମର କିଛି ଦୁଃଖ ଥିଲାଭଳି ଲାଗେନି ।" ଲାଗିବ କେମିତି ? ଫୁଟାଣି ଦେଖେଇ ଗୁଡ଼ାଏ ଗପି, ଭିତରେ ସବୁ କଷ୍ଟକୁ ଚାପି ରଖିବାକୁ ଚେଷ୍ଟା କରୁଛି ।

ବନ୍ଧୁ ଜଣକ ନିଜକୁ ବିଦ୍ୱାନ ଦେଖେଇବାକୁ ଚେଷ୍ଟା କରି ଅନେକ ସମୟରେ ବିଭିନ୍ନ ବିଷୟରେ ଲେଖନ୍ତି ଯଦିଓ ସେସବୁ ଉଚ୍ଚମାନର ହୋଇପାରେନି । ଅନ୍ୟମାନଙ୍କ ଲେଖାପଢ଼ା ତଥା ଏଥି ସମ୍ପର୍କିତ ସଫଳତା ପ୍ରତି ନିଜର ଈର୍ଷା ଅସୂୟାକୁ ଲୁଚେଇ ରଖି ସେମାନଙ୍କ ପ୍ରତି ସମ୍ବେଦନଶୀଳ ବୋଲି ଦେଖେଇ ବେଳେବେଳେ କହନ୍ତି, "ଏତେ ଲେଖାଲେଖିରେ ମାଟି ଦେହ ଉପରେ କାହିଁକି ଅତ୍ୟାଚାର କରୁଛ ? ଅସଲ ଜ୍ଞାନ ପଛରେ ଧାଇଁଲେ ଜାଣିବ ଯେ ଏ ସବୁ



ମାନସମ୍ମାନ, ପୁରସ୍କାର, ପ୍ରତିଷ୍ଠା ପୂରା ମୂଲ୍ୟହୀନ । ଏ ଭ୍ରମ ପଛରେ କାହିଁକି ପଡ଼ିଛ ? ଦେହର ଯତ୍ନ ନିଅ, ସୁସ୍ଥ ରୁହ ।" ଖୁବ୍ ଚତୁରତାର ସହିତ ସେ ନିଜ ବିଫଳତାଜନିତ କ୍ଷୋଭ ଓ ଅସହିଷ୍ଣୁତାକୁ ନିଜ ବାକଚାତୁରିରେ ଲୁଚାଇବାକୁ ଚେଷ୍ଟା କରନ୍ତି । ଅନେକ ସମୟରେ ବାକପଟୁତା ବଳରେ ସେ ଲୋକଙ୍କୁ ପ୍ରଭାବିତ କରି ନିଜ ପାଇଁ ମିଛ ପରିଚୟ ତିଆରି କରିପାରନ୍ତି । ବନ୍ଧୁଙ୍କ ଚରିତ୍ରର ଏ ବାସ୍ତବତା ମୁଁ ଜାଣେ ବୋଲି କେବେ ତାଙ୍କୁ ସୂଚାଇ ଦେବାକୁ ଇଚ୍ଛା କରେନି । ତେଣୁ ସେ ବି ଏ ଭ୍ରମରେ ଥିଲେ ଯେ ତାଙ୍କ ମିଛ ପରିଚୟକୁ ତାଙ୍କ ବାସ୍ତବ ଚରିତ୍ର ବୋଲି ହୁଏତ ମୁଁ ମାନି ନେଇଥିବି । ଆଜି ନିଜ ବାସ୍ତବତାର ଦୟନୀୟ ଚିତ୍ର ସେ ମୋ ସାମ୍ନାରେ ରଖିବା ବେଳେ ମୁଁ ତାଙ୍କୁ ଉପହାସ କରିପାରୁ ନ ଥାଏ, ବରଂ ତାଙ୍କ ପ୍ରତି ସ୍ୱତଃ ସମବେଦନା ଚାଲିଆସିଲା ।

ଆମ ଗପସପର ବିବରଣୀ ଶୁଣିବା ପରେ ଝିଅ ପଚାରିଲା, "ସତରେ କ'ଣ ଲୋକମାନେ ବାହାରକୁ ଯାହା ଦେଖା ଯାଆନ୍ତି ଭିତରେ ସେୟା ନୁହନ୍ତି ? ମୁଁ ଭାବୁଥିଲି ଏସବୁ କେବଳ ଫିଲ୍ମରେ ଥାଏ ବୋଲି ।" ହଁ, ଫିଲ୍ମର ଷ୍ଟୋରି ସବୁ ଆଉ କୋଉଠୁ ଆସେ କି ? ଗୁଡ଼ାଏ ଲୋକ ଅନ୍ୟମାନଙ୍କ ପାଖରେ ନିଜକୁ ଧର୍ମାବତାର ବୋଲି ଦେଖେଇ ହୁଅନ୍ତି । କିନ୍ତୁ ପ୍ରକୃତରେ ସେମାନେ ପାପୀ ହୋଇଥିବେ । ଅନ୍ୟମାନଙ୍କ ସୁଖ ଶାନ୍ତି ସହି ନ ପାରି ଈର୍ଷାରେ ଜଳୁଥିବେ, ସେମାନଙ୍କୁ କେମିତି ଖାଲରେ ପକେଇବେ ସେଇ ଯୋଜନାରେ ମାତିଥିବେ । ମୁଁ କାହାର ମିଛ ସହିପାରେନି କହୁଥିବା ଲୋକଟା ପ୍ରକୃତରେ ପରମ ମିଛୁଆ ହାଇଥିବ । ଏଭଳି ଲୋକଙ୍କଠାରୁ ଦୂରେଇ ରହିବା ଦରକାର । ଅଧିକାଂଶ ଲୋକ ଜହ୍ନ ଭଳିଆ ନିଜ ଅନ୍ଧାରୀ ଦିଗ ଲୁଚେଇ ବାହାରକୁ କେବଳ ସଫା ଦେଖେଇ ହୁଅନ୍ତି । ବାହାରେ ଖୁବ୍ ଦରଦି ଓ ମେଳାପି ବୋଲାଉଥିବା ଲୋକ ଯେ ପ୍ରକୃତରେ କେମିତି ରୁକ୍ଷ ଓ ଅବିବେକୀ ଭଳି ଆଚରଣ କରେ, ସେ କଥା କେବଳ ତା' ଘର ଲୋକ ହିଁ ଜାଣନ୍ତି । ଏଗୁଡ଼ାକ ସବୁ ଭଣ୍ଡ ।

କାହାର କଅଁଳ, ଆତ୍ମୀୟତା ଭରା କଥା କି ତା'ର ଚିକ୍କଣ ବାଆଜିଆ ବେଶଭୂଷାକୁ ତା'ର ପ୍ରକୃତ ପରିଚୟ ନ ଭାବି ତା'ର ଅନ୍ତର ପଢ଼ିବାକୁ ଚେଷ୍ଟା କରିବା ଉଚିତ । ନ ହେଲେ ଠକି ହେଇଯିବା ନିଶ୍ଚିତ । ଆମ ଗାଁର ସୁର ସାର୍‌ଙ୍କୁ ମନେରଖିଛୁ ? ଦେଖିଲେ ଧାର୍ମିକ ଲାଗନ୍ତି । ତାଙ୍କ ପୁଅ ବି ଗାଁରେ ଗୋଟେ ମନ୍ଦିର ତୋଳିଛନ୍ତି ନା ? ରୁଦ୍ରାକ୍ଷ ମାଳ ପକେଇ, ଗୁଡ଼ାଏ ଚିତା ଚଇତନ ହେଇ ପ୍ରବଚନ ଦେଉଥିବା ସୈତାନ ସେ । ଗୋଟେ ଗାଁରେ ପ୍ରବଚନ ଶେଷରେ ଅନୈତିକ କାର୍ଯ୍ୟରେ ଧରାପଡ଼ିଥିଲା । ତା' ପୁଅ ବି ସେମିତି ପାକିସ୍ତାନୀ ଏଜେଣ୍ଟଙ୍କୁ ଆମ ସିକ୍ୟୁରିଟି ତଥ୍ୟ ବିକି ପୁଳାଏ ଟଙ୍କା ଆଣି ଚାକିରି ଛାଡ଼ି ଚାଲିଆସି ସେଇ ଟଙ୍କାରେ ମନ୍ଦିର ତୋଳି ବଦାନ୍ୟ ଦେଖେଇ ହେଉଥିଲା । କିନ୍ତୁ ବିନାଶ କାଳେ ବିପରୀତ ବୁଦ୍ଧି ଘୋଟିବାର ଫଳ ବାପ ମାଡ଼ଖାଇ ଭୋଗିଲା, ପୁଅ ଜେଲ ଯାଇ ଭୋଗିଲା ।' ଏକଥା ଶୁଣି ଝିଅ କହିଲା, 'ଏଥର ବୁଝିଲି, ଭଣ୍ଡ ଦର୍ଶନ କହିବା ଦ୍ୱାରା ସେଦିନ ତମେ କ'ଣ ବୁଝେଇବାକୁ ଚାହୁଁଥିଲ ।'

ଅଧ୍ୟାପକ, ଇଂରାଜୀ ବିଭାଗ
ନିଆଳି କଲେଜ
ମୋ:୯୮୬୧୩୪୫୬୫୮

## ଏଇ ଭାରତରେ

ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ବର୍ଷ କି ଦୁଇ ବର୍ଷ ନୁହେଁ ତାରିଖ ପରେ ତାରିଖ ଗଡ଼ି ୭୦ ବର୍ଷ ଧରି ବିଚାରାଧୀନ ରହିଛି ମହାରାଷ୍ଟ୍ରର ଏକ ମାମଲା । ୭୦ ବର୍ଷ ତଳେ ଯେତେବେଳେ ଏହି ମାମଲା ଦାଏର କରାଯାଇଥିଲା, ସେତେବେଳେ ବର୍ତ୍ତମାନ ସୁପ୍ରିମକୋର୍ଟରେ କାର୍ଯ୍ୟ କରୁଥିବା କୌଣସି ବିଚାରପତି ଜନ୍ମ ହୋଇ ନ ଥିଲେ । ଏବେ ସୁପ୍ରିମକୋର୍ଟରେ ୨୭ ଜଣ ବିଚାରପତିଙ୍କ ମଧ୍ୟରୁ ଜଷ୍ଟିସ ଏସ୍‌ସି ଗୁପ୍ତାଙ୍କ ବୟସ ସର୍ବାଧିକ । ୧୫ ମେ ୧୯୫୮ରେ ଜଷ୍ଟିସ ଗୁପ୍ତା ଜନ୍ମ ଗ୍ରହଣ କରିଥିଲେ । ଏହି ଆପରାଧିକ ମାମଲା ମହାରାଷ୍ଟ୍ରର ରାୟଗଡ଼ ପୋଲିସ ଦ୍ୱାରା ୧୮ ମଇ ୧୯୫୩ରେ ପଞ୍ଜୀକୃତ ହୋଇଥିଲା । ଅର୍ଥାତ୍ ଜଷ୍ଟିସ ଗୁପ୍ତାଙ୍କ ଜନ୍ମଠାରୁ ଉକ୍ତ ଆପରାଧିକ ମାମଲା ୫ ବର୍ଷର ପୁରୁଣା । ଆଶ୍ଚର୍ଯ୍ୟର କଥା ଉକ୍ତ ମାମଲା ୯ ଫେବୃୟାରୀରେ ଶୁଣାଣି ହେବା ଲାଗି ତାରିଖ ଧାର୍ଯ୍ୟ ହୋଇଛି ।

## ୨୫ ବର୍ଷ ତଳର ଧରିତ୍ରୀ

୧୧ ଜାନୁୟାରୀ ୧୯୯୮

- ଉତ୍ତର ଚୀନର ହେନେଇ ପ୍ରଦେଶରେ ଭୂମିକମ୍ପ ଘଟି ୪୬ ଜଣଙ୍କ ପ୍ରାଣହାନି ।
- ଉତ୍ତର କଲମ୍ବିଆରେ ରାଜନୈତିକ ସଂଘର୍ଷ ଘଟି ନିରାପତ୍ତା କର୍ମଚାରୀ, ଗେରିଲା ଓ ୧୨ ନାଗରିକଙ୍କ ସମେତ ୨୪ ଜଣଙ୍କ ମୃତ୍ୟୁ ।

## ଚିରନ୍ତନୀ

ସେ କିବା ମୋହର ପ୍ରଥମ ଆଲୋକ-କଥା
ଅନନ୍ତ ଯୁଗର ଆଦିମ ଏକ ବାରତା
ପ୍ରାଚୀନତମ ସେ ପ୍ରାଣର ପରାସ
ଅସୀମ କାଳର ଏକ ଇତିହାସ,
ଅତଳୁଁ ଅତଳେ ଲୁଚିଛି କାହିଁ ସେ ବ୍ୟଥା
ସଞ୍ଜ ଆକାଶେ ଶୁଣିଲି ଆଜି ଯେ କଥା !
-(ଲୋହିତ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | | | | | | | 7 | 3 |
| | | 2 | | | | 1 | | 9 |
| 6 | 1 | | | 8 | | | | |
| | 3 | | | | | | | |
| | | | | | 2 | 6 | 3 | |
| 7 | | | | | 1 | 4 | | |
| | 7 | | | | | | 2 | |
| | | | | | 9 | | 1 | |
| | | 9 | 7 | 3 | | | 8 | |

ବାମ ପାର୍ଶ୍ୱରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

| | | | | | | | | |
|---|---|---|---|---|---|---|---|---|
| 3 | 1 | 8 | 2 | 5 | 7 | 6 | 4 | 9 |
| 4 | 9 | 6 | 1 | 8 | 3 | 7 | 2 | 5 |
| 2 | 7 | 5 | 6 | 4 | 9 | 8 | 1 | 3 |
| 8 | 3 | 9 | 4 | 7 | 2 | 5 | 6 | 1 |
| 1 | 2 | 4 | 5 | 3 | 6 | 9 | 8 | 7 |
| 5 | 6 | 7 | 9 | 1 | 8 | 2 | 3 | 4 |
| 9 | 5 | 3 | 8 | 2 | 4 | 1 | 7 | 6 |
| 6 | 4 | 2 | 7 | 9 | 1 | 3 | 5 | 8 |
| 7 | 8 | 1 | 3 | 6 | 5 | 4 | 9 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବ୍ୟାଘ୍ର ପ୍ରକଳ୍ପ ଏବେ ସଙ୍କଟରେ

ମହାଶୟ, ଅର୍ଥାଭାବରୁ ଭାରତର ବ୍ୟାଘ୍ର ପ୍ରକଳ୍ପଗୁଡ଼ିକ ସଙ୍କଟର ସମ୍ମୁଖୀନ ହେଲେଣି । ୭୦ବର୍ଷ ତଳେ ଭାରତରୁ ଚିତାବାଘ ଲୋପ ପାଇଯାଇଥିବାରୁ କେନ୍ଦ୍ର ସରକାର ନାମିବିୟାରୁ ଚିତାବାଘ ଆମଦାନୀ କରିଛନ୍ତି । ଦେଶରେ ପ୍ରତି ଟାଇଗର ରିଜର୍ଭ ପାଇଁ ବର୍ଷକୁ ହାରାହାରି ୧୦କୋଟି ଟଙ୍କା ଲୋଡ଼ା । ଚଳିତବର୍ଷ ଏହି ଅର୍ଥ ମଞ୍ଜୁରରେ ବିଳମ୍ବ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏଣୁ ସବୁ ବ୍ୟାଘ୍ର ପ୍ରକଳ୍ପରେ ସଂରକ୍ଷଣ କାମ ଅଟକିଯାଇଛି । ରାଜ୍ୟ ସରକାର ଆବଶ୍ୟକ ଅର୍ଥ ଦେଲେ ବି ଏନ୍‌ପିସିରେ ଅନୁମୋଦନ ବିନା କୌଣସି ବଡ଼ କାମ ହାତକୁ ନିଆଯାଇପାରିନାହିଁ ।

-ଦେବତିକ୍ତ ମିଶ୍ର, ସାକ୍ଷୀଗୋପାଳ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଛତିଶଗଡ଼ରେ ୧୦ ମାଓବାଦୀଙ୍କ ଆତ୍ମସମର୍ପଣ



**ମାଲକାନଗିରି,୧୦।୧(ଡି.ଏନ୍.ଏ.):** ମାଲକାନଗିରି ଜିଲା ସୀମାନ୍ତ ଦନ୍ତେୱାଡ଼ା ଜିଲାରେ ମଙ୍ଗଳବାର ୧୦ ମାଓବାଦୀ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଏମାନେ ଏସ୍‌ପି କମଲଲୋଚନ କଶ୍ୟପଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ବହୁ ହିଂସାକାଣ୍ଡରେ ଜଡ଼ିତ ଥିବାବେଳେ ସରକାରଙ୍କ ପକ୍ଷରୁ ଏମାନଙ୍କ ମଧ୍ୟରୁ ୮ ଜଣଙ୍କ ନାମରେ ପୁରସ୍କାର ଘୋଷଣା କରିଥିଲେ। ଜିଲାରେ ମାଓବାଦୀ ଗଡ଼ ଧ୍ୱଂସ ପାଇଁ ପୋଲିସ ପକ୍ଷରୁ ଘରକୁ ଫେର ଅଭିଯାନ ଜାରି ରହିଥିବାବେଳେ ୧୦ ମାଓବାଦୀଙ୍କ ଆତ୍ମସମର୍ପଣ ଜିଲା ପୋଲିସ ପାଇଁ ବଡ଼ ସଫଳତା। ସଙ୍ଗଠନରେ ଅତ୍ୟାଚାର ବଢ଼ୁଥିବାରୁ ଅତିଷ୍ଠ ହୋଇ ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ପ୍ରକାଶ କରିଛନ୍ତି। ଏ ପର୍ଯ୍ୟନ୍ତ ଘରକୁ ଫେର ଅଭିଯାନରେ ୧୪୫ ଇନାମି ମାଓବାଦୀ ଆତ୍ମସମର୍ପଣ କରିଥିବା ବେଳେ ଅନେକ ମାଓବାଦୀ ସଙ୍ଗଠନ ଛାଡ଼ିଥିବା ପୋଲିସ ପ୍ରକାଶ କରିଛି। ସରକାରୀ ନିୟମ ଅନୁଯାୟୀ ଆତ୍ମସମର୍ପଣ କରିଥିବା ମାଓବାଦୀମାନଙ୍କୁ ଥଇଥାନ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ୧୬ରେ ଓଡ଼ିଶା ଆସିବ ଡାକୋଟା ବିମାନ

## ■ ଭୁବନେଶ୍ୱର ବିମାନ ବନ୍ଦର ଆଗରେ ରହିବ ■ ସଡ଼କ ପଥରେ ଅଣାଯିବ

**ଭୁବନେଶ୍ୱର,୧୦।୧(ବ୍ୟୁରୋ)**

ସବୁ କଳ୍ପନାର ଅନ୍ତ ଘଟାଇ ଆସନ୍ତା ୧୬ ତାରିଖରେ ଓଡ଼ିଶା ଆସିବ ପ୍ରବାଦ ପୁରୁଷ ବିଜୁବାବୁଙ୍କ ଡାକୋଟା ବିମାନ। କୋଲକାତାରେ ଥିବା ଏହି ବିମାନ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରକୁ ଅଣାଯିବ। ତାହାକୁ ବିମାନବନ୍ଦର ପ୍ରବେଶ ପଥରେ ସୁଦୃଶ୍ୟ ମଞ୍ଚ ଉପରେ ସର୍ବସାଧାରଣଙ୍କ ପାଇଁ ପ୍ରଦର୍ଶିତ ହେବ। ହକି ବିଶ୍ୱକପ୍ ସମୟରେ ଦେଶ ବିଦେଶରୁ ଆସିଥିବା ଖେଳାଳି ଏବଂ ଦର୍ଶକ ଏହି ଐତିହାସିକ ବିମାନକୁ ଦେଖିବାର ସୁଯୋଗ ପାଇବେ।

କୋଲକାତାର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଅନ୍ତର୍ଜାତୀୟ ବିମାନବନ୍ଦରରେ ବିଜୁ ବାବୁଙ୍କ ଡାକୋଟା ବିମାନ ରହିଥିଲା। ଏହାକୁ ଓଡ଼ିଶା ଫେରାଇ ଆଣିବା ପାଇଁ ବର୍ଷେ ହେଲା ରାଜ୍ୟ ସରକାର ଉଦ୍ୟମ ଚଳାଇଥିଲେ। ପରିବହନ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଏବେ କୋଲକାତା ବିମାନବନ୍ଦରରେ ଡାକୋଟା ବିମାନର ଡେଣାକୁ ଅଲଗା



କରିବା କାମ ଚାଲିଛି । ଏହା ସଡ଼କ ପଥରେ ଭୁବନେଶ୍ୱର ଆସିବ। ବିମାନକୁ ରଖିବା ଲାଗି ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ପ୍ରବେଶ ପଥରେ ୧.୧ ଏକର ଜମି ଚିହ୍ନଟ ହୋଇଛି। ଭୁବନେଶ୍ୱରରେ ପହଞ୍ଚିବା ପରେ ବିଶେଷଜ୍ଞଙ୍କ ଜରିଆରେ ଏହାର ଡେଣାକୁ ଯୋଡ଼ାଯାଇ ପୂର୍ବ ରୂପ ଦିଆଯିବ। ଏଥିସହ ଏଥିରେ ରଙ୍ଗ କରାଯିବ। ବିମାନ ଯେପରି ବିନା ଦ୍ୱିଧାରେ ସଡ଼କ ପଥରେ ଆସି ଭୁବନେଶ୍ୱରରେ ପହଞ୍ଚିବ ସେଥିପାଇଁ ପରିବହନ ବିଭାଗ ପଦକ୍ଷେପ ନେଉଛି। ଟ୍ରାଫିକ ପରିଚାଳନା ପାଇଁ ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ ଏବଂ ଖୋର୍ଦ୍ଧା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଅଧିକାରୀ ଜଣକ କହିଛନ୍ତି।

ସୂଚନାଯୋଗ୍ୟ, ବିଜୁବାବୁଙ୍କ ଜୀବନରେ ଡାକୋଟା ବିମାନ ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିଥିଲା। ୧୯୪୭ ଜୁଲାଇ ୨୧ରେ ବିଜୁ ପଟ୍ଟନାୟକ ଏହି ଡାକୋଟା ବିମାନରେ ତତ୍କାଳୀନ ଇଣ୍ଡୋନେସିଆର ପ୍ରଧାନମନ୍ତ୍ରୀ ଏବଂ ଉପରାଷ୍ଟ୍ରପତିଙ୍କୁ ଶତ୍ରୁ କବଳରୁ ଉଦ୍ଧାର କରି ଭାରତ ଆଣିଥିଲେ। ଏହି ସାହସିକତା ପାଇଁ ବିଜୁବାବୁଙ୍କୁ ଇଣ୍ଡୋନେସିଆର ସର୍ବୋଚ୍ଚ ସମ୍ମାନ 'ଭୂମିପୁତ୍ର' ସମ୍ମାନ ପ୍ରଦାନ କରାଯାଇଥିଲା।

# ଆଜି ୪ ଘଣ୍ଟା ବନ୍ଦ ରହିବ ସର୍ବସାଧାରଣ ଦର୍ଶନ

**ପୁରୀ ଅଫିସ, ୧୦।୧**

## ମହାପ୍ରଭୁଙ୍କ ବନକଲାଗି ନୀତି

ମାଘ ମାସ କୃଷ୍ଣ ପକ୍ଷ ଚତୁର୍ଥୀ ତିଥିରେ ବୁଧବାର ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକଲାଗି ନୀତି ଅନୁଷ୍ଠିତ ହେବ। ଏହା ଏକ ଗୁପ୍ତନୀତି ହୋଇଥିବାରୁ ଏହି ନୀତି ସମୟରେ ଅର୍ଥାତ୍ ସନ୍ଧ୍ୟା ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ୪ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଶ୍ରୀମନ୍ଦିର ସତ୍‌ଲିପି ଅନୁଯାୟୀ, ଶ୍ରୀବିଗ୍ରହମାନଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ସମ୍ପନ୍ନ ହୋଇ ପାଣି ପଡ଼ି ମଇଲମ, ତଡ଼ପଲାଗି ଓ ପହୁଡ଼ ଆଳତି ସମ୍ପନ୍ନ ହେବା ପରେ ଜୟବିଜୟ ଦ୍ୱାର ବନ୍ଦ କରାଯିବ। ଏଥିସହ ସର୍ବସାଧାରଣ ଦର୍ଶନ ବନ୍ଦ ରଖାଯିବ। ବନକଲାଗି ନୀତିସମ୍ପାଦନ ଲାଗି ଦତ୍ତମହାପାତ୍ର ସେବକମାନେ ଗର୍ଭଗୃହକୁ ପ୍ରବେଶ କରିବେ। ସେମାନେ ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାର ସାରି ଫେରିବା ପରେ ଅନ୍ୟାନ୍ୟ ନୀତି ହେବ। ବନକଲାଗିରେ ମୁଖ୍ୟତଃ ପ୍ରାକୃତିକ ରଙ୍ଗର ବ୍ୟବହାର କରାଯାଇଥାଏ।

# ମଣ୍ଡିରେ ଉପାସ ରହିବେନି ଚାଷୀ

## ଗଜପତି ଜିଲା ପ୍ରଶାସନ ପକ୍ଷରୁ ଖାଦ୍ୟ ବ୍ୟବସ୍ଥା




ଏକ ମଣ୍ଡିରେ ଚାଷୀମାନଙ୍କୁ ଖାଦ୍ୟ ଦିଆଯାଉଛି।

**ପାରଳାଖେମୁଣ୍ଡି,୧୦।୧(ଡି.ଏନ୍.ଏ.)**

ଗଜପତି ଜିଲାରେ ମଣ୍ଡିକୁ ଧାନବିକ୍ରି କରିବାକୁ ଆସୁଥିବା ଚାଷୀମାନେ ଆଉ ଉପାସ ରହିବେନି। ଜିଲା ପ୍ରଶାସନ ପକ୍ଷରୁ ସେମାନଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା କରାଯାଇଛି। ମହିଳା ସଶକ୍ତୀକରଣ ଓ ଚାଷୀଙ୍କ ସୁବିଧା ପାଇଁ ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କ ଏହି ଅଭିନବ ପ୍ରୟାସ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

ଗଜପତି ଜିଲା ପ୍ରଶାସନ ଚଳିତଥର ଗ୍ରାମାଞ୍ଚଳରେ ୨୩ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଧାନ ସଂଗ୍ରହ କରିବା ପାଇଁ ଅନୁମତି ଦେଇଛି। ଅନ୍ୟପଟେ ଚାଷୀଙ୍କ ସୁବିଧା ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ନିୟନ୍ତ୍ରଣ ବଜାର କମିଟି ମଣ୍ଡିରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଖାଦ୍ୟ ବ୍ୟବସ୍ଥା କରାଯାଇଛି। ଜିଲାରେ ୪୫ଟି ମଣ୍ଡି ରହିଛି। ସେଥିମଧ୍ୟରୁ ପ୍ରାଥମିକ ପର୍ଯ୍ୟାୟରେ ୪ଟି ସ୍ଥାନ ପାରଳାଖେମୁଣ୍ଡି ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ ଥିବା ମଣ୍ଡି, କାଶୀନଗର, ଗାରାବନ୍ଧ, ଉପଲଡ଼ା ମଣ୍ଡିରେ ଜିଲା ପ୍ରଶାସନ ପରୀକ୍ଷା ମୂଳକଭାବେ ଚାଷୀଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା କରିଛି। ଆଗକୁ ଅନ୍ୟ ମଣ୍ଡିଗୁଡିକରେ ଏଭଳି ବ୍ୟବସ୍ଥା କରାଯିବ ବୋଲି ଯୋଗାଣ ଅଧିକାରୀ ପ୍ରଫୁଲ୍ଲ କୁମାର ବେହେରା ସୂଚନା ଦେଇଛନ୍ତି।

# ସମ୍ବଲପୁର, ଜୟପୁର, ବ୍ରହ୍ମପୁର, ବାରିପଦାଠାରେ ହେବ ଆଞ୍ଚଳିକ କୃଷି ମେଳା

**ଭୁବନେଶ୍ୱର,୧୦।୧(ବ୍ୟୁରୋ)**

ପ୍ରତିବର୍ଷ ରାଜ୍ୟସ୍ତରୀୟ କୃଷି ମହୋତ୍ସବ 'କୃଷି ଓଡ଼ିଶା' ଭୁବନେଶ୍ୱରଠାରେ ଆୟୋଜିତ ହେଉଥିବା ବେଳେ ରାଜ୍ୟର ବିଭିନ୍ନ ପ୍ରାନ୍ତର ଚାଷୀମାନେ ସହଜରେ ଯେପରି କୃଷି ମେଳାରେ ଭାଗନେଇ ଉପକୃତ ହୋଇପାରିବେ, ସେଥିନିମନ୍ତେ ଚଳିତ ବର୍ଷ ଆଞ୍ଚଳିକ ସ୍ତରରେ ଆଉ ୪ଟି କୃଷି ମେଳାର ଆୟୋଜନ କରାଯିବ। କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପରାମର୍ଶ କ୍ରମେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ସମ୍ବଲପୁର, କୋରାପୁଟ, ଗଞ୍ଜାମ ଓ ମୟୂରଭଞ୍ଜ ଜିଲାରେ ଆଞ୍ଚଳିକ କୃଷି ମେଳାର ଆୟୋଜନ କରିବା ପାଇଁ ସ୍ଥିର କରାଯାଇଛି।

ସମ୍ବଲପୁରଠାରେ ଚଳିତ ମାସ ୨୭ରୁ ୩୧ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ କୃଷି ମେଳା ଆୟୋଜନ କରାଯିବ। ସେହିପରି ଗଞ୍ଜାମ ଜିଲା ବ୍ରହ୍ମପୁରଠାରେ କୃଷି ମେଳା କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଦ୍ୱାରା ଜାନୁୟାରୀ ୧୩ରୁ ୧୭ ତାରିଖ ପର୍ଯ୍ୟନ୍ତ, କୋରାପୁଟ ଜିଲା ଜୟପୁରଠାରେ କୃଷି ମେଳା ଫେବୃୟାରୀ ୬ରୁ ୧୦ ତାରିଖ ପର୍ଯ୍ୟନ୍ତ ଓ ମୟୂରଭଞ୍ଜ ଜିଲା ବାରିପଦାଠାରେ ଆଞ୍ଚଳିକ କୃଷି ମେଳା ଫେବୃୟାରୀ ୭ରୁ ୧୦ ତାରିଖ ପର୍ଯ୍ୟନ୍ତ ଆୟୋଜନ କରାଯିବାକୁ ନିଷ୍ପତ୍ତି ହୋଇଛି। ଆଞ୍ଚଳିକ କୃଷି ମେଳାର ଆୟୋଜନ ଦ୍ୱାରା ରାଜ୍ୟର କୋଣଅନୁକୋଣର ଲକ୍ଷ ଲକ୍ଷ ଚାଷୀ ସହଜରେ ଓ ସୁବିଧାରେ କୃଷି ମେଳାରେ ଯୋଗଦେଇ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ହୋଇଥିବା ବିକାଶ ଏବଂ ଉପଯୋଗ ହେଉଥିବା ଆଧୁନିକ ଜ୍ଞାନକୌଶଳ ଓ ପ୍ରଯୁକ୍ତିବିଦ୍ୟା ସହ କୃଷି ଯନ୍ତ୍ରପାତିଗୁଡ଼ିକର ବ୍ୟବହାର ସମ୍ପର୍କରେ ଜାଣିବାର ସୁବିଧା ପାଇବେ ବୋଲି ମନ୍ତ୍ରୀ କହିଛନ୍ତି। କୃଷି ମେଳାରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଅନ୍ତର୍ଗତ କୃଷି ଓ ଖାଦ୍ୟ ଉତ୍ପାଦନ, ଉଦ୍ୟାନ କୃଷି ଏବଂ ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ ସମେତ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ବିଭିନ୍ନ ଷ୍ଟଲ୍ ଖୋଲାଯିବ। ଏଥିସହିତ ବିଭିନ୍ନ ଦିବସରେ ଆଲୋଚନାଚକ୍ର ସମେତ କୃଷି ବିଶେଷଜ୍ଞ ଓ ଚାଷୀମାନଙ୍କ ସହିତ ଭାବ ବିନିମୟ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ମେଳା ଅବସରରେ ଅଗ୍ରଣୀ ଚାଷୀମାନଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି।



ଏକାମ୍ର ନାଟ୍ୟ ସଙ୍ଗଠନ ପକ୍ଷରୁ ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ନାଟ୍ୟ ଉତ୍ସବରେ ମଙ୍ଗଳବାର ପରିବେଷିତ ନାଟକ 'ଗୋଇଠା ବାବା'ର ଏକ ଦୃଶ୍ୟ।

# ମାନସିକ ଅନଗ୍ରସର ଯୁବତୀଙ୍କୁ ହତ୍ୟା

## ପଡ଼ୋଶୀଙ୍କ ବାଡ଼ିରୁ ମିଳିଲା ମୃତଦେହ

**ଦିଗପହଣ୍ଡି/ଚିକିଟି,୧୦।୧(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ଚୌଧୁରୀ ଟିକରପଡ଼ା ଗ୍ରାମର ମାନସିକ ଅନଗ୍ରସର ଯୁବତୀ ବିଷ୍ଣୁପ୍ରିୟା ସାହୁଙ୍କୁ କେହି ଦୁର୍ବୃତ୍ତ ହତ୍ୟା କରିଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ସକାଳେ ଯୁବତୀଙ୍କ ମୃତଦେହକୁ କେ.ନୂଆଗାଁ ପୋଲିସ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏ ନେଇ ପୋଲିସ ନଂ.୬/୨୩ ଦଫା -୩୦୨/୨୦୧ ଆଇପିସି ଅନୁଯାୟୀ ମାମଲା ରୁଜୁ କରିଛି।

ଗତ ରବିବାର ରାତିରୁ ବିଷ୍ଣୁପ୍ରିୟା ଗାଁରୁ ନିଖୋଜ ହୋଇଯାଇଥିଲେ। ଖୋଜାଖୋଜି ପରେ ମଧ୍ୟ ତାଙ୍କ ସନ୍ଧାନ ମିଳିନଥିଲା। ଏନେଇ ବିଷ୍ଣୁପ୍ରିୟାଙ୍କ ବାପା ବାସୁ ସାହୁ ସୋମବାର କେ.ନୂଆଗାଁ ଥାନାରେ ଏତଲା ଦେଇଥିଲେ। ଆଇଆଇସି ମୃତ୍ୟୁଞ୍ଜୟ ସ୍ୱାଇଁ ନିଖୋଜ ମାମଲା ନଂ.୩/୨୩ ରୁଜୁ କରିଥିଲେ। ସୋମବାର ରାତିରେ ଗାଁର ଜଣେ ବ୍ୟକ୍ତିଙ୍କ ବାଡ଼ିରେ ବିଷ୍ଣୁପ୍ରିୟାଙ୍କ ମୃତଦେହ ପଡ଼ିଥିବା ପରିବାର ଲୋକେ ଖବର ପାଇଥିଲେ। ମଙ୍ଗଳବାର ସକାଳେ ପୋଲିସ ସାଇଣ୍ଟିଫିକ ଟିମ୍ ଏବଂ ସନ୍ଧାନୀ କୁକୁର ସହ ବ୍ରହ୍ମପୁର ଏସ୍‌ପି ଡ.ସର୍ବଣା ବିବେକ ଏମ, ଚିକିଟି ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭତ୍ରା, କେ.ନୂଆଗାଁ ଆଇଆଇସି ମୃତ୍ୟୁଞ୍ଜୟ ସ୍ୱାଇଁ, ଏସଆଇ ଶିଶିର ସାହାଣୀ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ସବିଶେଷ ତଦନ୍ତ କରିଛନ୍ତି। ବିଷ୍ଣୁପ୍ରିୟା ସବୁଦିନ ଭଳି ରବିବାର ଖାଇସାରିବା ପରେ ଗାଁ ରେ ରହୁଥିବା ତାଙ୍କ ଭଉଣୀ ଘରକୁ ଶୋଇବାକୁ ଯାଇଥିଲେ। କିନ୍ତୁ ସେ ଭଉଣୀ ଘରକୁ ନଯାଇ ନିଖୋଜ ହୋଇଯାଇଥିଲେ। ତାଙ୍କ ଘର ଠାରୁ ଅଳ୍ପ ଦୂରରେ ଥିବା ଜଣେ ବ୍ୟକ୍ତିଙ୍କ ଘର ବାରିପଟ ବାରଣ୍ଡାରୁ ସୋମବାର ରାତିରେ ତାଙ୍କ ମୃତଦେହ ଠାବ ହେବା ପରେ ପୋଲିସକୁ ଖବର ଦିଆଯାଇଥିଲା। ବିଷ୍ଣୁପ୍ରିୟାଙ୍କ ନାକରୁ ରକ୍ତସ୍ରାବ ହୋଇ ଶୁଖି ଯାଇଥିବାରୁ ତାଙ୍କୁ ତଣ୍ଟି ଚିପି କେହି ହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଥିଲେ ମଧ୍ୟ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଆଇଆଇସି କହିଛନ୍ତି।



ବରଗଡ଼ ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରିଥିବା ହୃଷୀକେଶ ଭୋଇ ମଙ୍ଗଳବାର ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ନିଜ ଅଭିନୟର ଏକ ଚିତ୍ରକଳା ପ୍ରଦାନ କରୁଛନ୍ତି।

# 'ପ୍ରସ୍ତୁତ ରହିଛି ସ୍ୱାସ୍ଥ୍ୟ ବିଭାଗ'

## ହକି ବିଶ୍ୱକପକୁ ନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମୀକ୍ଷା

**ଝାରସୁଗୁଡ଼ା ଅଫିସ,୧୦।୧**

ପୁରୁଷ ବିଶ୍ୱକପ ହକି ଅବସରରେ ସ୍ୱାସ୍ଥ୍ୟ ବିଭାଗର ପ୍ରସ୍ତୁତି ସଂକ୍ରାନ୍ତରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଝାରସୁଗୁଡ଼ା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତଙ୍କ ଉପସ୍ଥିତିରେ ବୈଠକରେ ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲାରେ ବିଭାଗୀୟ ପ୍ରସ୍ତୁତି ସଂକ୍ରାନ୍ତରେ ଆଲୋଚନା ହୋଇଥିଲା।

ରାଉରକେଲାରେ ହକି ବିଶ୍ୱକପ ଆୟୋଜନ ହେଉଛି। ଅତିଥି ଓ ଦର୍ଶକ ଝାରସୁଗୁଡ଼ା ବିମାନବନ୍ଦର ଦେଇ ରାଉରକେଲାକୁ ଯିବାଆସିବା କରିବେ। ଏହାକୁ ଦୃଷ୍ଟିରେ ରଖି ଝାରସୁଗୁଡ଼ା ଜିଲାର ପ୍ରସ୍ତୁତି ସଂକ୍ରାନ୍ତରେ ମଧ୍ୟ ମନ୍ତ୍ରୀ ଦାସ ସମୀକ୍ଷା କରିଥିଲେ। ବୈଠକ ପରେ ମନ୍ତ୍ରୀ କହିଛନ୍ତି, ହକି ବିଶ୍ୱକପ ପାଇଁ ସ୍ୱାସ୍ଥ୍ୟ ବିଭାଗ ସବୁପ୍ରକାର ପ୍ରସ୍ତୁତ ରହିଛି। ଦର୍ଶକ କିମ୍ବା ଅତିଥିମାନଙ୍କୁ ଯେମିତି କୌଣସି ଅସୁବିଧାର ସମ୍ମୁଖୀନ ହେବାକୁ ନ ପଡ଼ିବ ସେଥିପାଇଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଜିଲା ଚିକିତ୍ସାଳୟ ପର୍ଯ୍ୟନ୍ତ ଆମ୍ବୁଲାନ୍ସ ପ୍ରସ୍ତୁତ କରି ରଖାଯାଇଛି। ଷ୍ଟାଡିୟମ ମଧ୍ୟରେ ଚାରିଟି ସ୍ୱତନ୍ତ୍ର ଚିକିତ୍ସାକାରୀ

### ଯୋଗଦେଲେ ଦୁଇ ଜିଲାର ଅଧିକାରୀ

ଦଳ ସହ ଡାକ୍ତରମାନଙ୍କୁ ନିୟୋଜିତ କରାଯାଇଛି। ଏହାଛଡା ଅସ୍ଥିଶଲ୍ୟ ବିଶେଷଜ୍ଞ ଯୋଗାଇଦେବାକୁ ବୁର୍ଲା ଭିମ୍‌ସାର ନିର୍ଦ୍ଦେଶକଙ୍କୁ କୁହାଯାଇଛି। ସବୁପ୍ରକାର ଔଷଧ ମଧ୍ୟ ଉପଲବ୍ଧ ରହିଛି। ପ୍ରତି ମ୍ୟାଚରେ ଖେଳାଳି, ଅଧିକାରୀଙ୍କ ବ୍ୟତୀତ ଅତି କମ୍‌ରେ ୨୦ହଜାର ଦର୍ଶକଙ୍କ ସମାଗମ ହେବ। କୋଭିଡ୍ ସଂକ୍ରମଣ ଉପରେ ନଜର ରଖାଯାଇଛି। ସୁନ୍ଦରଗଡ଼ରେ ଗତ ୧୦ଦିନ ଭିତରେ ଗୋଟିଏ ବି କୋଭିଡ୍ ମାମଲା ବାହାରି ନାହିଁ। ଯଦି ବି କୋଭିଡ୍ ସଂକ୍ରମଣ ନଜରକୁ ଆସେ ଆମର ସବୁ ବ୍ୟବସ୍ଥା ରହିଛି। ଆନ୍ତର୍ଜାତିକ ଖେଳାଳିମାନେ ସମସ୍ତ କୋଭିଡ୍ ପ୍ରୋଟୋକଲ ମଧ୍ୟରେ ଆସୁଥିବାରୁ ଭୁବନେଶ୍ୱର କିମ୍ବା ରାଉରକେଲାଠାରେ କୋଭିଡ ଯାଞ୍ଚ, ସଂଗରୋଧ ଆଦିର କୌଣସି ଆବଶ୍ୟକତା ନାହିଁ ବୋଲି ମନ୍ତ୍ରୀ ଦାସ ସ୍ପଷ୍ଟ କରିଛନ୍ତି। ବୈଠକରେ ସୁନ୍ଦରଗଡ଼ ଜିଲାପାଳ ଡା. ହର୍ଷଦପାଲା ଗାଭାଲୀ, ଝାରସୁଗୁଡ଼ା ଜିଲାପାଳ ସରୋଜ ସାମଲ ଯୋଗଦେଇଥିଲେ।



ସମୀକ୍ଷା ବୈଠକରେ ଉପସ୍ଥିତ ଥିବା ମନ୍ତ୍ରୀ ଓ ଅଧିକାରୀମାନେ।

# ଧରାପଡ଼ିଲା ଆନ୍ତଃଜିଲା ଡକାୟତ ଗ୍ୟାଙ୍ଗ୍

■ ଗାଡ଼ି ଯାଞ୍ଚ ବେଳେ ୫ ଅଭିଯୁକ୍ତ ଗିରଫ
■ ୫ ଜିଲାରେ ଆପରାଧିକ ନେଟ୍‌ୱର୍କ
■ ହତ୍ୟାକାଣ୍ଡ ପାଇଁ ନେଉଥିଲେ ସୁପାରି
■ ୩ ପିସ୍ତଲ, ୩୮ ଗୁଳି, ବ୍ରାଉନ ସୁଗାର ଜବତ

**ଢେଙ୍କାନାଳ ଅଫିସ, ୧୦।୧**

ଗଞ୍ଜାମରୁ ମୟୂରଭଞ୍ଜ ଯାଏ ସୃଷ୍ଟି କରିଥିଲେ ଭୟ ଆତଙ୍କର ବାତାବରଣ। ଟଙ୍କା, ସୁନା ପାଇଁ ଟପିଯାଉଥିଲେ ସବୁ ସୀମା। ପଥଚାରୀଙ୍କୁ ରାସ୍ତା ମଝିରେ ହାଣୁଥିଲେ। ବନ୍ଧୁକ ମୁନରେ ଭୟଭୀତ କରାଇ ଲୁଟି ନେଉଥିଲେ ସର୍ବସ୍ୱ। ମୁଣ୍ଡ ଗଡ଼ାଇବାକୁ ନେଉଥିଲେ ସୁପାରି। ସେମାନଙ୍କ ଆପରାଧିକ ସାମ୍ରାଜ୍ୟ କେବଳ ଡକାୟତି ମଧ୍ୟରେ ସୀମିତ ନ ଥିଲା, ବରଂ ବ୍ରାଉନ୍‌ସୁଗାର, ଗଞ୍ଜେଇ ଭଳି ନିଶା କାରବାର ମାଧ୍ୟମରେ ସେମାନେ ରାତାରାତି କମାଇବାକୁ ଚାହୁଁଥିଲେ ପୁଳାପୁଳା ଟଙ୍କା। ୫ ଜିଲା ପୋଲିସର ମୁଣ୍ଡବ୍ୟଥା ବଢ଼ାଇଥିବା ଏଭଳି ଏକ ଆନ୍ତଃଜିଲା ଡକାୟତ ଗ୍ୟାଙ୍ଗ୍‌ର ୫ ସଦସ୍ୟ ଧରାପଡ଼ିଛନ୍ତି ଢେଙ୍କାନାଳରୁ। ଅଭିଯୁକ୍ତମାନେ ହେଲେ ଗଞ୍ଜାମ ଜିଲା ଧରାକୋଟ ଥାନା ଅଞ୍ଚଳର ହିମାଂଶୁ ଶେଖର ସ୍ୱାଇଁ (୩୦), ବ୍ରହ୍ମପୁର ନେହେରୁନଗର ଅଞ୍ଚଳର ଶଙ୍କର ସାହୁ (୨୫), ଖଲ୍ଲିକୋଟ ଥାନା ଅଞ୍ଚଳର ଅମିତ କୁମାର ସ୍ୱାଇଁ (୨୪), କଟକ ଜିଲା ବାଙ୍କୀ ଥାନା ବାଆଁରା ଗ୍ରାମର ରଣଜିତ କୁମାର



ଜବତ ମାରଣାସ୍ତ୍ର, ଅଳଙ୍କାର ଓ ଅନ୍ୟାନ୍ୟ ସାମଗ୍ରୀ।

ରାଉତ (୩୦), ଢେଙ୍କାନାଳ ସଦର ଥାନା ସିମିଳଇ ଅଞ୍ଚଳର ପାପୁନ ନାୟକ (୩୦)। ସେମାନଙ୍କ ନିକଟରୁ ୩ ପିସ୍ତଲ, ଗୋଟିଏ ଏୟାରଗନ୍, ଗୋଟିଏ ଲାଇଟର୍ ଗନ୍, ୪ ମାଗାଜିନ, ୩୮ ଅଫୁଟା ଗୁଳି, ୨ ପ୍ୟାକେଟ୍ ଏୟାରଗନ୍ ଗୁଳି, ୩ ଖଣ୍ଡା, ୨୪.୮୫୦ ଗ୍ରାମ୍ ବ୍ରାଉନ୍ ସୁଗାର, ୨ ସୁନା ଚେନ୍, ୪ ମୁଦି, ୨ କାନଫୁଲ, ୩ ଖଣ୍ଡା, ୨୫,୭୨୦ ଟଙ୍କା, ଚୋରି ଟିଭି, ସିସିଟିଭି ହାର୍ଡଡିସ୍କ, ସିଲଭର ଥାଳି, କାର୍ (ନଂ. (ନଂ. ଓଡ଼ି ୦୫ ବିଏଫ୍ ୦୨୧୯), ବୁଲେଟ୍ (ନଂ. ଓଡ଼ି ୦୭ ଜେଡ୍ ୩୧୧୧), ଲଙ୍କାଗୁଣ୍ଡ ଜବତ କରାଯାଇଛି। ହିମାଂଶୁ, ଶଙ୍କର, ରଣଜିତ୍, ଅମିତ ସୁପାରିକିଲର ଭାବେ କାର୍ଯ୍ୟ କରୁଥିଲେ ବୋଲି ଜିଲା ପୋଲିସ କାର୍ଯ୍ୟାଳୟରେ ମଙ୍ଗଳବାର ଅପରାହ୍ନ ୧ଟାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କଠାରୁ ସୁନା ଅଳଙ୍କାର କିଣିଥିବା ଜଣେ ଅଭିଯୁକ୍ତ ମଧ୍ୟ ଧରାପଡ଼ିଛନ୍ତି। ତଦନ୍ତରେ ବାଧା ଆଶଙ୍କା ଥିବାରୁ ତାଙ୍କ ସମ୍ପର୍କରେ ପୋଲିସ ତଥ୍ୟ ପ୍ରଦାନ କରିନାହିଁ।

ଢେଙ୍କାନାଳ ଖରଗଡ଼ିଆ ଫାଣ୍ଡି ଅଧୀନ ୫୫ନଂ. ଜାତୀୟ ରାଜପଥରେ ସୋମବାର ସକାଳ ପ୍ରାୟ ୭ଟାରେ ସଦର ଥାନାଧିକାରୀ ପ୍ରଦୀପ କୁମାର ପ୍ରଧାନ, ଏସ୍‌ଆଇ ଚନ୍ଦ୍ରକାନ୍ତ ସେଠୀଙ୍କ ନେତୃତ୍ୱରେ ପୋଲିସ ପକ୍ଷରୁ ଯାନବାହନ ଯାଞ୍ଚ କରାଯାଉଥିଲା। ଏହି ସମୟରେ ସନ୍ଦେହଜନକ ଅବସ୍ଥାରେ ଆସୁଥିବା ଏକ କାର୍ ଏବଂ ବୁଲେଟ୍‌କୁ ଅଟକାଇ ତଲାସି ନିଆଯିବା ବେଳେ ୨୪ ଗ୍ରାମ ୮୫୦ ମିଲିଗ୍ରାମ୍ ବ୍ରାଉନ୍ ସୁଗାର ମିଳିଥିଲା। ଘଟଣାସ୍ଥଳରୁ ହିମାଂଶୁ, ଶଙ୍କର ଏବଂ ଅମିତ ଗିରଫ ହୋଇଥିଲେ। ସେମାନେ ଅନୁଗୋଳରେ ଏକ ଡକାୟତି କରିବା ଲାଗି ଯାଉଥିବା କହିଥିଲେ। ସେମାନଙ୍କ ସୂଚନା ଆଧାରରେ ଅନ୍ୟ ୨ଜଣଙ୍କୁ ବାଙ୍କୀରୁ ଗିରଫ କରାଯାଇଥିଲା। ଅଭିଯୁକ୍ତଙ୍କୁ ଅପରାହ୍ନରେ କୋର୍ଟଚାଲାଣ କରାଯାଇଛି। ଏ ସଂକ୍ରାନ୍ତରେ ସଦର ଥାନାରେ ନଂ. ୨୦/୨୩, ଦଫା ୨୧ (ବି), ଏନ୍‌ଡିପିଏସ୍ ଆକ୍ଟ ଓ ୨୫ ଆର୍ମସ ଆକ୍ଟରେ ମାମଲା ରୁଜୁ ହୋଇଛି।

ଅଭିଯୁକ୍ତଙ୍କ ନାମରେ ଗଞ୍ଜାମ, ଖୋର୍ଦ୍ଧା, କଟକ, ମୟୂରଭଞ୍ଜ, ଢେଙ୍କାନାଳ ଜିଲାର ବିଭିନ୍ନ ଥାନାରେ ବହୁ ଆପରାଧିକ ମାମଲା ରହିଛି। ଗତ ଡିସେମ୍ବର ୨୪ ସନ୍ଧ୍ୟା ସାଢ଼େ ୭ଟାରେ ଢେଙ୍କାନାଳ ସଦର ଥାନା ସିମିଳଇ ଗ୍ରାମର ରଞ୍ଜନା ତ୍ରିପାଠୀଙ୍କ ଘରୁ ସଶସ୍ତ୍ର ଡକାୟତି ହୋଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଗ୍ୟାଙ୍ଗ୍‌ର ହାତ ରହିଛି। ଅଭିଯୁକ୍ତ ପାପୁନାଙ୍କ ସହିତ ରଞ୍ଜନାଙ୍କ ଶତ୍ରୁତା ଥିଲା। ଏଥିରେ ପ୍ରତିଶୋଧ ପରାୟଣ ହୋଇ ରଞ୍ଜନାଙ୍କ ଘରେ ଡକାୟତି କରିବା ଲାଗି ପାପୁନା ନିଜର ସହଯୋଗୀ ହିମାଂଶୁ, ଶଙ୍କର, ରଣଜିତ ଓ ଅମିତଙ୍କ ସହ କଥାବାର୍ତ୍ତା ହୋଇଥିଲେ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ଅନ୍ୟପଟେ ଧରାପଡ଼ିଥିବା ଗଞ୍ଜାମର ୩ଜଣ ହାର୍ଡକୋର ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ପାଇ ଗଞ୍ଜାମ ପୋଲିସ ଢେଙ୍କାନାଳ ସଦର ଥାନାରେ ପହଞ୍ଚି ତନାଘନା ଆରମ୍ଭ କରିଛି। ଅଧିକ ପଚରାଉଚରା ପାଇଁ ସେମାନଙ୍କୁ ଗଞ୍ଜାମ ଏବଂ ଢେଙ୍କାନାଳ ପୋଲିସ ରିମାଣ୍ଡରେ ଆଣିବା ସମ୍ଭାବନା ଥିବା ଏସ୍‌ପି କହିଛନ୍ତି।

**ଖସିଲା ଶେୟାର ବଜାର**

ଦିନକ ପରେ ଶେୟାର ବଜାର କାରବାରରେ ୧%ରୁ ଅଧିକ ନିବେଶ ହ୍ରାସ ଘଟିଛି। ବିଶେଷକରି ଚଳିତ ସପ୍ତାହର ୨ୟ କାର୍ଯ୍ୟଦିବସ (ଷ୍ଟକ୍ ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ମଙ୍ଗଳବାର ଶେୟାର ବଜାର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୬୩୧.୮୩ ପଏଣ୍ଟ ଖସି ୬୦,୧୧୫.୪୮ ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୧୮୭.୦୫ ପଏଣ୍ଟ ହ୍ରାସ ଘଟି ୧୭,୯୧୪.୧୫ ଅଙ୍କରେ ବଜାର ବନ୍ଦ ହୋଇଥିଲା।

# ଯାତ୍ରୀ ସୁବିଧା, ଆଧୁନିକୀକରଣକୁ ଗୁରୁତ୍ୱାରୋପ




## ମଞ୍ଚେଶ୍ୱର ରେଳଡବା ମରାମତି କାରଖାନା ନିରୀକ୍ଷଣ

ଭୁବନେଶ୍ୱର,୧୦।୧

ପୂର୍ବତଟ ରେଳପଥର ମହାପ୍ରବନ୍ଧକ ରୂପନାରାୟଣ ସୁନକର ମଙ୍ଗଳବାର ରେଳପଥର ବରିଷ୍ଠ ଅଧିକାରୀମାନଙ୍କ ସହ ସ୍ଥାନୀୟ ମଞ୍ଚେଶ୍ୱର ସ୍ଥିତ ରେଳଡବା ମରାମତି କାରଖାନା ନିରୀକ୍ଷଣ କରିଛନ୍ତି। ଏହି ସମୟରେ ମହାପ୍ରବନ୍ଧକ କୋଚ୍‌ଗୁଡ଼ିକର ମରାମତି କାର୍ଯ୍ୟର ସମୀକ୍ଷା କରିଥିଲେ। ଏପରିକି ଯାତ୍ରୀମାନଙ୍କ ସୁବିଧାଗୁଡ଼ିକର ରକ୍ଷଣାବେକ୍ଷଣ ତଥା ଆଧୁନିକୀକରଣ ଉପରେ ମଧ୍ୟ ସମୀକ୍ଷା କରିଥିଲେ। ବିଶେଷକରି ଉନ୍ନତ ମାନର ସିଟ୍, ଚଟାଣ, ଶୌଚାଳୟ ସଫା କରିବା ସହଜ, ଅଗ୍ନି ନିରାପତ୍ତା, ମୋବାଇଲ ଚାର୍ଜିଂ ପଏଣ୍ଟ ଏବଂ ଜରୁରିକାଳୀନ ଆଲୋକ ଉପରେ ସୁନକର ବିଶେଷ ଗୁରୁତ୍ୱାରୋପ କରିଥିଲେ। ସେହିଭଳି ଉତ୍ପାଦନ ବୃଦ୍ଧି ପାଇଁ ନିଆଯାଇଥିବା ପ୍ରକ୍ରିୟା ଏବଂ ଗୁଣବତ୍ତା ନିୟନ୍ତ୍ରଣ ପଦକ୍ଷେପଗୁଡ଼ିକୁ ମଧ୍ୟ ସେ ନିରୀକ୍ଷଣ ସହ କୋଚ୍‌ଗୁଡ଼ିକରେ ଆଧୁନିକ ଯାତ୍ରୀ ପରିସେବା ଓ ଅନ୍ୟାନ୍ୟ ସୁବିଧାଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ସିଟିଆର୍‌ବି ମାଉଣ୍ଟିଂ ବିଭାଗକୁ ଉଦ୍‌ଘାଟନ କରିଥିଲେ।

ସେହିପରି ଟ୍ରେନ୍ କୋଚ୍‌ଗୁଡ଼ିକରେ ଆଧୁନିକ ଜ୍ଞାନକୌଶଳ ଓ ଯାତ୍ରୀ ସେବା ଯୋଗାଇଦେବା ସହ ରେଳଯାତ୍ରୀମାନଙ୍କୁ ଟ୍ରେନ୍‌ରେ ଯାତ୍ରା ସମୟରେ ଆରାମଦାୟକ ସୁବିଧା ଉପଲବ୍ଧ କରାଇବାକୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗୁରୁତ୍ୱାରୋପ କରି ଆସୁଛନ୍ତି। ଏହି ପରିପ୍ରେକ୍ଷୀରେ ପୂର୍ବତଟ ରେଳପଥର ପ୍ରମୁଖ ଯାନ୍ତ୍ରିକ ଯନ୍ତ୍ରୀ ଆର୍.ରାଜଗୋପାଳ ନିରୀକ୍ଷଣ ସମୟରେ ମହାପ୍ରବନ୍ଧକଙ୍କୁ ସହାୟତା କରିଥିବାବେଳେ ରେଳଡବା ମରାମତି କାରଖାନାର ମୁଖ୍ୟ ପ୍ରବନ୍ଧକ ଏସ୍.ସି. କର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# 'ଶିଳ୍ପ ପ୍ରତିଷ୍ଠା ପାଇଁ ଅଧିକାରୀଙ୍କ ସକାରାତ୍ମକ ମନୋଭାବ ଜରୁରୀ'

- ଚଳିତ ବର୍ଷ ହେବନି ବାଣିଜ୍ୟ ମେଳା
- ମାର୍ଚ୍ଚ ୫ରୁ ୯ ଯାଏ ଜିଲା ସ୍ତରରେ ହେବ ଉଦ୍ୟୋଗ ସପ୍ତାହ



ଚନ୍ଦକା ଶିଳ୍ପାଞ୍ଚଳସ୍ଥିତ ଓ-ହବ୍‌ଠାରେ ମଙ୍ଗଳବାର ଆୟୋଜିତ ଜିଲା ଶିଳ୍ପକେନ୍ଦ୍ର ଓ ଆଞ୍ଚଳିକ ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ବୈଠକରେ ବିଭାଗୀୟ ମନ୍ତ୍ରୀ, ସଚିବ ଓ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୧୦।୧(ବ୍ୟୁରୋ)

ଚଳିତ ବର୍ଷ ବାଣିଜ୍ୟ ମେଳା ହେବ ନାହିଁ। ମାତ୍ର ଆସନ୍ତା ମାର୍ଚ୍ଚ ୫ରୁ ୯ ତାରିଖ ମଧ୍ୟରେ ପ୍ରତି ଜିଲା ସ୍ତରରେ ଉଦ୍ୟୋଗ ସପ୍ତାହ ପାଳନ କରାଯିବ। ଏହି ଉପଲକ୍ଷେ ଜିଲା ସ୍ତରରେ ପ୍ରଦର୍ଶନୀ ଆୟୋଜନ କରାଯିବ। ଏହି କାର୍ଯ୍ୟକ୍ରମରେ ଜିଲାରେ ହେଉଥିବା ବିଶେଷ ଉତ୍ପାଦଗୁଡ଼ିକର ପ୍ରଦର୍ଶନ, ଏଗୁଡ଼ିକର ପ୍ରକ୍ରିୟାକରଣ ଏବଂ ଏ ଧରଣର ଉଦ୍ୟୋଗ ପାଇଁ ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନଗୁଡ଼ିକ ସମ୍ବନ୍ଧରେ ଜନସାଧାରଣଙ୍କୁ ଅବଗତ କରାଯିବ। ମଙ୍ଗଳବାର ଓ-ହବ୍‌ଠାରେ ଆୟୋଜିତ ଜିଲା ଶିଳ୍ପ କେନ୍ଦ୍ର ଓ ଆଞ୍ଚଳିକ ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକମାନଙ୍କ ସମ୍ମିଳନୀରେ ଯୋଗଦେଇ ଶିଳ୍ପମନ୍ତ୍ରୀ ପ୍ରତାପ କେଶରୀ ଦେବ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟର ଯୁବବର୍ଗ ଚାକିରି ପଛରେ ନ ଗୋଡ଼ାଇ କିପରି ଅନ୍ୟକୁ ନିଯୁକ୍ତି ଦେବେ, ସେଥିପ୍ରତି ଆଗ୍ରହ ପ୍ରକାଶ କରିବାକୁ ହେବ। ବିଭାଗୀୟ ଅଧିକାରୀମାନେ ନିଜକୁ ବିଭାଗର ସମସ୍ତ ନୀତିନିୟମ ସହ ଅବଗତ କରାଇବା ଦରକାର। ଏଥିସହିତ ଅନ୍ୟାନ୍ୟ ବିଭାଗ ଦ୍ୱାରା ଶିଳ୍ପ ପ୍ରତିଷ୍ଠା ନିମନ୍ତେ କରାଯାଇଥିବା ନିୟମ ସମ୍ପର୍କରେ ଅବଗତ ହେବା ନିହାତି ଆବଶ୍ୟକ ବୋଲି ସେ କହିଥିଲେ। ଏଥିପାଇଁ ପ୍ରତି ୪ ମାସରେ ଥରେ ଶିବିର ଆୟୋଜନ କରି ଏ ସମ୍ପର୍କରେ ତାଲିମ ପ୍ରଦାନ କରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଛି। ରାଜ୍ୟରେ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ପ୍ରତି ବିଭାଗୀୟ ଅଧିକାରୀମାନଙ୍କ ସକାରାତ୍ମକ ମନୋଭାବ ପୋଷଣ ବର୍ତ୍ତମାନ ସମୟର ବଡ଼ ଆହ୍ୱାନ ବୋଲି ମନ୍ତ୍ରୀ କହିଛନ୍ତି। ରାଜ୍ୟ ସରକାର ମହିଳା ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ଦେବା ଉପରେ ଗୁରୁତ୍ୱ ଦେଉଥିବାରୁ ଏଥିପ୍ରତି ଯତ୍ନବାନ ରହିବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

ନିକଟରେ ରାଜ୍ୟ ସରକାର ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ଜରିଆରେ ଅନେକଗୁଡ଼ିଏ ସଂକଳ୍ପ ପାରିତ କରିଛନ୍ତି। ସେଗୁଡ଼ିକର ଅନୁପାଳନ ସକାଶେ ଆମକୁ ନିଜଆଡ଼ୁ ଆଗ୍ରହ ପ୍ରକାଶ କରିବାକୁ ହେବ। କେତେକ କ୍ଷେତ୍ରରେ ଏକପ୍ରକାର ଦସ୍ତାବିଜ ବାରମ୍ବାର ମଗାଯାଉଥିବା, ମଞ୍ଜୁରୀପ୍ରାପ୍ତ ଅର୍ଥ ପଇଠକୁ ବିଳମ୍ବ କରିବା, ନିର୍ଦ୍ଧାରିତ ଦିବସ ପରେ ପ୍ରାପ୍ତି ଦରଖାସ୍ତକୁ ନାକଚ କରିବା ଭଳି କେତେକ ପଦକ୍ଷେପ ଯୋଗୁ ଅନେକ କ୍ଷେତ୍ରରେ ଶିଳ୍ପ ପ୍ରତିଷ୍ଠା ପାଇଁ ଇଚ୍ଛୁକ ବ୍ୟକ୍ତି ହତୋତ୍ସାହ ହେଉଥିବା ପରିଲକ୍ଷିତ ହେଉଛି। ଅଯଥା ନୀତିନିୟମର ଦ୍ୱାହି ଦେଇ କାର୍ଯ୍ୟରେ ବାଧା ଉପୁଜାଇବା ପରିବର୍ତ୍ତେ କାର୍ଯ୍ୟଟି ଅନାୟାସରେ କିପରି ହୋଇପାରିବ ସେଥି ନିମନ୍ତେ ଶିଳ୍ପ ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ସହଯୋଗ ପ୍ରଦାନ କରିବା ଆବଶ୍ୟକ ବୋଲି ମନ୍ତ୍ରୀ କହିଛନ୍ତି। ବିଭାଗୀୟ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର କହିଛନ୍ତି ଯେ ବିଭାଗର କେତେକ ନିୟମ କାର୍ଯ୍ୟ ସମ୍ପାଦନରେ ଯଦି ଅସୁବିଧା ସୃଷ୍ଟି କରୁଥାଏ, ତେବେ ସେ କ୍ଷେତ୍ରରେ ନିୟମର ସଂଶୋଧନ ପାଇଁ କ୍ଷେତ୍ର ଅଧିକାରୀମାନେ ପରାମର୍ଶ ଦେଇପାରିବେ। ନିୟମର ଆଳ ଦେଖାଇ କୌଣସି କାର୍ଯ୍ୟକୁ ଅଯଥା ବିଳମ୍ବ କରିବା ଅଥବା ବାତିଲ ନ କରିବାକୁ ପରାମର୍ଶ ଦେଇଛନ୍ତି।

ଚଳିତ ବର୍ଷ ବାଣିଜ୍ୟ ମେଳା ହେବନାହିଁ,କିନ୍ତୁ ଆସନ୍ତା ମାର୍ଚ୍ଚ ୫ରୁ ୯ ତାରିଖ ମଧ୍ୟରେ ପ୍ରତି ଜିଲ୍ଲାସ୍ତରରେ ଉଦ୍ୟୋଗ ସପ୍ତାହ ପାଳନ କରାଯିବ। ଏହି ଉପଲକ୍ଷେ ଜିଲ୍ଲାସ୍ତରରେ ପ୍ରଦର୍ଶନୀ ଆୟୋଜନ କରାଯିବା ଏହି କାର୍ଯ୍ୟକ୍ରମରେ ଜିଲ୍ଲାରେ ହେଉଥିବା ବିଶେଷ ଉତ୍ପାଦଗୁଡ଼ିକର ପ୍ରଦର୍ଶନ, ଏଗୁଡ଼ିକର ପ୍ରକ୍ରିୟାକରଣ ଏବଂ ଏ ଧରଣର ଉଦ୍ୟୋଗ ପାଇଁ ସରକାରୀ ପ୍ରୋତ୍ସାହନଗୁଡ଼ିକ ସମ୍ବନ୍ଧରେ ଏହି ମେଳାରେ ଜନସାଧାରଣଙ୍କୁ ଅବଗତ କରିବାକୁ ପଦକ୍ଷେପ ନେବାକୁ କୁହାଯାଇଛି। ବିଶେଷ ଭାବେ ସ୍କୁଲ, କଲେଜ, ଆଇଟିଆଇ ପ୍ରଭୃତିର ପ୍ରଧାନ ଶିକ୍ଷକ, ଅଧକ୍ଷମାନଙ୍କୁ ପତ୍ରାଳାପ କରି ଛାତ୍ରୀଛାତ୍ର ଏହି ପ୍ରଦର୍ଶନୀ ବୁଲି ଦେଖିବା ପାଇଁ ବ୍ୟବସ୍ଥା କଲେ ଏହା ଯୁବପିଢ଼ିଙ୍କୁ ଶିଳ୍ପ ପ୍ରତିଷ୍ଠାନ ପ୍ରତିଷ୍ଠା ଦିଗରେ ନୂତନ ଉତ୍ସାହ ଭରିଦେବ।

ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ଜିଲାର ଜିଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ-ଆଞ୍ଚଳିକ ସାଧାରଣ ପରିଚାଳକଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ ଓ ଏମ୍ଏସ୍ଏମ୍ଇର ସ୍ୱତନ୍ତ୍ର ସଚିବ ବିଭୂତି ଭୂଷଣ ଦାସ, ଶିଳ୍ପ ନିର୍ଦ୍ଦେଶକ ମହମ୍ମଦ ସାଦିକ ଆଲାମ, ଡିଇପିଏମ୍ ଦିଲୀପ କୁମାର ସାହୁ, ଅତିରିକ୍ତ ସଚିବ ରାଜଶ୍ରୀ ସିଂ, ମାନସୀ ମାନ୍ଧାତା, ଅତିରିକ୍ତ ଶିଳ୍ପ ନିର୍ଦ୍ଦେଶକ ଏସ୍.ଏନ୍. ହୋତା ପ୍ରମୁଖ ଉପସ୍ଥିତ ଥିଲେ।

## ୧୪.୫୫ ମିଲିୟନ ଟନ୍ କୋଇଲା ଉତ୍ପାଦନ

ନୂଆଦିଲ୍ଲୀ,୧୦।୧: ଗତବର୍ଷ ଏପ୍ରିଲରୁ ଡିସେମ୍ବର ମଧ୍ୟରେ ବନ୍ଦ ହୋଇପଡ଼ିଥିବା କୋଇଲା ଖଣିରୁ ୧୪.୫୫ ମିଲିୟନ ଟନ୍ କୋଇଲା ଉତ୍ପାଦିତ ହୋଇଛି ବୋଲି ମଙ୍ଗଳବାର ଏନ୍‌ଟିପିସି ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ବନ୍ଦ ରହିଥିବା କୋଇଲା ଖଣିଗୁଡ଼ିକରୁ ୨୦୨୨ ଏପ୍ରିଲରୁ ଡିସେମ୍ବର ମଧ୍ୟରେ ଖଣିରୁ ୧୪.୫୫ ମିଲିୟନ ଟନ୍ ଏବଂ ବର୍ଷକ ପୂର୍ବରୁ ବନ୍ଦ ହୋଇରହିଥିବା ଖଣିରୁ ୯.୬୫ ମିଲିୟନ ଟନ୍ କୋଇଲା ଉତ୍ପାଦନ ହୋଇଥିଲା। ତେବେ ପୂର୍ବ ବର୍ଷରେ ୯.୬୫ ମିଲିୟନ ଟନ୍ କୋଇଲା ଉତ୍ପାଦନ ତୁଳନାରେ ୨୦୨୨-୨୩ ଆର୍ଥିକ ବର୍ଷରେ ୧୪.୫୫ ମିଲିୟନ ଟନ୍ ଉତ୍ପାଦନ ସହ ପୂର୍ବ ରେକର୍ଡକୁ ଅତିକ୍ରମ କରିଛି ବୋଲି ଏନ୍‌ଟିପିସି ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଦେଶରେ ୪ଟି କାର୍ଯ୍ୟକ୍ଷମ ହୋଇଥିବା କୋଇଲା ଖଣିରୁ ମାସକ ମଧ୍ୟରେ ସର୍ବାଧିକ ୨୨.୮୩ ଲକ୍ଷ ଟନ୍ କୋଇଲା ଉତ୍ପାଦନ ହୋଇଛି। ସେହି ଖଣିଗୁଡ଼ିକ ହେଉଛି ଦୁଲାଙ୍ଗା(ଓଡ଼ିଶା), ତଲାଇପାଲ୍ଲୀ (ଛତିଶଗଡ଼), ପାକ୍ରି-ବାରୱାଡିହ (ଝାଡ଼ଖଣ୍ଡ), ଛତି-ବାରିଆଟୁ(ଝାଡ଼ଖଣ୍ଡ)। ତେବେ ୫.୭୯ ମିଲିୟନ ଟନ୍ ମଧ୍ୟରୁ ପାୱାର ପ୍ଲାଣ୍ଟଗୁଡ଼ିକୁ ୫.୪୨ ମିଲିୟନ ଟନ୍ କୋଇଲା ପଠାଇଛି ବୋଲି ଏନ୍‌ଟିପିସିର ତ୍ରୈମାସିକ ରିପୋର୍ଟରେ କୁହାଯାଇଛି।

# ସୁଲଭ ମୂଲ୍ୟରେ ଗୁଣାତ୍ମକ ଚିକିତ୍ସା ଦେବ ୟୁବିଇଏୟୁ

ଭୁବନେଶ୍ୱର,୧୦।୧

ପ୍ରିମିୟମ ଆଷ୍ଟେଟିକ୍ କ୍ଲିନିକ୍ ୟୁବିଇଏୟୁର ଅଲଥେରାପି ଏବଂ ବାଲାନ୍ସ ପ୍ରୋ କୁ ଫାଶନ୍ ଓ ଲାଇଫ୍ ଷ୍ଟାଇଲ୍ ମେଳା ପରିସରରେ ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ମୋ କଲେଜ ଅଧ୍ୟକ୍ଷ ଆକାଶ ଦାସ ନାୟକ ଓ ଅଭିନେତ୍ରୀ ପ୍ରକୃତି ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏ ସମ୍ପର୍କରେ ୟୁବିଇଏୟୁର ପ୍ରତିଷ୍ଠାତା ଡା.ସମ୍ପଦା ସେଠିଆ କହିଛନ୍ତି, ଏହା ପୂର୍ବରୁ ପ୍ରତିଷ୍ଠାନ ହାଇଡେରା ଫେସିଆଲ୍ ଓଡ଼ିଶା ବଜାରରେ ପ୍ରଥମେ ପ୍ରବେଶ କରାଇ ସାରିଛି। ଏଠାରେ ଇଣ୍ଟରନ୍ୟାଶନାଲ ଚିକିତ୍ସା ମଧ୍ୟ କରାଯାଏ। ବିଶେଷକରି ସବୁ ପ୍ରକାର ବିୟୁଟି ଚିକିତ୍ସା ସୁଲଭ ଓ ଗୁଣାତ୍ମକ ମାନର ଯୋଗାଇ ଦିଆଯାଇଥାଏ। ନିକଟରେ ମଧ୍ୟ ଅଲଥେରାପି ଚିକିତ୍ସା ଆରମ୍ଭ କରାଯାଇଛି। ଅତ୍ୟାଧୁନିକ ଜ୍ଞାନକୌଶଳ ସହ ବିନା କୌଣସି ଅସ୍ତ୍ରୋପଚାରରେ ଫେସ୍‌ଲିଫ୍ଟ ମଧ୍ୟ କରାଯାଇଥାଏ। ଏପରିକି ଅନେକ ଲୋକଙ୍କ ବୟସ ବଢ଼ିବା ପରେ ସେମାନଙ୍କ ଚର୍ମରେ ପରିବର୍ତ୍ତନ ଆସିଥାଏ। ହେଲେ ଏହି ଚିକିତ୍ସା ଦ୍ୱାରା ସେମାନେ ଅଧିକ ଆକର୍ଷଣୀୟ ଦେଖାଯାଇଥାନ୍ତି। ଏହାଦ୍ୱାରା ମୁହଁରେ ଚମକ ଆସିଥାଏ। ଅପରପକ୍ଷରେ ରକ୍ତ ସଞ୍ଚାଳନରେ ଉନ୍ନତି ଆଣିବା, ଫୁଲିବା କମାଇବା ଏବଂ ଶରୀରକୁ ଡିଟକ୍ସାଇଫ୍ କରିବାରେ ଏହା ସାହାଯ୍ୟ କରେ। ଆମର ପ୍ରିମିୟମ ଏବଂ ସାର୍ଟିଫିକେଟ୍ ସହ ଓଡ଼ିଶାର ଲୋକଙ୍କୁ ସେମାନଙ୍କର ସୁସ୍ଥତା ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରାଇବାରେ ଏହା ବେଶ୍ ସହାୟତା ପ୍ରଦାନ କରୁଛି। ସବୁଠୁ ବଡ଼ କଥା ହେଲା କ୍ଲିନିକ୍‌ରେ ଉନ୍ନତମାନର ଚିକିତ୍ସା କରାଯାଇଥାଏ।

## ZILLA PARISHAD, KALAHANDI
### CORRIGENDUM

No. 165 Dt.09.01.2023

No. CAD-4414: Due to some technical problem, the following date & time of the Bid Identification No. ZP-T-1/2022-23 is rescheduled as below:

| | | | |
|---|---|---|---|
| 1 | Date and time of availability of bid document in the portal | : | 11.00 hrs. of 13.01.2023 to 17.00 hrs. of 24.01.2023 |
| 2 | Last date/time for receipt of bid in the portal | : | 17.00 hour of 24.01.2023 |
| 3 | Date & Venue of opening of the Single Cover Bid and Technical Bid (Cover-1) of Double Cover Bid | : | On 25.01.2023 at 11.00 A.M. in the Office of the Zilla Parishad, Kalahandi |

Sd./- CDO-cum-EO
Zilla Parishad, Kalahandi
OIPR-19287/11/0004/2223

## NOTICE

No. C-2252: The following contractor, who were registered as "C" Class Contractor under S.E.P.H. Circle, Bhubaneswar. (Now Addl. Cheif Engineer, P.H. Circle, Bhubaneswar) and their Registration Certificate are hereby cancelled as per his written request and their onetime deposit in shape of NSC will be refunded to him.

| Sl. No. | Name and Address | Regn. No. & Class | This Office Order No. & Date |
|---|---|---|---|
| 1) | Sri Dhiren Kumar Swain<br>S/o. Ananta Charan Swain<br>At: Guapur<br>P.O.: Majhihara<br>P.S.: Balipatana<br>Dist.: Khordha | Regd. No. 1107 of 2008-09 'C' Class | S.E.P.H. Circle, BBSR No. 4118, Dt.24.06.2008 |
| 2) | Sri Priyabrata Swain<br>S/o. Karunakar Swain<br>At; Asana<br>P.O.: Alasahi<br>P.S.: Astaranga<br>Dist.: Puri | Regd. No. 1223 of 2011-12 'C' Class | S.E.P.H. Circle, BBSR No.5305, Dt.09.11.2011 |
| 3) | Sri Nikunja Kishore Das<br>S/o. Late Harakrushna Das<br>At: Nimakana<br>P.O.: Manijanga<br>P.S.: Tirtol<br>Dist.: Jagatsinghpur | CDMS Regd. No. 443WJ556 'C' Class (Valid upto 31.03.2022) | S.E.P.H. Circle, BBSR Dt.23.03.2019 |

This notice is required to be published for information of all Govt. Deptt./Offices where they have executed the work. If any Govt. dues/materials are outstanding against the above contractor which are due to be recovered, may please be reported to the undersigned within 30 (Thirty) days from the date of publication of this notice for recovery/adjustment to Govt. accounts.

In case no report from any office/Deptt. are received within the stipulated period i.e. 30 days from the date of publication of this notice, the onetime deposit made by the contractor will be released/refunded to them without any further notice.

If any Govt. dues/materials detected by any office beyond the stipulated time, it will be their responsibility for the lapses what so ever.

Sd./- Additional Chief Engineer
P.H. Circle, Bhubaneswar
OIPR-13047/11/0021/2223

## OFFICE OF SUPERINTENDING ENGINEER MINOR IRRIGATION DIVISION, JAJPUR

Letter No.04/ Dt-05.01.2023

**GOVERNMENT OF ODISHA e-Procurement Notice**

**Bid Identification No. online EEMIDJAJ- 08 / 2022-23**

No.A-1002: eemijajpur@gmail.com

1. Name of work : Construction of Check Dams under M.I. Sub-Division Badachana
2. Total Number of work : 3 (Three) nos.
3. Estimated cost : Varies from Rs.40.41 lakhs to Rs.49.20 lakhs
4. Tender paper Cost(Online) : Varies from Rs.6000/-
5. Bid Security (Online) : As per DTCN
6. Period of Completion : As per DTCN
7. Availability of Bid Document : From 13.01.2023, 10.00 AM to 30.01.2023, 5.00 P.M. in website (www.tendersorissa.gov.in)
8. Last date & Time of receipt of Bid through online : 30.01.2023 at 5.00 P.M. through online
9. Date of opening of Bid documents : 31.01.2023 at 11.00 A.M. in the office of the EE,M.I.Division, Jajpur
10. Date of Lottery, if required : 10.02.2023 at 11.00 A.M. in the office of the EE, M.I.Division, Jajpur
11. Name and address of the OIT: Executive Engineer, M.I. Division Jajpur, At-Bhabaniganj, P.O.-Jajpur Phone: 06728-222008 PINCODE: 755001

Further details can be seen from the Government of Odisha website www.tendersorissa.gov.in.

Sd./- Superintending Engineer
M.I. Division, Jajpur
OIPR-32280/11/0007/2223

## Bhubaneswar Municipal Corporation

*Progress through Partnership for better Bhubaneswar*

XXXX-II-78-22/2022/21

RFP No. 1063 Date: 09.01.2023

### RFP for "Selection of an Agency for Supply of 673 Nos. of ladies Bicycles to Bhubaneswar Municipal Corporation (BMC)"

Please refer to the HR policies in the Institution website for additional benefits.
S/d PRINCIPAL
Visit us at: www.gmrit.org
GMR Nagar, Rajam-532127, Vizianagaram Dist., A.P, Ph.: 08941-251592/593
GMR GROUP–IT/29/PREM ASSOCIATES

**PARADIP PORT AUTHORITY**
PARADIP-754142, ODISHA (INDIA)
(An autonomous body under Ministry of Ports, Shipping & Waterways, Govt. of India)
No. AD/RSC-22/196/2015(Pt.-VI)/20 Dated, the 4th January, 2023
**Advertisement**
Applications are invited from Indian Nationals for engagement of 01 (one) **Chief Manager (Corporate Relations & Communications)** on contractual basis in Paradip Port Authority.
For further details, visit our **website: www.paradipport.gov.in.**
**Sd/- Dy Secretary**
Paradip Port Authority
PPA/PR/218/2022-23 Dt. 05.01.2023

**WANTED**
ଧରିତ୍ରୀ DHARITRI Oriya daily
is looking for
**BACK OFFICE EXECUTIVES**
- Graduates with 1-3 yrs experience in back office work.
- Responsibility will include maintaining data, billing and schedule of advertisements.
- Candidates should be well equipped with Excel, MS Office & should have basic knowledge of Tally.

Apply immediately to :
recruitment@dharitri.com
Attractive salary commensurate with experience

## ଆଜି କ'ଣ କେଉଁଠି

### ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର ନିର୍ମାତା ମୋହନ ସୁନ୍ଦର ଦେବଗୋସ୍ୱାମୀଙ୍କ ୭୫ତମ ଶ୍ରାଦ୍ଧୋତ୍ସବ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସରସ୍ଥ ପ୍ରତିମୂର୍ତ୍ତିସ୍ଥଳୀ, ସକାଳ ୮ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଶାନ୍ତିଦୂତ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ୫୭ତମ ଶ୍ରାଦ୍ଧୋତ୍ସବ, ଶାସ୍ତ୍ରୀନଗରସ୍ଥିତ ପ୍ରତିମୂର୍ତ୍ତିସ୍ଥଳୀ, ସକାଳ ୯ଟା।
- ଜଳ, ପରିମଳ ଓ ସେଚ ଅବସରପ୍ରାପ୍ତ ବରିଷ୍ଠ ନାଗରିକ ପରିଷଦର ୪ର୍ଥ ବାର୍ଷିକ ସମ୍ମିଳନୀ, ବୁଦ୍ଧ ମନ୍ଦିର, ପୂର୍ବାହ୍ନ ୧୧ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୮ତମ ବାର୍ଷିକ ଉତ୍ସବ, ବଡ଼ଗଡ଼ ବ୍ରିଟ୍ କଲୋନୀ, ଅପରାହ୍ନ ୪ଟା।
- ନିଲମ୍ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ମାତା କି ଚୌକ୍, ରେଲ୍ ଅଡିଟୋରିୟମ୍ ଚନ୍ଦ୍ରଶେଖରପୁର, ଅପରାହ୍ନ ୫ଟା ୩୦।
- କଳ୍ପବଟ ଭଜନସନ୍ଧ୍ୟା ଟ୍ରଷ୍ଟ ପକ୍ଷରୁ ଓଡ଼ିଶୀ ସଙ୍ଗୀତ ସନ୍ଧ୍ୟା, ସୂଚନା ଭବନ, ସନ୍ଧ୍ୟା ୬ଟା।

### କଟକ

- ପୁରୁଷ ହକି ବିଶ୍ୱକପ୍ ଟ୍ରଫିର ସହର ପରିକ୍ରମା, ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ, ସକାଳ ୬ଟା।
- ବିଶ୍ୱକପ୍ ହକି ଉଦ୍‌ଘାଟନୀ ସମାରୋହ, କଟକ ବାରବାଟୀ ଷ୍ଟାଡିୟମ, ଅପରାହ୍ନ ୩ଟା।

### ପୁରୀ

- ଆନ୍ତର୍ଜାତିକ ଇଲେକ୍ଟ୍ରୋ ହୋମିଓପାଥିକ ସମ୍ମିଳନୀ, ଆୟୁର୍ବେଦିକ କଲେଜ ପରିସର, ପୂର୍ବାହ୍ନ ୧୦ଟା।
- ଚିତ୍ର କର୍ମଶାଳା, ପୁସ୍ତକ ମେଳା ପରିସର, ଅପରାହ୍ନ ୫ଟା।
- ନବପ୍ରତିଭା ପକ୍ଷରୁ ଲୋକନୃତ୍ୟ, ଅପରାହ୍ନ ୫ଟା ୩୦, ଭଏସ୍ ଅଫ୍ କମନ ମ୍ୟାନ ପକ୍ଷରୁ ଆଲୋଚନାଚକ୍ର, ଅପରାହ୍ନ ୬.୩୦, ପୁସ୍ତକ ମେଳା ପରିସର, ଶରଧାବାଲି।

## ୩୧୦ କୋରେକ୍ସ ବୋତଲ ଜବତ, ୨ ଗିରଫ

ପୁରୀ ଅଫିସ,୧୦।୧- ବେଆଇନ ଭାବେ କୋରେକ୍ସ ବା ସିରଫ ବିକ୍ରି କରିବା ଅଭିଯୋଗରେ ବଳିଆପଣ୍ଡା ଥାନା ପୋଲିସ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ୨ ଅଭିଯୁକ୍ତ ହେଲେ ବାସେଳି ସାହି ଥାନା ଅଞ୍ଚଳରେ ରହୁଥିବା ସତ୍ୟ ନାରାୟଣ ତ୍ରିପାଠୀ ଏବଂ ଟାଉନ ଥାନା ଅଞ୍ଚଳରେ ରହୁଥିବା ସୂର୍ଯ୍ୟ ନାରାୟଣ ମହାପାତ୍ର। ପୋଲିସ ଅଭିଯୁକ୍ତମାନଙ୍କ ନିକଟରୁ ୩୧୦ଟି କୋରେକ୍ସ ବୋତଲ ଜବତ କରିଛି। ଏହାସହ ଗୋଟିଏ ବାଇକ୍, ଗୋଟିଏ ମୋବାଇଲ ଏବଂ ୪୦୦ ଟଙ୍କା ଜବତ କରିଛି। ଏ ନେଇ ପୋଲିସ କେସ ନଂ. ୬/୨୩ ରେ ଏକ ମାମଲା ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ସମୁଦ୍ରକୂଳ ଅଞ୍ଚଳରେ ଥିବା ହୋଟେଲ ସତ୍ୟମ ଭବନ ପରିସରରେ ୨ଜଣ ବ୍ୟକ୍ତି କୋରେକ୍ସ ବୋତଲ ବିକ୍ରି କରୁଥିବା ନେଇ ବଳିଆପଣ୍ଡା ପୋଲିସଙ୍କୁ ଅଭିଯୋଗ ହୋଇଥିଲା। ଖବରପାଇ ପୋଲିସ ଉକ୍ତ ସ୍ଥାନରେ ଚଢ଼ାଉ କରିଥିଲା। ସନ୍ଦେହଜନକ ଅବସ୍ଥାରେ ଥିବା ୨ଜଣ ବ୍ୟକ୍ତିଙ୍କୁ ପଚରାଉଚରା କରିବା ସହ କାଗଜପତ୍ର ମାଗିଥିଲେ। ହେଲେ ସେମାନେ କାଗଜପତ୍ର ଦେଖାଇବାରେ ବିଫଳ ହୋଇଥିଲେ। ପରେ ପୋଲିସ ବେଆଇନ କୋରେକ୍ସଗୁଡ଼ିକୁ ଜବତ କରିବା ସହ ୨ ଅଭିଯୁକ୍ତଙ୍କୁ ଗିରଫ କରି ଥାନାକୁ ଆଣିଥିଲା। ଗିରଫ ୨ବ୍ୟକ୍ତିଙ୍କ ମଧ୍ୟରେ ଜଣେ ଉକ୍ତ ହୋଟେଲର କେୟାର ଟେକର ଭାବେ କାର୍ଯ୍ୟ କରୁଥିବା ଜଣାପଡ଼ିଥିଲା।

# ୪ ପିଲାଙ୍କ ହାତଗୋଡ଼ ବାନ୍ଧି ଅପହରଣ

- କୌଶଳକ୍ରମେ ଜଣେ ଛାତ୍ରୀ ଉଦ୍ଧାର
- ଅନ୍ୟ ୩ଜଣଙ୍କୁ ଖୋଜୁଛି ପୋଲିସ
- ପିଲା ଚୋରି ନେଇ ବଢ଼ିଲା ସନ୍ଦେହ

ମଙ୍ଗୁଳି/ଜଗତପୁର,୧୦।୧(ଡି.ଏନ୍.ଏ.)



ଉଦ୍ଧାର ଛାତ୍ରୀଙ୍କ ଘରେ ପୋଲିସ ତଦନ୍ତ କରୁଛି ।

କଟକ ଜିଲା ଜଗତ୍‌ପୁର ଥାନା ଅଧୀନ ୪୮ନମ୍ବର ୱାର୍ଡ ଭୁବନପୁର ଅଞ୍ଚଳରୁ ମଙ୍ଗଳବାର ସକାଳେ ଏକ ଟାଟା ଏସିରେ ୪ଜଣ ଛୋଟ ପିଲାଙ୍କୁ ୩ଜଣ ଦୁର୍ବୃତ୍ତ ଅପହରଣ କରି ନେଉଥିବାବେଳେ ଜଣଙ୍କୁ ଉଦ୍ଧାର କରାଯାଇଛି। ଅନ୍ୟ ତିନି ଜଣ ପିଲାଙ୍କୁ ଦୁର୍ବୃତ୍ତମାନେ ଅପହରଣ କରି ନେଇଯାଇଥିବା ଉଦ୍ଧାର ହୋଇଥିବା ପଞ୍ଚମ ଶ୍ରେଣୀର ଛାତ୍ରୀ ପୋଲିସ ନିକଟରେ ବୟାନ ଦେଇଛନ୍ତି। ଏନେଇ ଛାତ୍ରୀଙ୍କ ଅଜା ପ୍ରବୀର ରଥ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୩/୨୨) ରୁଜୁ କରିଛି। ଅନ୍ୟ ୩ ଅପହୃତାଙ୍କୁ ତୁରନ୍ତ ଉଦ୍ଧାର କରିବା ନିମନ୍ତେ ଅଞ୍ଚଳବାସୀ ଦାବି କରିଛନ୍ତି।

ଅଭିଯୋଗ ସୂଚନା ଅନୁଯାୟୀ, ଉଦ୍ଧାର ହୋଇଥିବା ଛାତ୍ରୀ ଜଣକ ପ୍ରତିଦିନ ପରି ସକାଳ ୭ଟାରେ ଘର ପଛପଟ ଗଳି ଦେଇ ଟ୍ୟୁଶନ ଯାଉଥିଲେ। ଏହି ସମୟରେ ହଠାତ୍ ୨ଜଣ ଅଜଣା ବ୍ୟକ୍ତି ତାଙ୍କ ପାଖକୁ ଆସି କିଛି ଶୁଙ୍ଘେଇ ଦେଇଥିଲେ। କିଛି ସମୟ ମଧ୍ୟରେ ଛାତ୍ରୀଙ୍କ ହାତ ଗୋଡ଼ ନିସ୍ତେଜ ହେବା ସହ ପାଟିରୁ କୌଣସି କଥା ବାହାରି ନ ଥିଲା। ପରେ ଦୁର୍ବୃତ୍ତମାନେ ଏକ ଟାଟା ଏସିଇ ଗାଡ଼ି ଡାଲା ଉପରକୁ ତାଙ୍କୁ ଟେକି ନେଇ ଏକ ଅଖା ମଧ୍ୟରେ ପୂରାଇ ନେଇ ଯାଇଥିଲେ। ପଞ୍ଚମୁଖୀ ହନୁମାନ ମନ୍ଦିର ନିକଟରେ ଦୁର୍ବୃତ୍ତମାନେ ଗାଡ଼ି ରଖି ଚା' ପିଉଥିବାବେଳେ ଛାତ୍ରୀଜଣଙ୍କ ହୋସ୍ ଆସିଥିଲା। ସେତେବେଳକୁ ଉକ୍ତ ଗାଡ଼ିରେ ତାଙ୍କ ପରି ୧୦ରୁ ୧୨ ବର୍ଷର ଦୁଇ ଜଣ ପୁଅ ଓ ଜଣେ ଝିଅ ହାତଗୋଡ଼ ବନ୍ଧା ଅବସ୍ଥାରେ ପଡ଼ିଥିଲେ। ଏହା ଦେଖି ଛାତ୍ରୀ ଜଣକ ମନ୍ଦିରରୁ ପୂଜା ସାରି ସେହି ବାଟଦେଇ ଫେରୁଥିବା ତାଙ୍କ ସାଙ୍ଗଙ୍କ ବାପା ମୋହନ ପଟ୍ଟନାୟକଙ୍କୁ ହାତ ଠାରି ସାହାଯ୍ୟ ମାଗିଥିଲେ। ମୋହନ କୌଶଳକ୍ରମେ ତାଙ୍କୁ ଉଦ୍ଧାର କରିଥିଲେ। ଏହା ଜାଣି ଅପହରଣକାରୀମାନେ ଅନ୍ୟ ୩ଜଣଙ୍କୁ ନେଇ ଫେରାର ହୋଇଯାଇଥିଲେ। ଏହାପରେ ଛାତ୍ରୀଜଣଙ୍କ ଘରକୁ ଆସି ସବୁ ଘଟଣା ପରିବାର ଲୋକଙ୍କୁ ଜଣାଇଥିଲେ। ଏନେଇ ଜଗତପୁର ଥାନାକୁ ପରିବାର ଲୋକେ ଲିଖିତ ଅଭିଯୋଗ କରିଥିଲେ। ଜଗତପୁର ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ପର୍ଯ୍ୟାୟ ତଦନ୍ତ ଆରମ୍ଭ କରିଛନ୍ତି। ଏ ସଂକ୍ରାନ୍ତରେ ଥାନା ଅଧିକାରୀ ରବୀନ୍ଦ୍ରନାଥ ମେହେର କହିଛନ୍ତି , ଉଦ୍ଧାର ହୋଇଥିବା ଛାତ୍ରୀଙ୍କ ଠାରୁ ସବୁ ଶୁଣିବା ପରେ ଏହାର ସତ୍ୟାସତ୍ୟ ଜାଣିବା ପାଇଁ ଜଗତପୁର ଅଞ୍ଚଳର ବିଭିନ୍ନ ଜାଗାରେ ଲାଗିଥିବା ସିସି ଟିଭି କ୍ୟାମେରା ଚେକ କରାଯାଇଛି। ହେଲେ ଅପହରଣ କରି ନିଆଯାଉଥିବାର ଦୃଶ୍ୟ କେଉଁଠି ଜଣାପଡୁ ନାହିଁ। ତେବେ ଘଟଣାର ୬ଘଣ୍ଟା ବିତିଯାଇଥିଲେ ସୁଦ୍ଧା ଅପହରଣର ଶିକାର ହୋଇଥିବା ଅନ୍ୟ ୩ଜଣଙ୍କ ପିଲାଙ୍କ ପରିବାର ପକ୍ଷରୁ କୌଣସି ଅଭିଯୋଗ ନ ହେବା ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହା ସତ୍ତ୍ୱେ ଅନ୍ୟ ୩ ପିଲାଙ୍କୁ ଖୋଜିବାକୁ ଚେଷ୍ଟା କରାଯାଉଛି। ଛାତ୍ରୀଙ୍କୁ ଉଦ୍ଧାର କରିଥିବା ମୋହନଙ୍କୁ ପଚରାଉଚରା କରିବା ପରେ ଘଟଣା ବିଷୟରେ ଅଧିକ ତଥ୍ୟ ମିଳିପାରିବ ବୋଲି ଥାନା ଅଧିକାରୀ ମେହେର କହିଛନ୍ତି। ଅପରପକ୍ଷରେ ପିଲାଙ୍କୁ ଚୋରି କରି ବାହାରକୁ ଚାଲାଣ କରାଯାଉଥିବା ବିଭିନ୍ନ ସମୟରେ ଅଭିଯୋଗ ହେଉଛି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଲୋକଙ୍କ ମଧ୍ୟରେ ଭୟ ଖେଳି ଯାଇଛି।



ପୁରୀ ସମୁଦ୍ରରେ ମଙ୍ଗଳବାର ପର୍ଯ୍ୟଟକମାନେ ଜଳକ୍ରୀଡ଼ାର ମଜା ନେଉଛନ୍ତି ।

## କୂଅରେ ଖସି ଜଣେ ମୃତ

ବାରଙ୍ଗ,୧୦।୧(ଡି.ଏନ୍.ଏ.)

ବାରଙ୍ଗ ଥାନା ଅଞ୍ଚଳରେ ମଙ୍ଗଳବାର ଏକ କୂଅକୁ ଖସିପଡ଼ିଯିବାରୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଫକିରପଡା ଗ୍ରାମର ବାବୁରାମ ସାଇଁ(୫୬)। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୧/୨୩) ରୁଜୁ କରି ତଦନ୍ତ ଚଳାଇଛି। ବାବୁରାମ ମଙ୍ଗଳବାର ସକାଳେ ଘର ପାଖରେ ଥିବା କୁଅକୁ ଗାଧୋଇବାକୁ ଯାଇଥିଲେ। କୂଅ ପାଖରେ ରହି ତେଲ ଲଗାଉଥିବା ବେଳେ ଅସାବଧାନତାବଶତଃ ତାଙ୍କ ଗୋଡ଼ ଖସିଯାଇଥିଲା। ଫଳରେ ସେ କୂଅ ଭିତରକୁ ଖସିପଡ଼ିଥିଲେ। ପାଖରେ ଥିବା ସ୍ଥାନୀୟ ଲୋକ ଏହାଦେଖି ତାଙ୍କ ପରିବାର ସହ ବାରଙ୍ଗ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଅଗ୍ନିଶମ ବିଭାଗର କର୍ମଚାରୀ ଆସି କୂଅରୁ ତାଙ୍କୁ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନା ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ।

# ୪ ଛୁଆ ଜନ୍ମଦେଲା ସିଂହୀ ରେୱା

- ୨ ମୃତ, ୨ ଶାବକଙ୍କୁ ଗ୍ରହଣ କରିଲାନି ମା
- ଲାଳନପାଳନ କେନ୍ଦ୍ରରେ ରହିଲେ

ବାରଙ୍ଗ,୧୦।୧(ଡି.ଏନ୍.ଏ.)

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ମଙ୍ଗଳବାର ସିଂହୀ ରେୱା ପ୍ରଥମଥର ମା' ହୋଇଥିବା ବେଳେ ୪ଟି ଛୁଆକୁ ଜନ୍ମ ଦେଇଛି। ହେଲେ ଜନ୍ମଦେବାର କିଛି ସମୟ ମଧ୍ୟରେ ନବଜାତକ ଛୁଆଙ୍କୁ ମା'ସ୍ନେହରୁ ବଞ୍ଚିତ ହେବାକୁ ପଡିଛି। ମା' ରେୱା ଜନ୍ମ ଦେଇଥିଲେ ମଧ୍ୟ ଛୁଆଙ୍କୁ ଗ୍ରହଣ ନ କରିବାରୁ ମଣିଷ କୋଳରେ ଲାଳନପାଳନ ହେବା ପାଇଁ ଲାଳନପାଳନ କେନ୍ଦ୍ରରେ ଛଡ଼ାଯାଇଛି। ଶୁକ୍ରବାର ଅନ୍ୟତମ ଆକର୍ଷଣ ସାଜିଥିବା ଧଳା ବାଘୁଣୀ ରୂପା ୩ ଶାବକକୁ ଜନ୍ମ ଦେବାର ୪ଦିନ ପରେ ମଙ୍ଗଳବାର ସିଂହୀ ରେୱା ତା'ର ପ୍ରଥମଗର୍ଭସ୍ଥ ସନ୍ତାନକୁ ଜନ୍ମ ଦେଇଛି। ଏସିଆଟିକ୍ ସିଂହ ଜିତ୍ ସହ ମିଳନ ଘଟି ପ୍ରଥମକରି ମା' ହେବାର ସୌଭାଗ୍ୟ ଅର୍ଜନ କରିଥିବା ରେୱା ଗର୍ଭଧାରଣ କରିଥିବାର ଜଣାପଡିବା ପରେ ତା'ପ୍ରତି କର୍ମଚାରୀମାନେ ସତର୍କ ଦୃଷ୍ଟି ରଖିଥିଲେ। ପ୍ରଥମକରି ସିଂହୀ ରେୱା ମା' ହେଉଥିବାରୁ ସିଂହସଫାରୀର ଏକ ସେଲରେ ସ୍ୱତନ୍ତ୍ର ଭାବେ ତାକୁ ରଖାଯାଇ ସିସିକ୍ୟାମେରା ଦ୍ୱାରା ଗତିବିଧିକୁ ଲକ୍ଷ୍ୟ କରାଯାଇଥିଲା। ଆବଶ୍ୟକ ନ ଥିଲେ ରେୱା ରହୁଥିବା ସେଲ୍ ପାଖକୁ କର୍ମଚାରୀମାନଙ୍କ ଯାତାୟାତକୁ ସମ୍ପୂର୍ଣ୍ଣ ରୂପେ ବାରଣ କରାଯାଇଥିଲା। ଶେଷରେ ମଙ୍ଗଳବାର ରେୱା ପର୍ଯ୍ୟାୟକ୍ରମେ ୪ ଛୁଆକୁ ଜନ୍ମ ଦେଇଥିଲା। କିନ୍ତୁ ପ୍ରଥମ ଛୁଆଟି ଜନ୍ମହେବାର କିଛି ସମୟ ପରେ ମୃତ୍ୟୁବରଣ କରିଥିଲା।



ଦ୍ୱିତୀୟ ଛୁଆକୁ ଜନ୍ମଦେଇ ସାରିଲା ପରେ ରେୱା ଗ୍ରହଣ କରି ନଥିଲା। ପ୍ରାୟ ୫ ଘଣ୍ଟା ପର୍ଯ୍ୟନ୍ତ ଅପେକ୍ଷା କରିବା ପରେ ମଧ୍ୟ ରେୱା ଛୁଆକୁ ଗ୍ରହଣ କଲା ନାହିଁ। ବାଧ ହୋଇ କର୍ମଚାରୀମାନେ ମା'ଠାରୁ ଅଲଗା କରି ଛୁଆଟିକୁ ଚିକିତ୍ସାଳୟ ପାଖରେ ଥିବା ଲାଳନପାଳନ କେନ୍ଦ୍ରକୁ ସ୍ଥାନାନ୍ତର କରିଥିଲେ। ତୃତୀୟ ଛୁଆଟି ମଧ୍ୟ ଜନ୍ମ ପରେ ମରିଯାଇଥିଲା। ଶେଷରେ ଚତୁର୍ଥ ଛୁଆକୁ ଜନ୍ମ ଦେବାର କିଛି ସମୟ ମଧ୍ୟରେ ଗ୍ରହଣ କରି ନ ଥିଲା। ପ୍ରାୟ ଅଧଘଣ୍ଟା ପରେ ତାକୁ ମଧ୍ୟ ମା'ଠାରୁ ଅଲଗା କରି ଲାଳନପାଳନ କେନ୍ଦ୍ରକୁ ଆଣିଥିଲେ। ନବଜାତକ ୨ଟିକୁ ବଞ୍ଚାଇ ରଖିବା ପାଇଁ ନନ୍ଦନକାନନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଉଭୟ ଛୁଆଙ୍କୁ ଇନକ୍ୟୁବେଶନ ଚାମ୍ବରରେ ରଖାଯିବା ସହ ବଞ୍ଚାଇ ରଖିବାର ପ୍ରୟାସ ଜାରି ରହିଛି। ଏହାସହ ପ୍ରଥମକରି ମା' ହୋଇଥିବା ସିଂହୀ ରେୱାର ଏଭଳି ଆଚରଣ ପରେ ତା'ପ୍ରତି କର୍ମଚାରୀମାନେ ସତର୍କ ଦୃଷ୍ଟି ରଖିଥିବାର ଉପନିର୍ଦ୍ଦେଶକ ସଞ୍ଜିତ କୁମାର କହିଛନ୍ତି। ତେବେ ଏହି ନବଜାତକକୁ ମିଶାଇବା ପରେ ନନ୍ଦନକାନନରେ ସିଂହ ସଂଖ୍ୟା ସମୁଦାୟ ୨୩ରେ ପହଞ୍ଚିଛି। ସେଥିମଧ୍ୟରେ ଏସିଆ ଟିକ-୧୩, ଆଫ୍ରିକାନ-୧, ହାଇବ୍ରିଡ-୭ ଓ ଛୁଆ-୨।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅମ୍ରିତା



@ ବିଶ୍ୱପ୍ରକାଶ



@ ଅନିତା



@ ସୁପ୍ରିୟା



@ ଚିନ୍ମୟ



@ ଦୀପକ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।




ପୁରୀ ଶରଧାବାଲିଠାରେ ଚାଲିଥିବା ୨୭ତମ ଶ୍ରୀକ୍ଷେତ୍ର ପୁସ୍ତକ ମେଳା ଅବସରରେ ମଙ୍ଗଳବାର ବୈଭବୀ କଳାକେନ୍ଦ୍ର ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି ।



ମନନ ନାଟ୍ୟାନୁଷ୍ଠାନର ୪୪ତମ ପ୍ରତିଷ୍ଠା ଉତ୍ସବ ପାଳନ ଅବସରରେ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ମନନ ନାଟ୍ୟ ଉତ୍ସବରେ ମଙ୍ଗଳବାର ମଞ୍ଚସ୍ଥ ନାଟକ 'ବାଂଝ'ର ଏକ ଦୃଶ୍ୟ।

# ୧୦ କୁଇଣ୍ଟାଲରେ ୫୦କେଜି ହରାଉଛନ୍ତି ଚାଷୀ

**କଟ୍‌ନିଛଟନିକୁ ବିରୋଧ**

- ସିଏସ୍‌ଓଙ୍କ ନିକଟରେ ଅଭିଯୋଗ
- ଦିଆଯାଉନି ଝୋଟ ଅଖା
- ପଞ୍ଜୀକୃତ ଚାଷୀଙ୍କ ଆସିନି ଟୋକନ

**ଖୋର୍ଦ୍ଧା ଅଫିସ,୧୦।୧:**

ଖୋର୍ଦ୍ଧା ଜିଲାରେ ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଧାନମଣ୍ଡି ମିଲର୍ସଙ୍କ ମନମାନିରେ ଚାଲିଛି। ଅଭିଯୋଗ ସତ୍ତ୍ୱେ ଜିଲା ଯୋଗାଣ ବିଭାଗ ଓ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଧାନର ମାନ ଏଫ୍ଏକ୍ୟୁ ଥିବା ସତ୍ତ୍ୱେ ମିଲର୍ସମାନେ କୁଇଣ୍ଟାଲ ପିଛା ୫କେଜି ଧାନ କଟନିଛଟନି କରୁଛନ୍ତି। ଯାହାକୁ ନେଇ ଚାଷୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଧାନର ମାନ ଠିକ୍ ଥିବା ବେଳେ କାହିଁକି ଧାନ କଟାଯିବ ବୋଲି ଚାଷୀ କହିଛନ୍ତି।

ଏହାର ପ୍ରତିବାଦରେ ମଙ୍ଗଳବାର ଜଟଣୀ ବ୍ଲକ ଛଣଘର ସେବା ସମବାୟ ସମିତିରେ ପଞ୍ଜୀକୃତ ଚାଷୀ ଜିଲା ଯୋଗାଣ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଗତ ୭ ତାରିଖରେ କନ୍ତିଆ ମଣ୍ଡିରେ ଧାନର ମାନ ଯାଞ୍ଚ ବେଳେ ଏହାର ମାନ ଠିକ୍ ରହିଥିବା ବେଳେ ଯାଞ୍ଚ ଅଧିକାରୀଙ୍କ ରିପୋର୍ଟ ସତ୍ତ୍ୱେ ମିଲ୍ ମାଲିକ କୁଇଣ୍ଟାଲ ପିଛା ୫କେଜି ଧାନ କାଟି ବଳକା ଧାନ କ୍ରୟ କରିଥିଲେ। ବିରୋଧ କଲେ ମିଲ୍ ମାଲିକ ଧାନ ନ ଉଠାଇବାକୁ ଧମକ ଦେଉଛନ୍ତି। ଫଳରେ ଚାଷୀ ଶୋଷଣର ଶୀକାର ହେଉଛନ୍ତି। ମଣ୍ଡିକୁ ଧାନ ଆଣିବାକୁ ଚାଷୀଙ୍କୁ ଝୋଟ ଅଖା ଯୋଗାଇଦେବା ଲାଗି ସରକାରଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଏହାକୁ ଗୁରୁତ୍ୱ ଦିଆଯାଉନାହିଁ। ଚାଷୀ ଜରି ଅଖାରେ ମଣ୍ଡିକୁ ଆଣୁଛନ୍ତି। ପ୍ରତି ୧୦ କୁଇଣ୍ଟାଲରେ ଚାଷୀଙ୍କ ୮ଶହ ଟଙ୍କା ଅର୍ଥାତ ୫୦କେଜି ଧାନ ହରାଉଛନ୍ତି। ଅନ୍ୟପଟେ ଚାଷୀର ସମସ୍ତ ବିବରଣୀ ପ୍ୟାକ୍ସରେ ଦାଖଲ କରିଥିବା ସତ୍ତ୍ୱେ କେତେଜଣ ଚାଷୀଙ୍କୁ ତାଲିକାରୁ ବାଦ୍ ଦିଆଯାଇଛି। ଏପରିକି କେତେଜଣ ପଞ୍ଜୀକୃତ ଚାଷୀଙ୍କ ବର୍ତ୍ତମାନ ପର୍ଯ୍ୟନ୍ତ ଟୋକନ ଆସି ନ ଥିବା ଯୋଗାଣ ଅଧିକାରୀଙ୍କ ଦୃଷ୍ଟି ଆର୍କଷଣ କରିଛନ୍ତି। ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଲାଗି ଦାବି କରିଛନ୍ତି। ମନୋରଞ୍ଜନ ବଡ଼ଜେନା, ବିଷ୍ଣୁଚରଣ ବେହେରା, ଶରତ ରାଉତରାୟଙ୍କ ସମେତ ଏକାଧିକ ଚାଷୀ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।


ସିଏସ୍‌ଓଙ୍କ ନିକଟରେ ଅଭିଯୋଗ କରିବାକୁ ଆସିଥିବା ଚାଷୀମାନେ।

**ଏମାନେ କ'ଣ କୁହନ୍ତି...**

"ହକି ବିଶ୍ୱକପ ପାଇଁ ମୁଖ୍ୟମନ୍ତ୍ରୀ ବ୍ୟସ୍ତ ଅଛନ୍ତି। ଚାଷୀ କିପରି ମଣ୍ଡିରେ ଶୃଙ୍ଖଳିତ ଭାବେ ଧାନ ବିକ୍ରି କରିବେ ତାହା, ଦେଖିବାକୁ ସମୟ ନାହିଁ। ମଣ୍ଡିରେ ମନଇଚ୍ଛା କଟ୍‌ନିଛଟନି ଚାଲିଛି। ଚାଷୀଙ୍କ ବିକାଶ କଥା କହୁଥିବା ସରକାର ଚାଷୀଙ୍କ ପ୍ରତି ଦରଦ ନାହିଁ। ବହୁ କଷ୍ଟ ସହି ଧାନ ଅମଳ କଲେ, ଏବେ ବିକ୍ରି ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

-ସୁରେଶ କୁମାର ରାଉତରାୟ, ଜଟଣୀ ବିଧାୟକ

"ଚଳିତବର୍ଷ ଧାନ ଭଲ ଅମଳ ହୋଇଛି। ଧାନର ମାନ ଏଫ୍ଏକ୍ୟୁ ରହିଥିବା ବେଳେ ମିଲ୍ ମାଲିକମାନେ ବିରୋଧ କରୁଛନ୍ତି। ଜୋର ଜବରଦସ୍ତ ୫କେଜି କାଟୁଛନ୍ତି। ଏକାଧିକ ମଣ୍ଡିରେ ସମାନ ଅଭିଯୋଗ ରହିଛି। ପ୍ରଶାସନ କିମ୍ବା ଯୋଗାଣ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଆଗାମୀ ଦିନରେ ଆହୁରି ଅଭିଯୋଗ ଆସିବ। ଚାଷୀ ଶୋଷଣର ଶୀକାର ହେବେ। ଫଳରେ ମିଲ୍ ମାଲିକ ଓ କେତେଜଣ ଅସାଧୁ କର୍ମଚାରୀ ଲାଭବାନ୍ ହେବେ।

-ଶ୍ରୀରଞ୍ଜନ ମଙ୍ଗରାଜ, ଭାଜପା କୃଷକ ନେତା

"ବହୁ କଷ୍ଟରେ ଚଳିତ ଥର ଭଲ ଧାନ ଅମଳ ହୋଇଛି। ଏବେ ମଣ୍ଡିରେ ଧାନ ବିକ୍ରି ପାଇଁ ଶୀତ କାକରରେ ରାତିସାରା ଉଜାଗର ରହି ଚାଷୀ ନାହିଁ ନ ଥିବା ଅସୁବିଧାର ହଇରାଣ ହେଉଛନ୍ତି। ଅନ୍ୟପଟେ ମଣ୍ଡିରେ ଭଲ ଧାନ ଦେଲେ ମଧ ବିଭିନ୍ନ ଆଳ ଦେଖାଇ ମିଲ୍ ମାଲିକ କୁଇଣ୍ଟାଲ ପିଛା ୫ କେଜି ଧାନ କାଟୁଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଏହାର ତୀବ୍ର ବିରୋଧ କରାଯିବ।

-ଗୋପାଳ ପ୍ରଧାନ, ଚାଷୀ

"ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ବିଭାଗୀୟ କର୍ତ୍ତୃପକ୍ଷ ମାନମଣ୍ଡିକୁ ଯାଞ୍ଚ କରିବାକୁ ଯାଉନାହାନ୍ତି। ଫଳରେ ମଣ୍ଡି ମିଲ୍ ମାଲିକଙ୍କ ଇଚ୍ଛାରେ ଚାଲିଛି।

-ସୁରେଶ ମାନସିଂ, ଚାଷୀ ନେତା

"ବିଭିନ୍ନ ସ୍ଥାନରୁ ଏଭଳି ଅଭିଯୋଗ ଆସିଛି। ଧାନର ମାନ ଠିକ୍ ଥିବା ବେଳେ କଟନିଛଟନିକୁ ଚାଷୀ ବିରୋଧ କରିଛନ୍ତି। ଖୁବଶୀଘ୍ର ଏ ସମ୍ପର୍କରେ ଜିଲା ପ୍ରଶାସନ ଏବଂ ମିଲ୍ ମାଲିକଙ୍କ ସହ ଆଲୋଚନା କରାଯିବ।

-ସୁଗୁଡ଼ା ମୁର୍ମୁ, ଜିଲା ଯୋଗାଣ ଅଧିକାରୀ

## ସଂକ୍ଷେପରେ

### ଜାଲିସାହି ବସ୍ତି ଉଚ୍ଛେଦ ନୋଟିସକୁ ବିରୋଧ

ପୁରୀ ଅଫିସ, ୧୦।୧: ପୁରୀ ସହରର ଜାଲିସାହି ବସ୍ତି ଉଚ୍ଛେଦ ପାଇଁ ପୌରପାଳିକା ଦେଇଥିବା ନୋଟିସକୁ ବସ୍ତିବାସିନ୍ଦା ବିରୋଧ କରି ମଙ୍ଗଳବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଜିଲାପାଳ ସମର୍ଥ ବର୍ମାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବସ୍ତିବାସିନ୍ଦା ଅଭିଯୋଗ କରଛନ୍ତି ଯେ, ବସ୍ତି ଉଚ୍ଛେଦ ପାଇଁ ପୌରପାଳିକା ପକ୍ଷରୁ ସୋମବାର ରାତିରେ ବେଆଇନ ଭାବେ ନୋଟିସ ଜାରି ହୋଇଛି। ୨୪ ଘଣ୍ଟା ମଧ୍ୟରେ ବସ୍ତି ଖାଲି କରିବାକୁ କୁହାଯାଇଛି। ତେବେ ସେମାନଙ୍କ ସହ ଆଲୋଚନା ବିନା ଏଭଳି ନୋଟିସ ଜାରି ହୋଇଥିବାରୁ ଉଚ୍ଛେଦକୁ ବସ୍ତିବାସିନ୍ଦା ବିରୋଧ କରୁଛନ୍ତି। ରାସ୍ତା ଓ ଡ୍ରେନ ନିର୍ମାଣ ଆଳରେ ଶତାଧିକ ଘର ଭାଙ୍ଗିବାକୁ ପ୍ରଶାସନର ଯୋଜନାକୁ ବସ୍ତି ବାସିନ୍ଦା ବିରୋଧ କରିଛନ୍ତି। ବସ୍ତିକୁ ରାସ୍ତାର ଆବଶ୍ୟକ ନାହିଁ ବୋଲି ସେମାନେ କହିଛନ୍ତି। ପୌରପାଳିକାର ଜଣେ ଅଧିକାରୀ ତାଙ୍କ ଘରକୁ ରାସ୍ତା କରିବା ପାଇଁ ବେଆଇନ ଭାବେ ବସ୍ତିବାସିନ୍ଦାଙ୍କୁ ଉଚ୍ଛେଦ କରୁଛନ୍ତି। ଫଳରେ ଉକ୍ତ ବସ୍ତିରେ ଦୀର୍ଘ ବର୍ଷ ଧରି ବାସ କରି ଆସୁଥିବା ୫୦ରୁ ଅଧିକ ପରିବାର ଉଚ୍ଛେଦ ହେବ। ତେବେ ଉଚ୍ଛେଦ ପରେ ବସ୍ତିବାସିନ୍ଦା ଯିବେ କୁଆଡେ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଯଦି ପ୍ରଶାସନ ସେମାନଙ୍କ ସମସ୍ୟା ଓ ଦାବିକୁ ଅଣାଦେଖା କରେ ତେବେ ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ବସ୍ତି ବାସିନ୍ଦା ଚେତାବନୀ ଦେଇଛନ୍ତି।

### ସିସିଟିଭି ନଜରରେ ରାଜଧାନୀ

ଭୁବନେଶ୍ୱର,୧୦।୧(ବ୍ୟୁରୋ): ଜାନୁୟାରୀ ୧୩ରୁ ୨୯ ପର୍ଯ୍ୟନ୍ତ ଓଡ଼ିଶାରେ ପୁରୁଷ ହକି ବିଶ୍ୱକପ୍ ଅନୁଷ୍ଠିତ ହେବ। ରାଉରକେଲା ଓ ଭୁବନେଶ୍ୱରରେ ମ୍ୟାଚ୍ ଖେଳାଯିବାକୁ ଥିବାବେଳେ କମିଶନରେଟ ପୋଲିସ ପକ୍ଷରୁ ରାଜଧାନୀ ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ତେବେ ବୁଧବାର କଟକରେ ହକି ବିଶ୍ୱକପ୍‌ର ଉଦ୍‌ଘାଟନ ଉତ୍ସବ ଆୟୋଜିତ ହେବାକୁ ଥିବାବେଳେ ଏଥିପାଇଁ ମଧ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ଏ ନେଇ ମଙ୍ଗଳବାର ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ଖବରଦାତା ସମ୍ମିଳନୀରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ବହୁ ସୂଚନା ଦେଇଛନ୍ତି। ଡିସିପି ସିଂ କହିଛନ୍ତି, ପୋଲିସ ପକ୍ଷରୁ ସମସ୍ତ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଏୟାରପୋର୍ଟଠାରୁ କଟକ ପର୍ଯ୍ୟନ୍ତ ଭିଡ଼ ନିୟନ୍ତ୍ରଣକୁ ଗୁରୁତ୍ୱ ଦିଆଯିବ। ଏଥିପାଇଁ ୧୬ ପ୍ଲାଟୁନ୍ ଫୋର୍ସ ରାଜଧାନୀରେ ନିୟୋଜିତ ହୋଇଛନ୍ତି। ବିଶ୍ୱକପକୁ ଦୃଷ୍ଟିରେ ରଖି ରାଜଧାନୀକୁ ସିସିଟିଭି ସ୍କାନରରେ ରଖାଯାଇଛି। ସହରର ୧୪୭ ସ୍ଥାନରେ ୫୨୮ଟି ସିସିଟିଭି ଲଗାଯାଇଛି। ସମସ୍ତଙ୍କ ସହଭାଗିତାରେ ହେବ ରାଜଧାନୀର ଟ୍ରାଫିକ୍ ନିୟନ୍ତ୍ରଣ ହେବ। ପୋଲିସ ମିତ୍ର ଏବଂ ଏନ୍‌ଜିଓ କର୍ମୀଙ୍କୁ ଟ୍ରାଫିକ୍ ପରିଚାଳନାରେ ନିୟୋଜିତ କରାଯିବ। ହକି ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ୧ ମାସ ହେବ ନୋ ପାର୍କିଂ ଡ୍ରାଇଭରେ ୪ଟି ଟିମ୍ ବୁଲୁଛି। ଏହାରି ଭିତରେ ୪୯୮ ଗାଡ଼ି ଉଠାଯାଇଛି। ମଦ୍ୟପ ଗାଡ଼ି ଚାଳକଙ୍କ ଉପରେ ନଜର ରଖାଯାଇଛି। ହକି ଷ୍ଟାଡିୟମ ପାଖରେ ପାର୍କିଂ ପାଇଁ ବିଭିନ୍ନ ସ୍ଥାନ ଚିହ୍ନଟ କରାଯାଇଛି। ରିଜର୍ଭ ପଡିଆ, ବେହେରା ସାହି, ନ୍ୟୁ ଏଜି ପଡ଼ିଆ ଏବଂ ନିକୋ ପାର୍କ ରୋଡ୍ ନିକଟରେ ୨ଚକିଆ ଏବଂ ୪ଚକିଆ ଯାନ ପାଇଁ ପାର୍କିଂ ବ୍ୟବସ୍ଥା କରାଯାଇଛି। ଏହାକୁ ନେଇ ଏକ ଆନିମେଶନ୍ ଭିଡିଓ ମଧ ତିଆରି କରାଯାଇଛି। ଯାହା ଆଗକୁ ଗଣମାଧମରେ ପ୍ରସାରଣ କରାଯିବ।

### ସ୍ୱର୍ଣ୍ଣକାର ସଂଘ ପକ୍ଷରୁ କଳା ଦିବସ ପାଳିତ

ଅସ୍ତରଙ୍ଗ,୧୦।୧(ଡି.ଏନ୍.ଏ.): କାକଟପୁର ବ୍ଲକ ଅନ୍ତର୍ଗତ ବାଜପୁରସ୍ଥିତ ପଞ୍ଚବଟୀ ଆଶ୍ରମଠାରେ ଅଖିଳ ଭାରତ ସ୍ୱର୍ଣ୍ଣକାର ସଙ୍ଘର ୬୦ତମ କଳା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ସଙ୍ଘର ଉପଦେଷ୍ଟା ତଥା ବର୍ଷୀୟାନ୍ ସାଥୀ ପୂର୍ଣ୍ଣଚନ୍ଦ୍ର ସାହୁ ପତାକା ଉତ୍ତୋଳନ କରିଥିଲେ। ସଭାପତି ଶ୍ରୀଧର ସାହୁ ଯୋଗଦେଇ ସ୍ୱର୍ଣ୍ଣକାରମାନଙ୍କୁ ଏହି କଳାଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ଏହି ଦିବସରେ ଶଙ୍କର ପ୍ରସାଦ ସାହୁ, ନିତ୍ୟାନନ୍ଦ ସାହୁ, ଲକ୍ଷ୍ମୀଧର ସାହୁ, ପ୍ରହ୍ଲାଦ ସାହୁ, ସୁବାସ ଚନ୍ଦ୍ର ସାହୁ, କଲ୍ୟାଣ ସାହୁ, ଗଗନ ବିହାରୀ ସାହୁ, ବାଞ୍ଛାନିଧି ସାହୁ, ଲିଙ୍ଗରାଜ ସାହୁ, କୈଳାସ ଚନ୍ଦ୍ର ସାହୁଙ୍କ ସମେତ ଶତାଧିକ ସଭ୍ୟ ଯୋଗ ଦେଇଥିଲେ। ସଙ୍ଘର କଳା ଦିବସ ଉପଲକ୍ଷେ ଗୋଟିଏ ଦିନ ପାଇଁ ସ୍ୱର୍ଣ୍ଣକାରଙ୍କ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିଲା।

## ଉଚିତ ଶିକ୍ଷା ପାଇଥିବା ଛାତ୍ର ଭଲ ଦିଗ୍‌ଦର୍ଶନ ଦେବ

ଭୁବନେଶ୍ୱର, ୧୦।୧ (ବ୍ୟୁରୋ)

ଶିକ୍ଷକଙ୍କ ଉଚିତ୍ ଶିକ୍ଷାଦାନ ଓ ସଠିକ୍ ମାର୍ଗଦର୍ଶନରେ ସୃଷ୍ଟି ହୋଇଥିବା ଛାତ୍ର ସମାଜକୁ ଭଲ ଦିଗ୍‌ଦର୍ଶନ ଦେଇପାରିବ। ଓଡ଼ିଶା ସିନେ କ୍ରିଟିକ୍ ଆସୋସିଏଶନ, ସାଂସ୍କୃତିକ ଅନୁଷ୍ଠାନ 'ସଂସ୍କୃତି ଓ ସଂସ୍କୃତି' ଓ ଶିକ୍ଷାବିତ୍ ହାଡ଼ିବନ୍ଧୁ ଫାଉଣ୍ଡେଶନ ପକ୍ଷରୁ ବୁଦ୍ଧ ମନ୍ଦିରରେ ଆୟୋଜିତ କାର୍ଯ୍ୟକ୍ରମ 'ହୋପ୍-୨୦୨୩'ରେ ବିଧାୟକ ସୁରେଶ ରାଉତରାୟ ଯୋଗଦେଇ ଏହା କହିଛନ୍ତି। ବିଶିଷ୍ଟ ଶିକ୍ଷାବିତ୍ ହାଲିଙ୍କ ନବମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ ରାଉତରାୟକଙ୍କ ସମେତ ୮ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ 'କଳିଙ୍ଗ ପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଛି। ଅନ୍ୟମାନେ ହେଲେ ଶିକ୍ଷାବିତ୍ ଡ. ପ୍ରଫୁଲ୍ଲ ଦାଶ, ସମାଜସେବୀ ଡ. ସୌରେନ୍ଦ୍ର କୁମାର ମହାପାତ୍ର, ପ୍ରଶାସକ ତଥା ସାହିତ୍ୟିକ ରଞ୍ଜନ କୁମାର ଦାସ, ଚଳଚ୍ଚିତ୍ର ନିର୍ଦ୍ଦେଶକ ରମେଶ ମହାନ୍ତି, ସାମ୍ବାଦିକ କେଦାର ମିଶ୍ର, ଯୁବ ସଂଗଠକ ତନ୍ମୟ କୁମାର ସ୍ୱାଇଁ ଓ କଣ୍ଠଶିଳ୍ପୀ ଲିଜା ପାତ୍ର। ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ସଭାପତିତ୍ୱ କରିଥିବାବେଳେ ଡ. ଇତିରାଣୀ ସାମନ୍ତ ଅତିଥି ଭାବେ ଯୋଗ ଦେଇଥିଲେ। ଲେଖିକା ଡ. ମିନାକ୍ଷୀ ଦାସଙ୍କ ରଚିତ ପୁସ୍ତକ 'ହେ ବିଶ୍ୱମାନବ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସନ୍ଧ୍ୟାରେ ଆୟୋଜିତ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଛନ୍ଦା ମିଶ୍ର, ସୌରବ ନାୟକ, ଇଂ. ବିଚିତ୍ରା ନନ୍ଦ ଦେଓ, ଅର୍ନବ ପଣ୍ଡା, ଲିଜା ପାତ୍ର, ବର୍ଷା ପ୍ରମୁଖଙ୍କ ଗୀତରେ ଦର୍ଶକ ମତୁଆଲା ହୋଇଥିଲେ।


ପୁରୀ ବେଳାଭୂମିରେ ମଙ୍ଗଳବାର ଜଳକ୍ରୀଡ଼ାକୁ ଜିଲାପାଳ ସମର୍ଥ ବର୍ମା ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରୁଛନ୍ତି।

## ସେତୁ ନିର୍ମାଣ କାର୍ଯ୍ୟ ପରିଦର୍ଶନ କଲେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ

କଣାସ,୧୦।୧(ସ୍ୱ.ପ୍ର.)

ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ମଙ୍ଗଳବାର କଣାସ ଅଞ୍ଚଳ ଗସ୍ତ କରି ୩ଟି ସେତୁ ନିର୍ମାଣ କାର୍ଯ୍ୟ ଦେଖିବା ସହିତ ଜନସାଧାରଣଙ୍କ ସହିତ ଆଲୋଚନା କରିଛନ୍ତି। ଘଡ଼େଇ ପ୍ରଥମେ ଦୋକନ୍ଦା ଗ୍ରାମପଞ୍ଚାୟତର କେଶରପୁର ନିକଟରେ ମଳାଗୁଣି ନଦୀ ଉପରେ ନିର୍ମାଣ କରାଯାଉଥିବା ସେତୁ ବୁଲି ଦେଖିଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନରେ ମଧ୍ୟାହ୍ନଭୋଜନ କରିବା ସହିତ ବାଳାଶ୍ରମ, ଶିଶୁଗୃହ, କଲ୍ୟାଣୀ ମାନସିକ ଅସୁସ୍ଥ ବ୍ୟକ୍ତିଙ୍କର ଥାଇଥାନ ଗୃହ ବିଭାଗକୁ ଯାଇ ବୁଲି ଦେଖିଥିଲେ। ଏଥିସହ ପିଲାଙ୍କ ସହିତ କିଛି ସମୟ ବିତାଇ ପୁନର୍ବାର ଆସିବେ ବୋଲି କହିଥିଲେ। ପରେ କଳାଘଡ଼ିଠାରେ ନିର୍ମାଣ ହେଉଥିବା ଦୟାନଦୀ ସେତୁ କରମଳାଠାରେ ଲୁଣାନଦୀ ଉପରେ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ସ୍ଥାନୀୟ ଲୋକେ ଦୟାନଦୀ ସେତୁରେ ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ କରିଥିଲେ। ଜନସାଧାରଣଙ୍କ ସାଥିରେ ଆଲୋଚନା କରି ଯୁଦ୍ଧକାଳୀନ ଭିତ୍ତିରେ ସେତୁ କାର୍ଯ୍ୟ କରି ମାର୍ଚ୍ଚ ୩୧ରେ ହସ୍ତାନ୍ତର କରିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଠାକୁର ଶ୍ରୀଅଭିରାମ ପରମହଂସଙ୍କ ଆଶ୍ରମରେ ଠାକୁରଙ୍କୁ ଦର୍ଶନ କରିଥିଲେ। ବିଧାୟକ ଉମାକାନ୍ତ ସାମନ୍ତରାୟ, ରମେଶ ଚନ୍ଦ୍ର ବେହେରା, ସତ୍ୟବ୍ରତ ବେହେରା, ଅଜିତ ସାହୁ, କାର୍ତ୍ତିକ ଚରଣ ପ୍ରଧାନ, ସୁଶାନ୍ତ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

## ଜୁନିୟରଙ୍କୁ ମାଡ଼, ଅଟକ ରଖି ସିନିୟର ଛାତ୍ର ଗିରଫ

ଭୁବନେଶ୍ୱର,୧୦।୧(ବ୍ୟୁରୋ):

- ବାଇକ୍, ଲୁହାରଡ୍ ଜବତ
- ପୂର୍ବଶତ୍ରୁତାରୁ ଆକ୍ରମଣ କରିଥିଲେ

ଖଣ୍ଡଗିରି ଥାନା ଅଧୀନ ଏକ ଘରୋଇ କଲେଜ୍‌ର ବିଟେକ୍ ପ୍ରଥମ ବର୍ଷର ଛାତ୍ର ପ୍ରୀତମ ଷଡ଼ଙ୍ଗୀଙ୍କୁ ସୋମବାର ସନ୍ଧ୍ୟାରେ ମାଡ଼ ମାରିବା ସହ ଅଟକ ରଖିବା ଅଭିଯୋଗରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଅଭିଯୁକ୍ତ ସିନିୟର ଛାତ୍ର ନୀତୀଶ କୁମାର ତ୍ରିପାଠୀଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ନୀତୀଶ ଉକ୍ତ କଲେଜର ବିଟେକ୍ ଦ୍ୱିତୀୟ ବର୍ଷ ଛାତ୍ର ହୋଇଥିବା ବେଳେ ତାଙ୍କ ଘର ଯାଜପୁର ଜିଲା ମଙ୍ଗଳପୁର ଥାନା ଅଞ୍ଚଳରେ। ତେବେ କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ନୀତିଶ୍‌ଙ୍କୁ ଝାରପଡ଼ା ଜେଲକୁ ପଠାଇ ଦିଆଯାଇଛି। ପୋଲିସ ତାଙ୍କଠାରୁ ଗୋଟିଏ ବାଇକ୍ ଓ ଆକ୍ରମଣରେ ବ୍ୟବହୃତ ଲୁହାରଡ୍‌କୁ ଜବତ କରିଛି। ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଅଭିଯୁକ୍ତ ନୀତିଶ୍ ଏଭଳି କାଣ୍ଡ କରିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ପ୍ରୀତମ ଏବଂ ନୀତୀଶ୍‌ଙ୍କ ମଧ୍ୟରେ କଲେଜ୍ ୱେଲ୍‌କେମ୍ ସମୟରୁ ଶତ୍ରୁତା ଥିଲା। ଏନେଇ ପୂର୍ବରୁ ନୀତୀଶଙ୍କ ନାଁରେ ପ୍ରୀତମ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ନେଇ ସୋମବାର ପ୍ରୀତମଙ୍କୁ ନୀତିଶ୍ ଗାଳିଗୁଲଜ କରିଥିଲେ। ପରେ ସନ୍ଧ୍ୟାରେ ପ୍ରୀତମ ହଷ୍ଟେଲକୁ ଫେରୁଥିବା ବେଳେ ସାଙ୍ଗମାନଙ୍କ ସହ ନୀତୀଶ ପୂର୍ବ କଥାକୁ ନେଇ ତାଙ୍କ ସହ ଯୁକ୍ତିତର୍କ କରି ଲୁହାରଡ଼ରେ ଆକ୍ରମଣ କରିଥିଲେ। ଆକ୍ରମଣରେ ପ୍ରୀତମଙ୍କ ମଣ୍ଡ ଫାଟିଯିବାରୁ ରକ୍ତସ୍ରାବ ହୋଇଥିଲା। ପରେ ନୀତୀଶ ତାଙ୍କ ସହଯୋଗୀଙ୍କ ସହ ପ୍ରୀତମଙ୍କୁ ବାଇକ୍‌ରେ ଜଟଣୀକୁ ନେଇଯାଇଥିଲେ।


ଛତିଶଗଡ଼ ରାଜ୍ୟପାଳ ଅନୁସୂୟା ଉକି ମଙ୍ଗଳବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି।

## ଝିଅକୁ ହତ୍ୟା କରିଥିବା ମାନିଲେ ବାପା

ଗୋପ,୧୦।୧ (ଡି.ଏନ୍.ଏ.)

**ଅଧିକ ତଦନ୍ତ ପାଇଁ ଡିଏସ୍‌ପିଙ୍କୁ ନିର୍ଦ୍ଦେଶ**

ଗୋପ ଥାନା ଅନ୍ତର୍ଗତ ବିଜିପୁର ଗ୍ରାମରେ ନିଜ ଝିଅକୁ ହତ୍ୟା କରିଥିବା ଘଟଣାରେ ଗିରଫ ହୋଇଥିବା ଅଭିଯୁକ୍ତ ବାପା ଦୁର୍ଗାଚରଣ ମହାରଣା ମଙ୍ଗଳବାର ପୋଲିସ ଆଗରେ ଝିଅକୁ ମାରିଥିବା ନେଇ ମାନିଛନ୍ତି। ତେବେ ରୋଷେଇ ନ କରିବା ସହିତ ଘର କାମ ନ କରିବାରୁ ଅତ୍ୟଧିକ ରାଗରେ ଝିଅକୁ ଗୋଟିଏ ଚାପୁଡ଼ା ମାରିଦେବାରୁ ତା'ର ମୃତ୍ୟୁ ହୋଇଥିବା ଦୁର୍ଗାଚରଣ କହିଥିବା ତଦନ୍ତକାରୀ ଅଧିକାରୀ କୁନାଲ କୁମାର ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗତ ୭ ତାରିଖ ରାତିରେ ବିଜିପୁର ଗ୍ରାମରେ ସାବତ ମା' ବାପାଙ୍କ ସହ ଆଉ ୨ ସମ୍ପର୍କୀୟ ମିଶି ଝିଅ ମୋନାଲିସାଙ୍କୁ ହତ୍ୟା କରିଥିବା ନେଇ ବଡ଼ ଭଉଣୀ ରଶ୍ମିତା ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ନେଇ ଥାନାଧିକାରୀ ସୁନୀଲ କୁମାର ପ୍ରଧାନ ଏକ ହତ୍ୟା ମାମଲା(ନଂ.୧୩/୨୩) ରୁଜୁ କରି ତଦନ୍ତ କରିଥିଲେ। ୮ ତାରିଖ ସକାଳେ ଜିଲା ସାଇଣ୍ଟିଫିକ ଟିମ ଶଶ୍ମାନରେ ପହଞ୍ଚି ପାଉଁଶ ଜବତ କରିଥିଲେ। ଗୋପ ଥାନାଧିକାରୀ ପ୍ରଧାନ ଅଭିଯୁକ୍ତ ବାପା ଦୁର୍ଗାଚରଣଙ୍କୁ ଗିରଫ କରିବାବେଳେ ଅନ୍ୟ ୩ଜଣ ଫେରାର ହୋଇଯାଇଥିଲେ। ପରେ ଦୁର୍ଗାଚରଣଙ୍କୁ ପଚରାଉଚରା ବେଳେ ସେ ସତକଥା ମାନିଥିଲେ। କିନ୍ତୁ ଏହି ହତ୍ୟାକାଣ୍ଡରେ ସାବତ ମା' ସହିତ ଅନ୍ୟ କେହି ସମ୍ପୃକ୍ତ ନ ଥିବା ଦୁର୍ଗାଚରଣ କହିଛନ୍ତି। ଅପରପକ୍ଷେ ହତ୍ୟା ପରେ ତରବରିଆ ଭାବେ ଶବ ଦାହ କରିବା ପରେ ଶଶ୍ମାନକୁ ଧୋଇବା ଭଳି ଅଭିଯୋଗକୁ ଅନେକ ପ୍ରଶ୍ନ ସୃଷ୍ଟି କରିଛି। ଅଧିକ ତଦନ୍ତ ସହ ଅନ୍ୟାନ୍ୟ ଘଟଣାର ପର୍ଦ୍ଦାଫାଶ କରିବା ପାଇଁ ଜିଲା ଏସ୍‌ପି ଜଣେ ଡିଏସ୍‌ପିଙ୍କୁ ତଦନ୍ତ କରିବା ଲାଗି ନିର୍ଦ୍ଦେଶ ଦେବା ପରେ ଜିଲାର ମହିଳା ଡିଏସ୍‌ପି ପ୍ରିୟବ୍ରତା ଶତପଥୀ ଗୋପ ଥାନାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଅନ୍ୟପଟେ ପୋଲିସ ଅଭିଯୁକ୍ତ ବାପା ଦୁର୍ଗାଚରଣଙ୍କୁ କୋର୍ଟ ହାଜର କରିବା ପରେ କୋର୍ଟ ତାଙ୍କୁ ଜେଲ ହାଜତକୁ ପଠାଇ ଦେଇଥିବା ଥାନାଧିକାରୀ ସୁନୀଲ କୁମାର ପ୍ରଧାନ କହିଛନ୍ତି।

## 'ଲୋକଙ୍କ ପାଖରେ ଜନହିତକର ଯୋଜନା ପହଞ୍ଚାଅ'



ପ୍ରତିଷ୍ଠା ଦିବସରେ ଯୋଗଦେଇଥିବା ନେତା ଓ କର୍ମୀମାନେ।

ବାଲୁଗାଁ,୧୦।୧(ଡି.ଏନ୍.ଏ.):

ଚିଲିକା ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ଅଲାଇଡ଼ିହ ସ୍ଥିତ କାର୍ଯ୍ୟାଳୟରେ ବିଜେଡିର ୨୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଜିଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ସମ୍ମାନିତ ଅତିଥି ତଥା ମୁଖ୍ୟ ବକ୍ତା ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳବନ୍ତରାୟ, ଜିଲା ବିଜେଡି ମହିଳା ସଭାପତି ଗୀତା ପାଟ୍ଟଶାଣୀ, ହବିବୁଲ୍ଲା ଖାଁ, ପୂର୍ବତନ ମନ୍ତ୍ରୀ ଦେବେନ୍ଦ୍ରନାଥ ମାନସିଂହ, ବାଲୁଗାଁ ଏନ୍‌ଏସି ଅଧକ୍ଷା ସୁକାନ୍ତି ପାଇକରାୟ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ଆଗାମୀ ନିର୍ବାଚନରେ ବିଜୟ ଲାଭ ନିମନ୍ତେ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ଆହ୍ୱାନ ଦେଇଥିଲେ। ଲୋକଙ୍କ ମନ ଜିଣିବା ସହ ଦଳୀୟ ଏକତାକୁ ବଜାୟ ରଖିବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଯୁବ ସଙ୍ଗଠକ ପ୍ରବାସ କୁମାର ସୁନ୍ଦରାୟ, ମାନସ ରଞ୍ଜନ ପ୍ରଧାନ, ଅକ୍ଷୟ ରଣସିଂହ, ପ୍ରକାଶ କୁମାର ପ୍ରଧାନ ପ୍ରମୁଖଙ୍କ ସମେତ ଜିଲା ପରିଷଦ ସଭ୍ୟାସଭ୍ୟ. ସରପଞ୍ଚ, ସମିତି ସଭ୍ୟଙ୍କ ସମେତ ବହୁ କର୍ମୀ ଯୋଗଦେଇଥିଲେ।

## ୩୦ ଘଣ୍ଟାର ଉଦ୍ୟମ ପରେ କାବୁହେଲା ଦନ୍ତା

ପୁରୀ ଅଫିସ, ୧୦।୧



**ବାଲୁଖଣ୍ଡରେ ଟ୍ରାଙ୍କୁଲାଇଜ କରାଗଲା**

- ଟ୍ରକ୍ ଯୋଗେ ଚନ୍ଦକାକୁ ସ୍ଥାନାନ୍ତର ହେଲା
- କୁମାରଖୁଣ୍ଟି ହାତୀ ରେସ୍କ୍ୟୁ ସେଣ୍ଟରରେ ରହିବ

ପୁରୀ ଜିଲାର ବିଭିନ୍ନ ଅଞ୍ଚଳ ସମେତ ସହର ଉପକଣ୍ଠରେ ଗତ ଦୁଇଦିନ ଧରି ଆତଙ୍କ ଖେଳାଇଥିବା ଦନ୍ତାହାତୀକୁ ଶେଷରେ ମଙ୍ଗଳବାର ବନ ବିଭାଗ କାବୁ କରିଛି। ଦୀର୍ଘ ୩୦ ଘଣ୍ଟାର ପରିଶ୍ରମ ପରେ ଦନ୍ତାହାତୀଟି ଧରାପଡ଼ିଛି। ହାତୀଟିକୁ ବନ ବିଭାଗ ପୁରୀ-କୋଣାର୍କ ବାଲୁଖଣ୍ଡ ଅଭୟାରଣ୍ୟରୁ ଉଦ୍ଧାର କରି ଟ୍ରାଙ୍କୁଲାଇଜ୍ କରିବା ପରେ ସୁରକ୍ଷିତ ଭାବେ ଏକ ଟ୍ରକ ଯୋଗେ ଚନ୍ଦକା ସ୍ଥାନାନ୍ତର କରିଛି।

ସୂଚନା ଅନୁଯାୟୀ, ରବିବାର ରାତିରେ ଡେଲାଙ୍ଗ ଓ କଣାସ ଅଞ୍ଚଳରେ ଏକ ଦନ୍ତାହାତୀ ଦେଖିବାକୁ ମିଳିଥିଲା। ସୋମବାର ଭୋରୁ ପୁରୀର ଚନ୍ଦନପୁର, ପ୍ରତାପ ପୁରୁଷୋତ୍ତମପୁର, ପାଙ୍କଳ ଓ କୃଷ୍ଣରଞ୍ଜନପୁର ଅଞ୍ଚଳରେ ବୁଲୁଥିଲା। ରାତି ପ୍ରାୟ ୧୧ଟାରେ ହାତୀଟି ଖାଦ୍ୟ ଅନ୍ୱେଷଣରେ ପୁରୀ ସହରର ଖଣ୍ଡିଆବନ୍ଧ ଓ ମାଟିତୋଟା ଅଞ୍ଚଳକୁ ଚାଲିଆସିଥିଲା। ଫଳରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ରାତି ସାରା ବନ ବିଭାଗର କର୍ମଚାରୀମାନେ ଉପସ୍ଥିତ ରହି ହାତୀର ଗତିବିଧି ଉପରେ ନଜର ରଖିଥିଲେ। ମଙ୍ଗଳବାର ଭୋର ସମୟରେ ହାତୀଟି ବାଟମଙ୍ଗଳା ଦେଇ ବାଲିଗୁଆଳି ଅଞ୍ଚଳରେ ପ୍ରବେଶ କରିଥିଲା। ପରେ ବାଲିଗୁଆଳି ରାସ୍ତା ଦେଇ ବାଲୁଖଣ୍ଡ ଅଭୟାରଣ୍ୟ ଜଙ୍ଗଲ ଭିତରକୁ ଚାଲିଆସିଥିଲା। ବନ ବିଭାଗ କର୍ମଚାରୀମାନେ ବାଲୁଖଣ୍ଡ ଅଭୟାରଣ୍ୟର ୯ ନମ୍ବର ସେକ୍ଟରରେ ହାତୀକୁ ଠାବ କରିଥିଲେ। ତା'ର ଗତିବିଧିକୁ ଭଲ ଭାବେ ନିରୀକ୍ଷଣ କରାଯିବା ପରେ ଟ୍ରାଙ୍କୁଲାଇଜ୍ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏଥିପାଇଁ ଆବଶ୍ୟକ ଉପକରଣ ମହଜୁଦ ରଖାଯାଇଥିଲା। ପୁରୀ ଡିଏଫ୍‌ଓ ରାମାସ୍ୱାମୀ, ଖୋର୍ଦ୍ଧା ଡିଏଫ୍‌ଓ ପୂର୍ଣ୍ଣିମା ପାଣ୍ଡିଆନ୍ ଏହାର ନେତୃତ୍ୱ ନେଇଥିଲେ। ପୂର୍ବାହ୍ନ ୯ଟା ୪୦ରେ ବନ ବିଭାଗ ଟିମ୍ ହାତୀକୁ ଟ୍ରାଙ୍କୁଲାଇଜ୍ କରିଥିଲା। ପ୍ରାୟ ଦେଢ଼ ଘଣ୍ଟା ହାତୀ ଘାଇଲା ଅବସ୍ଥାରେ ରହିଥିଲା। ପୁରୀର ୫ଟି ରେଞ୍ଜ ଏବଂ ଖୋର୍ଦ୍ଧାର ୨ଟି ରେଞ୍ଜର ବନ ଅଧିକାରୀ ଓ କର୍ମଚାରୀଙ୍କ ସହ ଟ୍ରାଙ୍କୁଲାଇଜର ଟିମ୍ ଜଗି ରହିଥିଲେ। କ୍ରେନ୍ ଦ୍ୱାରା ହାତୀକୁ ଏକ ଟ୍ରକ୍ ଉପରକୁ ଉଠାଯାଇଥିଲା। ପରେ ହାତୀକୁ ସୁରକ୍ଷିତ ଭାବେ ଚନ୍ଦକା ଜଙ୍ଗଲକୁ ସ୍ଥାନାନ୍ତର କରାଯାଇଥିଲା। ହାତୀର ଚଳପ୍ରଚଳନ ସମୟରେ ଖଣ୍ଡିଆବନ୍ଧ ଓ ମାର୍କଣ୍ଡେଶ୍ୱର ସାହି ଅଞ୍ଚଳରେ ବିଦ୍ୟୁତ ସରବରାହ ବନ୍ଦ ରଖାଯାଇଥିଲା। ସ୍ଥାନାନ୍ତର ପରେ ହାତୀକୁ ଚନ୍ଦକା- ଡମପଡ଼ା ଅଭୟାରଣ୍ୟର ଜଙ୍ଗଲ ମଝିରେ ଥିବା କୁମାରଖୁଣ୍ଟି ହାତୀ ରେସ୍କ୍ୟୁ ସେଣ୍ଟରରେ ରଖାଯିବ। ପୁରୀ ସହରକୁ ହାତୀ ପଶିଆସିବା ପ୍ରଥମ ଘଟଣା ବୋଲି କୁହାଯାଉଛି।

**ମଣ୍ଡିରେ ୧୭ ଚାଷୀଙ୍କଠୁ ୭୫୦ କୁଇଣ୍ଟାଲ ଧାନ କ୍ରୟ**

ବାଲିଅନ୍ତା,(ଡି.ଏନ୍.ଏ.): ବଇଁଶୁଆ ସେବା ସମବାୟ ସମିତିରେ ଧାନମଣ୍ଡି ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ସରପଞ୍ଚ ରଶ୍ମିତା ସାହୁ, ସମିତି ସଭ୍ୟ ଫଣିଭୂଷଣ ବାରିକ୍ ଏହାକୁ ଉଦ୍‌ଘାଟନ କରିଥିଲେ। ବଇଁଶୁଆ ବ୍ରଜମୋହନ ଜୀଉ ବଗିଚା ପରିସରରେ ଖୋଲାଯାଇଥିବା ଏହି ଧାନମଣ୍ଡିରେ ସ୍ନିଗ୍ଧାରାଣୀ ଶତପଥୀ, ଏମ୍ଆଇ ସ୍ନେହାଞ୍ଜଳି ସ୍ୱାଇଁ, ଏରିଆ ଅଫିସର ଅମିୟ ଖୁଣ୍ଟିଆ, ସଭାପତି ବେଣୁଧର ପରିଡ଼ା, ଚାଷୀ ଓ ପରିଚାଳନା ପରିଷଦର ଡାଇରେକ୍ଟର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ୧୭ ଚାଷୀଙ୍କଠାରୁ ୭୫୦ କୁଇଣ୍ଟାଲ ଧାନ କ୍ରୟ ହୋଇଥିବା ସମିତି ସମ୍ପାଦକ ଦେବେନ୍ଦ୍ର ପୃଷ୍ଟି କହିଛନ୍ତି।

## ସଂକ୍ଷେପରେ

### ଶ୍ରୀଲିଙ୍ଗରାଜ ମନ୍ଦିର ପରିସରରେ ଭିଡିଓ ଉତ୍ତୋଳନ କଲେ ଶ୍ରଦ୍ଧାଳୁ

ପୁରୁଣା ଭୁବନେଶ୍ୱର,୧୦ା୧(ଡି.ଏନ୍.ଏ.): ଶ୍ରୀଲିଙ୍ଗରାଜ ମନ୍ଦିରର ସୁରକ୍ଷା ନେଇ କମିଶନରେଟ ପୋଲିସ ପକ୍ଷରୁ ପୋଲିସ ଫୋର୍ସ ମୁତୟନ କରାଯାଇଛି। ତେବେ ଯାଞ୍ଚ କରୁଥିବା କର୍ମଚାରୀଙ୍କ ଅବହେଳାରୁ ଅନେକ ସମୟରେ ମନ୍ଦିରରେ ବିଶୃଙ୍ଖଳା ଦେଖାଦେଉଛି। ମନ୍ଦିର ଭିତରକୁ ମୋବାଇଲ, କ୍ୟାମେରା ଏବଂ ମାରଣାସ୍ତ୍ର ନେବା ନିଷେଧ ରହିଛି। ସୋମବାର ବାହାର ରାଜ୍ୟରୁ ଆସିଥିବା ଜଣେ ଶ୍ରଦ୍ଧାଳୁ ମୋବାଇଲରେ ମନ୍ଦିର ପରିସରରେ ଭିଡିଓ ଉତ୍ତୋଳନ କରୁଥିଲେ। ଏହି ସମୟରେ କେତେଜଣ ସେବାୟତ ପହଞ୍ଚି ମୋବାଇଲ କିଭଳି ମନ୍ଦିର ଭିତରକୁ ଆଣିଲ, ଭିଡିଓ ବନ୍ଦ କର ବୋଲି କହିଥିଲେ। ଶ୍ରଦ୍ଧାଳୁ ଜଣକ ଓଲଟା ଯୁକ୍ତିତର୍କ କରିଥିଲେ। ପରେ ସମ୍ପୃକ୍ତ ଶ୍ରଦ୍ଧାଳୁଙ୍କୁ ଲିଙ୍ଗରାଜ ପୋଲିସ ଜିମା ଦିଆଯାଇଥିଲା।

### ୧୬ ଚାଷୀ ୯୪୫ କୁଇଣ୍ଟାଲ ଧାନ ବିକିଲେ

ବାଲକାଟୀ,୧୦ା୧(ଡି.ଏନ୍.ଏ.)- ବାଲିଅନ୍ତା ବ୍ଲକ ଅନ୍ତର୍ଗତ ପ୍ରତାପ ଶାସନ ସେବା ସମବାୟ ସମିତି ପକ୍ଷରୁ ମଙ୍ଗଳବାରଠାରୁ ସ୍ଥାନୀୟ ମେଳଣ ପଡିଆରେ ଧାନ ମଣ୍ଡି ଖୋଲିଛି। ମଣ୍ଡିରେ ୧୬ଜଣ ପଞ୍ଜିକୃତ ଚାଷୀଙ୍କ ଠାରୁ ୯୪୫କୁଇଣ୍ଟାଲ ଧାନ କ୍ରୟ କରାଯାଇଥିଲା। ପ୍ରତି ମଙ୍ଗଳବାର ମଣ୍ଡିରୁ ଧାନ କିଣାଯିବ ବୋଲି ସେବା ସମବାୟ ସମିତି ର ସଭାପତି ନଳିନୀକାନ୍ତ ମହାପାତ୍ର ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଏଆରସିଏସ ସ୍ନିଗ୍ଧାରାଣୀ ଶତପଥୀ, ଖୋର୍ଦ୍ଧା ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ବିପିନି ବିହାରୀ ପାତ୍ର, ସରକଣା ସେବା ସମବାୟ ସମିତି ସଭାପତି ସୋମନାଥ ସ୍ୱାଇଁ, ସମିତିସଭ୍ୟ ଗଙ୍ଗାଧର ମହାରି, ସରପଞ୍ଚ ରୀନା ବେହେରା, ସରପଞ୍ଚ ରମାନାଥ ନାୟକ ଓ ରବୀନ୍ଦ୍ର ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ସେବା ସମବାୟ ସମିତି ସମ୍ପାଦକ ସାଗର ସୁନ୍ଦରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ହକି ବିଶ୍ୱକପ୍: ଷ୍ଟାଡିୟମ୍ ସଫେଇ କରିବ ବିଏମ୍‌ସି

ଭୁବନେଶ୍ୱର, ୧୦ା୧(ବ୍ୟୁରୋ) : ହକି ବିଶ୍ୱକପ୍ ପାଇଁ କଳିଙ୍ଗ ଷ୍ଟାଡିୟମରେ ବ୍ୟାପକ ବନ୍ଦୋବସ୍ତ କରାଯାଉଛି। ସଫେଇ ଦାୟିତ୍ୱ ବିଏମ୍‌ସି ଉପରେ ନ୍ୟସ୍ତ କରାଯାଇଛି। ଷ୍ଟାଡିୟମ ପରିସରକୁ ୮ଟି ଜୋନ୍‌ରେ ବିଭକ୍ତ କରାଯାଇ ଏହି ସଫେଇ କାର୍ଯ୍ୟ କରାଯିବ। ଏଥିପାଇଁ ଶତାଧିକ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ହକି ଷ୍ଟାଡିୟମ୍ ଗେଟ୍‌ରୁ ଗୋଲେଇ ଛକ ଓ ଗେଟ୍-୮(ଏ), ଗୋଲେଇ ଛକରୁ ଗେଟ୍-୮, ଗେଟ୍-୩ରୁ ଗେଟ୍-୭ ଏବଂ ସୁଇମିଂ ପୁଲ୍, ଗେଟ୍-ଏରୁ ଟେନିସ୍ କୋର୍ଟ, ଷ୍ଟାଡିୟମ ଭିତର ପାର୍ଶ୍ୱ, ସୁଇମିଂ ପୁଲ୍ ଛକରୁ ଯୋଗ ମଣ୍ଡପ, ଯୋଗ ମଣ୍ଡପ ଛକରୁ ଗେଟ୍-୯ ଏବଂ ହକି ଷ୍ଟାଡିୟମ୍ ଏହିପରି ୮ଟି ଜୋନ୍‌ରେ ସଫେଇ କାର୍ଯ୍ୟ କରାଯିବ। ଡେପୁଟି କମିଶନର(ପରିମଳ) ଶୁଭେନ୍ଦୁ ସାହୁଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ହେବାକୁ ଥିବାବେଳେ ଆସିଷ୍ଟାଣ୍ଟ ହେଲଥ୍ ଅଫିସରଙ୍କୁ ନୋଡାଲ ଅଫିସର ଭାବେ ନିଯୁକ୍ତ କରାଯାଇଛି। ଏଥିପାଇଁ ୮୦ ଜଣ ସଫେଇ କର୍ମଚାରୀ, ୨୦ଜଣ ହାଉସ୍‌କିପିଂ ଓ ୧୨ଜଣ ଲୋଡର୍‌ଙ୍କୁ ନିଯୁକ୍ତ କରାଯାଇଛି। ବର୍ଜ୍ୟ ପରିଚାଳନାର ସୁପରିଚାଳନା ନିମନ୍ତେ ଗୋଟିଏ ଟିପ୍ପର, ଗୋଟିଏ ହାଇୱା, ୩ଟ୍ରାକ୍ଟର ଏବଂ ୨ଟି ଜେସିବି ବ୍ୟବହାର କରାଯିବ। ଏହାଛଡ଼ା ଷ୍ଟାଡିୟମ ଏବଂ ଆଖପାଖ ଅଞ୍ଚଳରେ ନିୟମିତ ଫଗିଂ କରାଯିବ।

# ଛାତ୍ରଙ୍କୁ ହତ୍ୟା ଉଦ୍ୟମ, ସିନିୟର ଗିରଫ

- ବାଇକ୍, ଲୁହାରଡ୍ ଜବତ
- ପୂର୍ବଶତ୍ରୁତାରୁ ଆକ୍ରମଣ କରିଥିଲେ

ଭୁବନେଶ୍ୱର,୧୦ା୧(ବ୍ୟୁରୋ): ଖଣ୍ଡଗିରି ଥାନା ଅନ୍ତର୍ଗତ ଏକ ଘରୋଇ କଲେଜର ବିଟେକ୍ ପ୍ରଥମ ବର୍ଷର ଛାତ୍ର ପ୍ରୀତମ କୁମାର ଷଡ଼ଙ୍ଗୀଙ୍କୁ ସୋମବାର ସନ୍ଧ୍ୟାରେ ମରଣାନ୍ତକ ଆକ୍ରମଣ ସହ ଉଠାଇ ନେଇ ଅଟକ ରଖି ହତ୍ୟା ଧମକ ଘଟଣାରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଅଭିଯୁକ୍ତ ସିନିୟର ଛାତ୍ର ନୀତୀଶ କୁମାର ତ୍ରିପାଠୀଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ନୀତୀଶ ଉକ୍ତ କଲେଜର ବିଟେକ୍ ଦ୍ୱିତୀୟ ବର୍ଷ ଛାତ୍ର ହୋଇଥିବା ବେଳେ ତାଙ୍କ ଘର ଯାଜପୁର ଜିଲା ମଙ୍ଗଳପୁର ଥାନା ଅଞ୍ଚଳରେ। ତେବେ କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ନୀତିଶ୍‌ଙ୍କୁ ଝାରପଡ଼ା ଜେଲକୁ ପଠାଇ ଦିଆଯାଇଛି। ପୋଲିସ ତାଙ୍କଠାରୁ ଗୋଟିଏ ବାଇକ୍ ଓ ଆକ୍ରମଣରେ ବ୍ୟବହୃତ ଲୁହାରଡ୍‌କୁ ଜବତ କରିଛି। ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଅଭିଯୁକ୍ତ ନୀତିଶ୍ ଏଭଳି କାଣ୍ଡ କରିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ପ୍ରୀତମ ଏବଂ ଅଭିଯୁକ୍ତ ନୀତୀଶ୍‌ଙ୍କ ମଧ୍ୟରେ କଲେଜ୍ ୱେଲ୍‌କେମ୍ ସମୟରୁ ଶତ୍ରୁତା ଥିଲା। ଏନେଇ ପୂର୍ବରୁ ନୀତୀଶଙ୍କ ନାଁରେ ପ୍ରୀତମ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ନେଇ ସୋମବାର ପ୍ରୀତମଙ୍କୁ ନୀତିଶ୍ ଗାଳିଗୁଲଜ କରିଥିଲେ।


ଅଭିଯୁକ୍ତ ଛାତ୍ର ନୀତୀଶ କୁମାର ତ୍ରିପାଠୀ

ପରେ ସନ୍ଧ୍ୟା ପ୍ରାୟ ୭ଟା ୩୦ବେଳେ ପ୍ରୀତମ ହଷ୍ଟେଲକୁ ଫେରୁଥିବା ବେଳେ ସାଙ୍ଗମାନଙ୍କ ସହ ନୀତୀଶ ପୂର୍ବ କଥାକୁ ନେଇ ତାଙ୍କ ସହ ଯୁକ୍ତିତର୍କ କରି ଲୁହାରଡ଼ରେ ଆକ୍ରମଣ କରିଥିଲେ। ଆକ୍ରମଣରେ ପ୍ରୀତମଙ୍କ ମଣ୍ଡ ଫାଟିଯିବାରୁ ରକ୍ତସ୍ରାବ ହୋଇଥିଲା। ପରେ ନୀତୀଶ ତାଙ୍କ ସହଯୋଗୀଙ୍କ ସହ ପ୍ରୀତମଙ୍କୁ ବାଇକ୍‌ରେ ବସାଇ ଜଟଣୀକୁ ନେଇଯାଇଥିଲେ। ସେଠାରେ ଏକ ମେଡିସିନ୍ ଦୋକାନରେ ତାଙ୍କ ଚିକିତ୍ସା କରିବା ପରେ ଏକ ଖୋଲାସ୍ଥାନରେ ପ୍ରୀତମଙ୍କୁ ବଳପୂର୍ବକ ଅଟକ ରଖିଥିଲେ। ଏପଟେ ପ୍ରୀତମ ହଷ୍ଟେଲ ନ ଫେରିବାରୁ ତାଙ୍କ ସାଙ୍ଗମାନେ ଏ ନେଇ ଥାନାରେ ଜଣାଇଥିଲେ। ପ୍ରୀତମଙ୍କ ଫୋନକୁ ଟ୍ରାକ୍ କରି ରାତି ପ୍ରାୟ ୧୨ଟା ୩୦ଟା ବେଳେ ପୋଲିସ ଜଟଣୀ ଅଞ୍ଚଳରୁ ତାଙ୍କୁ ଉଦ୍ଧାର କରିବା ସହ ନୀତୀଶଙ୍କୁ କାବୁ କରିଥିଲେ। ପରେ ପ୍ରୀତମଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା (ନଂ.୨୦/୨୩) ରୁଜୁ କରିଥିଲା।

# ୮ଜଣଙ୍କୁ କଳିଙ୍ଗ ପ୍ରତିଭା ସମ୍ମାନ



ଭୁବନେଶ୍ୱର, ୧୦ା୧ (ବ୍ୟୁରୋ): ଶିକ୍ଷକଙ୍କ ଉଚିତ୍ ଶିକ୍ଷାଦାନ ଓ ଠିକ୍ ମାର୍ଗଦର୍ଶନରେ ସୃଷ୍ଟି ହୋଇଥିବା ଛାତ୍ର ସମାଜକୁ ଭଲ ଦିଗ୍‌ଦର୍ଶନ ଦେଇପାରିବ। ଓଡ଼ିଶା ସିନେ କ୍ରିଟିକ୍ ଆସୋସିଏଶନ, ସାଂସ୍କୃତିକ ଅନୁଷ୍ଠାନ 'ସଂସ୍କୃତି ଓ ସଂସ୍କୃତି' ଓ ଶିକ୍ଷାବିତ୍ ହାଡ଼ିବନ୍ଧୁ ଫାଉଣ୍ଡେଶନ ପକ୍ଷରୁ ବୁଦ୍ଧ ମନ୍ଦିରରେ ଆୟୋଜିତ କାର୍ଯ୍ୟକ୍ରମ 'ହୋପ୍-୨୦୨୩'ରେ ବିଧାୟକ ସୁରେଶ ରାଉତରାୟ ଯୋଗଦେଇ ଏହା କହିଛନ୍ତି। ବିଶିଷ୍ଟ ଶିକ୍ଷାବିତ୍ ହାଲିଙ୍କ ନବମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ ରାଉତରାୟଙ୍କ ସମେତ ୮ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ 'କଳିଙ୍ଗ ପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଛି। ଅନ୍ୟମାନେ ହେଲେ ଶିକ୍ଷାବିତ୍ ଡ. ପ୍ରଫୁଲ୍ଲ ଦାଶ, ଡ. ସୌରେନ୍ଦ୍ର ମହାପାତ୍ର, ପ୍ରଶାସକ ତଥା ସାହିତ୍ୟିକ ରଞ୍ଜନ ଦାସ, ଚଳଚ୍ଚିତ୍ର ନିର୍ଦ୍ଦେଶକ ରମେଶ ମହାନ୍ତି, ସାମ୍ବାଦିକ କେଦାର ମିଶ୍ର, ଯୁବ ସଂଗଠକ ତନ୍ମୟ ସ୍ୱାଇଁ ଓ କଣ୍ଠଶିଳ୍ପୀ ଲିଜା ପାତ୍ର। ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ସଭାପତିତ୍ୱ କରିଥିବାବେଳେ ଡ. ଇତିରାଣୀ ସାମନ୍ତ ଅତିଥି ଭାବେ ଯୋଗଦେଇଥିଲେ। ଲେଖିକା ଡ. ମିନାକ୍ଷୀ ଦାସଙ୍କ ରଚିତ ପୁସ୍ତକ 'ହେ ବିଶ୍ୱମାନବ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସନ୍ଧ୍ୟାରେ ଆୟୋଜିତ ସଙ୍ଗୀତ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଛନ୍ଦା ମିଶ୍ର, ସୌରବ ନାୟକ, ଇଂ. ବିଚିତ୍ରା ନନ୍ଦ ଦେଓ, ଅର୍ଣବ ପଣ୍ଡା, ଲିଜା ପାତ୍ର, ବର୍ଷା ପ୍ରମୁଖଙ୍କ ଗୀତରେ ଦର୍ଶକ ମତୁଆଲା ହୋଇଥିଲେ।

# ଓଡ଼ିଆ ଚଳଚ୍ଚିତ୍ର 'ଡେଲିଭରି ବୟ'ର ଅଡିଓ ରିଲିଜ୍




ଭୁବନେଶ୍ୱର, ୧୦ା୧ (ବ୍ୟୁରୋ) ଅନ୍‌ଲାଇନ ସପିଂ କମ୍ପାନୀରେ କାର୍ଯ୍ୟରତ ଜଣେ ଡେଲିଭରି ବୟର କାହାଣୀକୁ ନେଇ ନିର୍ମାଣ ହୋଇଛି ଓଡ଼ିଆ ଚଳଚ୍ଚିତ୍ର 'ଡେଲିଭରି ଭୟ'। କମ୍ପାନୀରୁ ଅର୍ଡର ଗ୍ରାହକଙ୍କ ପାଖରେ ପହଞ୍ଚାଇବା ସମୟରେ ଉପୁଜୁଥିବା ବାସ୍ତବ ସମସ୍ୟାକୁ ପଦାକୁ ଆଣିଛି ଏହି ଚଳଚ୍ଚିତ୍ର। ମଙ୍ଗଳବାର ଉତ୍କଳ କନିକା ଗ୍ୟାଲେରିଆ ମଲ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଚଳଚ୍ଚିତ୍ରର ଅଡ଼ିଓ ରିଲିଜ୍ ହୋଇଛି। ମୁଖ୍ୟ ଅତିଥି ଭାବେ ଅଭିନେତା ଆକାଶ ଦାସ ନାୟକଙ୍କ ସମେତ ନିର୍ଦ୍ଦେଶକ ଅଶ୍ୱିନୀ ତ୍ରିପାଠୀ, ଗୀତିକାର ସୂର୍ଯ୍ୟ ମହାପାତ୍ର, କ୍ରିଏଟିଭ୍ ହେଡ୍ ପ୍ରଣୟ ଜେଠୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମଥର ପାଇଁ ଓଡ଼ିଆ ଚଳଚ୍ଚିତ୍ରର ଟାଇଟଲ ଗୀତକୁ ରାପ୍ ସଙ୍ଗୀତ ଭାବରେ ସଜାଯାଇଛି। ଏହାସହ ଆଉ ଚାରୋଟି ଗୀତ ଏଥିରେ ରହିଛି। 'ପାନ ଗୁଆ ଖଇର ଗୁଆକାତି, ଆମେ ସବୁ ଗଭର୍ନରଙ୍କ ବଡ଼ ନାତି' ଗୀତଟି ଦର୍ଶକ ଓ ଶ୍ରୋତାଙ୍କୁ ବେଶ ପସନ୍ଦ ଆସିବ ବୋଲି ଆଶା କରାଯାଉଛି। ଗୀତିକାର ନିର୍ମଳ ନାୟକ ଗୀତ ରଚନା କରିଥିବାବେଳେ ବୈଦ୍ୟନାଥ ଦାଶ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଉଦିତ ନାରାୟଣ, ହ୍ୟୁମାନ ସାଗର, ଅସୀମା ପଣ୍ଡା ଓ ଋତୁରାଜ ମହାନ୍ତି କଣ୍ଠଦାନ କରିଛନ୍ତି। ଉଦିତ ନାରାୟଣ ପ୍ରଥମଥର ପାଇଁ ଏକ ଡ୍ୟାନ୍ସ ନମ୍ବର ଗାଇଛନ୍ତି, ଯାହା ମୁମ୍ବାଇରେ ରେକର୍ଡିଂ କରାଯାଇଛି। ଭୁବନେଶ୍ୱର, କଟକ, ରାଉରକେଲା, ବ୍ରହ୍ମପୁର ଓ ଅନୁଗୋଳ ସମେତ ୭ଟି ସହରର ବିଭିନ୍ନ ମଲ୍‌ରେ ସମ୍ପୃକ୍ତ କଳାକାରଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଅଭିନବ ଶୈଳୀରେ ଚଳଚ୍ଚିତ୍ରର ପ୍ରଚାର ପ୍ରସାର କରାଯିବ ବୋଲି କ୍ରିଏଟିଭ ହେଡ୍ ସୂଚନା ଦେଇଛନ୍ତି। ଚଳଚ୍ଚିତ୍ରଟି ଦର୍ଶକଙ୍କୁ ବାନ୍ଧି ରଖିବାରେ ସଫଳ ହେବ ବୋଲି ପ୍ରଯୋଜକ ଜ୍ୟୋତି ରଞ୍ଜନ ମହାନ୍ତି କହିଛନ୍ତି। ଡକ୍ଟର ଦୀପକ ଜେନାତ ସଂଳାପ ରଚନା ଦାୟିତ୍ୱ ତୁଲାଇଥିବାବେଳେ ଚଳଚ୍ଚିତ୍ରରେ ମୁଖ୍ୟ ଚରିତ୍ରରେ ଅଭିନୟ କରିଥିବା ବୁଦ୍ଧାଦିତ୍ୟ ମହାନ୍ତି, ସୂର୍ଯ୍ୟମୟୀ, ପ୍ରିୟମ୍ବଦା ଓ ଶୈଳେନ୍ଦ୍ର ପ୍ରମୁଖ ଅଡ଼ିଓ ରିଲିଜ୍ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପ୍ରଯୋଜନା ସଂସ୍ଥା ଜେଆର୍‌ଏମ୍ (ଇନ୍‌ଫ୍ୟୁଜନ ଇଣ୍ଟରଟେନମେଣ୍ଟ) ଦ୍ୱାରା ପ୍ରଯୋଜିତ ଏହି ଚଳଚ୍ଚିତ୍ରର କାହାଣୀ ପରିକଳ୍ପନାରେ ଡକ୍ଟର ବାଦଲ ମହାନ୍ତି ଏବଂ ଅଭିନେତ୍ରୀ ମହାଶ୍ୱେତା ପ୍ରତ୍ୟକ୍ଷ ଭାବରେ ସହଯୋଗ କରିଥିଲେ।

# ଉତ୍କଳରେ ପିଏଚ୍‌ଡି ସ୍କଲାର ଇଣ୍ଡକ୍ସନ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧୦ା୧(ବ୍ୟୁରୋ) : ଉତ୍କଳ ବିଶ୍ୱବିଦ୍ୟାଳୟର ଲୋକ ପ୍ରଶାସନ ବିଭାଗ ଏବଂ ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ପକ୍ଷରୁ ନୂତନ ଭାବେ ନାମ ଲେଖାଇଥିବା ପିଏଚ୍‌ଡି ସ୍କଲାର(ଗବେଷକ)ଙ୍କ ପାଇଁ 'ଇଣ୍ଡକ୍ସନ ପ୍ରୋଗ୍ରାମ' ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନରୱେ, ଚିଲି ଓ ଆଙ୍ଗୋଲାର ପୂର୍ବତନ ରାଷ୍ଟ୍ରଦୂତ ଦେବରାଜ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଗବେଷକମାନେ ଚତୁର୍ଦ୍ଦିଗରେ ଥିବା ସମସ୍ତ ଉତ୍ସ ଉପରେ ନଜର ରଖନ୍ତୁ। ଫଳରେ ସେମାନଙ୍କ ଗବେଷଣା ଉଚ୍ଚକୋଟୀର ହୋଇପାରିବ। ବୈଦେଶିକ ନୀତି ବଦଳୁଛି, ତଥାପି ସେଗୁଡ଼ିକ ଘରୋଇ ନୀତି ସହ ଜଡ଼ିତ। ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଯୁଗରୁ ନରେନ୍ଦ୍ର ମୋଦିଙ୍କ ପର୍ଯ୍ୟନ୍ତ ଏହା ରୂପାନ୍ତରିତ ହୋଇଛି ବୋଲି ସେ କହିଥିଲେ। ବିଭାଗର ସଂଯୋଜିକା ତଥା ଲୋକ ପ୍ରଶାସନ ବିଭାଗ ମୁଖ୍ୟ ପ୍ରଫେସର ପଦ୍ମାଳୟା ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଆସୋସିଏଟ୍ ପ୍ରଫେସର ଡ. ପ୍ରଦୀପ କୁମାର ମିଶ୍ର ଓ ଲୋକ ପ୍ରଶାସନ ବିଭାଗର ଆସୋସିଏଟ୍ ପ୍ରଫେସର ଡ. ପ୍ରତିମା ଷଡ଼ଙ୍ଗୀ ଉପସ୍ଥିତ ଥିଲେ। ଲୋକ ପ୍ରଶାସନ ବିଭାଗର ସହକାରୀ ପ୍ରଫେସର ଡ. ଜ୍ୟୋତିର୍ମୟୀ ଟୁଡୁ ସ୍ୱାଗତ ଭାଷଣ ଓ ଡ. ହେମନ୍ତ ଦାଶ ଧନ୍ୟବାଦ ଦେଇଥିଲେ।

# ପ୍ରତାପ ଶାସନ କଲେଜର ବାର୍ଷିକୋତ୍ସବ

ବାଲକାଟୀ,୧୦ା୧(ଡି.ଏନ୍.ଏ.): ବାଲକାଟୀସ୍ଥିତ ପ୍ରତାପ ଶାସନ ଡିଗ୍ରୀ କଲେଜ ର ବାର୍ଷିକ ଉତ୍ସବ ମଙ୍ଗଳବାର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ କଲେଜ ଅଧକ୍ଷ ଡ. କାଳନ୍ଦୀଚରଣ ସାହୁ ସଭାପତିତ୍ୱରେ.ମୁଖ୍ୟ ଅତିଥି ଭାବେ କଲେଜର ପରିଚାଳନା କମିଟିର ପୂର୍ବତନ ସଭାପତି ସନ୍ତୋଷ କୁମାର ମହାନ୍ତି ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବେ ପ୍ରଫେସର ବୈରାଗୀ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ବେଣୁଧର ଭୋଇ, ସରପଞ୍ଚ ରୀନା ବେହେରା, ସମିତି ସଭ୍ୟ ଗଙ୍ଗାଧର ମହାରି, ଯୁବ ନେତା ଅରବିନ୍ଦ ସାହୁ ମଞ୍ଚାସୀନ ଥିଲେ। ଅଧ୍ୟାପକ ଚକ୍ରଧର ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଛାତ୍ର ସଂସଦ ଉପଦେଷ୍ଟା ଗଙ୍ଗାଧର ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ପରିପ୍ରେକ୍ଷୀରେ କଲେଜ ଛାତ୍ରୀଛାତ୍ରଙ୍କ ଦ୍ୱାରା ମଞ୍ଚସ୍ଥ କ୍ଷୁଦ୍ର ନାଟକ ଦୁହିଁତା ସମସ୍ତଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇଥିଲା। ଛାତ୍ରୀ ଜୟନ୍ତୀ ଓଝା ନାଟକର ରଚନା କରିଥିବାବେଳେ ଲାଇବ୍ରେରିଆନ ହେମନ୍ତ କୁମାର ଦାଶ ନିର୍ଦ୍ଦେଶନା ଦେଇଥିଲେ।

# ମୋଦି ସରକାର ଶ୍ରମିକ, କୃଷକ ବିରୋଧୀ




**ଏପ୍ରିଲ୍ ୫ରେ ଦିଲ୍ଲୀରେ ବଡ଼ ସମାବେଶ**

ଭୁବନେଶ୍ୱର, ୧୦ା୧ (ବ୍ୟୁରୋ) : ସିଆଇଟିୟୁ, କୃଷକ ସଭା ଏବଂ କ୍ଷେତ ମଜଦୁର ୟୁନିୟନ ପକ୍ଷରୁ ଗୀତଗୋବିନ୍ଦ ସଦନରେ ଏକ ରାଜ୍ୟସ୍ତରୀୟ ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୧୫ ଦଫା ସମ୍ବଳିତ ଘୋଷଣାପତ୍ର ଗୃହୀତ ହୋଇଛି। କେନ୍ଦ୍ରର ମୋଦି ସରକାର ଜନବିରୋଧୀ, ଶ୍ରମିକ ଓ କୃଷକ ବିରୋଧୀ। ଶ୍ରମିକ ଓ କୃଷକଙ୍କ ଦାବି ପୂରଣ ନ ହେଲେ ଏପ୍ରିଲ ୫ରେ ପାର୍ଲାମେଣ୍ଟ ସମ୍ମୁଖରେ ବଡ଼ ସମାବେଶ ଅନୁଷ୍ଠିତ ହେବ। ଏଥିପାଇଁ ଦିଲ୍ଲୀ ଯାଇ ନିଜ ଦାବି ଉପସ୍ଥାପନ କରିବା ସହ ସମାବେଶକୁ ସଫଳ କରିବା ପାଇଁ ଏହିସମ୍ମିଳନୀରେ ଆହ୍ୱାନ ଦିଆଯାଇଛି। ଶ୍ରମିକ ଓ କୃଷକ ନେତାମାନେ କହିଛନ୍ତି, ମୋଦି ସରକାର ୪୪ଟି ଶ୍ରମ କଲ୍ୟାଣ ଆଇନକୁ ଉଚ୍ଛେଦ କରି ୪ଟି ଶ୍ରମକୋଡ୍ ମାଧ୍ୟମରେ ଶ୍ରମିକଙ୍କ ଅର୍ଜିତ ଅଧିକାର ଉପରେ ଆକ୍ରମଣ କରିଛନ୍ତି। ଏହାଦ୍ୱାରା ଶ୍ରମିକ ଓ କୃଷକଙ୍କ ଜୀବନଜୀବିକା ବିପନ୍ନ ହୋଇ ପଡିଛି। ଶ୍ରମିକଙ୍କୁ ମାସିକ ସର୍ବନିମ୍ନ ମଜୁରି ୨୬ ହଜାର ଟଙ୍କା ପ୍ରଦାନ, ଶ୍ରମ କୋଡ୍ ବାତିଲ, ଏମ୍‌ଏସ୍‌ପିର ଆଇନଗତ ଗ୍ୟାରେଣ୍ଟି, ଏମ୍‌ଜିଏନ୍‌ଆରଇଜିଏସ୍‌ରେ ୨୦୦ଦିନର କାମ, ଦୈନିକ ମଜୁରି ୬୦୦ଟଙ୍କା ଧାର୍ଯ୍ୟ, ଦରବୃଦ୍ଧି ନିୟନ୍ତ୍ରଣ, ବେକାରଙ୍କୁ କାମ, ସରକାରୀ ସମ୍ପତ୍ତି ବିକ୍ରି ବନ୍ଦ, ଆଦିବାସୀ ଓ ଦଳିତଙ୍କୁ ସାମାଜିକ ନ୍ୟାୟ, ମହିଳାଙ୍କ ପାଇଁ ସମାନ ଅଧିକାର ଆଦି ଦାବି କରାଯାଇଛି। ଏହି ଦାବିକୁ ନେଇ ସାରା ଓଡିଶାରେ ଜାନୁୟାରୀ, ଫେବୃୟାରୀ ଓ ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ପ୍ରଚାର ପତ୍ର ବଣ୍ଟନ, ପଟୁଆର, ପଦଯାତ୍ରା, ସାଧାରଣ ବୈଠକ ଆଦି କାର୍ଯ୍ୟକ୍ରମ କରାଯିବ। ଏପ୍ରିଲ ୫ ପାର୍ଲାମେଣ୍ଟ ଅଭିଯାନରେ ଓଡିଶାରୁ ହଜାର ହଜାର ସଂଖ୍ୟାରେ ଶ୍ରମିକ, କୃଷକ ଓ କୃଷି ଶ୍ରମିକ ଯୋଗ ଦେବେ ବୋଲି ସୂଚନା ଦିଆଯାଇଛି। ସିଆଇଟିୟୁ ରାଜ୍ୟ ସଭାପତି ଜନାର୍ଦ୍ଦନ ପତି, ଓଡିଶା କୃଷକ ସଭା ରାଜ୍ୟ ସଭାପତି ଜମେଶ୍ୱର ସାମନ୍ତରାୟ, ଓଡିଶା କ୍ଷେତ ମଜଦୁର ୟୁନିୟନର ରାଜ୍ୟ ଉପସଭାପତି ନିତ୍ୟାନନ୍ଦ ପରିଡା ପ୍ରମୁଖଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ଏହି ସମ୍ମିଳନୀକୁ ପରିଚାଳନା କରିଥିଲେ। ସିଆଇଟିୟୁର ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି ଦିଲ୍ଲୀ କିଷାନ-ମଜଦୁର ସମାବେଶକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ।


ଭୁବନେଶ୍ୱର କ୍ୟାପିଟାଲ ହାଇସ୍କୁଲ୍‌ଠାରେ ମଙ୍ଗଳବାର ଭୁବନେଶ୍ୱର ଜିଲା ଆନ୍ତଃବିଦ୍ୟାଳୟ ଚାମ୍ପିୟନଶିପ୍‌ର ଉଦ୍‌ଘାଟନ ଅବସରରେ ଖେଳାଳିଙ୍କ ମାର୍ଚ୍ଚପାଷ୍ଟ।

# ନୂଆ ଓଡ଼ିଆ ଚଳଚ୍ଚିତ୍ର 'ପ୍ରତିଶୋଧ'ର ଶୁଭ ମହୁରତ

ଭୁବନେଶ୍ୱର,୧୦ା୧: ଜୀ ସାର୍ଥକ ଫିଲ୍ମସ ନିବେଦିତ ଏବଂ କ୍ଷୀରୋଦ ପଟ୍ଟନାୟକ ପ୍ରଯୋଜିତ ଆଉ ଏକ ନୂଆ ଓଡ଼ିଆ ସିନେମା 'ପ୍ରତିଶୋଧ'ର ଶୁଭ ମହୁରତ ନିକଟରେ ଜୀ-ସାର୍ଥକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ନିର୍ଦ୍ଦେଶକ ସାଇ ସ୍ୱରାଜ ମଙ୍ଗରାଜଙ୍କ ନିର୍ଦ୍ଦେଶନାରେ ନିର୍ମାଣ ହେବାକୁ ଯାଉଥିବା ଏହି ଚଳଚ୍ଚିତ୍ରର ଚିତ୍ରନାଟ୍ୟ ତଥା ସଂଳାପ ଭରଦ୍ୱାଜ ପଣ୍ଡା ଲେଖିଥିବାବେଳେ ଗୁଡ୍‌ଲି ରଥ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଜୀବନରେ ଅନେକ ଦୁଃଖଦ ପରିସ୍ଥିତିକୁ ସାମ୍ନା କରିଥିବା ଗୋଟିଏ ସାଧାରଣ ଝିଅ ସମୟ ଅନୁସାରେ କିପରି ପ୍ରତିଶୋଧ ନେଉଛି ତା' ଉପରେ ଉକ୍ତ ସିନେମାଟି ଆଧାରିତ ହୋଇଛି। ଏପରିକି ଉକ୍ତ ଚଳଚ୍ଚିତ୍ରରେ ଜବରଦସ୍ତ ଆକ୍ସନ ଓ ଡ୍ରାମା ସହ ଏକ ଭିନ୍ନ ଧରଣ କାହାଣୀ ଦର୍ଶକଙ୍କୁ ବାନ୍ଧି ରଖିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି। ଓଡ଼ିଆ ଚଳଚ୍ଚିତ୍ର ଜଗତର ଆଗଧାଡ଼ିର ନାୟିକା ଏଲିନା ସାମନ୍ତରାୟ ଉକ୍ତ ସିନେମାର ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି। ଏଲିନାଙ୍କ ସମେତ ଅଭିନେତା କୁନା ତ୍ରିପାଠୀ, ସମରେଶ ରାଉତରାୟ, ବବି ମିଶ୍ର ପ୍ରମୁଖ ଅଭିନୟ କରିଛନ୍ତି। ପ୍ରତିଶୋଧ ଖୁବ୍‌ଶୀଘ୍ର ସୁଟିଂ ଫ୍ଲୋରକୁ ଯିବ ବୋଲି ଜୀ ସାର୍ଥକ ପକ୍ଷରୁ ସୂଚନା ଦିଆଯାଇଛି।


ଅତିଥି, କଳାକାର ଓ ଜୀ ଗ୍ରୁପ୍‌ର ବରିଷ୍ଠ ଅଧିକାରୀମାନେ 'ପ୍ରତିଶୋଧ'ର ପୋଷ୍ଟର ରିଲିଜ କରୁଛନ୍ତି।

# ସୌନ୍ଦର୍ଯ୍ୟକରଣ ନାଁରେ ଐତିହ୍ୟ, ସଂସ୍କୃତିକୁ ନଷ୍ଟ କରା ନଯାଉ

ପୁରୁଣାଭୁବନେଶ୍ୱର,୧୦ା୧(ଡି.ଏନ୍.ଏ.): ଐତିହ୍ୟ ଓ ସଂସ୍କୃତି ସୁରକ୍ଷା ଦାବିରେ ଭୁବନେଶ୍ୱର ସାଙ୍ଗଠନିକ ଜିଲା ଭାଜପା ପକ୍ଷରୁ ମଙ୍ଗଳବାର ଏକ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗୋସାଗୋରେଶ୍ୱର ମନ୍ଦିରଠାରୁ ଏହି ପଦଯାତ୍ରା ବାହାରି ଲିଙ୍ଗରାଜ ମନ୍ଦିର ରାସ୍ତା ଦେଇ କେଦାରଗୌରୀ ମନ୍ଦିରଠାରେ ପହଞ୍ଚିଥିଲା। କେଦାରଗୌରୀ କୁଣ୍ଡ, ପାପନାଶିନୀ କୁଣ୍ଡ, ସୂକ୍ଷ୍ମେଶ୍ୱର, ଗୋସାଗୋରେଶ୍ୱର, ଭୀମକୁଣ୍ଡ ଆଦି ପୁଷ୍କରିଣୀର ପୁନରୁଦ୍ଧାର କରାଯିବା ନେଇ ଶୋଭାଯାତ୍ରାରେ ନାରାବାଜି ଦିଆଯାଇଥିଲା। ଶୋଭାଯାତ୍ରାରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଯୋଗଦେଇ କହିଥିଲେ, ରାଜ୍ୟ ସରକାର ରାଜଧାନୀର ସୌନ୍ଦର୍ଯ୍ୟକରଣ ନାଁରେ ଐତିହ୍ୟ ଓ ସଂସ୍କୃତି ନଷ୍ଟ କରି ତା'ର ସୁରକ୍ଷା ପାଇଁ କାର୍ଯ୍ୟ କରନ୍ତୁ। ଐତିହ୍ୟ ଓ ସୌନ୍ଦର୍ଯ୍ୟର ସୁରକ୍ଷା ସମସ୍ତଙ୍କର କର୍ତ୍ତବ୍ୟ ହେଉ। ପଦଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା ଭୁବନେଶ୍ୱର ଜିଲା ସଭାପତି ବାବୁ ସିଂ, ମୁଖପାତ୍ର ଦିଲ୍ଲୀପ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ଲିଙ୍ଗରାଜ ମଣ୍ଡଳ, ସୁରେନ୍ଦ୍ର ପ୍ରଧାନ, ରାମଚନ୍ଦ୍ର ରଣସିଂହ, ଅରୁଣ ପୁରୋହିତ, ଅମରଜ୍ୟୋତି ଜଗଦ୍ଦେବ, ମାନସୀ ରାୟ, ବନ୍ଦନା ଦାସ କାନୁନ୍‌ଗୋ, ମନୋଜ ପଶ୍ଚିମକବାଟ, ଜ୍ଞାନ ରଞ୍ଜନ ବଳିୟାରସିଂ ପ୍ରମୁଖ ସାମିଲ ହୋଇଥିଲେ।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୦।୧।୨୦୨୩

| | |
|---|---|
| ୪,୦୩,୯୯୬ ଟଙ୍କା | |
| ସୁନା | ୨.୬୦୦ ଗ୍ରାମ୍ |
| ରୁପା | ୧୪୦ ମିଲିଗ୍ରାମ୍ |

# ୩୦ ଘଣ୍ଟାର ଉଦ୍ୟମ ପରେ କାବୁ ହେଲା ଦନ୍ତା

**ପୁରୀ ଅଫିସ, ୧୦।୧**

ପୁରୀ ଜିଲାର ବିଭିନ୍ନ ଅଞ୍ଚଳ ସମେତ ସହର ଉପକଣ୍ଠରେ ଗତ ଦୁଇଦିନ ଧରି ଆତଙ୍କ ଖେଳାଇଥିବା ଦନ୍ତାହାତୀକୁ ଶେଷରେ ମଙ୍ଗଳବାର ବନ ବିଭାଗ କାବୁ କରିଛି। ଦୀର୍ଘ ୩୦ ଘଣ୍ଟାର ପରିଶ୍ରମ ପରେ ଦନ୍ତାହାତୀଟି ଧରାପଡ଼ିଛି। ହାତୀଟିକୁ ବନ ବିଭାଗ ପୁରୀ-କୋଣାର୍କ ବାଲୁଖଣ୍ଡ ଅଭୟାରଣ୍ୟରୁ ଉଦ୍ଧାର କରି ଟ୍ରାଙ୍କୁଲାଇଜ୍ କରିବା ପରେ ସୁରକ୍ଷିତ ଭାବେ ଏକ ଟ୍ରକ ଯୋଗେ ଚନ୍ଦକା ସ୍ଥାନାନ୍ତର କରିଛି।



ସୂଚନା ଅନୁଯାୟୀ, ରବିବାର ରାତିରେ ଡେଲାଙ୍ଗ ଓ କଣାସ ଅଞ୍ଚଳରେ ଏକ ଦନ୍ତାହାତୀ ଦେଖିବାକୁ ମିଳିଥିଲା। ସୋମବାର ଭୋରରୁ ପୁରୀର ଚନ୍ଦନପୁର, ପ୍ରତାପ ପୁରୁଷୋତ୍ତମପୁର, ପାଙ୍କଳ ଓ କୃଷ୍ଣରଞ୍ଜନପୁର ଅଞ୍ଚଳରେ ବୁଲୁଥିଲା। ରାତି ପ୍ରାୟ ୧୧ଟାରେ ହାତୀଟି ଖାଦ୍ୟ ଅନ୍ୱେଷଣରେ ପୁରୀ ସହରର ଖଣ୍ଡିଆବନ୍ଧ ଓ ମାଟିତୋଟା ଅଞ୍ଚଳକୁ ଚାଲିଆସିଥିଲା। ଫଳରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ରାତି ସାରା ବନ ବିଭାଗର କର୍ମଚାରୀମାନେ ଉପସ୍ଥିତ ରହି ହାତୀର ଗତିବିଧି ଉପରେ ନଜର ରଖିଥିଲେ। ମଙ୍ଗଳବାର ଭୋର ସମୟରେ ହାତୀଟି ବାଟମଙ୍ଗଳା ଦେଇ ବାଲିଗୁଆଳି ଅଞ୍ଚଳରେ ପ୍ରବେଶ କରିଥିଲା। ପରେ ବାଲିଗୁଆଳି ରାସ୍ତା ଦେଇ ବାଲୁଖଣ୍ଡ ଅଭୟାରଣ୍ୟ ଜଙ୍ଗଲ ଭିତରକୁ ଚାଲିଆସିଥିଲା। ବନ ବିଭାଗ କର୍ମଚାରୀମାନେ ବାଲୁଖଣ୍ଡ ଅଭୟାରଣ୍ୟର ୯ ନମ୍ବର ସେକ୍ଟରରେ ହାତୀକୁ ଠାବ କରିଥିଲେ। ତା'ର ଗତିବିଧିକୁ ଭଲ ଭାବେ ନିରୀକ୍ଷଣ କରାଯିବା ପରେ ଟ୍ରାଙ୍କୁଲାଇଜ୍ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏଥିପାଇଁ ଆବଶ୍ୟକ ଉପକରଣ ମହଜୁଦ ରଖାଯାଇଥିଲା। ପୁରୀ ଡିଏଫ୍ଓ ରାମାସ୍ୱାମୀ, ଖୋର୍ଦ୍ଧା ଡିଏଫ୍ଓ ପୂର୍ଣ୍ଣିମା ପାଣ୍ଡିଆନ୍ ଏହାର ନେତୃତ୍ୱ ନେଇଥିଲେ। ପୂର୍ବାହ୍ନ ୯ଟା ୪୦ରେ ବନ ବିଭାଗ ଟିମ୍ ହାତୀକୁ ଟ୍ରାଙ୍କୁଲାଇଜ୍ କରିଥିଲା। ପ୍ରାୟ ଦେଢ଼ ଘଣ୍ଟା ହାତୀ ଘାଇଲା ଅବସ୍ଥାରେ ରହିଥିଲା। ପୁରୀର ୫ଟି ରେଞ୍ଜ ଏବଂ ଖୋର୍ଦ୍ଧାର ୨ଟି ରେଞ୍ଜର ବନ ଅଧିକାରୀ ଓ କର୍ମଚାରୀଙ୍କ ସହ ଟ୍ରାଙ୍କୁଲାଇଜର ଟିମ୍ ଜଗି ରହିଥିଲେ। କ୍ରେନ୍ ଦ୍ୱାରା ହାତୀକୁ ଏକ ଟ୍ରକ୍ ଉପରକୁ ଉଠାଯାଇଥିଲା। ପରେ ହାତୀକୁ ସୁରକ୍ଷିତ ଭାବେ ଚନ୍ଦକା ଜଙ୍ଗଲକୁ ସ୍ଥାନାନ୍ତର କରାଯାଇଥିଲା। ହାତୀର ଚଳପ୍ରଚଳନ ସମୟରେ ଖଣ୍ଡିଆବନ୍ଧ ଓ ମାର୍କଣ୍ଡେଶ୍ୱର ସାହି ଅଞ୍ଚଳରେ ବିଦ୍ୟୁତ ସରବରାହ ବନ୍ଦ ରଖାଯାଇଥିଲା। ସ୍ଥାନାନ୍ତର ପରେ ହାତୀକୁ ଚନ୍ଦକା- ଡମପଡ଼ା ଅଭୟାରଣ୍ୟର ଜଙ୍ଗଲ ମଝିରେ ଥିବା କୁମାରଖୁଣ୍ଟି ହାତୀ ରେସ୍କ୍ୟୁ ସେଣ୍ଟରରେ ରଖାଯିବ। ପୁରୀ ସହରକୁ ହାତୀ ପଶିଆସିବା ପ୍ରଥମ ଘଟଣା ବୋଲି କୁହାଯାଉଛି।

**ବାଲୁଖଣ୍ଡରେ ଟ୍ରାଙ୍କୁଲାଇଜ କରାଗଲା**
- ଟ୍ରକ ଯୋଗେ ଚନ୍ଦକାକୁ ସ୍ଥାନାନ୍ତର ହେଲା
- କୁମାରଖୁଣ୍ଟି ହାତୀ ରେସ୍କ୍ୟୁ ସେଣ୍ଟରରେ ରହିବ



ଛତିଶଗଡ଼ ରାଜ୍ୟପାଳ ଅନୁସୂୟା ଉକି ମଙ୍ଗଳବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି।

## ରାଷ୍ଟ୍ରୀୟ ରାମାୟଣ ମହୋତ୍ସବ

**ପୁରୀ ଅଫିସ, ୧୦।୧:** ଶ୍ରୀରାମ ସୁନ୍ଦରକଣ୍ଡ ଚାରିଟେବୁଲ ଟ୍ରଷ୍ଟ ଏବଂ ଗୋବିନ୍ଦ ଗୋଧାମ ଗୋଶାଳା ତରଫରୁ ରୁମାନୀ ହୋଟେଲ ସମ୍ମିଳନୀ କକ୍ଷରେ ଆୟୋଜିତ ରାଷ୍ଟ୍ରୀୟ ରାମାୟଣ ମହୋତ୍ସବର ପଞ୍ଚମ ଦିନରେ ଅଯୋଧ୍ୟା କାଣ୍ଡ ପ୍ରସଙ୍ଗରେ ପୁତ୍ରକୁ ଝୁରି ଦଶରଥଙ୍କ ଶରୀର ତ୍ୟାଗ ସଂକ୍ରାନ୍ତ ବ୍ୟାଖ୍ୟା ହୋଇଥିଲା। ତେଲେଙ୍ଗାନା ନିଜାମାବାଦର ଅନ୍ତର୍ଜାତୀୟ ରାମ ଚରିତ ମାନସ ପାଠକ ସୁରେଶ ସାରଡ଼ା, ଶରତ ସାରଡ଼ାଙ୍କ କଣ୍ଠରୁ ସଙ୍ଗୀତମୟ ପ୍ରଭୁ ରାମଚନ୍ଦ୍ରଙ୍କ ବିରହରେ ମହାରାଜ ଦଶରଥଙ୍କ ଶରୀର ତ୍ୟାଗ ଏକ ଭାବ ଗମ୍ଭୀର ପରିବେଶ ସୃଷ୍ଟି କରିଥିଲା। ମହାରାଣୀ କୈକେଇ, ସୁମିତ୍ରା ଓ କୌଶଲ୍ୟାଙ୍କ ଦୁଃଖର ସ୍ଥିତିକୁ ଉପସ୍ଥିତ ଶ୍ରଦ୍ଧାଳୁମାନେ ଅନୁଭବ କରି ଭକ୍ତିଭାବରେ ବାନ୍ଧିହୋଇଯାଇଥିବା ଦେଖିବାକୁ ମିଳିଥିଲା। ପ୍ରଭୁ ରାମଙ୍କ ବିରହର ଅନୁଭବ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଭକ୍ତମାନେ ଦୁଃଖ ପ୍ରକଟ କରିଥିବାର ଦୃଶ୍ୟ ପରିବେଶକୁ ରାମମୟ କରିଥିଲା। ପ୍ରସଙ୍ଗ କ୍ରମରେ ବନ ମଧ୍ୟରେ ରାମଚନ୍ଦ୍ରଙ୍କ ଉପସ୍ଥିତି ଏବଂ ଗୋମାତାଙ୍କ ସେବା ସମ୍ପର୍କରେ କଥା ବାଚକ ବ୍ୟାଖ୍ୟା ହୋଇଥିଲା। ଉତ୍ସବରେ ଟ୍ରଷ୍ଟର ପ୍ରତିଷ୍ଠାତା ସମ୍ପାଦକ ପଣ୍ଡିତ ବିଷ୍ଣୁ ଚରଣ ପଣ୍ଡା ଓ ମୁଖପାତ୍ର ବିଷ୍ଣୁଦତ୍ତ ଦାସ ଉପସ୍ଥିତ ଥିଲେ।



ପୁରୀ ବେଳାଭୂମିରେ ମଙ୍ଗଳବାର ଜଳକ୍ରୀଡ଼ାକୁ ଜିଲାପାଳ ସମର୍ଥ ବର୍ମା ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରୁଛନ୍ତି।

## ଏସ୍‌ସିଏସ୍ କଲେଜର ୭୩ତମ ବାର୍ଷିକ କ୍ରୀଡ଼ା

**ପୁରୀ ଅଫିସ, ୧୦।୧**

ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟର ୭୩ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ଡ. ସୁଜାତା ମିଶ୍ର ଉଦ୍‌ଘାଟକ ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ମହାବିଦ୍ୟାଳୟର ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତା ଉଦ୍‌ଘାଟନ ଅବସରରେ କ୍ରୀଡ଼ା ସଂଘର ଉପାଧ୍ୟକ୍ଷ ଗୌତମ ସେଠୀ, ଡ. ଦିଲ୍ଲିପ କୁମାର ସ୍ୱାଇଁ, ଡ. ଶୁଭେନ୍ଦୁ ପରିଡ଼ା, ଡ. ମହେନ୍ଦ୍ର ମିଶ୍ର, ଡ. ନମିତା ଦାସ ଏବଂ ଡ. ସସ୍ମିତା ପରିମାଣିକ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ପ୍ରତିଯୋଗିତାରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦୌଡ଼କୁଦ, ଲମ୍ଫଡିଆଁ, ହାଇଜମ୍ପ, ସହ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ବାଳକ ବିଭାଗରେ ଯୁକ୍ତ ୩ ଶେଷ ବର୍ଷର ଛାତ୍ର ଦୀପୁ ଚାମ୍ପିୟନ ହୋଇଥିବା ବେଳେ ବାଳିକା ବିଭାଗରେ ଯୁଗ୍ମ ଭାବେ ଦ୍ୱିତୀୟ ବର୍ଷର ଛାତ୍ରୀ ସୋନାଲି ସାହୁ ଏବଂ ପ୍ରଥମ ବର୍ଷର ଛାତ୍ରୀ କବିତା ଭୋଇ ଚାମ୍ପିୟନ ହୋଇଛନ୍ତି। ପ୍ରତିଯୋଗିତାକୁ ମହାବିଦ୍ୟାଳୟର ପରୀକ୍ଷା ନିରୀକ୍ଷକ ଡ. ଏସ୍. ଚାନ୍ଦ, ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ରଣଜିତ୍ ମିଶ୍ର, ଜିଏମ୍ ଆଇନ ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ରାଜ କିଶୋର ମହାନ୍ତି, ସୁରଜ ମଲ୍ଲ ଶାହା ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ହରିହର କର, ଗୋପିନାଥ ଦେବ ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ରବି ନାରାୟଣ ମିଶ୍ର ପ୍ରମୁଖ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ମହାବିଦ୍ୟାଳୟ ପକ୍ଷରୁ ଚିତ୍ତରଞ୍ଜନ ଦ୍ୱିବେଦୀ ଏବଂ ଡ. ମିହିର ପ୍ରସାଦ ମିଶ୍ର ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

## ଜାଲିସାହି ବସ୍ତି ଉଚ୍ଛେଦ ନୋଟିସକୁ ବିରୋଧ

**ପୁରୀ ଅଫିସ, ୧୦।୧**

**ଜିଲାପାଳଙ୍କ ଦ୍ୱାରସ୍ଥ**

ପୁରୀ ସହରର ଜାଲିସାହି ବସ୍ତି ଉଚ୍ଛେଦ ପାଇଁ ପୌରପାଳିକା ଦେଇଥିବା ନୋଟିସକୁ ବସ୍ତିବାସିନ୍ଦା ବିରୋଧ କରି ମଙ୍ଗଳବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଜିଲାପାଳ ସମର୍ଥ ବର୍ମାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବସ୍ତିବାସିନ୍ଦା ଅଭିଯୋଗ କରଛନ୍ତି ଯେ, ବସ୍ତି ଉଚ୍ଛେଦ ପାଇଁ ପୌରପାଳିକା ପକ୍ଷରୁ ସୋମବାର ରାତିରେ ବେଆଇନ ଭାବେ ନୋଟିସ ଜାରି ହୋଇଛି। ୨୪ ଘଣ୍ଟା ମଧ୍ୟରେ ବସ୍ତି ଖାଲି କରିବାକୁ କୁହାଯାଇଛି। ତେବେ ସେମାନଙ୍କ ସହ ଆଲୋଚନା ବିନା ଏଭଳି ନୋଟିସ ଜାରି ହୋଇଥିବାରୁ ଉଚ୍ଛେଦକୁ ବସ୍ତିବାସିନ୍ଦା ବିରୋଧ କରୁଛନ୍ତି। ରାସ୍ତା ଓ ଡ୍ରେନ ନିର୍ମାଣ ଆଳରେ ଶତାଧିକ ଘର ଭାଙ୍ଗିବାକୁ ପ୍ରଶାସନର ଯୋଜନାକୁ ବସ୍ତି ବାସିନ୍ଦା ବିରୋଧ କରିଛନ୍ତି। ବସ୍ତିକୁ ରାସ୍ତାର ଆବଶ୍ୟକ ନାହିଁ ବୋଲି ସେମାନେ କହିଛନ୍ତି। ପୌରପାଳିକାର ଜଣେ ଅଧିକାରୀ ତାଙ୍କ ଘରକୁ ରାସ୍ତା କରିବା ପାଇଁ ବେଆଇନ ଭାବେ ବସ୍ତିବାସିନ୍ଦାଙ୍କୁ ଉଚ୍ଛେଦ କରୁଛନ୍ତି। ଫଳରେ ଉକ୍ତ ବସ୍ତିରେ ଦୀର୍ଘ ବର୍ଷ ଧରି ବାସ କରି ଆସୁଥିବା ୫୦ରୁ ଅଧିକ ପରିବାର ଉଚ୍ଛେଦ ହେବ। ତେବେ ଉଚ୍ଛେଦ ପରେ ବସ୍ତିବାସିନ୍ଦା ଯିବେ କୁଆଡେ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଯଦି ପ୍ରଶାସନ ସେମାନଙ୍କ ସମସ୍ୟା ଓ ଦାବିକୁ ଅଣାଦେଖା କରେ ତେବେ ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ବସ୍ତି ବାସିନ୍ଦା ଚେତାବନୀ ଦେଇଛନ୍ତି।

## ସ୍ୱର୍ଣ୍ଣକାର ସଂଘ ପକ୍ଷରୁ କଳା ଦିବସ ପାଳିତ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ସ୍ୱର୍ଣ୍ଣ ଓ ରୌପ୍ୟ କାରିଗରମାନେ।

**ଅସ୍ତରଙ୍ଗ,୧୦।୧(ଡି.ଏନ୍.ଏ.)**

କାକଟପୁର ବ୍ଲକ ଅନ୍ତର୍ଗତ ବାଜପୁରସ୍ଥିତ ପଞ୍ଚବଟୀ ଆଶ୍ରମଠାରେ ଅଖିଳ ଭାରତ ସ୍ୱର୍ଣ୍ଣକାର ସଂଘର ୬୦ତମ କଳା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ସଙ୍ଘର ଉପଦେଷ୍ଟା ତଥା ବର୍ଷୀୟାନ୍ ସାଥୀ ପୂର୍ଣ୍ଣଚନ୍ଦ୍ର ସାହୁ ପତାକା ଉତ୍ତୋଳନ କରିଥିଲେ। ସଭାପତି ଶ୍ରୀଧର ସାହୁ ଯୋଗଦେଇ ସ୍ୱର୍ଣ୍ଣକାରମାନଙ୍କୁ ଏହି କଳାଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ଏହି ଦିବସରେ ଶଙ୍କର ପ୍ରସାଦ ସାହୁ, ନିତ୍ୟାନନ୍ଦ ସାହୁ, ଲକ୍ଷ୍ମୀଧର ସାହୁ, ପ୍ରହଲ୍ଲାଦ ସାହୁ, ସୁବାସ ଚନ୍ଦ୍ର ସାହୁ, କଲ୍ୟାଣ ସାହୁ, ଗଗନ ବିହାରୀ ସାହୁ, ବାଞ୍ଛାନିଧି ସାହୁ, ଲିଙ୍ଗରାଜ ସାହୁ, କୈଳାସ ଚନ୍ଦ୍ର ସାହୁଙ୍କ ସମେତ ଶତାଧିକ ସଭ୍ୟ ଯୋଗ ଦେଇଥିଲେ। ସଙ୍ଘର କଳା ଦିବସ ଉପଲକ୍ଷେ ଗୋଟିଏ ଦିନ ପାଇଁ ସ୍ୱର୍ଣ୍ଣକାରଙ୍କ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିଲା।

## ଗୋରୁ ବୋଝେଇ ଗାଡ଼ି ଜବତ

**ବେଗୁନିଆ,୧୦।୧(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଞ୍ଚଳରେ ମଙ୍ଗଳବାର ପୋଲିସ ଏକ ଗୋରୁ ବୋଝେଇ ଗାଡ଼ିକୁ ଜବତ କରିବା ସହ ଚାଳକଙ୍କୁ ଗିରଫ କରିଛି। ସେ ହେଲେ ବେଗୁନିଆ ନୂଆସାହିର ପବିତ୍ର କୁମାର ପାଳ। ୬ଟି ଗୋରୁଙ୍କୁ ଉଦ୍ଧାର କରାଯାଇ ଭୁବନେଶ୍ୱରସ୍ଥିତ ସିଜୁଆ ଗୋଶାଳାକୁ ପଠାଇ ଦିଆଯାଇଛି। ପୋଲିସ ଏକ ମାମଲା (ନଂ.୯/୧୩) ରୁଜୁ କରି ତଦନ୍ତ ଚଳାଇଛି।

## ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ଯାତ୍ରୀଙ୍କୁ ସରକାରୀ ସହାୟତା

**ସାକ୍ଷୀଗୋପାଳ,୧୦।୧(ଡି.ଏନ୍.ଏ.):** ସାକ୍ଷୀଗୋପାଳ ମନ୍ଦିର ନିକଟରେ ସୋମବାର ତୀର୍ଥଯାତ୍ରୀ ବସ୍ ଅଗ୍ନିକାଣ୍ଡ ଘଟଣାରେ କ୍ଷତିଗ୍ରସ୍ତ ତୀର୍ଥଯାତ୍ରୀଙ୍କୁ ପୁରୀ ଜିଲା ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇ ଦିଆଯିବ। ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁ ଏହା କହିଛନ୍ତି। ସେ ମଙ୍ଗଳବାର ସାକ୍ଷୀଗୋପାଳ ପାନ୍ଥଶାଳାରେ ଆଶ୍ରୟ ନେଇଥିବା କ୍ଷତିଗ୍ରସ୍ତ ପରିବାରଙ୍କୁ ଭେଟିଛନ୍ତି। ସେମାନଙ୍କ ଖାଦ୍ୟପେୟ ଓ ଅନ୍ୟାନ୍ୟ ସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଜିଲା ପ୍ରଶାସନ ୭୫ ହଜାର ଟଙ୍କା ସହାୟତା ଦେବ ବୋଲି ସେ କହିଥିଲେ। ଯାତ୍ରୀମାନେ ୧ ଲକ୍ଷ ଟଙ୍କା ସହାୟତା କରିବାକୁ ଅନୁରୋଧ କରିଥିଲେ। ଏହି ସମୟରେ ସତ୍ୟବାଦୀ ବିଡିଓ ଲୋଚନ ଦାଶ, ତହସିଲଦାର ଜୟନ୍ତ ଜୟସିଂ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଅତିରିକ୍ତ ଜିଲାପାଳ ଗୋପବନ୍ଧୁଙ୍କ ଜନ୍ମପୀଠ ସୁଆଣ୍ଡୋ ଗସ୍ତ କରି ଐତିହ୍ୟ ବିକାଶ ପ୍ରକଳ୍ପ ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଚଳିତ ମାସ ୨୬ ମଧ୍ୟରେ ଉନ୍ନୟନ କାର୍ଯ୍ୟ ଶେଷ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

# ଝିଅକୁ ହତ୍ୟା କରିଥିବା ମାନିଲେ ବାପା

**ଗୋପ,୧୦।୧ (ଡି.ଏନ୍.ଏ.)**

**ଅଧିକ ତଦନ୍ତ ପାଇଁ ଡିଏସ୍‌ପିଙ୍କୁ ନିର୍ଦ୍ଦେଶ**

ଗୋପ ଥାନା ଅନ୍ତର୍ଗତ ବିଜିପୁର ଗ୍ରାମରେ ନିଜ ଝିଅକୁ ହତ୍ୟା କରିଥିବା ଘଟଣାରେ ଗିରଫ ହୋଇଥିବା ଅଭିଯୁକ୍ତ ବାପା ଦୁର୍ଗାଚରଣ ମହାରଣା ମଙ୍ଗଳବାର ପୋଲିସ ଆଗରେ ଝିଅକୁ ମାରିଥିବା ନେଇ ମାନିଛନ୍ତି। ତେବେ ରୋଷେଇ ନ କରିବା ସହିତ ଘର କାମ ନ କରିବାରୁ ଅତ୍ୟଧିକ ରାଗରେ ଝିଅକୁ ଗୋଟିଏ ଚାପୁଡ଼ା ମାରିଦେବାରୁ ତା'ର ମୃତ୍ୟୁ ହୋଇଥିବା ଦୁର୍ଗାଚରଣ କହିଥିବା ତଦନ୍ତକାରୀ ଅଧିକାରୀ କୁନାଲ କୁମାର ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗତ ୭ ତାରିଖ ରାତିରେ ବିଜିପୁର ଗ୍ରାମରେ ସାବତ ମା' ବାପାଙ୍କ ସହ ଆଉ ୨ ସମ୍ପର୍କୀୟ ମିଶି ଝିଅ ମୋନାଲିସାଙ୍କୁ ହତ୍ୟା କରିଥିବା ନେଇ ବଡ଼ ଭଉଣୀ ରଶ୍ମିତା ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ନେଇ ଥାନାଧିକାରୀ ସୁନୀଲ କୁମାର ପ୍ରଧାନ ଏକ ହତ୍ୟା ମାମଲା(ନଂ.୧୩/୨୩) ରୁଜୁ କରି ତଦନ୍ତ କରିଥିଲେ। ୮ ତାରିଖ ସକାଳେ ଜିଲା ସାଇଣ୍ଟିଫିକ ଟିମ ଶଶ୍ମାନରେ ପହଞ୍ଚି ପାଉଁଶ ଜବତ କରିଥିଲେ। ଗୋପ ଥାନାଧିକାରୀ ପ୍ରଧାନ ଅଭିଯୁକ୍ତ ବାପା ଦୁର୍ଗାଚରଣଙ୍କୁ ଗିରଫ କରିବାବେଳେ ଅନ୍ୟ ୩ଜଣ ଫେରାର ହୋଇଯାଇଥିଲେ। ପରେ ଦୁର୍ଗାଚରଣଙ୍କୁ ପଚରାଉଚରା ବେଳେ ସେ ସତକଥା ମାନିଥିଲେ। କିନ୍ତୁ ଏହି ହତ୍ୟାକାଣ୍ଡରେ ସାବତ ମା' ସହିତ ଅନ୍ୟ କେହି ସମ୍ପୃକ୍ତ ନ ଥିବା ଦୁର୍ଗାଚରଣ କହିଛନ୍ତି। ଅପରପକ୍ଷେ ହତ୍ୟା ପରେ ତରବରିଆ ଭାବେ ଶବ ଦାହ କରିବା ପରେ ଶଶ୍ମାନକୁ ଧୋଇବା ଭଳି ଅଭିଯୋଗକୁ ଅନେକ ପ୍ରଶ୍ନ ସୃଷ୍ଟି କରିଛି। ଅଧିକ ତଦନ୍ତ ସହ ଅନ୍ୟାନ୍ୟ ଘଟଣାର ପର୍ଦ୍ଦାଫାଶ କରିବା ପାଇଁ ଜିଲା ଏସ୍‌ପି ଜଣେ ଡିଏସ୍‌ପିଙ୍କୁ ତଦନ୍ତ କରିବା ଲାଗି ନିର୍ଦ୍ଦେଶ ଦେବା ପରେ ଜିଲାର ମହିଳା ଡିଏସ୍‌ପି ପ୍ରିୟବ୍ରତା ଶତପଥୀ ଗୋପ ଥାନାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଅନ୍ୟପଟେ ପୋଲିସ ଅଭିଯୁକ୍ତ ବାପା ଦୁର୍ଗାଚରଣଙ୍କୁ କୋର୍ଟ ହାଜର କରିବା ପରେ କୋର୍ଟ ତାଙ୍କୁ ଜେଲ ହାଜତକୁ ପଠାଇ ଦେଇଥିବା ଥାନାଧିକାରୀ ସୁନୀଲ କୁମାର ପ୍ରଧାନ କହିଛନ୍ତି।



ଦୁର୍ଗାଚରଣ ମହାରଣା

# ସେତୁ ନିର୍ମାଣ କାର୍ଯ୍ୟ ପରିଦର୍ଶନ କଲେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ

**କଣାସ,୧୦।୧(ସ୍ୱ.ପ୍ର.)**

ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ମଙ୍ଗଳବାର କଣାସ ଅଞ୍ଚଳ ଗସ୍ତ କରି ୩ଟି ସେତୁ ନିର୍ମାଣ କାର୍ଯ୍ୟ ଦେଖିବା ସହିତ ଜନସାଧାରଣଙ୍କ ସହିତ ଆଲୋଚନା କରିଛନ୍ତି। ଘଡ଼େଇ ପ୍ରଥମେ ଦୋକନ୍ଦା ଗ୍ରାମପଞ୍ଚାୟତର କେଶରପୁର ନିକଟରେ ମଲାଗୁଣି ନଦୀ ଉପରେ ନିର୍ମାଣ କରାଯାଉଥିବା ସେତୁ ବୁଲି ଦେଖିଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନରେ ମଧ୍ୟାହ୍ନଭୋଜନ କରିବା ସହିତ ବାଳାଶ୍ରମ, ଶିଶୁଗୃହ, କଲ୍ୟାଣୀ ମାନସିକ ଅସୁସ୍ଥ ବ୍ୟକ୍ତିଙ୍କର ଥାଇଥାନ ଗୃହ ବିଭାଗକୁ ଯାଇ ବୁଲି ଦେଖିଥିଲେ। ଏଥିସହ ପିଲାଙ୍କ ସହିତ କିଛି ସମୟ ବିତାଇ ପୁନର୍ବାର ଆସିବେ ବୋଲି କହିଥିଲେ। ପରେ କଳାଘଡ଼ିଠାରେ ନିର୍ମାଣ ହେଉଥିବା ଦୟାନଦୀ ସେତୁ କରମଳାଠାରେ ଲୁଣାନଦୀ ଉପରେ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ସ୍ଥାନୀୟ ଲୋକେ ଦୟାନଦୀ ସେତୁରେ ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ କରିଥିଲେ। ଜନସାଧାରଣଙ୍କ ସାଥିରେ ଆଲୋଚନା କରି ଯୁଦ୍ଧକାଳୀନ ଭିତ୍ତିରେ ସେତୁ କାର୍ଯ୍ୟ କରି ମାର୍ଚ୍ଚ ୩୧ରେ ହସ୍ତାନ୍ତର କରିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଠାକୁର ଶ୍ରୀଅଭିରାମ ପରମହଂସଙ୍କ ଆଶ୍ରମରେ ଠାକୁରଙ୍କୁ ଦର୍ଶନ କରିଥିଲେ।

ମନ୍ତ୍ରୀଙ୍କ ସହିତ ସ୍ଥାନୀୟ ବିଧାୟକ ଉମାକାନ୍ତ ସାମନ୍ତରାୟ, ଗ୍ରାମ୍ୟ ଉନ୍ନୟନ ବିଭାଗ ମୁଖ୍ୟଯନ୍ତ୍ରୀ ଭୁବନେଶ୍ୱର ରମେଶ ଚନ୍ଦ୍ର ବେହେରା, ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଭୁବନେଶ୍ୱର ସତ୍ୟବ୍ରତ ବେହେରା, ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ଅଜିତ ସାହୁ, କଣାସ ସହକାରୀ ନିର୍ବାହୀ ଯନ୍ତ୍ରୀ କାର୍ତ୍ତିକ ଚରଣ ପ୍ରଧାନ, କନିଷ୍ଠୀ ଯନ୍ତ୍ରୀ ସୁଶାନ୍ତ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।



ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ସେତୁ ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି।

# ଓଡ଼ିଆ ଭାଷା ସାହିତ୍ୟରେ ଉପନ୍ୟାସର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ପୁରୀ ଅଫିସ, ୧୦।୧**

ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ପୁରୀ ଜିଲା ପ୍ରଶାସନ ଏବଂ ଶ୍ରୀକ୍ଷେତ୍ର ପୁସ୍ତକ ମେଳାର ମିଳିତ ଆନୁକୂଲ୍ୟରେ ଶରଧାବାଲିରେ ଚାଲିଥିବା ୨୭ତମ ଶ୍ରୀକ୍ଷେତ୍ର ପୁସ୍ତକ ମେଳାର ମଙ୍ଗଳବାର ଅଷ୍ଟମ ଦିନରେ ବିଭିନ୍ନ ବହି ସାଙ୍ଗକୁ ଘରୋଇ ଉପକରଣ କିଣିବା ପାଇଁ ଗହଳି ଲାଗିଥିଲା। ଏହି ଅବସରରେ ନିଶିଗନ୍ଧା ଭାଷା ପ୍ରତିଷ୍ଠାନ ଓ ନିଶିଗନ୍ଧା ସାହିତ୍ୟ ସଂସଦ, ଭୁବନେଶ୍ୱର ପକ୍ଷରୁ 'ଓଡ଼ିଆ ଭାଷା ସାହିତ୍ୟରେ ଉପନ୍ୟାସର ଭୂମିକା' ଶୀର୍ଷକ ଆଲୋଚନା ଚକ୍ର ଓ ପୁସ୍ତକ ଉନ୍ମୋଚନ, ପୁସ୍ତକ ସମୀକ୍ଷା ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୁସ୍ତକ ମେଳା କମିଟିର ସଭାପତି କୈଳାଶ ଚନ୍ଦ୍ର ଟିକାୟତରାୟ ଏବଂ ବିଶିଷ୍ଟ ଅତିଥି ଭାବେ ଶିକ୍ଷାବିତ୍ ପଦ୍ମନାଭ ତ୍ରିପାଠୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ, ବିଶିଷ୍ଟ ଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଓ ଗାଳ୍ପିକ ବଦ୍ରି ମିଶ୍ର ମଞ୍ଚାସୀନ ଥିଲେ। ସମ୍ମାନିତ ଅତିଥି ଭାବେ ଟ୍ରଷ୍ଟ ଅଧ୍ୟକ୍ଷ ଡକ୍ଟର ବନ୍ଦନା ହରିଚନ୍ଦନ, ନିଶିଗନ୍ଧା ଭାଷା ପ୍ରତିଷ୍ଠାନ ଓ ସାହିତ୍ୟ ସଂସଦର ପ୍ରତିଷ୍ଠାତା ବଳରାମ ତରାଇ ଏବଂ ଶ୍ରୀଜଗନ୍ନାଥ ସେବା ପ୍ରତିଷ୍ଠାନ ଫାଉଣ୍ଡେଶନର ପର୍ଶୁରାମ ବେହେରା, ସ୍ୱାବଲମ୍ବନ ପ୍ରା.ଲି. ପ୍ରକାଶକ, ରଶ୍ମିମୟୀ ପଟ୍ଟନାୟକ, କବି ତାରାପ୍ରସାଦ ଶତପଥୀ, ମାନସ ରଞ୍ଜନ ମହାନ୍ତି, ଆର୍ତ୍ତତ୍ରାଣ ସାହୁ ପ୍ରମୁଖ ଯୋଗଦେଇ ଓଡ଼ିଆ ସାହିତ୍ୟ, ଭାଷା ବିଶେଷ କରି ଓଡ଼ିଶାର ଇତିହାସକୁ ଋଦ୍ଧିମନ୍ତ କରିବାରେ ଉପନ୍ୟାସର ଭୂମିକା ଉଲ୍ଲେଖନୀୟ ବୋଲି ମତ ପ୍ରକାଶ କରିଥିଲେ। କବି ବଳରାମ ତରାଇଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଉତ୍ସବରେ ବିଭିନ୍ନ ଲେଖକଙ୍କ ଦ୍ୱାରା ପୁସ୍ତକର ସମୀକ୍ଷା କରାଯାଇଥିଲା। ଡ. ସସ୍ମିତା ମିଶ୍ରଙ୍କ ପୁସ୍ତକ 'କବିର କଳ୍ପନା' ଉନ୍ମୋଚନ ହୋଇଥିଲା। ବଳରାମ ତରାଇଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରଶ୍ମିମୟୀ ପଟ୍ଟନାୟକ ସହଯୋଗ କରିଥିଲେ। ସେହିପରି ପୁସ୍ତକ ମେଳାରେ ପାଠକଙ୍କ ହାତରେ ଔପନ୍ୟାସିକ ରାମଚନ୍ଦ୍ର ବେହେରା, ଗୋପନାଥୀ ମହାନ୍ତି, ଗାଳ୍ପିକ ବଦ୍ରି ମିଶ୍ର, କବି ସୁଚେତା ମିଶ୍ର, କବି ହରିହର ମିଶ୍ର, କଥା ସମ୍ରାଟ ଫକିରମୋହନ ସେନାପତି, ଜ୍ଞାନ ହୋତା, କୁନ୍ତଳା କୁମାରୀ ସାବତ ଓ ମନୋଜ ଦାସଙ୍କ ବହି ରହିଥିଲା। ଆକ୍ୟୁପ୍ରେସର ଦୋକାନ ସହ ଶୁଭ ସଂସାର ଷ୍ଟଲ ଆଗରେ ଜାତକ ଦେଖା ସହିତ ବାହାଘର ପାଇଁ ପୁଅ-ଝିଅଙ୍କ ଫଟୋ ଦେଖାର ଗହଳି ଲାଗିରହିଥିଲା। କୁଇଜ୍ ପରେ ନୃତ୍ୟଗୁରୁ ରୋଜାଲିନ ପଣ୍ଡାଙ୍କ ବୈଭବୀ କଳାକେନ୍ଦ୍ର ପକ୍ଷରୁ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ସେହିପରି ବୁଧବାର ନବପ୍ରତିଭା ପକ୍ଷରୁ ଲୋକନୃତ୍ୟ ହେବାକୁ ଥିବାବେଳେ, ହେକ୍ଟର ମିଶ୍ର ଓ ବିଶ୍ୱନାଥ ମିଶ୍ରଙ୍କ ପରିଚାଳନାରେ ଆକର୍ଷଣୀୟ ଆଲୋଚନା, ଚର୍ଚ୍ଚାରେ ଅ-ଆ' ଅନୁଷ୍ଠିତ ହେବ ବୋଲି ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଏବଂ କମିଟିର ଗଣମାଧ୍ୟମ ସମ୍ପାଦକ ବଦ୍ରି ମିଶ୍ର ସୂଚନା ଦେଇଛନ୍ତି।



ଅତିଥିମାନେ ଡ. ସସ୍ମିତା ମିଶ୍ରଙ୍କ ପୁସ୍ତକ 'କବିର କଳ୍ପନା' ଉନ୍ମୋଚନ କରୁଛନ୍ତି।



ହକି ବିଶ୍ୱକପ୍ ପାଇଁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା 'ଓଲି ରାଇଜ'ର ସେଲ୍ଫି ପଏଣ୍ଟରେ ହକି ପ୍ରେମୀମାନେ ଫଟୋ ଉଠାଉଛନ୍ତି।

# ସିସିଟିଭି ନଜରରେ ରାଜଧାନୀ

ଭୁବନେଶ୍ୱର,୧୦।୧(ବ୍ୟୁରୋ)

- ୧୪୭ ସ୍ଥାନରେ ଲାଗିଛି ୫୨୮ ସିସିଟିଭି
- ଭିଡ଼ ନିୟନ୍ତ୍ରଣ କରିବେ ପୋଲିସ ମିତ୍ର, ଏନ୍‌ଜିଓ କର୍ମୀ
- ୧୦ ନୂଆ ଏଡ୍ ପୋଷ୍ଟ, ୧୬ ସ୍ଥାନରେ 'ମେ ଆଇ ହେଲ୍ପ ୟୁ' କିଓସ୍କ ବ୍ୟବସ୍ଥା

ଜାନୁୟାରୀ ୧୩ରୁ ୨୯ ପର୍ଯ୍ୟନ୍ତ ଓଡ଼ିଶାରେ ପୁରୁଷ ହକି ବିଶ୍ୱକପ୍ ଅନୁଷ୍ଠିତ ହେବ। ରାଉରକେଲା ଓ ଭୁବନେଶ୍ୱରରେ ମ୍ୟାଚ୍ ଖେଳାଯିବାକୁ ଥିବାବେଳେ କମିଶନରେଟ ପୋଲିସ ପକ୍ଷରୁ ରାଜଧାନୀ ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ତେବେ ବୁଧବାର କଟକରେ ହକି ବିଶ୍ୱକପ୍‌ର ଉଦ୍‌ଘାଟନ ଉତ୍ସବ ଆୟୋଜିତ ହେବାକୁ ଥିବାବେଳେ ଏଥିପାଇଁ ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ଏ ନେଇ ମଙ୍ଗଳବାର ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ଖବରଦାତା ସମ୍ମିଳନୀରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ବହୁ ସୂଚନା ଦେଇଛନ୍ତି। ଡିସିପି ସିଂ କହିଛନ୍ତି, ପୋଲିସ ପକ୍ଷରୁ ସମସ୍ତ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଏୟାରପୋର୍ଟଠାରୁ କଟକ ପର୍ଯ୍ୟନ୍ତ ଭିଡ଼ ନିୟନ୍ତ୍ରଣକୁ ଗୁରୁତ୍ୱ ଦିଆଯିବ। ଏଥିପାଇଁ ୧୬ ପ୍ଲାଟୁନ୍ ଫୋର୍ସ ରାଜଧାନୀରେ ନିୟୋଜିତ ହୋଇଛନ୍ତି। ବିଶ୍ୱକପକୁ ଦୃଷ୍ଟିରେ ରଖି ରାଜଧାନୀକୁ ସିସିଟିଭି ସ୍କାନରରେ ରଖାଯାଇଛି। ସହରର ୧୪୭ ସ୍ଥାନରେ ୫୨୮ଟି ସିସିଟିଭି ଲଗାଯାଇଛି। ସମସ୍ତଙ୍କ ସହଭାଗିତାରେ ହେବ ରାଜଧାନୀର ଟ୍ରାଫିକ୍ ନିୟନ୍ତ୍ରଣ ହେବ। ପୋଲିସ ମିତ୍ର ଏବଂ ଏନ୍‌ଜିଓ କର୍ମୀଙ୍କୁ ଟ୍ରାଫିକ୍ ପରିଚାଳନାରେ ନିୟୋଜିତ କରାଯିବ। ହକି ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ୧ ମାସ ହେବ ନୋ ପାର୍କିଂ ଡ୍ରାଇଭରେ ୪ଟି ଟିମ୍ ବୁଲୁଛି। ଏହାରି ଭିତରେ ୪୯୮ ଗାଡ଼ି ଉଠାଯାଇଛି। ମଦ୍ୟପ ଗାଡ଼ି ଚାଳକଙ୍କ ଉପରେ ନଜର ରଖାଯାଇଛି। ହକି ଷ୍ଟାଡିୟମ ପାଖରେ ପାର୍କିଂ ପାଇଁ ବିଭିନ୍ନ ସ୍ଥାନ ଚିହ୍ନଟ କରାଯାଇଛି। ରିଜର୍ଭ ପଡିଆ, ବେହେରା ସାହି, ନ୍ୟୁ ଏଜି ପଡ଼ିଆ ଏବଂ ନିକୋ ପାର୍କ ରୋଡ୍ ନିକଟରେ ୨ଚକିଆ ଏବଂ ୪ଚକିଆ ଯାନ ପାଇଁ ପାର୍କିଂ ବ୍ୟବସ୍ଥା କରାଯାଇଛି। ଏହାକୁ ନେଇ ଏକ ଆନିମେଶନ୍ ଭିଡିଓ ମଧ୍ୟ ତିଆରି କରାଯାଇଛି। ଯାହା ଆଗକୁ ଗଣମାଧ୍ୟମରେ ପ୍ରସାରଣ କରାଯିବ। ସେ ଆହୁରି କହିଛନ୍ତି, ୯ଟି ସ୍ଥାନରେ ଆଇକନିକ୍ ଟ୍ରାଫିକ୍ ପୋଷ୍ଟ କରାଯାଇଛି। ଏଥିସହ ୧୦ଟି ନୂଆ ପୋଲିସ ଏଡ୍ ପୋଷ୍ଟ କରାଯାଇଛି। ୧୬ଟି ସ୍ଥାନରେ 'ମେ ଆଇ ହେଲ୍ପ ୟୁ' କିଓସ୍କ ବ୍ୟବସ୍ଥା କରାଯାଇଛି। ଏହି କିଓସ୍କ ଜରିଆରେ ଲୋକଙ୍କୁ ପରାମର୍ଶ ଦିଆଯିବ। ସୋସିଆଲ୍ ମିଡିଆ ଓ ଏଫ୍‌ଏମ୍ ଜରିଆରେ ଲୋକଙ୍କୁ ପରାମର୍ଶ ଦିଆଯାଉଛି। ସେହିପରି ସନ୍ଧ୍ୟା ସମୟରେ ଭାରିଯାନ ଚଳାଚଳ ଉପରେ ସମ୍ପୂର୍ଣ୍ଣ ଭାବେ ରୋକ ଲଗାଯାଇଛି ବୋଲି ଡିସିପି କହିଛନ୍ତି।

# କାହାଣୀ ଦୁନିଆରେ ହଜିବ ମନ




୧୪ରୁ 'ଭୁଫେଷ୍ଟୋ'

ଭୁବନେଶ୍ୱର, ୧୦।୧(ବ୍ୟୁରୋ)

କାହାଣୀ ଶୁଣିବାରେ ମଜିବେ ପିଲାମାନେ। ଗପ ଶୁଣିବେ, ଶିକ୍ଷଣୀୟ କଥା ଜାଣିବେ ଏବଂ ଏହା ସାଙ୍ଗକୁ ମନୋରଞ୍ଜନ ବି କରିବେ। ଖାଲି ପିଲା ନୁହେଁ, ବଡ଼ ଲୋକମାନେ ମଧ୍ୟ କାଳ୍ପନିକ କାହାଣୀ ଦୁନିଆରେ ନିଜକୁ ସାମିଲ କରିବେ। କାରଣ ପୁଣିଥରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଯାଉଛି ଅନ୍ତର୍ଜାତୀୟ ଓରାଲ୍ ଷ୍ଟୋରି ଟେଲିଂ ଫେଷ୍ଟିଭାଲ 'ଭୁଫେଷ୍ଟୋ'। ଆସନ୍ତା ୧୪ରୁ ୧୭ ତାରିଖ ପର୍ଯ୍ୟନ୍ତ ସହରର ବିଭିନ୍ନ ସ୍ଥାନରେ ଏହି ନିଆରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଇନ୍ଦିରାଗାନ୍ଧୀ ପାର୍କ, ବୁଦ୍ଧ ଜୟନ୍ତୀ ପାର୍କ, ଏପିଜେ ଅବଦୁଲ୍ କଲାମ ପାର୍କ ଏବଂ କଳାଭୂମିଠାରେ ପ୍ରତ୍ୟେକ ଦିନ ଅପରାହ୍ନ ୨ଟା ୩୦ରୁ ସନ୍ଧ୍ୟା ୭ଟା ୩୦ ପର୍ଯ୍ୟନ୍ତ ଲୋକମାନେ କାହାଣୀ ଶୁଣିବେ। ସ୍ଥାନୀୟ ସାହିତ୍ୟ, କବିତା ଓ କାହାଣୀଗୁଡ଼ିକର ମହାନତାକୁ ବଞ୍ଚାଇ ରଖିବା ପାଇଁ ଭୁଫେଷ୍ଟୋକୁ ସ୍ୱତନ୍ତ୍ର ଭାବେ ପିଲା ଓ ବୟସ୍କ ବ୍ୟକ୍ତିଙ୍କ ପାଇଁ ପ୍ରସ୍ତୁତ କରାଯାଇଛି। ଏହା ଏପରି ଏକ ବହୁମୁଖୀ ପର୍ବ, ଯେଉଁଠାରେ ବିଶ୍ୱର ପ୍ରତିଷ୍ଠିତ ଷ୍ଟୋରି ଟେଲର୍ ବା କଥାକାରମାନେ କାହାଣୀ କହିବେ। ସ୍କୁଲ, କଲେଜ ଓ ବସ୍ତି ସମେତ ବିଭିନ୍ନ ସମୁଦାୟର ଛାତ୍ରୀଛାତ୍ରଙ୍କୁ ଏହି ଇଭେଣ୍ଟରେ ଅଂଶଗ୍ରହଣ କରିବା ପାଇଁ ଏକ ସୁଯୋଗ ଦିଆଯିବ। ବିଶେଷକରି ଦୃଷ୍ଟିହୀନ ଓ ଶ୍ରବଣ ଶକ୍ତି ନ ଥିବା ପିଲାଙ୍କ ସୁବିଧା ପାଇଁ ସାଙ୍କେତିକ ଭାଷାରେ ଏକ ସ୍ୱତନ୍ତ୍ର ଭାବେ ଷ୍ଟୋରି ଟେଲିଂ ସେଶନ କରାଯିବ। ବ୍ରାଜିଲ, ସ୍କଟ୍‌ଲାଣ୍ଡ, ସିଙ୍ଗାପୁର, ଇଣ୍ଡୋନେସିଆ ଓ ଦକ୍ଷିଣ ଆଫ୍ରିକାରୁ ଅନ୍ତର୍ଜାତୀୟ କଥାକାରଙ୍କ ସମେତ ନିଲେଶ ମିଶ୍ରା, ନନ୍ଦିତା ଦାସ, କୁନା ତ୍ରିପାଠୀ, ନୂପୁର ଅଗ୍ରୱାଲ, ମୀରା ଦାସ, କପିଳ ପାଣ୍ଡେଙ୍କ ଭଳି ଜାତୀୟ ତଥା ଓଡ଼ିଶାର ଅନେକ ଲୋକପ୍ରିୟ କଥାକାର ଏହି ଇଭେଣ୍ଟରେ ଅଂଶଗ୍ରହଣ କରିବେ।

## ଉତ୍ ଫେଷ୍ଟ: ଅନ୍‌ଲାଇନ ଟିକେଟ ବୁକିଂ ଆରମ୍ଭ

ହକି ବିଶ୍ୱକପ୍‌ରେ ମନୋରଞ୍ଜନର ଖୋରାକ୍ ଯୋଗାଇବା ପାଇଁ ଆସନ୍ତା ୧୫ ତାରିଖରୁ ପ୍ରଦର୍ଶନୀ ପଡ଼ିଆରେ ଆରମ୍ଭ ହେଉଛି ଉତ୍‌ଫେଷ୍ଟ। ଏହାକୁ ନେଇ ରାଜଧାନୀବାସୀଙ୍କ ମଧ୍ୟରେ ଏବେଠୁ ଉତ୍କଣ୍ଠା ବାରି ହୋଇ ପଡୁଛି। ଏହା ମଧ୍ୟରେ ମଙ୍ଗଳବାର ସର୍ବସାଧାରଣଙ୍କ ପାଇଁ ଟିକେଟ ବୁକିଂ ବ୍ୟବସ୍ଥା ଆରମ୍ଭ ହୋଇଛି। ଟିକେଟ୍ କିଣିବାକୁ ଚାହୁଁଥିବା ବ୍ୟକ୍ତି rb.gy/doyi2rରେ କ୍ଲିକ୍ କରି ଅନ୍‌ଲାଇନ୍‌ରେ ଟିକେଟ୍ ବୁକ୍ କରିପାରିବେ ବୋଲି ବିଡିଏ ପକ୍ଷରୁ ଟୁଇଟରରେ ସୂଚନା ଦିଆଯାଇଛି। ଏହି ଟିକେଟକୁ ୩ଟି ଯଥା ସିଲ୍‌ଭର, ଗୋଲ୍ଡ ଏବଂ ଡାଇମଣ୍ଡ ଶ୍ରେଣୀରେ ଭାଗ କରାଯାଇଛି। ଟିକେଟ୍‌ର ସର୍ବନିମ୍ନ ମୂଲ୍ୟ ୧୦୦ ଟଙ୍କା ଥିବାବେଳେ ସର୍ବାଧିକ ମୂଲ୍ୟ ୧ହଜାର ଟଙ୍କା ରହିଛି। ସେହିପରି ଦୁଇଦିନ ୧୮ ଓ ୧୯ ତାରିଖରେ ମାଗଣାରେ ଲୋକଙ୍କୁ କାର୍ଯ୍ୟକ୍ରମ ଉପଭୋଗ କରିବାର ସୁଯୋଗ ମଧ୍ୟ ମିଳିବ। ମନୋରଞ୍ଜନର ଏହି ମହାକୁମ୍ଭର ଉଦ୍‌ଘାଟନୀ ଉତ୍ସବରେ କୋରିଆନ୍ ଡ୍ୟାନ୍ସଗ୍ରୁପ୍ ବ୍ଲାକ୍ ସ୍ୱାନ୍ ଯୋଗଦେବେ, ଯାହାକି ଉତ୍ସବର ମୁଖ୍ୟ ଆକର୍ଷଣ ସାଜିବ। ବଲିଉଡ୍ ଅଭିନେତ୍ରୀ ଦିଶା ପଟାନୀଙ୍କ ସମେତ ବିଭିନ୍ନ କଳାକାରଙ୍କ ଦ୍ୱାରା ନାଚ ଗୀତ ସାଙ୍ଗକୁ ସୁଫିଆନା ସଙ୍ଗୀତ, କମେଡି ଆଦି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

### ଦୁଇଦିନ ମାଗଣା ଦେଖିବେ ଦର୍ଶକ




## ପାନ୍ଥନିବାସରେ 'ଆର୍ଟ ଫର୍ ହକି'

# ଚିତ୍ରରେ ହକିର ଐତିହ୍ୟ, ପରମ୍ପରା

ଭୁବନେଶ୍ୱର, ୧୦।୧ (ବ୍ୟୁରୋ)



ଓଡିଶାରେ ଆୟୋଜିତ ହେଉଥିବା ପୁରୁଷ ହକି ବିଶ୍ୱକପ୍‌ର ପ୍ରଚାର ପ୍ରସାର ପାଇଁ ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ପକ୍ଷରୁ ଏକ ଚିତ୍ରକଳା ପ୍ରଦର୍ଶନୀ 'ଆର୍ଟ ଫର୍ ହକି' ପାନ୍ଥ ନିବାସରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ, କେନ୍ଦ୍ରାପଡ଼ା ଓ ଭୁବନେଶ୍ୱରରୁ ୩୦ଜଣ ଚିତ୍ରଶିଳ୍ପୀ ଅଂଶଗ୍ରହଣ କରିଥିଲେ । ଓଟିଡିସି ସହାୟତାରେ କଟକ ଆର୍ଟିଷ୍ଟ ଆସୋସିଏଶନ ପକ୍ଷରୁ ଓଡିଶାରେ ହକିର ଐତିହ୍ୟ, ପରମ୍ପରାକୁ ନେଇ ଚିତ୍ରକଳା ପ୍ରଦର୍ଶିତ ହୋଇଥିଲା। ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ହକି, ହକି ଷ୍ଟିକ୍ ସହ ମୁଖ୍ୟମନ୍ତ୍ରୀ, ବାରବାଟୀ ଦୁର୍ଗ ଓ ହକି, ହକି ବିଶ୍ୱକପ୍ ଓ ଭାରତର ଖେଳାଳି, ହକି ମାସ୍କଟ ଓଲି, ହକି ଷ୍ଟିକ ଆଦିକୁ ନେଇ କାନ୍‌ଭାସ ଓ ତୂଳୀରେ ଚିତ୍ରଶିଳ୍ପୀଙ୍କ ଆକର୍ଷଣୀୟ ପେଣ୍ଟିଂକୁ ଦର୍ଶକମାନେ ବେଶ ପ୍ରଶଂସା କରିଥିଲେ। ଓଟିଡିସି ଅଧ୍ୟକ୍ଷ ଡ. ଲେନିନ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରଦର୍ଶନୀକୁ ବିଏମ୍‌ସି ମେୟର ସୁଲୋଚନା ଦାସ ଉଦ୍‌ଘାଟନ କରିଥିଲେ । ଓଡିଶାରେ ପୁରୁଷ ହକି ବିଶ୍ୱକପ୍ ୨୦୧୮ ପରେ ଏବେ ୨୦୨୩ରେ ପୁଣିଥରେ ବିଶ୍ୱରେ ଓଡିଶାର ଖ୍ୟାତି ବହୁଗୁଣିତ ହୋଇଛି। ସମସ୍ତେ ଆଜି ଉତ୍ସାହର ମାହୋଲରେ ସାମିଲ ହୋଇଛନ୍ତି ଓ ଏହି ଚିତ୍ରକଳା ପ୍ରଦର୍ଶନୀ ଅନ୍ୟତମ ଝଲକ ବୋଲି ମେୟର ଦାସ କହିଛନ୍ତି। ପର୍ଯ୍ୟଟନ ବିଭାଗର ସ୍ୱତନ୍ତ୍ର ଅଧିକାରୀ ତଥା ଓଟିଡିସିର ଡିଭିଜନାଲ ମ୍ୟାନେଜର ଅଂଶୁମାନ ରଥ, ପର୍ଯ୍ୟଟନ ବିଭାଗ, ନିଗମର ଅନ୍ୟ ପଦାଧିକାରୀ ଏବଂ କଟକ ଆର୍ଟିଷ୍ଟ ଆସୋସିଏଶନ କର୍ମକର୍ତ୍ତା ଉପସ୍ଥିତ ଥିଲେ।



# ହକି ମାୟାରେ ସାରା ସହର

ଭୁବନେଶ୍ୱର, ୧୦।୧ (ବ୍ୟୁରୋ)

ହକି ବିଶ୍ୱକପ୍‌ର ପ୍ରଚାର ପ୍ରସାର ପାଇଁ ଭୁବନେଶ୍ୱର ମହାନଗର ନିଗମ(ବିଏମସି) ପକ୍ଷରୁ ମଙ୍ଗଳବାର ୱାକାଥନର ଆୟୋଜନ କରାଯାଇଥିଲା। ଏଥିରେ ପ୍ରାୟ ୩୦୦ କମ୍ୟୁନିଟିର ୨୦ ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତି ସାମିଲ ହୋଇଥିଲେ। କେତେକ ସ୍ଥାନରେ ମେୟର ସୁଲୋଚନା ଦାସ, କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ସମେତ ବିଏମ୍‌ସିର ବରିଷ୍ଠ ଅଧିକାରୀ ସାମିଲ ହୋଇ ସହରବାସୀଙ୍କୁ ଉତ୍ସାହିତ କରିଥିଲେ। ବିଏମ୍‌ସି ସ୍ୱଚ୍ଛ ଆମ୍ବାସାଡର ଅଲିମ୍ପିଆନ୍ ଅନୁରାଧା ବିଶ୍ୱାଳ ଉତ୍ତର ଜୋନ୍‌ର କେତକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେହିପରି ରାଉରକେଲାରୁ ଭୁବନେଶ୍ୱର ଆସିଥିବା ସାଇକେଲ ରାଲିକୁ ମେୟର ୱାର୍ଡ ନଂ.୧୨ରେ ସ୍ୱାଗତ କରିଥିଲେ। ମହାନଗର ନିଗମାଞ୍ଚଳର କର୍ପୋରେଟରଙ୍କ ନେତୃତ୍ୱରେ ହକି ସମ୍ପର୍କିତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ମହିଳାମାନେ ଅନେକ ସଂଖ୍ୟାରେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ହକି ପ୍ରତି ଆଗ୍ରହ ପ୍ରକାଶ କରିଥିଲେ। ଝୋଟି, ଚିତ୍ର, ନାଚ, ଗୀତ କାର୍ଯ୍ୟକ୍ରମର ତାଳେ ତାଳେ ସହରବାସୀ ହକି କ୍ରୀଡ଼ାକୁ ନେଇ ଉତ୍ସାହିତ ଥିବା ଦେଖିବାକୁ ମିଳିଥିଲା। ତେବେ ୱାର୍ଡ ନଂ. ୫୫ରେ ଉତ୍ତରେଶ୍ୱର ମନ୍ଦିର ନିକଟରେ ଖୁବ୍ ଧୁମଧାମରେ ଆୟୋଜିତ ଚକ୍‌ଦେ ଭୁବନେଶ୍ୱର କାର୍ଯ୍ୟକ୍ରମରେ ଅଞ୍ଚଳବାସୀ ମନୋରଞ୍ଜନ କରିଥିଲେ।


'ୱାକ୍ ଫର୍ ହକି ଇଣ୍ଡିଆ'ରେ ସାମିଲ ହୋଇଥିବା ମହିଳାମାନେ।

# ହକି ବିଶ୍ୱକପ ପାଇଁ ମାରାଥନ

ବାଲିପାଟଣା,୧୦।୧(ଡି.ଏନ୍.ଏ.): ହକି ବିଶ୍ୱକପ ଉପଲକ୍ଷେ ମଙ୍ଗଳବାର ଅନୁଷ୍ଠିତ ମାରାଥନ ବିଶ୍ୱନାଥପୁରରୁ ଆରମ୍ଭ ହୋଇ ବାଲିପାଟଣାସ୍ଥିତ ବଡ ଖେଳପଡ଼ିଆରେ ପହଞ୍ଚିଥିଲା। ତହସିଲଦାର ମୃତ୍ୟୁଞ୍ଜୟ ତ୍ରିପାଠୀ ଓ ବିଡିଓ ଆଦିକନ୍ଦ ବେହେରା ଏହାର ନେତୃତ୍ୱ ନେଇଥିଲେ। ଜିଲା ପରିଷଦ ସଭ୍ୟ ଗଙ୍ଗାଧର ମଲ୍ଲିକ, ପବିତ୍ର ପଟେଲ, ସୁକନ୍ୟା ସେଠୀ, ଚେୟାରମ୍ୟାନ ହରପ୍ରିୟା ଦାସ, ସମିତିସଭ୍ୟ ଶୈଳେନ୍ଦ୍ର ଦାଶ, ସନାତନ ସେଠୀ, କାହ୍ନୁ ଚରଣ ପାତ୍ର, ଶୈଳେନ୍ଦ୍ର ଭୋଳ, ସନାତନ ବୈଶାଖ, ସରପଞ୍ଚ ବାହାନ ଭୋଇ, ଶକୁନ୍ତଳା ଭୋଇ, ସୋମନାଥ ଖଟେଇ, ଅଜିତ ମହାନ୍ତି, ସୁଶାନ୍ତ ବଳିଆ, ଲିଲିପ୍ରୀୟା ସାହୁ, ବ୍ଲକ ବିଜେଡି ସଭାପତି କିଶୋର ଜେନା, ପୂର୍ବତନ ସରପଞ୍ଚ ସତ୍ୟଭାମା ବେହେରା, ନାରୀନେତ୍ରୀ ବିଜୟଲକ୍ଷ୍ମୀ ବେହେରା,ପଦ୍ମିନୀ ଦାଶ, ପ୍ରେସ କ୍ଲବ ସଭାପତି ଦିଲ୍ଲୀପ ଓଝା ପ୍ରମୁଖ ଯୋଗଦେଇଥିଲେ।

# ଐତିହ୍ୟ, ପ୍ରାକୃତିକ ସୌନ୍ଦର୍ଯ୍ୟର ଅନୁଭୂତି ଦେବ 'ଏକାମ୍ର ୱାକ୍'

ଭୁବନେଶ୍ୱର, ୧୦।୧ (ବ୍ୟୁରୋ)

'ଉତ୍ ଫେଷ୍ଟ'ର ଦ୍ୱିତୀୟ ସଂସ୍କରଣ ସହ ପୁଣିଥରେ ସହରକୁ ଫେରିଛି 'ଏକାମ୍ର ୱାକ୍'। ଐତିହ୍ୟ ଓ ମନ୍ଦିରମାଳିନୀ ସହର ଭୁବନେଶ୍ୱରର ଆଉଏକ ପରିଚୟ ଏକାମ୍ର କ୍ଷେତ୍ର ହୋଇଥିବାରୁ ସେହି ଅନୁସାରେ ଏହାର ନାମକରଣ କରାଯାଇଛି। 'ଏକାମ୍ର ୱାକ୍‌ରେ' ସାମିଲ ହୋଇ ଲୋକମାନେ ଏକାମ୍ର ଅଞ୍ଚଳ ଓ ଏହାର ଆଖପାଖରେ ଥିବା ବିଭିନ୍ନ ଐତିହ୍ୟ, ପରିବେଶ ଓ ଅନ୍ୟାନ୍ୟ ବିଷୟରେ ଜାଣିବାକୁ ପାଇବେ। ଆସନ୍ତା ୧୪ ତାରିଖରୁ ଆରମ୍ଭ ହେବାକୁ ଥିବା 'ଏକାମ୍ର ୱାକ୍' ଫେବୃୟାରୀ ୧୦ ପର୍ଯ୍ୟନ୍ତ ଚାଲିବ। ଏହି କାର୍ଯ୍ୟକ୍ରମରେ ୧୧ଟି 'ଟ୍ରେଲ୍‌ସ୍'ର ମଜା ଉଠାଇପାରିବେ ସହରବାସୀ। ଏହି ଟ୍ରେଲସ୍‌କୁ ୩ଟି ଭାଗରେ ବିଭକ୍ତ କରାଯାଇଛି। ନେଚର୍ ଟ୍ରେଲ୍, ଫୁଡ୍ ଟ୍ରେଲ୍ ଏବଂ ମ୍ୟୁଜିୟମ୍ ଟ୍ରେଲ୍। ନେଚର ଟ୍ରେଲ୍ ମାଧ୍ୟମରେ ୫ଟି କାଟାଗୋରିର ଲୋକମାନେ ପର୍ଯ୍ୟଟନ ସ୍ଥଳ ଡେରାସର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ସହିତ ଯୋଗ, ନନ୍ଦନକାନନରେ ବାର୍ଡ ୱାଚିଂ, ଏକାମ୍ରକାନନରେ ଔଷଧୀୟ ବୃକ୍ଷ ଚିହ୍ନଟ କରିବା ଏବଂ ଭରତପୁରର ଜଙ୍ଗଲ ସଫାରିର ମଜା ନେଇପାରିବେ। ସେହିପରି ଫୁଡ୍ ଟ୍ରେଲ୍‌ରେ ମନ୍ଦିର ଖାଦ୍ୟ ସହିତ ପାରମ୍ପରିକ ଓଡ଼ିଆ ଖାଦ୍ୟ ଏବଂ ଭୁବନେଶ୍ୱରର ପ୍ରସିଦ୍ଧ ଷ୍ଟ୍ରିଟ୍‌ଫୁଡ୍‌ର ସୁଆଦ ପାଇବେ ପଦଯାତ୍ରାକାରୀ। ମ୍ୟୁଜିୟମ୍ ଟ୍ରେଲ୍‌ରେ ସାମିଲ ଲୋକେ ରାଜ୍ୟ ସଂଗ୍ରହାଳୟ ସହିତ ଟ୍ରାଇବାଲ ସଂଗ୍ରହାଳୟ ଏବଂ କଳାଭୂମି ପରିଦର୍ଶନ କରିବାରେ ସୁଯୋଗ ପାଇବେ। ଏକାମ୍ର ହାଟରୁ ପ୍ରତିଦିନ ସକାଳ ୬ଟାରୁ ପୂର୍ବାହ୍ନ ୧୦ଟା ଓ ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ଏକାମ୍ର ୱାକ୍ ବାହାରିବ। ଏଥିରେ ଛାତ୍ରୀଛାତ୍ର, ବୟସ୍କ, ପର୍ଯ୍ୟଟକ, ସାଧାରଣ ଲୋକ ସବୁ ବର୍ଗର ଲୋକ ସାମିଲ ହୋଇ ପାରିବେ। ତେବେ ଏଥିପାଇଁ ସେମାନଙ୍କୁ ekam-rawalks.comକୁ ଯାଇ ରେଜିଷ୍ଟ୍ରେଶନ କରିବାକୁ ପଡିବ। ମଙ୍ଗଳବାର ସନ୍ଧ୍ୟାରେ ଏହାର ପ୍ରି ରେଜିଷ୍ଟ୍ରେଶନ ଖୋଲା ଯାଇଥିବାବେଳେ ୨ଦିନ ମଧ୍ୟରେ ସର୍ବସାଧାରଣଙ୍କ ପାଇଁ ୱେବ୍‌ସାଇଟ୍ ଖୋଲାଯିବ। ଅପରପକ୍ଷେ ଏକାମ୍ର ହାଟରେ ୧୪ ତାରିଖରୁ ଏକ କାଉଣ୍ଟର ରହିବ। ଯେଉଁମାନେ ଚାହିଁବେ ସେଠାକୁ ଆସି ସିଧାସଳଖ ଭାବେ ରେଜିଷ୍ଟ୍ରେଶନ କରି ଏଥିରେ ଅଂଶଗ୍ରହଣ କରିପାରିବେ। ପ୍ରତି ଟ୍ରେଲସରେ ଏକାଥରକେ ସର୍ବାଧିକ ୨୦ଜଣ ଯାଇପାରିବେ। ସେହିପରି ଟ୍ରେଲ ପାଇଁ ୫୦ଟଙ୍କାରୁ ଆରମ୍ଭ ହୋଇ ସର୍ବାଧିକ ୨୫୦ଟଙ୍କା ଦେୟ ଦେବାକୁ ପଡିବ। ନେଚର୍ ଟ୍ରେଲ୍ ପାଇଁ ୫୦ ଟଙ୍କା, ମ୍ୟୁଜିୟମ୍ ଟ୍ରେଲ୍ ୭୫ଟଙ୍କା ଏବଂ ଫୁଡ୍ ଟ୍ରେଲ୍ ପାଇଁ ୨୫୦ଟଙ୍କା ରହିଛି। ଏକାମ୍ରୱାକ୍ ପାଇଁ ସ୍ୱତନ୍ତ୍ର ଭାବେ ଗାଡ଼ିର ବ୍ୟବସ୍ଥା କରାଯିବ। ଏକାମ୍ର ହାଟରୁ ଲୋକମାନଙ୍କୁ ନେବା ସହିତ ସେହିଠାରେ ଆଣି ଗାଡ଼ି ଛାଡିବ।




### ନେଚର୍, ମ୍ୟୁଜିୟମ୍ ଓ ଫୁଡ୍ ଟ୍ରେଲ୍‌ର ମଜାନେବେ ଲୋକେ

## ସଂକ୍ଷେପରେ

### ମୋବାଇଲ ଜବତ, ୨ ଗିରଫ

ଯାଁଳା,୧୦।୧(ଡି.ଏନ୍‌.ଏ.): ଇନ୍‌ଫୋଭ୍ୟାଲି ଥାନା ପୋଲିସ ମଙ୍ଗଳବାର ଜଟଣୀ ସ୍ଥିତ ଏକ ଘରୋଇ ବିଦ୍ୟାଳୟ ନିକଟରୁ ଦୁଇ ଜଣ ଲୁଟେରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ପୁରୀ ଜିଲା କଣାସ ଥାନା ଅନ୍ତର୍ଗତ ତୁଳସୀପୁର ଗ୍ରାମର ମନୋଜ ସାହୁ (୨୫) ଓରଫ ସୋମନାଥ ଓ ହାପି କୁମାର ବାରିକ (୨୨)।ଏମାନଙ୍କ ନିକଟରୁ ଦୁଇଟି ମୋବାଇଲ ଫୋନ ଜବତ କରାଯାଇଛି। ସୂଚନା ମୁତାବକ, ଗତ ୭ ତାରିଖ ସନ୍ଧ୍ୟାରେ ଭାଇ ଭଉଣୀ ଖୋର୍ଦ୍ଧାରୁ ଭୁବନେଶ୍ୱରକୁ ଆସୁଥିଲେ। ଗଙ୍ଗପଡା ଛକ ନିକଟ ଦେଇ ଯାଉଥିବା ବେଳେ ଦୁଇ ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ସେମାନଙ୍କ ଠାରୁ ୩ଟି ମୋବାଇଲ, ୧୦ ହାଜର ଟଙ୍କା ଏବଂ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଥିବା ଭ୍ୟାନିଟି ବ୍ୟାଗ ଛଡାଇ ନେଇ ପଳାଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଚଳାଇଥିଲା।

### ଗୋଳବାଇରେ ଧାନମଣ୍ଡି ଖୋଲିଲା



ଖୋର୍ଦ୍ଧା ଅଫିସ,୧୦।୧: ଖୋର୍ଦ୍ଧା ବ୍ଲକ ଗୋଳବାଇ ପ୍ରାଥମିକ କୃଷି ସେବା ସମବାୟ ସମିତି(ପ୍ୟାକ୍ସ) ରେ ମଙ୍ଗଳବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ବିଜୁ ମହିଳା ଜନତା ଦଳର ଉପାଧ୍ୟକ୍ଷା ବାସନ୍ତୀ ମହାପାତ୍ର, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଅଭିଷେକ ସିଂହସାମନ୍ତ ପ୍ରମୁଖ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ୨୨ ଚାଷୀଙ୍କ ଠାରୁ ୬୬୭ କୁଇଣ୍ଟାଲ ୬୫କେଜି ଧାନ କିଣାଯାଇଛି। ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଗୋଳବାଇ ପ୍ୟାକ୍ସ ସଭାପତି ରମେଶ ଚନ୍ଦ୍ର ପ୍ରଧାନ, ସମ୍ପାଦକ ପରମାନନ୍ଦ ନାୟକ, ନିର୍ଦ୍ଦେଶକ ରଶ୍ମିକାନ୍ତ କଳସ, ଦେବରାଜ ପ୍ରଧାନ, ରମେଶ ଚନ୍ଦ୍ର ଶ୍ରୀଚନ୍ଦନ, ଚନ୍ଦ୍ରକାନ୍ତ କହଲସିଂହ, ବାଳକୃଷ୍ଣ ସାମନ୍ତରାୟ, କବିତା ରାଉତରାୟ, ସବିତା ସ୍ୱାଇଁ, ଛବିରାଣୀ ମହାରଣା, ଏସ୍‌.ଶ୍ରୀଚନ୍ଦନ ପ୍ରମୁଖ ଯୋଗଦେଇଥିଲେ।

### ଖବରଦାତାଙ୍କ ମାତୃ ବିୟୋଗ

ବୋଲଗଡ଼,୧୦।୧(ଡି.ଏନ୍‌.ଏ.): ବୋଲଗଡ଼ ବ୍ଲକ ଡାବରଧୁଆ ପାଟଣା ପଞ୍ଚାୟତ ଅନ୍ତର୍ଗତ ଚୁଡା ଗ୍ରାମର ଖବରଦାତା ପ୍ରସନ୍ନ କୁମାର ସ୍ୱାଇଁଙ୍କ ମା'କୌଶଲ୍ୟା ଦେବୀଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୮୧ବର୍ଷ ହୋଇଥିଲା। ସେ ଜଣେ ମେଳାପୀ, ପରୋପକାରୀ, ସ୍ନେହୀ ଓ ଧର୍ମପରାୟଣ ମହିଳାଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଥିଲେ। ବହୁ ବିଶିଷ୍ଟ ବ୍ୟକ୍ତି, ଖବରଦାତାମାନେ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗ୍ରାମ ପରିକ୍ରମା କରାଯାଇ ଗାଁ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ଼ ପୁଅ ଦଣ୍ଡଧର ସ୍ୱାଇଁ ମୁଖାଗ୍ନି ଦେଇଥିଲେ।

### ସୌନ୍ଦର୍ଯ୍ୟକରଣ ନାଁରେ ଐତିହ୍ୟ, ସଂସ୍କୃତିକୁ ନଷ୍ଟ କରାନଯାଉ

ପୁରୁଣା ଭୁବନେଶ୍ୱର,୧୦।୧(ଡି.ଏନ୍‌.ଏ.): ଐତିହ୍ୟ ଓ ସଂସ୍କୃତି ସୁରକ୍ଷା ଦାବିରେ ଭୁବନେଶ୍ୱର ସାଙ୍ଗଠନିକ ଜିଲା ଭାଜପା ପକ୍ଷରୁ ମଙ୍ଗଳବାର ଏକ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗୋସାଗୋରେଶ୍ୱର ମନ୍ଦିରଠାରୁ ଏହି ପଦଯାତ୍ରା ବାହାରି ଲିଙ୍ଗରାଜ ମନ୍ଦିର ରାସ୍ତା ଦେଇ କେଦାରଗୌରୀ ମନ୍ଦିରଠାରେ ପହଞ୍ଚିଥିଲା। କେଦାରଗୌରୀ କୁଣ୍ଡ, ପାପନାଶିନୀ କୁଣ୍ଡ, ସୂକ୍ଷ୍ମେଶ୍ୱର, ଗୋସାଗୋରେଶ୍ୱର, ଭୀମକୁଣ୍ଡ ଆଦି ପୁଷ୍କରିଣୀର ପୁନରୁଦ୍ଧାର କରାଯିବା ନେଇ ଶୋଭାଯାତ୍ରାରେ ନାରାବାଜି ଦିଆଯାଇଥିଲା। ଶୋଭାଯାତ୍ରାରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଯୋଗଦେଇ କହିଥିଲେ, ରାଜ୍ୟ ସରକାର ରାଜଧାନୀର ସୌନ୍ଦର୍ଯ୍ୟକରଣ ନାଁରେ ଐତିହ୍ୟ ଓ ସଂସ୍କୃତି ନଷ୍ଟ କରି ତା'ର ସୁରକ୍ଷା ପାଇଁ କାର୍ଯ୍ୟ କରନ୍ତୁ। ଐତିହ୍ୟ ଓ ସୌନ୍ଦର୍ଯ୍ୟର ସୁରକ୍ଷା ସମସ୍ତଙ୍କର କର୍ତ୍ତବ୍ୟ ହେଉ। ପଦଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା ଭୁବନେଶ୍ୱର ଜିଲା ସଭାପତି ବାବୁ ସିଂ, ମୁଖପାତ୍ର ଦିଲ୍ଲୀପ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ଲିଙ୍ଗରାଜ ମଣ୍ଡଳ, ସୁରେନ୍ଦ୍ର ପ୍ରଧାନ, ରାମଚନ୍ଦ୍ର ରଣସିଂହ, ଅରୁଣ ପୁରୋହିତ, ଅମରଜ୍ୟୋତି ଜଗଦ୍ଦେବ, ମାନସୀ ରାୟ, ବନ୍ଦନା ଦାସ କାନୁନ୍‌ଗୋ, ମନୋଜ ପଶ୍ଚିମକବାଟ, ଜ୍ଞାନ ରଞ୍ଜନ ବଳିୟାରସିଂ ପ୍ରମୁଖ ସାମିଲ ହୋଇଥିଲେ।

# ୧୨ ଘଣ୍ଟା ପରେ ଉଠିଲା ମୃତଦେହ

**କଲଭର୍ଟରେ ପଡ଼ି ଯୁବକଙ୍କ ମୃତ୍ୟୁ ଘଟଣା**

- ୫ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରତିଶ୍ରୁତି
- ଧାରଣା ପ୍ରତ୍ୟାହୃତ, ଯାତାୟାତ ସ୍ୱାଭାବିକ

ଖୋର୍ଦ୍ଧା ଅଫିସ,୧୦।୧:

ଖୋର୍ଦ୍ଧା ଗୁରୁଜଙ୍ଗଠାରୁ ଗଡ଼ହଳଦିଆ ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ ଚାଲିଛି। ସୋମବାର ରାତିରେ ମୁକ୍ତାପୁର ନିକଟରେ ନିର୍ମାଣାଧୀନ କଲଭର୍ଟରେ ପଡ଼ି କୁଆପୁଟ ଗ୍ରାମର କୁଳମଣି ନିଶଙ୍କଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏନେଇ ଉତ୍ତ୍ୟକ୍ତ ଗ୍ରାମବାସୀ ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ରାସ୍ତା ଉପରେ ମୃତଦେହ ରଖି ଟାୟାର ଜାଳି ରାତିସାରା ରାସ୍ତାରୋକୋ କରିଥିଲେ। ମୃତକଙ୍କ ପରିବାରକୁ ଠିକାଦାର ୫ଲକ୍ଷ ଟଙ୍କା କ୍ଷତିପୂରଣ ଲାଗି ପ୍ରତିଶ୍ରୁତି ଦେବା ପରେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଧାରଣା ପ୍ରତ୍ୟାହୃତ ହେବା ସହ ଯାତାୟାତ ସ୍ୱାଭାବିକ ହୋଇଥିଲା। ଖୋର୍ଦ୍ଧା ତହସିଲଦାର ଈପ୍‌ସିତ ସାହୁ ପହଞ୍ଚି ମୃତଦେହ ସତ୍କାର ଲାଗି ରେଡ୍‌କ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ପ୍ରଦାନ କରିଥିଲେ। ପରେ ପୋଲିସ



ପୋଲିସ ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା କରୁଛି।

ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିଥିଲା।

ସୂଚନା ମୁତାବକ, ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ସଦର ଏସ୍‌ଡିପିଓ ଦିଲୀପ ଦାସ, ଆଦର୍ଶ ଥାନାଧିକାରୀ ତାରିକ୍ ଅହମ୍ମଦଙ୍କ ସମେତ ଏକ ପ୍ଲାଟୁନ ଫୋର୍ସ, ତହସିଲଦାର ସାହୁ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ପରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ବିଜେଡି ଜିଲା ସଭାପତି ବିଭୂତି ବଳବନ୍ତରାୟ, ଭାଜପା ନେତା ଲୁଲୁ ବଡ଼ଜେନା ପ୍ରମୁଖ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ପରେ ରାସ୍ତା ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାରଙ୍କ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। ମୃତକଙ୍କ ପରିବାରକୁ ୧୦ଲକ୍ଷ କ୍ଷତିପୂରଣ ଦେବାକୁ ଗ୍ରାମବାସୀ ଦାବି କରିଥିଲେ। ତେବେ ସମ୍ପୃକ୍ତ ଠିକାଦାର ୨ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ କହିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଦୀର୍ଘ ସମୟ ଧରି ଗ୍ରାମବାସୀ ଏବଂ ଠିକାଦାର ପ୍ରତିନିଧିଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେ ମୃତକଙ୍କ ପରିବାରକୁ ୫ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଧାରଣାରୁ ଓହରିଥିଲେ। ଆଗାମୀ ଦିନରେ ଯେପରି ଏଭଳି ଅଘଟଣ ନ ଘଟିବ, ସେଥିପ୍ରତି ଗୁରୁତ୍ୱ ଦେବାକୁ ଗ୍ରାମବାସୀ ସମ୍ପୃକ୍ତ ଠିକାଦାରଙ୍କୁ କହିଛନ୍ତି। ପ୍ରକାଶ ଯେ, ରାସ୍ତା ନିର୍ମାଣ ଚାଲିଥିବା ବେଳେ ଏହାର କାର୍ଯ୍ୟ ତଦାରଖ ଲାଗି କୌଣସି ଅଧିକାରୀଙ୍କ ଦେଖାମିଳୁନି। ନିମ୍ନମାନର କାମ ଏବଂ ରାସ୍ତା ନିର୍ମାଣ ତଦାରଖ ଲାଗି ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ସତ୍ତ୍ୱେ ଏଥିପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ମଧୁଚନ୍ଦ୍ରିକାରେ ରାସ୍ତା କାମ ଚାଲିଛି ବୋଲି କେତେଜଣ ଗ୍ରାମବାସୀ ଗଣମାଧ୍ୟମ ଆଗରେ କହିଛନ୍ତି। ତେବେ ଏନେଇ ସମ୍ପୃକ୍ତ ଠିକାଦାରଙ୍କ ପ୍ରତିନିଧିଙ୍କୁ ପଚାରିବାରେ, ଏ ସମ୍ପର୍କରେ କିଛି କହିପାରିବେ ନାହିଁ ବୋଲି କହି ପଳାଇଥିଲେ।

# ଗୋରୁ ବୋଝେଇ ଗାଡ଼ି ଜବତ

**୬ ଗୋରୁ ଉଦ୍ଧାର, ଚାଳକ ଗିରଫ**

ବେଗୁନିଆ,୧୦।୧(ଡି.ଏନ୍‌.ଏ.):

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଞ୍ଚଳରେ ଗୋଚାଲଣ ବଢ଼ିବାରେ ଲାଗିଛି। ମଙ୍ଗଳବାର ପୋଲିସ ଗୋରୁ ବୋଝେଇ ଟାଟା ଏସିଇକୁ ଜବତ କରିବା ସହ ଚାଳକଙ୍କୁ ଗିରଫ କରିଛି। ସେ ହେଲେ ବେଗୁନିଆ ନୂଆସାହିର ପବିତ୍ର କୁମାର ପାଳ। ୬ଟି ଗୋରୁଙ୍କୁ ଉଦ୍ଧାର କରାଯାଇ ଭୁବନେଶ୍ୱର ସ୍ଥିତ ସିଜୁଆ ଗୋଶାଳାକୁ ପଠାଇ ଦିଆଯାଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୯/୧୩) ରୁଜୁକରି ଅଧିକ ତଦନ୍ତ ଚଳାଇଛି। ସୂଚନା ମୁତାବକ, ମଙ୍ଗଳବାର ସକାଳେ ଏହି ଥାନା ଅଧୀନ ଧଳାପଥର ଗ୍ରାମାଞ୍ଚଳର ଚାଷୀଙ୍କ ଠାରୁ ଗୋରୁ କିଣି ବେଆଇନଭାବେ ଚାଲାଣ କରାଯାଉଥିଲା। ଏକ ଟାଟା ଏସିଇ (ଓଡି୦୨ବିକେ-୧୪୫୮)ରେ ୬ଟି ଗୋରୁଙ୍କୁ ବୋଝେଇ କରି ଚାଳକ କୁଶପଲ୍ଲା ଅଭିମୁଖେ ଯାଉଥିଲେ। ଖବରପାଇ ପୋଲିସ ବଡ଼ବେରଣା ଛକଠାରେ ପହଞ୍ଚି ଗାଡ଼ିକୁ ଜବତ କରିଥିଲା।

# କାୟାକଳ୍ପ ଟିମ୍‌ର ବାଲୁଗାଁ ଡାକ୍ତରଖାନା ପରିଦର୍ଶନ

ବାଲୁଗାଁ,୧୦।୧(ଡି.ଏନ୍‌.ଏ.):



ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର କାୟାକଳ୍ପ ଟିମ୍ ମଙ୍ଗଳବାର ବାଲୁଗାଁ ଡାକ୍ତରଖାନା ପରିଦର୍ଶନ କରିଛନ୍ତି। ଡାକ୍ତରଖାନାର ପରିମଳ, ରୋଗୀ ଚିକିତ୍ସା, ପରୀକ୍ଷାଗାର, ନିରାମୟ ଯୋଜନା, ଷ୍ଟୋର ରୁମ୍ ଏବଂ ସରକାରଙ୍କ ବିଭିନ୍ନ ସ୍ୱାସ୍ଥ୍ୟ ଉନ୍ନୟନ ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହେଉଛି କି ନାହିଁ ତଦାରଖ କରିଥିଲେ। ଅନୁଧ୍ୟାନ ବେଳେ ଡାକ୍ତରଖାନା ପରିସରରେ ପରିତ୍ୟକ୍ତ ଅବସ୍ଥାରେ କେତେକ ଗୃହ ପଡ଼ିରହିଥିବାବେଳେ ସେଠାରେ କିଛି ନିରାମୟ ଔଷଧ ପଡ଼ିଥିବା ଟିମ୍ ଦେଖିବାକୁ ପାଇଥିଲେ। ଏନେଇ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ତାଗିଦ୍ କରିଥିଲେ। ଉକ୍ତ ଟିମ୍‌ରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ସମ୍ବିଜିତ୍ ପଟ୍ଟନାୟକ, ସୌମ୍ୟକାନ୍ତ ପାତ୍ର, ସୌମ୍ୟରଞ୍ଜନ ପାଣି, ପ୍ରକାଶ ବାନାର୍ଜୀ ଓ ସୁବାସ ବାନାର୍ଜୀ ପ୍ରମୁଖ ଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ସୌମ୍ୟକାନ୍ତ ଦାସ ପଟ୍ଟନାୟକ ପରିଦର୍ଶନରେ ସହଯୋଗ କରିଥିଲେ।

# 'ତୃଣମୂଳସ୍ତରରୁ ଦଳୀୟ ସଙ୍ଗଠନକୁ ସୁଦୃଢ଼ କର'



ପ୍ରତିଷ୍ଠା ଦିବସ ଅବସରରେ ଯୋଗଦେଇଥିବା ବିଜେଡି ନେତା ଓ କର୍ମୀମାନେ।

**୨୦୨୪ ପାଇଁ ସଙ୍କଳ୍ପ ନେଲେ**

ଖୋର୍ଦ୍ଧା ଅଫିସ,୧୦।୧:

ଖୋର୍ଦ୍ଧା ବିଧାନସଭା ନିର୍ବାଚନମଣ୍ଡଳୀ ସ୍ତରୀୟ ବିଜେଡି ପ୍ରତିଷ୍ଠା ଦିବସ ସ୍ଥାନୀୟ ଜୟୀ ରାଜଗୁରୁ ଟାଉନ ହଲଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ବିଜୁ ମହିଳା ଉପାଧ୍ୟକ୍ଷା ବାସନ୍ତୀ ମହାପାତ୍ର, ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନସିଂ, ଖୋର୍ଦ୍ଧା ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ସୌର୍ଯ୍ୟ ରଞ୍ଜନ ମହାନ୍ତି, ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ଜିଲା ପରିଷଦ ପ୍ରଫୁଲ୍ଲ ଦଳାଇ, ନଗର ସଭାପତି ମହମ୍ମଦ ଆରିଫ, ଓଡ଼ିଶା ମୋ ପରିବାର ଜିଲା ସଂଯୋଜକ ଦିଲୀପ ହୋତା, ଜିଲା ମହିଳା ସଭାନେତ୍ରୀ ଗୀତାଞ୍ଜଳି ପାଟ୍ଟଶାଣୀ, ବିଜୁ ଯୁବ ଜିଲା ସଭାପତି ରାଜେଶ ପରିଡା, ଜିଲା ଛାତ୍ର ସଭାପତି ବିଶ୍ୱଦୀପ ପ୍ରଧାନଙ୍କ ସମେତ ଖୋର୍ଦ୍ଧା ଓ ଟାଙ୍ଗୀ ବ୍ଲକର ଏକାଧିକ କର୍ମୀ ଯୋଗଦେଇଥିଲେ। ସକାଳେ ବିଜୁ ପଟ୍ଟନାୟକ ପାର୍କରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। ସେଠାରୁ ଏକ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ପରେ ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ବିଜେଡି ବିଜୁ ବାବୁଙ୍କ ନୀତି ଆଦର୍ଶରେ ଚାଲିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ପ୍ରଗତି ପଥରେ ଆଗେଇ ଚାଲିଛି। ହକି ଆୟୋଜନ ଲାଗି ଓଡ଼ିଶା ବିଶ୍ୱରେ ପରିଚିତ ହୋଇଛି। ବିଦ୍ୟାଳୟ ରୂପାନ୍ତରଣ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ବିଜୁ ସ୍ୱାସ୍ଥ୍ୟ ବୀମା ଗରିବଙ୍କ ପାଇଁ ସହାୟକ ହୋଇପାରିଛି। ମହିଳା ସଶକ୍ତୀକରଣ ଦିଗରେ ମିଶନ ଶକ୍ତି ମହିଳାଙ୍କ ପାଇଁ ବରଦାନ ସଦୃଶ୍ୟ ହୋଇଛି। ମହିଳାମାନେ ଆତ୍ମନିର୍ଭରଶୀଳ ହେବା ସହ ବିକାଶରେ ସହଭାଗୀ ହୋଇ ଆଗକୁ ବଢି ଚାଲିଛନ୍ତି। ଆଗାମୀ ଦିନରେ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ବିକାଶ ସହ ତୃଣମୂଳ ସ୍ତରରେ ଦଳକୁ ସୁଦୃଢ଼ କରାଯିବ ବୋଲି ମତ ପ୍ରକାଶ ପାଇଥିଲା। ଆଗାମୀ ୨୦୨୪ ନିର୍ବାଚନରେ ବିଜେଡିକୁ ଜିତାଇବା ଲାଗି ସଂକଳ୍ପ ନେଇଥିଲେ। ବ୍ଲକ ଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ବିକାଶମୂଳକ ଯୋଜନା ଲୋକାଭିମୁଖୀ ସହ ସମ୍ପର୍କ ଯୋଡିବାକୁ ବିଧାୟକ ଆହ୍ୱାନ ଦେଇଥିଲେ।

### ମା'ଭଗବତୀ ଫୁଟ୍‌ବଲ ଟୁର୍ନାମେଣ୍ଟ: ପୁରୀ ନୀଳଚକ୍ର ସ୍ପୋର୍ଟ୍ସ କ୍ଲବ ବିଜୟୀ

ନିରାକାରପୁର,୧୦।୧(ଡି.ଏନ୍‌.ଏ.):

ଖୋର୍ଦ୍ଧା ଜିଲା ଛଣଗିରି ପଞ୍ଚାୟତସ୍ଥିତ ଖେଳପଡିଆରେ ମା' ଭଗବତୀ ଫୁଟ୍‌ବଲ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ଭଗବତୀ ଟୁର୍ନାମେଣ୍ଟରେ ମଙ୍ଗଳବାର ଏସ୍‌ଏସ୍‌ବି ଓମପି କଟକ ଏବଂ ଶ୍ରୀ ନୀଳଚକ୍ର ସ୍ପୋର୍ଟ୍ସ କ୍ଲବ ପୁରୀ ମଧ୍ୟରେ ମ୍ୟାଚ୍ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ ନୀଳଚକ୍ର ଟିମ୍ ୨ଟି ଗୋଲ ଓ ଦ୍ୱିତୀୟାର୍ଦ୍ଧରେ ଆଉ ୨ଟି ଗୋଲ ଦେଇଥିଲା। ତେବେ ମ୍ୟାଚ୍ ଶେଷ ସୁଦ୍ଧା ଏସ୍‌ଏସ୍‌ବି ଓଏମପି ଟିମ୍ ମ୍ୟାଚ୍ ଶେଷ ସୁଦ୍ଧା କୌଣସି ଗୋଲ ଦେଇ ନ ପାରି ପରାଜିତ ହୋଇଥିଲା। ଶରତ କୁମାର ଛୋଟରାୟ, ସୁକାନ୍ତ କୁମାର ପ୍ରଧାନ, ଚିତରଞ୍ଜନ ପରିଡା ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ ସ୍ଥାନୀୟ ସରପଞ୍ଚ ପୂର୍ଣ୍ଣିମା ମହାପାତ୍ର, ହାଇସ୍କୁଲ ପ୍ରଧାନ ଶିକ୍ଷକ ଘନଶ୍ୟାମ ସ୍ୱାଇଁ, ଶେଖ୍ ଗୋଲାମ ରସୁଲ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆନନ୍ଦ ଜେନା, ନୃସିଂହ ଚରଣ ମହାନ୍ତି, ପ୍ରଭାତ କୁମାର ପ୍ରହରାଜ, ସେକ ଶକୁନ, ସତ୍ୟଜିତ ଦାସ, ରବୀନ୍ଦ୍ର କୁମାର ସାହୁ, ବିଶ୍ୱନାଥ ପ୍ରଧାନ, ଯୋଗେନ୍ଦ୍ର ସାହୁ, ଭାସ୍କର ଭୋଇ, ଅକ୍ଷୟ ଚୌହାନ, ଅଭିରାମ ପାତ୍ର, ରମାକାନ୍ତ ପଟ୍ଟନାୟକ, କେଲୁ ଚରଣ ସେଠୀ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ। ବୁଧବାର ଯଦୁମଣୀ ସ୍ପୋର୍ଟସ୍ କ୍ଲବ୍ ଇଟାମାଟି ନୟାଗଡ ଓ ନୀଳମାଧବ ସ୍ପୋର୍ଟସ୍ କ୍ଲବ୍ ଭୁବନେଶ୍ୱର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ସଭାପତି ମାନସ ଦାସ ଓ ସମ୍ପାଦକ ସୁଶାନ୍ତ ଗଜେନ୍ଦ୍ର ସୂଚନା ଦେଇଛନ୍ତି।

# ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଉଦ୍‌ଯାପିତ

ବେଗୁନିଆ,୧୦।୧(ଡି.ଏନ୍‌.ଏ.):

ବେଗୁନିଆ ମହାବିଦ୍ୟାଳୟରେ ୭ଦିନ ବ୍ୟାପୀ ଚାଲିଥିବା ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ଡ.ଦିଲୀପ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ବିଜୟଲକ୍ଷ୍ମୀ ସୁବୁଦ୍ଧି, ଉପଅଧ୍ୟକ୍ଷ ମନମୋହନ ମିଶ୍ର ଯୋଗଦେଇଥିଲେ। ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନେ ବିଭିନ୍ନ କାର୍ଯ୍ୟକ୍ରମ କରିବା ସହ ସେବା ଦିଗରେ ସଚେତନ ହୋଇଥିଲେ। ଚଣ୍ଡିଆପଲା ଗ୍ରାମର ପରିମଳ ସଫେଇ କରିଥିଲେ। ବେଗୁନିଆ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡ.ରାଜକିଶୋର ପଣ୍ଡା କୋଭିଡ ଓ ନିଶା ନିବାରଣ ସମ୍ପର୍କରେ ପିଲାମାନଙ୍କୁ ସଚେତନ କରାଇଥିଲେ। ସେହିପରି ଥାନା ସବ୍ ଇନ୍‌ସ୍ପେକ୍ଟର ମାଧବାନନ୍ଦ ବସ୍ତିଆ ସଡ଼କ ସୁରକ୍ଷା ସମ୍ପର୍କରେ ପିଲାମାନଙ୍କୁ କହିଥିଲେ। ପାଠପଢ଼ା ସହିତ ଆଧ୍ୟାତ୍ମିକ ମାର୍ଗକୁ ଆପଣାଇ ନିଜକୁ ଭଗବାନଙ୍କ ନିକଟରେ ସମର୍ପିତ କର। ଭବିଷ୍ୟତରେ ଜୀବନ ଉଜ୍ଜ୍ୱଳମୟ ହେବା ସହ ଆତ୍ମସନ୍ତୋଷ ଲାଘବ ହେବ ବୋଲି ଅତିଥିମାନେ ଉଦ୍‌ବୋଧନ ଦେଇଥିଲେ। ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଦ୍ୟାଳୟ ପକ୍ଷରୁ ସରୋଜା ଭଉଣୀ, ଜଗନ୍ନାଥ ଭାଇ, ଜ୍ୟୋତ୍ସ୍ନା ଭଉଣୀ, ଅଧ୍ୟାପକ ସଲିଳ କୁମାର ବଡ଼ଜେନା, ଅଧ୍ୟାପକ ନବକିଶୋର ବିଶୋଇ ଉପସ୍ଥିତ ଥିଲେ। ସ୍ୱେଚ୍ଛାସେବୀଙ୍କ ମଧ୍ୟରେ ଜୀବନ, ସନ୍ଧ୍ୟା, ଉମେଶ, ସୋନି, ସୁପ୍ରଭା, ମଧୁସ୍ମିତା, ପ୍ରମୋଦ, ଆଶର୍ବାଦ, ଶ୍ରଦ୍ଧା, ପ୍ରିୟଦର୍ଶିନୀ, ଗୀତାଞ୍ଜଳି, ସ୍ୱପ୍ନେଶ୍ୱର, ଚିନ୍ମୟ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# କାଇପଦର କଲେଜର ବାର୍ଷିକ କ୍ରୀଡ଼ା ଉତ୍ସବ

ଖୋର୍ଦ୍ଧା ଅଫିସ,୧୦।୧:

କାଇପଦରସ୍ଥିତ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ମା'ମଙ୍ଗଳାଙ୍କ ପୀଠରୁ ମଶାଲ ଶୋଭାଯାତ୍ରା ବାହାରିଥିଲା। ଏଥିରେ କଲେଜର ଏନ୍‌ସିସି କ୍ୟାଡେଟ, ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକମାନେ ଯୋଗଦେଇଥିଲେ। ଏହି ଶୋଭାଯାତ୍ରାକୁ ସ୍ଥାନୀୟ ସରପଞ୍ଚ ନଳିନୀ ଅରିସଲ ଶୁଭାରମ୍ଭ କରିଥିଲେ। କଲେଜ ଅଧ୍ୟକ୍ଷ ତରୁଣକାନ୍ତି ରାୟ, ଉପାଧ୍ୟକ୍ଷ ପ୍ରତାପ କିଶୋର ଛୋଟରାୟ, ଡ.ସଞ୍ଜୁକ୍ତା ପଟ୍ଟନାୟକ, ମାନସ କୁମାର ଜୟସିଂ, ଅନୁପମା ଚମ୍ପତିରାୟ, ସୁଜ୍ଞାନୀ ଭଞ୍ଜ ସାମନ୍ତ, ସୁଧାଂଶୁ ଶେଖର ରଣସିଂ,ପୂର୍ବତନ ସରପଞ୍ଚ ବିଜୟ ଅରିସଲ ପ୍ରମୁଖ ଉପସ୍ଥିତ ଥିଲେ। ମଶାଲ ଶୋଭାଯାତ୍ରା କଲେଜ ପଡିଆରେ ପହଞ୍ଚିବା ପରେ ପିଲାମାନଙ୍କ ମଧ୍ୟରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଜନ୍ମେଜୟ ଚୌଧୁରୀ, ଭୁବନେଶ୍ୱର ନାୟକ, ସବିତା ବେହେରା, ଅନିତା ପଣ୍ଡା, ସ୍ୱୟଂପ୍ରଜ୍ଞା, ଦିଗମ୍ବର ବଳିୟାରସିଂ ପ୍ରମୁଖ ପରିଚାଳାନ କରିଥିଲେ।

# ଢେଙ୍କାନାଳ କ୍ଲବ ଫାଇନାଲରେ

ବୋଲଗଡ଼,୧୦।୧(ଡି.ଏନ୍‌.ଏ.):

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ କୋଦୁଅବେରେଣି ଖେଳପଡିଆରେ ଚାଲିଥିବା ଏକାଦଶ ରାଜ୍ୟସ୍ତରୀୟ ମା'ରାମଚଣ୍ଡୀ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରର ମଞ୍ଚେଶ୍ୱର କ୍ଲବ ଓ ଢେଙ୍କାନାଳ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ମଞ୍ଚେଶ୍ୱର ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୯ ଓଭର ସୁଦ୍ଧା ସମସ୍ତ ଉଇକେଟ୍ ବିନିମୟରେ ୧୯୨ ରନ ସଂଗ୍ରହ କରିଥିଲା। ଜବାବରେ ଢେଙ୍କାନାଳ ଟିମ୍ ୧୧ ଓଭରରେ କୌଣସି ଉଇକେଟ ନ ହରାଇ ୧୯୩ ରନ କରି ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ଚନ୍ଦନ ମହାପାତ୍ର ୩୫ ବଲରେ ୧୦୪ରନ କରିବା ସହ ମ୍ୟାନ ଅଫ ଦ ମ୍ୟାଚ୍ ବିବେଚିତ ହୋଇଥିଲେ। କବିନ୍ଦ୍ର ନାୟକ ଓ ଜ୍ୟୋତି ରଞ୍ଜନ ମହାପାତ୍ର ମ୍ୟାଚ୍ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଓ ଅତିଥିଭାବେ ପୂର୍ବତନ ସରପଞ୍ଚ ସୁରଜ ପ୍ରସାଦ ସୁବୁଦ୍ଧି ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରାମଚଣ୍ଡୀ କ୍ରିକେଟ କ୍ଲବର ସଦସ୍ୟମାନେ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।




ଅତିଥିଙ୍କଠାରୁ ଖେଳାଳି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

# ଅତ୍ରିର ବିକାଶ ସହ ରାସ୍ତା ପ୍ରଶସ୍ତ ହେବ

ଖୋର୍ଦ୍ଧା ଅଫିସ,୧୦।୧:



ବୈଠକରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ବିଧାୟକ ଏବଂ ଅଧିକାରୀମାନେ।

ଜିଲାପାଳଙ୍କ ସଦ୍‌ଭାବନା ଗୃହରେ ମଙ୍ଗଳବାର ଜିଲା ଉନ୍ନତୀକରଣ ମନିଟରିଂ କମିଟି ବୈଠକ ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଭୁବନେଶ୍ୱର ମଧ୍ୟବିଧାୟକ ଅନନ୍ତ ନାରାୟଣ ଜେନା, ପୂର୍ବତନ ବିଧାୟକ ଦିଲୀପ ଶ୍ରୀଚନ୍ଦନ, ପଞ୍ଚାୟତିରାଜ ବିଭାଗ ଅତିରିକ୍ତ ସଚିବ ଲୋପାମୁଦ୍ରା ମହାପାତ୍ର, ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲା ପରିଷଦ ଉନ୍ନୟନ ଅଧିକାରୀ ଦିଗନ୍ତ ରାଉତରାୟ, ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା, କୁହୁଡ଼ି ସରପଞ୍ଚ, ବିଭାଗୀୟ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ଏମ୍‌ଜିଏନ୍‌ଆରଇଜିଏସ୍‌, ଏନ୍‌ଆରଏଲଏମ୍‌, ପିଏମ୍‌ଏୱାଇ(ଜି) ଯୋଜନା ଉପରେ ଆଲୋଚନା କରାଯାଇଥିଲା। ପିଏମ୍‌ଏୱାଇ(ଜି) ଯୋଜନାରେ କିପରି ଠିକ୍ ଭାବେ ଆବାସ ଗୃହ ଯୋଗାଇ ଦିଆଯାଇ ପାରିବ ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲାପରିଷଦଙ୍କୁ ପରାମର୍ଶ ଦେଇଥିଲେ। ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଗ୍ରାମାଞ୍ଚଳରେ ଖେଳପଡ଼ିଆ ଓ ପୁଷ୍କରିଣୀ ଯୋଗାଇଦେବାକୁ ଅଧିକାରୀଙ୍କ ସହ ଆଲୋଚନା କରାଯାଇଥିଲା। ପିଏମ୍‌ଜିଏସୱାଇ ଯୋଜନାରେ ରାସ୍ତାଗୁଡ଼ିକ ଚଉଡ଼ା ଏବଂ ଏହାର ରକ୍ଷଣାବେକ୍ଷଣ ପାଇଁ ଆର୍ଥିକ ଅନୁଦାନର ଆବଶ୍ୟକ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ପର୍ଯ୍ୟଟନସ୍ଥଳ ଅତ୍ରି ରାସ୍ତାକୁ ଚଉଡ଼ା ଓ ଉନ୍ନତୀକରଣ ପାଇଁ ଯୋଜନା କରାଯାଇଛି। ପ୍ରତିବର୍ଷ ପଚ୍ଛୁଆ ପାଣି ପଶିବା ସହ ସାମାନ୍ୟ ବର୍ଷାରେ ବନ୍ୟା ହୋଇ ଲୋକଙ୍କୁ ବିପଦରେ ପକାଉଛି। ଏହାର ପ୍ରତିକାର ପାଇଁ ଚେକ୍‌ଡ୍ୟାମ୍ ନିର୍ମାଣ କରାଯିବ। ସେହିପରି ସୌଭାଗ୍ୟ ଯୋଜନା ଉପରେ ଆଲୋଚନା ହୋଇଥିଲା। ନେଟୱର୍କ, ବ୍ୟାଙ୍କିଙ୍ଗ ଓ ରେଲୱେ ଓଭରବ୍ରିଜ ଆଦି ସମସ୍ୟାର ସମାଧାନ ଉପରେ ନିଷ୍ପତ୍ତି ହୋଇଥିଲା। ଜିଲା ପରିଷଦ ଉନ୍ନୟନ ଅଧିକାରୀ ରାଉତରାୟ ଧନ୍ୟବାଦ ଦେଇଥିଲେ।

## ମଣ୍ଡିରୁ ୫୦୦ କୁଇଣ୍ଟାଲ ଧାନ ସଂଗ୍ରହ

କଟକ ସଦର,(ଡି.ଏନ୍.ଏ.): କଟକ ସଦର ବ୍ଲକ ଅନ୍ତର୍ଗତ ଗଡିରାଉତ ପାଟଣା ମଣ୍ଡିରୁ ମଙ୍ଗଳବାର ୫୦୦ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଛି। ପ୍ରଥମପାଳି ମଣ୍ଡିକୁ ବ୍ଲକ ବିଜେଡି ସଭାପତି ପ୍ରମୋଦ ମହାପାତ୍ର ଓ ବିଧାୟକଙ୍କ ପ୍ରତିନିଧି ବିଭୂତି ଭୂଷଣ ପରିଡ଼ା ଉଦ୍‌ଘାଟନ କରିଥିଲେ। ସମବାୟ ସମିତି ସଭାପତି ସମର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଆମ୍ବାର ସଭାପତି ରଜନୀକାନ୍ତ ସାହୁ, ବ୍ଲକ ସମବାୟ ସମ୍ପ୍ରସାରଣ ଅଧିକାରୀ ଅନୁସୂୟା ମଲ୍ଲ, କଟକ ସଦର ସମବାୟ ବ୍ୟାଙ୍କ ଶାଖା ପରିଚାଳକ ଶକୁନ୍ତଳା ମହାନ୍ତି, ଅଶୋକ ପାତ୍ର, ତ୍ରିଲୋଚନ ସ୍ୱାଇଁ, କାବୁଲା ପାତ୍ର ଯୋଗ ଦେଇଥିଲେ। ପୂର୍ବତନ ସରପଞ୍ଚ ଅନିରୁଦ୍ଧ ରାଉଳ ଧନ୍ୟବାଦ ଦେଇଥିଲେ।



କଟକ ବାରବାଟୀ ଷ୍ଟାଡିୟମ୍‌ରେ ହକି ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବକୁ ନେଇ କଟକ ଇନ୍ଦିରା ଗାନ୍ଧୀ ମହିଳା କଲେଜ ପକ୍ଷରୁ ମଙ୍ଗଳବାର ବାହାରିଥିବା ଶୋଭାଯାତ୍ରା।


ବାରବାଟୀ ଷ୍ଟାଡିୟମ୍‌ରେ ବୁଧବାର ଆୟୋଜିତ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ପୂର୍ବରୁ ମଙ୍ଗଳବାର ଅଭ୍ୟାସ ଚାଲିଛି।

# ମଧ୍ୟାହ୍ନ ୧୨ରୁ ସହରରେ ଟ୍ରାଫିକ୍ କଟକଣା

କଟକ ଅଫିସ,୧୦।୧

କଟକ ବାରବାଟୀ ଷ୍ଟାଡିୟମରେ ହକି ବିଶ୍ୱକପ୍‌ର ଉଦ୍‌ଘାଟନୀ ଉତ୍ସବ ବୁଧବାର ଅନୁଷ୍ଠିତ ହେଉଛି। ଏଥିପାଇଁ ବହୁସଂଖ୍ୟକ ଗାଡ଼ି ଚଳାଚଳକୁ ଦୃଷ୍ଟିରେ ରଖି କମିଶନରେଟ୍ ପୋଲିସ ପକ୍ଷରୁ ସହରରେ ଅସ୍ଥାୟୀ ଟ୍ରାଫିକ୍ କଟକଣା ଲାଗୁ କରାଯାଇଛି। ଏହି କଟକଣା ବୁଧବାର ମଧ୍ୟାହ୍ନ ୧୨ଟାଠାରୁ ଉଦ୍‌ଘାଟନୀ ଉତ୍ସବ ଶେଷ ହେବା ପର୍ଯ୍ୟନ୍ତ ବଳବତ୍ତର ରହିବ। ଜନସାଧାରଣ ଏଥିରେ ସହଯୋଗ କରିବାକୁ କମିଶନ୍‌ରେଟ୍ ପୋଲିସ ପକ୍ଷରୁ ନିବେଦନ କରାଯାଇଛି।

ମାତାମଠ ପଟରୁ ରିଂ ରୋଡ୍‌ରେ ଆସୁଥିବା ଗାଡ଼ିଗୁଡ଼ିକ ଗଡ଼ଗଡ଼ିଆ ମନ୍ଦିର ପୂର୍ବରୁ ଥିବା ୩ଟି ଗଡ଼ାରେ ଡାହାଣକୁ ଯାଇ ବାଲିଯାତ୍ରା ତଳ ପଡ଼ିଆରେ ପାର୍କିଂ କରିପାରିବେ। ଏହି ରାସ୍ତାରେ ପାସ୍ ପାଇଥିବା ଗାଡ଼ିଗୁଡ଼ିକ ବାମ୍ଫୋ ଡିପୋଗଡ଼ାରେ ଗଡ଼ି ନିର୍ଦ୍ଧାରିତ ହୋଇଥିବା ନିଜ ପାର୍କିଂସ୍ଥଳରେ ପହଞ୍ଚିବ। ହାଓ୍ୱଡ଼ା ମୋଟର ଏବଂ ମସ୍ତାନ ଦରଘା ଛକଆଡୁ ଆସୁଥିବା ୩ ଓ ୪ ଚକିଆ ଗାଡ଼ିଗୁଡ଼ିକ ଗ୍ରିନର ହୋଟେଲ ଛକଠାରେ ପହଞ୍ଚିବ। ସେଠାରୁ କେବଳ ୨ ଚକିଆ ଗାଡ଼ି ମୁଖ୍ୟ ବିଚାରପତିଙ୍କ ବଙ୍ଗଳା ପର୍ଯ୍ୟନ୍ତ ଯାଇ ଡାହାଣକୁ ଭାଙ୍ଗି ରିଂ ରୋଡ୍ ଦେଇ ତଳ ବାଲିଯାତ୍ରା ପଡ଼ିଆରେ ପାର୍କିଂ କରିପାରିବ। ବାମ୍ଫୋ ଡିପୋ ଗଡ଼ାରୁ କେବଳ ପାସ୍ ପାଇଥିବା ଗାଡ଼ି ଷ୍ଟାଡିୟମ ଆଡ଼କୁ ଯାଇପାରିବ। ମୁଖ୍ୟ ବିଚାରପତିଙ୍କ ବଙ୍ଗଳା ଛକ, ସିଡିଏମ୍ଓ ଅଫିସ ଛକ ଓ ମଧୁସୂଦନ ଷ୍ଟାଚ୍ୟୁଠାରୁ କୌଣସି ଗାଡ଼ି ଷ୍ଟାଡିୟମ ଆଡ଼କୁ ଆସିପାରିବ ନାହିଁ। ଫାୟାର ଷ୍ଟେଶନ ଛକଠାରୁ କୌଣସି ଗାଡ଼ି ରିଜର୍ଭ ପୋଲିସ ଅଫିସ୍ ଦେଇ ଷ୍ଟାଡିୟମ ଆଡ଼କୁ ଯିବ ନାହିଁ। ଏହି ଗାଡ଼ିଗୁଡ଼ିକ ବକ୍ସିବଜାର ଛକ, ଚଣ୍ଡୀ ଛକ, କନିକା ଛକ ଓ ବିଜୁ ପଟ୍ଟନାୟକ ଛକ ଦେଇ ତଳ ବାଲିଯାତ୍ରା ପଡ଼ିଆରେ ପହଞ୍ଚିବ।

ସେହିପରି ବକ୍ସିବଜାରରୁ କୌଣସି ଗାଡ଼ି ସିଧା ନାରୀସେବା ସଦନ ଆଡ଼କୁ ଆସିପାରିବ ନାହିଁ। ଏହି ଗାଡ଼ିଗୁଡ଼ିକ ମିଶନ ରୋଡ୍‌ରେ ଯାଇ ଚଣ୍ଡି ଛକ, କନିକା ଛକ ଓ ବିଜୁ ପଟ୍ଟନାୟକ ଛକ ଦେଇ ତଳ ବାଲିଯାତ୍ରା ପଡ଼ିଆରେ ପହଞ୍ଚିବ। ଷ୍ଟୁଆର୍ଟ ସ୍କୁଲ ସାମ୍ନାରୁ କୌଣସି ଗାଡ଼ି କଳାବିକାଶ କେନ୍ଦ୍ର ଦେଇ ଷ୍ଟାଡିୟମ ଆଡ଼କୁ ଯାଇପାରିବ ନାହିଁ। ଚଣ୍ଡୀଛକରୁ କୌଣସି ଗାଡ଼ି କନ୍‌ଭେଣ୍ଟ ସ୍କୁଲ ଛକ ଦେଇ ସିଧା ଷ୍ଟାଡିୟମ ଆଡ଼କୁ ଯାଇପାରିବ ନାହିଁ। କେବଳ ପାସ୍ ପାଇଥିବା ଯାନଗୁଡ଼ିକ ଷ୍ଟାଡିୟମ ଆଡ଼କୁ ଯାଇପାରିବ। ବିଜୁ ପଟ୍ଟନାୟକ ଛକରୁ କୌଣସି ଗାଡ଼ି ଦୟାଶ୍ରମ ରାସ୍ତା ଦେଇ ଷ୍ଟାଡିୟମ ଆଡ଼କୁ ଯାଇପାରିବ ନାହିଁ। ଏହି ଗାଡ଼ିଗୁଡ଼ିକ ହରିଣ ପାର୍କ ଦେଇ ରିଂ ରୋଡ୍‌ରେ ଯାଇ ତଳ ବାଲିଯାତ୍ରା ପଡ଼ିଆରେ ପାର୍କିଂ କରିବ। ଆନନ୍ଦ ଭବନ ଗଡ଼ାରୁ କୌଣସି ଗାଡ଼ି ଇନ୍‌ଡୋର ଷ୍ଟାଡିୟମ ଦେଇ ଉପର ବାଲିଯାତ୍ରା ପଡ଼ିଆ ଆଡ଼କୁ ଯାଇପାରିବ ନାହିଁ। କେବଳ କଟକ କ୍ଲବ ପାସ୍ ଥିବା ଯାନ ଓ ସେଠାରେ ଥିବା ବାସିନ୍ଦା ଇନ୍‌ଡୋର ଷ୍ଟାଡିୟମ ଦେଇ କେବଳ ଗଡ଼ଚଣ୍ଡୀ ଆଡ଼କୁ ଯାଇପାରିବେ। ଚହଟା ଛକ ଆଡୁ ଆସୁଥିବା ଗାଡ଼ିଗୁଡ଼ିକ ସିଧାସଳଖ ରିଂ ରୋଡ୍‌ରେ ଯାଇ ଗଡ଼ଗଡ଼ିଆ ପୂର୍ବରୁ ଥିବା ତିନୋଟି ଗଡ଼ାରେ ତଳ ବାଲିଯାତ୍ରା ପଡ଼ିଆରେ ପହଞ୍ଚିବ। କନ୍‌ଭେଣ୍ଟ ସ୍କୁଲ ଛକ, ପି.ଏଚ୍.ଡି ଛକ, କିଲ୍‌ଖାନା ଛକ ଓ ଦୟାଶ୍ରମ ଛକଠାରୁ କୌଣସି ଗାଡ଼ି ଷ୍ଟାଡିୟମ ଆଡ଼କୁ ଯାଇପାରିବ ନାହିଁ।

## ଦାୟିତ୍ୱର ସହ କାର୍ଯ୍ୟ ସମ୍ପାଦନ କରୁ ପୋଲିସ


ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ବୈଠକରେ ପୋଲିସ କମିଶନର, ଡିସିପିଙ୍କ ସହ ପୋଲିସ ଅଧିକାରୀ।

ବିଶ୍ୱର ନଜର ଏବେ ଓଡ଼ିଶା ଉପରେ ରହିଛି। କଟକରେ ହକି ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବ ପରିଚାଳନା କରିବାରେ ପୋଲିସର ଗୁରୁ ଦାୟିତ୍ୱ ରହିଛି। ତେଣୁ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ଏହାକୁ ଅତି ଆପଣାର ଭାବି କାର୍ଯ୍ୟ ତୁଲାଇବା ଦରକାର। ଏଠାକୁ ଆସୁଥିବା ଦର୍ଶକମାନଙ୍କୁ ନମ୍ର ବ୍ୟବହାର କରିବା। ପୋଲିସ ବିଭାଗର ପ୍ରତିଟି ବ୍ୟକ୍ତି ଏକବାର ଦାୟିତ୍ୱବାନ୍ ହେବାକୁ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କଟକ ଇନ୍‌ଡୋର ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ବୈଠକରେ ମନ୍ତ୍ର ଦେଇଛନ୍ତି। ସେହିପରି ରାସ୍ତାରେ ଟ୍ରାଫିକ୍ ବ୍ୟବସ୍ଥା ସମ୍ଭାଳୁଥିବା ଅଧିକାରୀ ଏବଂ କର୍ମଚାରୀ ଦର୍ଶକଙ୍କୁ ଗାଡ଼ି ରଖିବା ଓ ଷ୍ଟାଡିୟମ୍‌କୁ ଯିବା ନିମନ୍ତେ ସହାୟତା କରିବେ। ବିଭିନ୍ନ ଗେଟ୍‌ରେ ଥିବା ପୋଲିସ ଦର୍ଶକଙ୍କୁ ସମ୍ଭବତଃ ସବୁ ବିଷୟ ବୁଝାଇ ଭିତରକୁ ଛାଡ଼ିବେ। କେହି ଦର୍ଶକ ଠିକ୍ ଗେଟ୍ ବା ଗ୍ୟାଲେରୀ ପାଉ ନ ଥିଲେ ତାଙ୍କୁ ଠିକଣା ଜାଗାରେ ପହଞ୍ଚାଇବେ। ଗ୍ୟାଲେରୀ କିମ୍ବା ପଡ଼ିଆ ଭିତରେ ବସିବାକୁ ଥିବା ଦର୍ଶକଙ୍କ ପାଖରେ ଡ୍ୟୁଟି କରୁଥିବା ପୋଲିସ ଅଧିକ ଦାୟିତ୍ୱସମ୍ପନ୍ନ ରହିବେ। କିଛି ଗଣ୍ଡଗୋଳ ବା ପାଟିତୁଣ୍ଡ ହେଲେ ସେମାନେ ଆପୋସ ବୁଝାମଣାରେ ସମାଧାନ କରିବେ। କାର୍ଯ୍ୟକ୍ରମ ସମୟରେ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ମୋବାଇଲ୍‌ରେ ସୋସିଆଲ୍ ମିଡିଆଠାରୁ ଦୂରରେ ରହିବାକୁ ପୋଲିସ କମିଶନର ଅନୁରୋଧ କରିଛନ୍ତି। ଏଥିରେ ପ୍ରାୟ ୫୦ ପ୍ଲାଟୁନ୍ ଫୋର୍ସ, ୪ଶହ ଅଧିକାରୀ, କନ୍‌ଷ୍ଟେବଳ ଓ ହୋମ୍‌ଗାର୍ଡ ଉପସ୍ଥିତ ଥିଲେ। ଅତିରିକ୍ତ ପୋଲିସ କମିସନର ଉମାଶଙ୍କର ଦାଶ, ଡିସିପି ପିନାକ ମିଶ୍ର, ଏଡିସିପି ଅନିଲ ମିଶ୍ର ଓ ଏଡିସିପି ସେକ୍ ସରଫିଉଦ୍ଦିନ ପ୍ରମୁଖ ଉପସ୍ଥିତ ଥିଲେ।

## ଗାଡ଼ି ରଖିବାକୁ ୧୧ ପାର୍କିଂସ୍ଥଳ

ଷ୍ଟାଡିୟମକୁ ଆସିବାକୁ ଥିବା ବିଭିନ୍ନ ଆଗନ୍ତୁକଙ୍କ ଯାନ ରହଣି ପାଇଁ ପାର୍କିଂ ବ୍ୟବସ୍ଥା ଭିନ୍ନ ଭିନ୍ନ ସ୍ଥାନରେ କରାଯାଇଛି। ତଳ ବାଲିଯାତ୍ରା ପଡ଼ିଆର ଡିସିପି ଅଫିସ ପାର୍ଶ୍ୱ ଓ କ୍ୟାଣ୍ଟନମେଣ୍ଟ ଥାନା ପାର୍ଶ୍ୱରେ ସର୍ବସାଧାରଣଙ୍କ ପାଇଁ ଗାଡି ପାର୍କିଂ ବ୍ୟବସ୍ଥା ହୋଇଛି। କେବଳ ଭିଆଇପି ପାସ୍ ପାଇଥିବା ବ୍ୟକ୍ତିଙ୍କ ୪ ଚକିଆ ଯାନ ଗଡ଼ଗଡ଼ିଆ ମନ୍ଦିର ସାମ୍ନା ତଳ ବାଲିଯାତ୍ରା ପଡ଼ିଆ, ଖ୍ରୀଷ୍ଟିଆନ୍ ପଡ଼ିଆ, ଦୟାଶ୍ରମ ସାମ୍ନା ପଡ଼ିଆରେ ରହିବ। ଗଣମାଧ୍ୟମ ପ୍ରତିନିଧିଙ୍କ ନିମନ୍ତେ ସବୁପ୍ରକାର ଯାନ କେମ୍ବ୍ରିଜ ସ୍କୁଲ ପରିସରରେ, ଭିଭିଆଇପି/ଭିଆଇପିଙ୍କ ୪ ଚକିଆ ଯାନ ଜାଭିୟର ସ୍କୁଲ ପଡ଼ିଆ, ଓସିଏ ପଡ଼ିଆ ଏବଂ କଳାକାରମାନଙ୍କ ନିମନ୍ତେ ସବୁପ୍ରକାର ଯାନ ଓସିଏ କ୍ଲବ ହାଉସ ପଡ଼ିଆ, ଉପର ବାଲିଯାତ୍ରା ପଡ଼ିଆ, ବାସ୍କେଟ ବଲ୍ ପଡ଼ିଆରେ ପାର୍କିଂ କରିବା ବ୍ୟବସ୍ଥା ହୋଇଛି। ଗେଟ୍ ନମ୍ବର ୧୪ଠାରୁ କେବଳ ସ୍କୁଲ ପଡ଼ିଆ ଏବଂ ଓସିଏ କ୍ଲବ ହାଉସ୍ ପାସ୍ ପାଇଥିବା ଯାନଗୁଡ଼ିକ ଭିତରକୁ ଯାଇ ପାର୍କିଂ କରିବ। କିନ୍ତୁ ଅନ୍ୟ ଗାଡ଼ିଗୁଡ଼ିକ ଗେଟ୍ ସାମ୍ନାରେ ଡ୍ରପ କରି ନାରୀ ସେବା ସଦନ ଛକ ଦେଇ ଓସିଏ ପଡ଼ିଆ, ତଳ ବାଲିଯାତ୍ରା ପଡ଼ିଆରେ ପାର୍କିଂ କରିବ। କିଲା ଫୋର୍ଟ ଛକଠାରୁ ଗେଟ୍ ନମ୍ବର-୨ ପାସ୍ ପାଇଥିବା ଯାନଗୁଡ଼ିକ ସି.ବି-୧ ଛକ ଦେଇ ଗେଟ୍ ନମ୍ବର-୨ ସାମ୍ନାରେ ଡ୍ରପ୍ କରି ଷ୍ଟାଡିୟମ ପାଖ ରାସ୍ତା ଦେଇ ଦୟାଶ୍ରମ କିମ୍ବା ଖ୍ରୀଷ୍ଟିଆନ ପଡ଼ିଆରେ ପାର୍କିଂ କରିବ। ଗେଟ୍ ନମ୍ବର-୧୧ ସାମ୍ନାରୁ କେବଳ ବାସ୍କେଟ ବଲ ପାର୍କିଂ ପାସ୍ ପାଇଥିବା ଯାନଗୁଡ଼ିକ ଭିତରକୁ ଯାଇ ଗାଡ଼ି ରଖିବେ। କିନ୍ତୁ ଅନ୍ୟ ଗାଡ଼ିଗୁଡ଼ିକ ସେଠାରୁ ଡ୍ରପ କରି ଦୟାଶ୍ରମ କିମ୍ବା ଖ୍ରୀଷ୍ଟିଆନ ପଡ଼ିଆରେ ପାର୍କିଂ କରିବ।

## ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କଲେ ଡିଜିପି

କଟକ ବାରବାଟୀ ଷ୍ଟାଡିୟମରେ ହକି ବିଶ୍ୱକପର ଉଦ୍‌ଘାଟନୀ ଉତ୍ସବ ନିମନ୍ତେ ସୁରକ୍ଷା ବ୍ୟବସ୍ଥାକୁ ଡିଜିପି ସୁନୀଲ ବଂଶଲ ମଙ୍ଗଳବାର ଯାଞ୍ଚ କରିଛନ୍ତି। ସେ ଷ୍ଟାଡିୟମ ବୁଲି ଦେଖିବା ସହ ଓସିଏ, ଜିଲା ପ୍ରଶାସନ ଓ କଟକ ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି। ଏଥିସହ ରାଉରକେଲା ଓ ଭୁବନେଶ୍ୱରରେ ଖେଳ ଅନୁଷ୍ଠିତ ହେବାକୁ ଥିବାରୁ ଉଭୟ ସ୍ଥାନ ଉପରେ କଡ଼ା ନଜର ରଖାଯାଇଛି। ଏଥିପାଇଁ ଅନ୍ୟ ରାଜ୍ୟରୁ ମଧ୍ୟ ପୋଲିସ ଫୋର୍ସ ଅଣାଯାଇଛି। ଖେଳାଳିଙ୍କ ସୁରକ୍ଷା ବ୍ୟବସ୍ଥା ପ୍ରତି ଦୃଷ୍ଟି ଦେବା ନିମନ୍ତେ ପୋଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କମିଶନରେଟ୍ ପୋଲିସ ଉଦ୍‌ଘାଟନୀ ଉତ୍ସବ ନିମନ୍ତେ ସ୍ୱତନ୍ତ୍ର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛି। ପର୍ଯ୍ୟାପ୍ତ ପରିମାଣର ପୋଲିସ ଫୋର୍ସ ମୁତୟନ କରାଯାଇଛି। ଏହି ଆୟୋଜନ ପରିଚାଳନାରେ ପୋଲିସ ନିଶ୍ଚୟ ସଫଳ ହେବ ବୋଲି ଡିଜିପି କହିଛନ୍ତି।

## ହକି ବିଶ୍ୱକପ ପାଇଁ ଶୋଭାଯାତ୍ରା

ପୁରୁଷ ହକି ବିଶ୍ୱକପ୍ ସଫଳତା ସହ ଅଂଶଗ୍ରହଣ କରୁଥିବା ଖେଳାଳୀଙ୍କୁ ଶୁଭେଚ୍ଛା ଜଣାଇ ଡ୍ରିମ୍‌ସ ସ୍ପୋର୍ଟସ ଏକାଡେମୀ ପକ୍ଷରୁ ମଙ୍ଗଳବାର ଶୋଭାଯାତ୍ରା ଆୟୋଜନ କରଯାଇଥିଲା। ଏହି ଶୋଭାଯାତ୍ରା କ୍ୟାମ୍ପସରୁ ବାହାରି ସ୍ଥାନୀୟ ଅଞ୍ଚଳ ପରିକ୍ରମା କରିଥିଲା। ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହ ବିଭିନ୍ନ ବିଭାଗର ଛାତ୍ରୀଛାତ୍ରଙ୍କ ସହ କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ନିର୍ଦ୍ଦେଶକ ଲୋକନାଥ ବେହେରା, ପ୍ରାଧ୍ୟାପକ ଦିଲ୍ଲୀପ କୁମାର ମଲ୍ଲିକ, ସଚିବ ପ୍ରାଣବନ୍ଧୁ ନାୟକ, ଚନ୍ଦ୍ରକାନ୍ତ ପଣ୍ଡା, ଅଧ୍ୟାପକ ଡ. ଅଜିତ୍ ମହାପାତ୍ର, ଗୁରୁପ୍ରସାଦ ମୁଖାର୍ଜୀ, ଅଧ୍ୟାପିକା ସାଗରିକା ନାୟକ, ପୂଜା ମହାପାତ୍ର, ମୋନାଲିସା ବସ୍ତିଆ, ଅଜିତ୍ କୁମାର ମିଶ୍ର, ଦିବ୍ୟଜ୍ୟୋତି ଲେଙ୍କା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ହକି ବିଶ୍ୱକପ୍ ଟ୍ରଫିକୁ ସମ୍ବର୍ଦ୍ଧନା



ଜଗତ୍‌ସିଂହପୁର ଜିଲାରୁ ହକି ବିଶ୍ୱକପ୍ ଟ୍ରଫି ଶୋଭାଯାତ୍ରାରେ ଆସି ମଙ୍ଗଳବାର ସନ୍ଧ୍ୟାରେ କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁରଠାରେ ପହଞ୍ଚିଥିଲା। ସେଠାରେ ଜିଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜିଲାପାଳ ଭବାନୀ ଶଙ୍କର ଚୟନୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଆମ୍ବର କର, କଟକ ସଦର ବିଧାୟକ ଚନ୍ଦ୍ରସାରଥୀ ବେହେରା, ଜିଲା ପରିଷଦ ଉପାଧ୍ୟକ୍ଷା ସୁଭଦ୍ରା ଦାସ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ମହାଳିଙ୍କ ସମେତ ବହୁ ସଂଖ୍ୟକ ଲୋକ ସ୍ୱାଗତ ଜଣାଇଥିଲେ। ପରେ ଟ୍ରଫିକୁ ଶୋଭାଯାତ୍ରାରେ ସହର ଅଭିମୁଖେ ନିଆଯାଇଥିଲା। ରାତି ୯ଟା ୩୦ରେ ସିଆର୍‌ଆର୍‌ଆଇଠାରେ ଟ୍ରଫି ପହଞ୍ଚିଥିଲା। ସେଠାରୁ ଟ୍ରଫିକୁ ଅଣାଯାଇ କଡା ସୁରକ୍ଷା ଭିତରେ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ରଖାଯାଇଛି।

## ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ଚୌଦ୍ୱାର,୧୦।୧(ଡି.ଏନ୍.ଏ.): ଚୌଦ୍ୱାର ଥାନା ଅଧୀନ ଅଲାରପୁର ଗ୍ରାମର ଏକ ପୋଖରୀରୁ ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ ସ୍ଥାନୀୟ ଅଞ୍ଚଳର ଦେବେନ୍ଦ୍ର ବିଶ୍ୱାଳ। ସକାଳେ ସେ ଶୌଚ ହେବା ପାଇଁ ଉକ୍ତ ପୋଖରୀକୁ ଯାଇଥିଲେ। ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ତାଙ୍କୁ କଟକ ବଡ଼ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଖରୀରେ ବୁଡ଼ି ତାଙ୍କର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି।

## ଲୁହାଖୁଣ୍ଟ ଚୋରି, ୨ ଗିରଫ

କଟକ ସଦର,୧୦।୧(ଡି.ଏନ୍.ଏ.): କଟକ-ପାରାଦୀପ ରାସ୍ତାପାର୍ଶ୍ୱରୁ ଲୁହା ବିଦ୍ୟୁତ୍ ଖୁଣ୍ଟ ଚୋରି ଅଭିଯୋଗରେ କନ୍ଦରପୁର ପୋଲିସ ମଙ୍ଗଳବାର ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଚୌଦ୍ୱାର ଥାନା ଅଧୀନ ଓଟିଏମ୍ କଲୋନୀର ହରେକୃଷ୍ଣ ପରିଡ଼ା ଓ ଜଗତପୁର ଥାନା ସାତବାଟିଆ ଗ୍ରାମର ଜୀବନ ବେହେରା। ସୋମବାର ରାତିରେ ବିରିବାଟୀ ନିକଟରେ ଟାଟାପାୱାର ବିଦ୍ୟୁତ୍ ଖୁଣ୍ଟ ପଡ଼ିଥିଲା। ଅଭିଯୁକ୍ତ ଦ୍ୱୟ ଏହାକୁ କାଟି ନେବା ପାଇଁ ବାହାରିଥିବାବେଳେ ପୋଲିସ ହାବୁଡରେ ପଡ଼ିଥିଲେ। ଏନେଇ ଥାନାରେ ମାମଲା ରୁଜୁ ହୋଇଛି।

## 'ଭଲ ଅଫିସର ପାଇଁ ଭଲ ମଣିଷ ହେବାକୁ ପଡ଼ିବ'

### ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ

କଟକ ଅଫିସ,୧୦।୧

ନବନିଯୁକ୍ତ ୨ୟ ବ୍ୟାଚ୍ କ୍ୟାଡେଟ୍ ସବ୍-ଇନ୍ସପେକ୍ଟର(ଆର୍ମଡ୍) ଏବଂ ୧୨ତମ ବ୍ୟାଚ୍ କ୍ୟାଡେଟ୍ ସବ୍-ଇନ୍ସପେକ୍ଟର ତାଲିମ କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଷ୍ଟେଟ୍ ପୋଲିସ ଏକାଡେମୀଠାରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏହାକୁ ମୁଖ୍ୟ ଅତିଥି ଡିଜିପି ସୁନୀଲ ବଂଶଲ ଉଦ୍‌ଘାଟନ କରିଥିଲେ। ଏଥିସହ ନୂତନ ଭାବେ ଯୋଗ ଦେଇଥିବା ପୋଲିସ୍ ଅଧିକାରୀଙ୍କୁ ସ୍ୱାଗତ କରି ରାଜ୍ୟ ପୋଲିସ୍‌ର ସୁନାମ ବଢ଼ାଇବାକୁ କ୍ୟାଡେଟ୍ ସବ୍-ଇନ୍ସପେକ୍ଟରମାନଙ୍କୁ ସେ ଆହ୍ୱାନ ଦେଇଥିଲେ। ଭଲ ଅଫିସର ହେବାକୁ ହେଲେ ପ୍ରଥମେ ଭଲ ମଣିଷ ହେବାକୁ ପଡ଼ିବ ବୋଲି ଡିଜିପି ପରାମର୍ଶ ଦେଇଥିଲେ। ଏଥିରେ ବିଜୁ ପଟ୍ଟନାୟକ ଷ୍ଟେଟ୍ ପୋଲିସ୍ ଏକାଡେମୀର ନିର୍ଦ୍ଦେଶକ ତଥା ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡ଼ଙ୍ଗୀ, (ଟ୍ରେନିଂ) ଆଇଜିପି ଏସ୍. ସାଇନି ଉପସ୍ଥିତ ଥିଲେ। ଡେପୁଟି କମାଣ୍ଡାଣ୍ଟ ଅଶୋକ ଦେହୁରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡିଏସ୍‌ପି କାଦମ୍ବିନୀ ମିଶ୍ର, ଡେପୁଟି କମାଣ୍ଡାଣ୍ଟ ଜ୍ଞାନେନ୍ଦ୍ର କୁମାର ଦାସ, ରେଜିଷ୍ଟ୍ରାର୍ ପ୍ରସନ୍ନ କୁମାର ଦାଶ ପ୍ରମୁଖ ନୂତନ ବ୍ୟାଚ୍‌କୁ ସ୍ୱାଗତ କରିଥିଲେ। ଅତିରିକ୍ତ ଏସ୍‌ପି ଉଦୟଭାନୁ ମିଶ୍ର ଧନ୍ୟବାଦ ଦେଇଥିଲେ। ଉଲ୍ଲେଖଯୋଗ୍ୟ, ଉପରୋକ୍ତ ଦୁଇଟି ବ୍ୟାଚ୍‌ରେ ସମୁଦାୟ ୨୯୬ ଜଣ ଚାକିରିରେ ଯୋଗ ଦେଇଥିବାବେଳେ ସେଥିମଧ୍ୟରୁ ୧୧୮ ଜଣ କ୍ୟାଡେଟ୍ ସବ୍-ଇନ୍ସପେକ୍ଟର(ଆର୍ମଡ୍) ଏବଂ ୧୭୮ ଜଣ କ୍ୟାଡେଟ୍ ସବ-ଇନ୍ସପେକ୍ଟର ରହିଛନ୍ତି। ଓଡ଼ିଶା ପୋଲିସ୍ ରିକ୍ରୁଟ୍‌ମେଣ୍ଟ ବୋର୍ଡ ଦ୍ୱାରା ଚୟନ ହୋଇ ଏହି ୨୯୬ ଜଣ ଅଫିସର ନୂତନ ନିଯୁକ୍ତି ପାଇଛନ୍ତି।

## ବାପା-ପୁଅଙ୍କ ଜୀବନ ବଞ୍ଚାଇଲେ ମହିଳା ଆରପିଏଫ୍

କଟକ ଅଫିସ,୧୦।୧: ଟ୍ରେନ୍‌ରୁ ଖସି ପଡୁଥିବା ବାପା, ପୁଅଙ୍କୁ ମହିଳା ଆରପିଏଫ୍ କର୍ମଚାରୀ ମିନତୀ ହାନହାଙ୍ଗା ଉଦ୍ଧାର କରିଛନ୍ତି। କଟକ ରେଳଷ୍ଟେଶନର ୧ ନମ୍ବର ପ୍ଲାଟ୍‌ଫର୍ମରେ ମଙ୍ଗଳବାର ସକାଳ ପ୍ରାୟ ୯.୩୯ ସମୟରେ ଘଟଣାଟି ଘଟିଥିଲା। କଳିଙ୍ଗ ଉତ୍କଳ ଏକ୍ସପ୍ରେସ ଚଳନ୍ତା ଅବସ୍ଥାରେ ଥିବାବେଳେ ଏ ଦୁହେଁ ଏସ୍-୫ କୋଚ୍‌ରେ ଉଠିବାକୁ ଚେଷ୍ଟା କରୁଥିଲେ। ହେଲେ ଅସାବଧାନତାବଶତଃ ସେମାନଙ୍କ ଗୋଡ ଖସି ଯାଇଥିଲା। ତେବେ ଉଦ୍ଧାର ହୋଇଥିବା ଯାତ୍ରୀ ଦୁଇ ଜଣ ପୁରୀରୁ ଶ୍ରୀଜଗନ୍ନାଥ ଦର୍ଶନ ସାରି ଉକ୍ତ ଟ୍ରେନ୍‌ରେ ତାଙ୍କ ନିଜ ଘର ରାଜଖରସୁଆଁ ଅଭିମୁଖେ ଯାତ୍ରା କରୁଥିଲେ। କଟକରେ ରେଳ ରହିବା ପରେ ସେମାନେ କିଛି ଖାଦ୍ୟ କିଣିବାକୁ ଓହ୍ଲାଇଥିଲେ। ସେହି ସମୟରେ ଟ୍ରେନ୍‌ଟି ଛାଡ଼ି ଦେଇଥିଲା। ମହିଳା ଆରପିଏଫ୍ କର୍ମଚାରୀଙ୍କ ଏଭଳି କାର୍ଯ୍ୟକୁ ପ୍ରଶଂସା କରାଯାଇଛି।

## 'ସମାଜସେବାକୁ ଅଗ୍ରାଧିକାର ଦେଉଥିଲେ ରାଜକିଶୋର'

### ସଂଗ୍ରାମୀ ରାଜକିଶୋର ନାୟକଙ୍କ ସ୍ମୃତି ଉତ୍ସବ

କଟକ ଅଫିସ, ୧୦।୧


କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ସନ୍ଧ୍ୟାରାଣୀ ମଲ୍ଲିକଙ୍କୁ ରାଜକିଶୋର ନାୟକ ସ୍ମୃତି ସମ୍ମାନ ପ୍ରଦାନ କରାଯାଉଛି।

ସଂଗ୍ରାମୀ ରାଜକିଶୋର ନାୟକ ସ୍ମୃତି ସଂସଦ ପକ୍ଷରୁ ବିଶିଷ୍ଟ ଗାନ୍ଧିବାଦୀ, ପୂର୍ବତନ ବିଧାୟକ, ସାମାଜିକ କର୍ମୀ ରାଜକିଶୋର ନାୟକଙ୍କ ସ୍ମୃତି ଉତ୍ସବ କଟକ ସାରଳା ଭବନରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସ୍ମୃତି ସଂସଦର ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ମୁଖ୍ୟ ଅତିଥି ଜଷ୍ଟିସ ବିଶ୍ୱନାଥ ରଥ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜଷ୍ଟିସ ରଥ କହିଥିଲେ, ରାଜକିଶୋର ନାୟକ ଜଣେ ଗାନ୍ଧିବାଦୀ, ଆଦର୍ଶ ଶିକ୍ଷାବିତ ଓ ତ୍ୟାଗୀ ମଣିଷ ଥିଲେ। ସମାଜସେବାକୁ ସେ ସବୁବେଳେ ଅଗ୍ରାଧିକାର ଦେଉଥିଲେ। ତାଙ୍କର ତ୍ୟାଗପୂତ ସେବାମୟ ଜୀବନ ଆଗାମୀ ପିଢିର ଆଦର୍ଶ ହେବା ଉଚିତ ବୋଲି ସେ କହିଥିଲେ। ସେହିପରି ପ୍ରଫେସର ହେମେନ୍ଦ୍ର ନାରାୟଣ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ରାଜକିଶୋରଙ୍କୁ ଜଣେ ଅସାଧାରଣ ମାନବବାଦୀ ଓ ସାମାଜିକ ବିପ୍ଳବୀ ରୂପେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ସାମାଜିକ କର୍ମୀ ତଥା କସ୍ତୁରବା ଗାନ୍ଧୀ ରାଷ୍ଟ୍ରୀୟ ସ୍ମାରକ ନିଧି, ଓଡ଼ିଶା ଶାଖାର ମୁଖ୍ୟ ସନ୍ଧ୍ୟାରାଣୀ ମଲ୍ଲିକଙ୍କୁ ସଂଗ୍ରାମୀ ରାଜକିଶୋର ନାୟକ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ସ୍ମୃତି ସଂସଦ ସମ୍ପାଦକ ତଥା ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ସ୍ୱାଗତ ଭାଷଣ, ଉପସଭାପତି ଡ. ଚୌଧୁରୀ ସତ୍ୟ ଦାସ ଶ୍ରଦ୍ଧାଞ୍ଜଳି ଅର୍ପଣ, କବି ଜୟଲକ୍ଷ୍ମୀ ସେଠୀ ମାନପତ୍ର ପାଠ ଓ ବିଭୁ ପ୍ରସାଦ ପୃଷ୍ଟି ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜକିଶୋରଙ୍କ ପୁତ୍ର ଅତନୁ ସବ୍ୟସାଚୀ ନାୟକ, ଜଷ୍ଟିସ ମନୋରଞ୍ଜନ ମହାନ୍ତି, ଡା. ନିମାଇଁ ଚରଣ ପରିଜା, ଗାନ୍ଧିବାଦୀ ପ୍ରହ୍ଲାଦ ସିଂହ, ଅଧ୍ୟାପକ ତରୁଣ କୁମାର ସାହୁ, ଗୋପୀନାଥ ପଣ୍ଡା, ଇଂ. ସୁଶାନ୍ତ ସେଠୀ, ବଂଶୀଧର ରାଉତ ଉପସ୍ଥିତ ଥିଲେ। ବିଭୁ ପ୍ରସାଦ ରାଉତ ଓ ବ୍ରଜ କିଶୋର ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ସଂକ୍ଷେପରେ**

## ବେଳାଭୂମି ମାରାଥନ

**ପୁରୀ ଅଫିସ, ୧୦ ।୧:** ବେଳାଭୂମି ମାରାଥନର ଦ୍ୱିତୀୟ ସଂସ୍କରଣ ରବିବାର ଅନୁଷ୍ଠିତ ହୋଇଯାଇଛି। ପୁରୀ ମଙ୍ଗଳାନଦୀ ମୁହାଣ ଠାରୁ ବାଲିହରଚଣ୍ଡି ପର୍ଯ୍ୟନ୍ତ ବେଳାଭୂମି ମାରାଥନ ଅନୁଷ୍ଠିତ ହୋଇଛି। ଭୁବନେଶ୍ୱର ସାଇକ୍ଲିଂ ଆଣ୍ଡ ଆଡ୍‌ଭେଞ୍ଚର କ୍ଲବ ପକ୍ଷରୁ ମାରାଥନ ଶାମୁକା ବିଚ୍‌ରେ ଉଦ୍‌ଘାଟିତ ହୋଇଥିଲା। କ୍ଲବ୍ ସଭାପତି ତଥା ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ସଞ୍ଜୀବ କୁମାର ପଣ୍ଡା ସବୁଜ ପତାକା ଦେଖାଇ ମାରାଥନକୁ ଉଦଘାଟନ କରିଥିଲେ। ଶତାଧିକ ପ୍ରକୃତିପ୍ରେମୀ ଯୋଗଦେଇ ପ୍ରାୟ ୨୧ କି.ମି ଦୌଡ଼ିଥିଲେ। କୃତିତ୍ୱ ଅର୍ଜନ କରିଥିବା ସୂର୍ଯ୍ୟକାନ୍ତ ରାୟ, ସିଦ୍ଧାର୍ଥ ଗୌତମ ଜେନା ଏବଂ ତାରେଣୀ ସେଠୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସୂର୍ଯ୍ୟକାନ୍ତ ୧ ଘଣ୍ଟା ୨୩ ମିନିଟ ୪୯ ସେକେଣ୍ଡ, ସିଦ୍ଧାର୍ଥ ୧ ଘଣ୍ଟା ୨୫ ମିନିଟ୍ ଏବଂ ତାରେଣୀ ୧ ଘଣ୍ଟା ୨୭ ମିନିଟ୍‌ରେ ଲକ୍ଷ୍ୟସ୍ଥଳରେ ପହଞ୍ଚି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଓଡ଼ିଶା ପରିବେଶ ପର୍ଯ୍ୟଟନ ଫାଉଣ୍ଡେଶନ ସଭାପତି ଯୁଗବ୍ରତ କର ଏବଂ ଅଜୟ କୁମାର ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିଶୁ ଓ ମହିଳାଙ୍କ ସମେତ ପ୍ରାୟ ୨ଶହ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସ୍ୱର୍ଣ୍ଣାଭ ବେଳାଭୂମି, ଅଲିଭ ରିଡ୍‌ଲେ ଏବଂ ପରିବେଶ ସୁରକ୍ଷାର ସଚେତନତା ବାର୍ତ୍ତା ନେଇ ବେଳାଭୂମିରେ ଏହି କାର୍ଯ୍ୟକ୍ରମ ହୋଇଥିଲା।

## ପୂର୍ବତନ କାଉନ୍‌ସିଲର ଲକ୍ଷ୍ମୀପ୍ରିୟାଙ୍କ ପରଲୋକ

**ପିପିଲି, ୧୦।୧(ସ୍ୱ.ପ୍ର.):** ପିପିଲି ପୌରାଞ୍ଚଳର ପୂର୍ବତନ କାଉନ୍‌ସିଲର ତଥା ସାମାଜିକ କର୍ମୀ ଲକ୍ଷ୍ମୀପ୍ରିୟା ସାହୁ(୬୬)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ରବିବାର ବିଳମ୍ବିତ ରାତିରେ ମୃତ୍ୟୁ ହୋଇଛି। ସପ୍ତାହେ ତଳେ ହଠାତ୍ ଲକ୍ଷ୍ମୀପ୍ରିୟା ଅସୁସ୍ଥ ହେବାରୁ ତାଙ୍କୁ ପ୍ରଥମେ ପିପିଲି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର ପରେ ସେ ଆଥାକ୍ଷିକ ଆମୋନିଆ ରୋଗରେ ପୀଡିତ ଥିବା ଡାକ୍ତର କହିଥିଲେ। ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କ ନିକଟରେ ସ୍ୱାମୀ କୈଳାସ ସାହୁ, ପୁଅ, ବୋହୂ, ନାତୁଣୀ ନାତି, ଝିଅ ଜ୍ୱାଇଁ ଉପସ୍ଥିତ ଥିଲେ। ଲକ୍ଷ୍ମୀପ୍ରିୟା ଜଣେ ଲୋକପ୍ରିୟ ନେତ୍ରୀ ଓ ଧର୍ମପରାୟଣ ବ୍ୟକ୍ତି ଭାବେ ପିପିଲି ଅଞ୍ଚଳରେ ପରିଚିତ ଥିଲେ। ୨୦୦୩ରୁ ୨୦୦୮ ପର୍ଯ୍ୟନ୍ତ ବିଜେଡି କାଉନ୍‌ସିଲର ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କ ମୃତ୍ୟୁ ଖବରପାଇ ବିଧାୟକ ରୁଦ୍ର ପ୍ରତାପ ମହାରଥୀ, ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ, ଆମ୍ବା ଅଧକ୍ଷ ପ୍ରକାଶ ଧଳ ପ୍ରମୁଖ ସ୍ୱର୍ଗତ ଲକ୍ଷ୍ମୀପ୍ରିୟାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ପିପିଲି ପେସାଦାର ସାମ୍ବାଦିକ ସଂଘ ସଭାପତି ମନୋରଞ୍ଜନ ମହାପାତ୍ର, ସାଧାରଣ ସମ୍ପାଦକ ରାଜକିଶୋର ସ୍ୱାଇଁ, କୋଷାଧ୍ୟକ୍ଷ ଚନ୍ଦ୍ରମାଧବ ମିଶ୍ର, ନେତା ନିଶିକାନ୍ତ ମିଶ୍ର, ଖବରଦାତା ରଜତ ରଞ୍ଜନ ଦାଶ, ଦୀନବନ୍ଧୁ ବେହୁରା, ବିରଜା ପ୍ରସାଦ ପଟ୍ଟନାୟକ, ସୁରେଶ ସାହୁ, ପ୍ରଦୀପ ସାହୁ ପ୍ରମୁଖ ଯୋଗଦେଇ ସମବେଦନା ଜଣାଇଥିଲେ। ସ୍ୱର୍ଗତ ଲକ୍ଷ୍ମୀପ୍ରିୟାଙ୍କ ମର ଶରୀରକୁ ନଗର ପରିକ୍ରମା କରାଯାଇଥିଲା। ପୁରୀ ସ୍ୱର୍ଗଦ୍ୱାରରେ ବଡ଼ ପୁଅ ପ୍ରଫୁଲ୍ଲ, ସାନ ପୁଅ ପ୍ରଦୀପ୍ତ ମୁଖାଗ୍ନି ଦେଇ ଶେଷକୃତ୍ୟ ସମ୍ପନ୍ନ କରିଥିଲେ।

# ମିଥ୍ୟା କାଗଜପତ୍ରରେ ଜମି ହଡ଼ପ ମସୁଧା

**ସତ୍ୟ ଉନ୍ମୋଚନ ଲାଗି ଜିଲାପାଳଙ୍କୁ ଅଭିଯୋଗ**

**କୋଣାର୍କ, ୧୦।୧(ଡି.ଏନ୍.ଏ.)**

କୋଣାର୍କ ଥାନା ଅଧୀନ ମାଧିପୁର ମୌଜାରେ ଥିବା ଜଣେ ବ୍ୟକ୍ତିଙ୍କ ଜମିକୁ ନୋଟାରୀ ମାଧ୍ୟମରେ ମିଥ୍ୟା ବିକ୍ରିପତ୍ର କରି ହାତେଇବା ପାଇଁ ଗୋପ ବ୍ଲକ ଅଞ୍ଚଳର ଜଣେ ମହିଳା ପ୍ରୟାସ କରିଥିବା ଅଭିଯୋଗ ହୋଇଛି। ତେବେ ଘଟଣାର ସତ୍ୟତା ପର୍ଦ୍ଦାଫାଶ କରିବା ପାଇଁ ଜମି ସ୍ୱତ୍ୱାଧିକାରୀ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, କୋଣାର୍କ ରାଜସ୍ୱ ନିରୀକ୍ଷକ ସର୍କଲ ଅଧୀନ ମାଧିପୁର ମୌଜାରେ ଥିବା ଖାତା ନଂ.୩୬/୩୦, ପ୍ଲଟ ନଂ. ୩୩୫, ଏରିଆ ୦.୬୦ ଡିସିମିଲି ଜାଗା ସ୍ୱର୍ଗତ ଈଶ୍ୱର ଚନ୍ଦ୍ର ମିଶ୍ରଙ୍କ ନାମରେ ରହିଛି। ଏହି ଜମିର ରେକର୍ଡ ସିଭିଲ ସୁଟ ଓ ବନ୍ଦୋବସ୍ତ ମାଧ୍ୟମରେ ଈଶ୍ୱରଙ୍କ ନାମରେ ଥିଲେ ମଧ୍ୟ ଏଯାବତ ସରକାରୀ ଖାତାରେ ରହିଥିବାରୁ ଏହାର ସଂଶୋଧନ ନିମନ୍ତେ ଉଚ୍ଚ ନ୍ୟାୟାଳୟରେ ଏକ ମକଦ୍ଦମା ବିଚାରାଧୀନ ରହିଛି। ଏହି ପରିପ୍ରେକ୍ଷୀରେ ଗୋପ ବ୍ଲକ ଅଞ୍ଚଳର ମହିଳା ଅଭିଯୋଗକାରୀଙ୍କ ବଡ଼ଭାଇଙ୍କ ନାମରେ ଏକ ଜାଲ ନୋଟାରୀ ଏଗ୍ରିମେଣ୍ଟ କରି ଉକ୍ତ ଜମିକୁ ହାତେଇବା ପାଇଁ ପ୍ରୟାସ କରିଥିବା ଜିଲାପାଳଙ୍କୁ ଅଭିଯୋଗ ପତ୍ରରେ ଅଭିଯୋଗକାରୀ ଈଶ୍ୱରଙ୍କ ନାତି ଦେବରାଜ ମିଶ୍ର ଉଲ୍ଲେଖ କରିଛନ୍ତି। ଏହି ଜାଲ ନୋଟାରୀ ଏଗ୍ରିମେଣ୍ଟ ବଳରେ ଉକ୍ତ ମହିଳା ଜଣେ ଓକିଲଙ୍କୁ ପ୍ରଭାବିତ କରି ଗୋପ ତହସିଲଦାରଙ୍କ କୋର୍ଟରେ ଉକ୍ତ ଜାଗା ଉପରେ ଗତ ୬ତାରିଖ ଦିନ ୧୪୪ଧାରା ଜାରି କରିଛନ୍ତି। ୧୪୪ଧାରା ବଳବତ୍ତର ଥିବାବେଳେ ସମ୍ପୃକ୍ତ ମହିଳା ୨ଜଣ ଅମିନଙ୍କୁ ଉକ୍ତ ସ୍ଥାନକୁ ଡକାଇ ମାପଚୁପ କରିବା ଖବର ପାଇ କୋଣାର୍କ ଥାନା ଓ କୋଣାର୍କ ଆର୍‌ଆଇଙ୍କୁ ଜଣାଇଥିଲୁ। ଘଟଣାସ୍ଥଳରେ ପୋଲିସ ଓ ଆର୍‌ଆଇ ପ୍ରମୁଖ ପହଞ୍ଚି ୧୪୪ ଧାରା ଜାରି ହୋଇଥିବାରୁ ମାପଚୁପରୁ ନିବୃତ୍ତ କରିଥିଲେ।

ପ୍ରକାଶ ଥାଉ କି, ସମ୍ପୃକ୍ତ ମହିଳା ଜାଲ ନୋଟାରୀ ଏଗ୍ରିମେଣ୍ଟ ବଳରେ ୧୩.୮.୨୦୧୦ରିଖରେ ଉକ୍ତ ଜାଗା ତାଙ୍କ ନାମରେ ଥିବା ଦର୍ଶାଇଛନ୍ତି। ଏହି ଜାଲ ନୋଟାରୀ ଏଗ୍ରିମେଣ୍ଟରେ ଜମି ମାଲିକ ସ୍ୱର୍ଗତ ଈଶ୍ୱରଙ୍କ ପୁଅ ନାରାୟଣ ମିଶ୍ର ମୃତ ବୋଲି ଦର୍ଶାଇଥିବା ବେଳେ ପ୍ରକୃତ ପକ୍ଷେ ନାରାୟଣ ୨୯।୯।୨୦୧୧ରେ ମୃତ୍ୟୁ କରିଥିବା ମୃତ୍ୟୁ ପ୍ରମାଣପତ୍ରରୁ ଜଣାପଡିଛି। ଏପରିକି ଦେବରାଜଙ୍କ ଭାଇ ମାନସ ରଞ୍ଜନ ମିଶ୍ରଙ୍କ ମଧ୍ୟ ଜାଲ ସାର୍ଟିଫିକେଟ କରି ନୋଟାରିରେ ଏଗ୍ରିମେଣ୍ଟ କରିଥିବା ନେଇ ଉକ୍ତ ମହିଳାଙ୍କ ବିରୋଧରେ ଗତ ୭ତାରିଖରେ ମୃତ ମାନସଙ୍କ ସ୍ତ୍ରୀ ଓ ୨ ପୁଅ କୋଣାର୍କ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ସବୁ ଘଟଣା ପଛରେ ଏକ ବଡଧରଣର ଜମି ଦଲାଲଙ୍କ ହାତ ଥିବା ପ୍ରତୀୟମାନ ହେଉଛି। ଏ ଘଟଣା ଉପରେ ଜିଲାପାଳ ଦୃଷ୍ଟି ଦେଇ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦେବରାଜ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ଗୋପ ତହସିଲଦାର ସେକ ସାଗିର କୁହନ୍ତି ସେପରି ଅଭିଯୋଗ କୌଣସି ହସ୍ତଗତ ହୋଇନାହିଁ, ଯଦି ଆସେ ତାହାର ତଦନ୍ତ କରାଯାଇ ବିହିତ ପଦକ୍ଷେପ ନିଆଯିବ।



ବାଲିଗୁଆଳିରେ ଶ୍ରୀଜଗନ୍ନାଥ ସଂସ୍କୃତି ସଂକୀର୍ତ୍ତନ ବିକାଶ ପରିଷଦ ପକ୍ଷରୁ ଆୟୋଜିତ ସଂକୀର୍ତ୍ତନ ପ୍ରତିଯୋଗିତା।

# ସଂସ୍କୃତି ରକ୍ଷା ପାଇଁ ବାଲିଗୁଆଳିରେ ସଂକୀର୍ତ୍ତନ ପ୍ରତିଯୋଗିତା

**ପୁରୀ ଅଫିସ, ୧୦।୧**

ପୁରୀ ଜିଲାର ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀକୁ ନେଇ ଏକ ସଂକୀର୍ତ୍ତନ ପ୍ରତିଯୋଗିତା ବାଲିଗୁଆଳି ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ସଂସ୍କୃତିର ଅବକ୍ଷୟ ରୋକିବା ପାଇଁ ଶ୍ରୀଜଗନ୍ନାଥ ସଂସ୍କୃତି ସଂକୀର୍ତ୍ତନ ବିକାଶ ପରିଷଦର ଏହା ଏକ ନିଆରା ପଦକ୍ଷେପ। ଓଡ଼ିଆ ସଂସ୍କୃତିରେ ପାଲା, ଦାସକାଠିଆ, ସଂକୀର୍ତ୍ତନ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଦିନଯାକର କଠିନ ପରିଶ୍ରମ ପରେ ଶ୍ରମ ଲାଘବ ପାଇଁ ସନ୍ଧ୍ୟାରେ ସଂକୀର୍ତ୍ତନ, ଦାସକାଠିଆ ଇତ୍ୟାଦି ଦେଖି ମନୋରଞ୍ଜନ କରୁଥିଲେ। କିନ୍ତୁ କାଳକ୍ରମେ ଆଧୁନିକତାର ପ୍ରଭାବରେ ଏହାର ବିଲୟ ଘଟିଲାଣି। ତେଣୁ ଏହି କଳା ଓ କଳାକାରଙ୍କୁ ବଞ୍ଚାଇ ରଖିବା ପାଇଁ ଶ୍ରୀଜଗନ୍ନାଥ ସଂସ୍କୃତି ସଂକୀର୍ତ୍ତନ ବିକାଶ ପରିଷଦର କଳାକାରମାନଙ୍କ ଦ୍ୱାରା ସଂକୀର୍ତ୍ତନ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ଅନେକ ସଂକୀର୍ତ୍ତନ ମଣ୍ଡଳୀ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ଚୟନ କରାଯାଇ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରୀ ସଦର ବ୍ଲକ ଅଧ୍ୟକ୍ଷ ଦିବାକର ପାତ୍ର, ଜଟାଧାରୀ ମିଶ୍ର, ଜଗନ୍ନାଥ ସଂସ୍କୃତି ପରିଷଦ ସମ୍ପାଦକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସ୍ୱର୍ଗତ ଗଙ୍ଗାଧର ନାୟକଙ୍କ ସ୍ମୃତିରେ କରାଯାଇଥିବା ଜଗନ୍ନାଥ ପାତ୍ର ଘୋଷଣା କରିଥିଲେ। ଏହାକୁ ସମ୍ପାଦକ ଲକ୍ଷ୍ମୀଧର ସ୍ୱାଇଁ ପରିଚାଳନା କରିଥିଲେ।

# ୨୭ରୁ ୧୨ତମ ଜାତୀୟ ପାରା ଦୌଡ଼କୁଦ ଚାମ୍ପିୟନ

**୧୨ରୁ ରାଜ୍ୟସ୍ତରୀୟ ପାରା କନିଷ୍ଠ, ଉପକନିଷ୍ଠ ଦୌଡ଼କୁଦ ଚୟନ**

**ସାକ୍ଷୀଗୋପାଳ, ୧୦।୧(ଡି.ଏନ୍.ଏ/ସ୍ୱ.ପ୍ର.)**

ଗୁଜରାଟ ନଡିଆଡ଼ଠାରେ ଆସନ୍ତା ୨୭ରୁ ୩ ଦିନିଆ ୧୨ତମ ଜାତୀୟ ପାରା ଦୌଡ଼କୁଦ ଚାମ୍ପିୟନ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାରୁ ୧୯ ବର୍ଷରୁ କମ୍ ଖେଳାଳି ଭାଗ ନେବେ। ଏନେଇ ଆସନ୍ତା ୧୨ ତାରିଖରୁ ସାକ୍ଷୀଗୋପାଳ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ଖେଳପଡ଼ିଆରେ କନିଷ୍ଠ ଓ ଉପକନିଷ୍ଠ ଦୌଡ଼କୁଦ ପାଇଁ ଚୟନ ପ୍ରକ୍ରିୟା ଆରମ୍ଭ ହେବ। ଭଲ ପ୍ରଦର୍ଶନ କରୁଥିବା ଖେଳାଳିଙ୍କୁ ଜାତୀୟ ପ୍ରତିଯୋଗିତାରେ ଭାଗ ନେବାକୁ ସୁଯୋଗ ଦିଆଯିବ। ଏହି ଚୟନ ପ୍ରକ୍ରିୟାରେ ବିଭିନ୍ନ ପ୍ରକାରର ଦିବ୍ୟାଙ୍ଗ ଖେଳାଳି (ଆଖିର ଭିନ୍ନକ୍ଷମତା, ମାନସିକତା ଭିନ୍ନକ୍ଷମତା, ଗୋଡ଼ର ଭିନ୍ନକ୍ଷମତା, ହାତର ଭିନ୍ନକ୍ଷମତା ଓ କମ୍ ଉଚ୍ଚତା ବିଶିଷ୍ଟ ଭିନ୍ନକ୍ଷମତା) ଭାଗ ନେବେ। ଚୟନ ନିମନ୍ତେ ୧୨ ଜାନୁୟାରୀ ସୁଦ୍ଧା ନିଜର ଆବେଦନ ପତ୍ରକୁ ପଠାଇବାକୁ ହେବ। ଅଧିକ ସୂଚନା ପାଇଁ ୯୮୬୧୧୭୦୮୨୦, ୯୮୬୧୦୦୯୩୯୬ କିମ୍ବା paralympicodisha@gmail.comରେ କଥା ହୋଇ ପାରିବେ।

## ସ୍ୱର୍ଣ୍ଣ, ରୌପ୍ୟ କାରିଗର ପାଳିଲେ କଳା ଦିବସ

**ପୁରୀ ଅଫିସ, ୧୦।୧**

ଚନ୍ଦନପୁରଠାରେ ଚାଷପଡ଼ା, ଚନ୍ଦନପୁର, ବସନ୍ତମାଳ, ସାକ୍ଷୀଗୋପାଳ, ସାରଙ୍ଗଯୋଡ଼ି, ବୀରପ୍ରତାପପୁର ଅଞ୍ଚଳର ସ୍ୱର୍ଣ୍ଣ ଓ ରୌପ୍ୟ କାରିଗରମାନେ କଳା ଦିବସ ପାଳନ କରିଛନ୍ତି। ଓଡ଼ିଶା ସ୍ୱର୍ଣ୍ଣ ରୌପ୍ୟ ଶିଳ୍ପୀ ମହାସଂଘ ସହଯୋଗରେ ୬୦ତମ କଳାଦିବସ ପାଳନ କରାଯାଇଛି। ଏଥିରେ ମହାସଂଘର କୋଷାଧ୍ୟକ୍ଷ ଦାମୋଦର ସାହୁ ପତାକା ଉତ୍ତୋଳନ କରିଥିଲେ। କାର୍ଯ୍ୟକାରିଣୀ କୋଷାଧ୍ୟକ୍ଷ ସୁରେନ୍ଦ୍ର କୁମାର ସାହୁ, ଉପଦେଷ୍ଟା ବାମନ ଚରଣ ପୃଷ୍ଟି, ଚନ୍ଦନପୁର ସଂଘର ସଞ୍ଜୟ କୁମାର ଦାସ, ବିଜୟ କୁମାର ଦାସ, ଶିଶିର କୁମାର ସାହୁ, ଉମାକାନ୍ତ ସାହୁ, କୈଳାସଚନ୍ଦ୍ର ସାହୁ, ଗୋପାଳଚନ୍ଦ୍ର ସାହୁ, ଚାଷପଡ଼ାର ବ୍ରଜବନ୍ଧୁ ବେହେରା, ଶ୍ରୀଧର ସାହୁ, ଭରତବେହେରା, ସାରଙ୍ଗଯୋଡ଼ିର ବେଣୁଧର ସାହୁ ଏବଂ ଅନ୍ୟ ଅଞ୍ଚଳରୁ ଆସିଥିବା ବହୁ କାରିଗର ଉପସ୍ଥିତ ଥିଲେ। ସଭାକୁ ମହାସଂଘର କାର୍ଯ୍ୟକାରିଣୀ କୋଷାଧ୍ୟକ୍ଷ ସୁରେନ୍ଦ୍ର କୁମାର ସାହୁ ପରିଚାଳନା କରିଥିଲେ। ମହାସଂଘର ସଭାପତି ରମେଶ ଚନ୍ଦ୍ର ସାଥୁଆଙ୍କ ସହ ସମ୍ପାଦକ ଅକ୍ଷୟ କୁମାର ସାଥୁଆ ଭିଡିଓ କନଫରେନ୍ସ ମାଧ୍ୟମରେ ଯୋଗଦେଇ କାରିଗରମାନଙ୍କ ଉନ୍ନତି ବିଷୟରେ ଆଲୋକପାତ କରିଥିଲେ। କାରଗରଙ୍କ ଦାବିକୁ ସରକାରଙ୍କ ନିକଟରେ ଗଣମାଧ୍ୟମ ମାଧ୍ୟମରେ କିପରି ପହଞ୍ଚାଯାଇପାରିବ ତାହାକୁ ଦୃଷ୍ଟି ଆକର୍ଷଣ କରାଯାଇଥିବା ନେଇ ସୂଚନା ଦେଇଥିଲେ।

## ବଟି ଆଦାୟ କରି ଜଣେ ଗିରଫ

**ପୁରୀ ଅଫିସ, ୧୦।୧**

ବଟି ଆଦାୟ ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ଗୌଡବାଡ ସାହି ଜମେଶ୍ୱର ମନ୍ଦିର ନିକଟର ରବିନାରାୟଣ ଦାଶ। ପୋଲିସ ତାଙ୍କଠାରୁ ବନ୍ଧୁକ ଏବଂ ୩୦୦ ଟଙ୍କା ଜବତ କରିଛି। ପୋଲିସ ଏ ନେଇ କେସ ନଂ. ୧୨/୨୩ରେ ମାମଲା ରୁଜୁ କରିଛି। ଅଭିଯୁକ୍ତ ସ୍ୱର୍ଗଦ୍ୱାର ଅଞ୍ଚଳରେ ଥିବା ଦୋକାନୀଙ୍କୁ ବନ୍ଧୁକ ଦେଖାଇ ବଟିମାଗୁଥିଲେ।

# ଗୋପ ସ୍ୱାସ୍ଥ୍ୟକେନ୍ଦ୍ରରେ ଆପତ୍‌କାଳୀନ ଚିକିତ୍ସା ଦାବି



ଜିଲାପାଳଙ୍କୁ ଅଲ୍ ଟାଇମ୍ ହେଲ୍ପ ପରିବାର ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଗୋପ, ୧୦।୧(ଡି.ଏନ୍.ଏ.)**

ବିଶ୍ୱ ପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟ ମନ୍ଦିର ବୁଲିବା ପାଇଁ ପ୍ରତ୍ୟେକ ଦିନ ଦେଶ ବିଦେଶର ପର୍ଯ୍ୟଟକ ଆସିବା ସହିତ ଭୁବନେଶ୍ୱର – କୋଣାର୍କ ୨୦୩ ନମ୍ବର ରାଜ୍ୟ ରାଜପଥରେ ଦୈନନ୍ଦିନ ଦୁର୍ଘଟଣା ଅଧିକ ମାତ୍ରାରେ ହେଉଥିବାରୁ ନିକଟସ୍ଥ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୁର୍ଘଟଣାଜନିତ ଆପତକାଳୀନ ଚିକିତ୍ସା ସେଣ୍ଟର କରିବା ଲାଗି ଦାବି ହେଉଛି। ଏ ନେଇ ସ୍ଥାନୀୟ ଅଲ୍ ଟାଇମ୍ ହେଲ୍ପ(ଏଟିଏଚ୍‌ଏକ୍ସ) ପରିବାର ନାମକ ସ୍ୱେଚ୍ଛାସେବୀ ସଂଗଠନ ମଙ୍ଗଳବାର ପୁରୀ ଜିଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ରାଜ୍ୟରେ ଦୁର୍ଘଟଣାଜନିତ ସ୍ୱାସ୍ଥ୍ୟସେବାରେ ଜରୁରିକାଳୀନ ମେଡିକାଲ ସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ ସରକାରଙ୍କୁ କେନ୍ଦ୍ର ସରକାର ୧୫୦ଟି ଆପତକାଳୀନ ଚିକିତ୍ସା ସେଣ୍ଟର ଖୋଲିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଦୁର୍ଘଟଣାଜନିତ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଗଲେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ସିଟି ସ୍କାନ, ରକ୍ତ ସଂରକ୍ଷଣ କେନ୍ଦ୍ର, ହାଡ଼ ଭଙ୍ଗା ଚିକିତ୍ସା, ହାଡ଼ ଫଟୋଚିତ୍ର ଉତ୍ତୋଳନ ସହିତ କେତେକ ଜରୁରୀ ସେବା ଏହି ଆପତ କାଳୀନ ଚିକିତ୍ସା (ଟ୍ରମା କେୟାର ୟୁନିଟ) ରେ ଉପଲବ୍ଧ ହେବ। ଦୈନିକ ନିମାପଡ଼ା–କୋଣାର୍କ ରାସ୍ତାରେ ଅଧିକ ଦୁର୍ଘଟଣା ହେବା ସହିତ ପର୍ଯ୍ୟଟକମାନେ ମଧ୍ୟ ଗୁରୁତର ଓ ମୃତ୍ୟୁ ହେଉଥିବା ଭଳି ଅଭିଯୋଗ ରହିଛି। ଏପରି ଅଭିଯୋଗକୁ ଗୁରୁତ୍ୱ ଦେଇ ଗୋପ ଅଞ୍ଚଳର ଏହି ସ୍ୱେଚ୍ଛାସେବୀ ସଂଗଠନ ସଭାପତି ରଘୁନାଥ ପଣ୍ଡା, ସମ୍ପାଦକ ପ୍ରତ୍ୟୁଷ ବିଶ୍ୱାଳ, ମୃତ୍ୟୁଞ୍ଜୟ ପାଣି, ତାପସ କୁମାର ସେନାପତି ପ୍ରମୁଖ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏହି ସେଣ୍ଟର ଖୋଲିବା ପାଇଁ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।

# ହକି ବିଶ୍ୱକପ୍ ମ୍ୟାଚ ଦେଖିବାକୁ ବ୍ୟବସ୍ଥା



**ପୁରୀ ଅଫିସ, ୧୦।୧**

ଆସନ୍ତା ୧୩ ତାରିଖରୁ ଆରମ୍ଭ ହେବାକୁ ଯାଉଛି ପୁରୁଷ ହକି ବିଶ୍ୱକପ୍। ଚଳିତ ଥର ଏହାକୁ ଓଡ଼ିଶା ଆୟୋଜନ କରୁଛି। ଏହାକୁ ସ୍ମରଣୀୟ ଓ ଆକର୍ଷଣୀୟ କରିବା ପାଇଁ ପୁରୀ ଜିଲା ପ୍ରଶାସନ ପକ୍ଷରୁ ବିବିଧ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି। ୧୧ ତାରିଖ ଅପରାହ୍ନରେ କଟକ ବାରବାଟୀ ଷ୍ଟାଡିୟମରେ ହକି ବିଶ୍ୱକପ୍‌ର ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବେ। ଏଥିରେ ବଲିଉଡ କଳାକାର ରଣବୀର ସିଂ, ଦିଶା ପଟାନୀ, ଗାୟକ ପ୍ରୀତମ ପ୍ରମୁଖ ଯୋଗଦେବେ ବୋଲି କ୍ରୀଡ଼ା ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହାର ସିଧା ପ୍ରସାରଣ ଦେଖିବା ପାଇଁ ପୁରୀ ସମୁଦ୍ରକୂଳ ଭିକ୍ଟୋରିଆ ହୋଟେଲ ସମ୍ମୁଖରେ 'ସିଟି ଫେଷ୍ଟ ଇନ୍ ଓଲିସ୍ ଲ୍ୟାଣ୍ଡ' ନାମରେ ଏକ ବିରାଟ ଏଲ୍‌ଇଡି ଟିଭି ଲଗାଯାଇଛି। ଦର୍ଶକମାନେ ଦେଖିବା ଲାଗି ବ୍ୟବସ୍ଥା ହୋଇଛି। ଉକ୍ତ ସ୍ଥାନରେ ବିଶ୍ୱକପ୍‌ର ଏକ ପ୍ରତିକୃତି ସ୍ଥାପିତ ହୋଇଛି। ଏଥିସହ ସାଂସ୍କୃତିକ କାର୍ଯ୍ୟକ୍ରମ, ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା, ଫୁଡ୍‌ପାର୍କର ଆୟୋଜନ କରାଯାଇଛି। ଜାନୁଆରୀ ୧୩ରୁ ୨୯ ତାରିଖ ପର୍ଯ୍ୟନ୍ତ ସମସ୍ତ ମ୍ୟାଚର ସିଧା ପ୍ରସାରଣ କରାଯିବ। ମ୍ୟାଚ ବିରତି ସମୟରେ ସାଂସ୍କୃତିକ ଓ କ୍ରୀଡ଼ା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜିଲାପାଳ ସମର୍ଥ ବର୍ମା କହିଛନ୍ତି। ସେହିପରି ସମସ୍ତ ବ୍ଲକ, ଏନ୍‌ଏସି ଓ ପଞ୍ଚାୟତରେ ମଧ୍ୟ ଏଲ୍‌ଇଡି ଟିଭି ମାଧ୍ୟମରେ ଉଦଘାଟନ କାର୍ଯ୍ୟକ୍ରମ ଏବଂ ବିଶ୍ୱକପର ସମସ୍ତ ମ୍ୟାଚର ସିଧା ପ୍ରସାରଣ କରାଯିବ। ଏ ନେଇ ମଙ୍ଗଳବାର ଜିଲାପାଳ ବର୍ମା, ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ସହକାରୀ ନିର୍ଦ୍ଦେଶକ ପର୍ଯ୍ୟଟନ ସରୋଜ କୁମାର ପ୍ରଧାନ ପ୍ରମୁଖ ବେଳାଭୂମିକୁ ଯାଇ କ୍ଷେତ୍ର ପରିଦର୍ଶନ ସହ କାର୍ଯ୍ୟ ସମୀକ୍ଷା କରିଛନ୍ତି।

# କଟକକୁ ହରାଇ ଭୁବନେଶ୍ୱର ବିଜୟୀ

**୧୪ତମ ସର୍ବଭାରତୀୟ ନିମାପଡ଼ା କପ୍ କ୍ରିକେଟ**

**ନିମାପଡ଼ା, ୧୦।୧(ଡି.ଏନ୍.ଏ.)**

ନିମାପଡ଼ା ଆଥ୍‌ଲେଟିକ୍ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ଆୟୋଜିତ କିଶୋର ପଣ୍ଡା ସ୍ମାରକୀ ୧୪ତମ ସର୍ବଭାରତୀୟ ନିମାପଡ଼ା କପ୍ କ୍ରିକେଟ୍‌ର ମଙ୍ଗଳବାର ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଜୋବ୍ରାସୋଲାର କଟକକୁ ହରାଇ ଭୁବନେଶ୍ୱର ଏକାଦଶ ବିଜୟ ହାସଲ କରି ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି କଟକ ସୋଲାର ନିର୍ଦ୍ଧାରିତ ୩୦ ଓଭରରୁ ୨ ବଲ୍ ଥାଇ ସମସ୍ତ ଉଇକେଟ୍ ହରାଇ ୨୦୩ ରନ୍ ସଂଗ୍ରହ କରିଥିଲା। ଦଳର ଜ୍ୟୋତିରଞ୍ଜନ ସାହୁ ୬୮ ରନ୍, ଗୋବିନ୍ଦ ନାୟକ ୩୫ ରନ୍, ପ୍ରତ୍ୟୁଷ ଦାସ ୩୫ ରନ୍, ପ୍ରଦୀପ୍ତ ଦାସ ୨୪ ରନ୍ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ଭୁବନେଶ୍ୱର ଏକାଦଶର ବୋଲର କାଳିଆ ସାହୁ ଲଗାତାର ୩ ଉଇକେଟ୍ ନେଇଥିବାବେଳେ ମନୋଜ ବାରିକ ୨ ଉଇକେଟ୍ ନେଇଥିଲେ। ଭୁବନେଶ୍ୱର ବ୍ୟାଟିଂ କରି ୨୩.୨ ଓଭରରେ ୨୦୬ ରନ୍ କରି ବିଜୟୀ ହୋଇଛି। ଦଳର ଶୁଭମ୍ ଶତ୍ରୁଜିତ୍ ୬୨ ରନ୍, ସାରଙ୍ଗ କୁମାର ୪୬ ରନ୍, ସିଦ୍ଧାନ୍ତ ଜେନା ୩୦ ରନ୍ ସଂଗ୍ରହ କରିଥିଲେ। ପ୍ରତିପକ୍ଷ କଟକ ସୋଲାରର ବୋଲର ପ୍ରସନ୍ନଜିତ୍ ସେଠୀ ୨ ଉଇକେଟ୍ ନେଇଥିଲେ। ଓସିଏର ସ୍ୱୀକୃତିପ୍ରାପ୍ତ ଅମ୍ପାୟାର ନିର୍ମଳ ମିଶ୍ର ଓ ସତ୍ୟେନ୍ଦ୍ରମୋହନ ମହାନ୍ତି ମ୍ୟାଚ ପରିଚାଳନା କରିଥିଲେ। ଆଲୋକ ଜେନା, ରୋଶନଜିତ୍ ରାୟ ସ୍କୋରର ଥିଲେ। ବିଜୟୀ ଦଳର ଶୁଭମ୍ ଶତ୍ରୁଜିତ୍‌ଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ସ୍ୱତନ୍ତ୍ର ପୁରସ୍କୃତ କରାଯାଇଥିଲା। ଅତିଥି ଭାବେ ନିମାପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ହେଲ୍ପ ଲାଇନ ସଭାପତି ଅକ୍ଷୟ ସାହୁ, ବିଶିଷ୍ଟ ବ୍ୟବସାୟୀ ଯୁବନେତା ପୂର୍ଣ୍ଣଚନ୍ଦ୍ର ସାହୁ, କ୍ରୀଡ଼ାବିତ୍ ଅକ୍ଷୟ ବେହେରା, ମାନସ ବେଉରା ଯୋଗଦେଇଥିଲେ। ବୁଧବାର ୩ୟ କ୍ୱାର୍ଟର ଫାଇନାଲରେ କଟକ ବିଡ଼ାନାସୀ କ୍ରିକେଟ୍ ଏକାଡେମୀ ସହ ନିମାପଡ଼ା ଆଥ୍‌ଲେଟିକ୍ ଆସୋସିଏଶନ ପରସ୍ପରକୁ ଭେଟିବେ।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଖେଳାଳିଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

# ୩ ମଣ୍ଡିରେ ୧୪୧୦ କୁଇଣ୍ଟାଲ ଧାନ ବିକ୍ରି

**ବଳଙ୍ଗା/ପିପିଲି/ଡେଲାଙ୍ଗ, ୧୦।୧(ଡି.ଏନ୍.ଏ.)**

ବଳଙ୍ଗା ସେବା ସମବାୟ ସମିତିର ଚଳିତ ଖରିଫ ଧାନମଣ୍ଡିକୁ ପୁରୀ ଜିଲା ସମବାୟ ସମିତି ସମୂହର ନିବନ୍ଧକ ଭୀମସେନ ସାହୁ ମଙ୍ଗଳବାର ଉଦ୍‌ଘାଟନ କରିଥିଲେ। ଉପସହକାରୀ ନିବନ୍ଧକ ପ୍ରକାଶ ସେଠୀ, ସମିତି ସମ୍ପାଦିକା ସୌଦାମିନୀ ପ୍ରଧାନ, ବଳଙ୍ଗା ସରପଞ୍ଚ ଅଞ୍ଜଳି ପ୍ରଧାନ, ସମିତି ସଭ୍ୟ ପ୍ରକାଶ ସାହୁ, ପୂର୍ବତନ ସଭାପତି କୃପାସିନ୍ଧୁ ଦତ୍ତ, ଅଜିତ ଚାନ୍ଦ ଦାସ, ସୁକାନ୍ତ ବରାଳ, ଦକ୍ଷିଣକାଳୀ ଓ ଅଭିରାମ ରାଇସ୍ ମିଲର ବସନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ୧୩ ଜଣ ଚାଷୀଙ୍କଠାରୁ ୪୦୦ କୁଇଣ୍ଟାଲ ଏଫ୍‌ଏକ୍ୟୁ ମାନର ଧାନ ସଂଗ୍ରହ କରାଯାଇଛି। ଚଳିତବର୍ଷ ୩୧୪ ପଞ୍ଜୀକୃତ ଚାଷୀଙ୍କଠାରୁ ପ୍ରାୟ ୭୦୦୦ କୁଇଣ୍ଟାଲ ଧାନ କ୍ରୟ ଲାଗି ଲକ୍ଷ୍ୟ ରଖାଯାଇଥିବା ସମିତି ପକ୍ଷରୁ ସୂଚନା ମିଳିଛି।

ସେହିପରି ପିପିଲି ବ୍ଲକ ଗୋବର୍ଦ୍ଧନପୁର ସୁଲତାନନଗର ସେବା ସମବାୟ ସମିତି ଏବଂ ଡେଲାଙ୍ଗ କୋଠବାଡ଼ରେ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଧାନମଣ୍ଡିର ଶୁଭାରମ୍ଭ କରିଛନ୍ତି। ଏଥିସହ ଗୋବର୍ଦ୍ଧନପୁରରେ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ। ଧାନମଣ୍ଡିରେ ବିଶେଷକରି ପାନୀୟ ଜଳ, ଶୌଚାଳୟ, ଧାନ ସୁରକ୍ଷିତ ପାଇଁ ଜରି ପାଲ ଆଦି ସାଧାରଣ ମୌଳିକ ସୁବିଧା ଯୋଗାଇ ଦିଆଯିବ। ମଣ୍ଡିରେ କଟ୍‌ନୀଛଟ୍‌ନୀ ଉପରେ ରୋକ, ଧାନ ଦେବା ପୂର୍ବରୁ ଅନ୍ୟୂନ ୧୫ ଦିନ ଆଗରୁ ଅଖା ଯୋଗାଇଦେବା, ଶୁଖିଲା ସଫା ଧାନ ମଣ୍ଡିକୁ ଆଣିବା, ଧାନର ମୂଲ୍ୟ ୭ଦିନ ମଧ୍ୟରେ ପ୍ରଦାନ କରିବା ସମ୍ପର୍କରେ ଅତିଥିମାନେ କହିଥିଲେ। ସୁଲତାନନଗର ସମିତିରେ ଓରକଳ ଓ ପମସରା ପଞ୍ଚାୟତର ୩୦୨ଜଣ ପଞ୍ଜୀକୃତ ଚାଷୀଙ୍କଠାରୁ ୨୦୪୦ ଟଙ୍କା ସରକାରୀ ଦରରେ ପାଖାପାଖି ୧୨ ହଜାର କୁଇଣ୍ଟାଲ ଧାନ ସଂଗ୍ରହ କରାଯିବ ବୋଲି ସୋସାଇଟି ସଭାପତି ଯୁଧିଷ୍ଠିର ସ୍ୱାଇଁ ସୂଚନା ଦେଇଛନ୍ତି। ପ୍ରଥମ ଦିନରେ ମୋଟ ୫୦୦ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଥିଲା। ଏଥିରେ ବ୍ଲକ ଅଧ୍ୟକ୍ଷା ଦେବସ୍ମିନୀ ନନ୍ଦ, ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ରାଜ୍ୟ ବିଜେଡି ସମ୍ପାଦକ ପ୍ରିୟବ୍ରତ ସାମନ୍ତରାୟ, ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ, ଆମ୍ବା ଅଧ୍ୟକ୍ଷ ପ୍ରକାଶ ଧଳ, ବିଜେଡି ପୁରୀ ଜିଲା ସମ୍ପାଦକ ସତ୍ୟଜିତ୍ ରାୟ ଚୌଧୁରୀ, ବ୍ଲକ ମହିଳା ସଭାନେତ୍ରୀ ଜ୍ୟୋତ୍ସ୍ନାରାଣୀ ପୃଷ୍ଟି, ଓରକଳ ପଞ୍ଚାୟତ ନାଏବ ସରପଞ୍ଚ ଅମିତ୍ ସ୍ୱାଇଁ, ବିଧାୟକ ପ୍ରତିନିଧି ଆର୍ତ୍ତବନ୍ଧୁ ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। କୋଠବାଡ଼ ସେବା ସମବାୟ ସମିତି ସଭାପତି ତଥା ଜିଲା ପରିଷଦ ସଭ୍ୟ ପ୍ରସନ୍ନ ସାହୁ ଏହାର ଅଧ୍ୟକ୍ଷତା କରିଥିଲେ। ଏଥିରେ ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାସା ନିଶଙ୍କ, ସମବାୟ ସମିତି ସମୂହ ଉପସହକାରୀ ନିବନ୍ଧକ ସତ୍ୟଶଙ୍କର ମହାନ୍ତି, ଶାଖା ପ୍ରବନ୍ଧକ ସନ୍ତୋଷ ଚନ୍ଦ୍ର ପଟ୍ଟନାୟକ, ସ୍ଥାନୀୟ ସରପଞ୍ଚ ଦୀପକ ସାହୁ, ସାମାଜିକ କର୍ମୀ ଆର୍ତ୍ତତ୍ରାଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ୧୭ ଜଣ ଚାଷୀଙ୍କଠାରୁ ୫୧୦ କୁଇଣ୍ଟାଲ ଧାନ କିଣା ଯାଇଥିବା ସମ୍ପାଦକ ଦିଲୀପ ପରିଡ଼ା ସୂଚନା ଦେଇଛନ୍ତି। ମଣ୍ଡିରେ ବର୍ଷାଦାଉରୁ ଧାନବସ୍ତାଗୁଡ଼ିକୁ ରକ୍ଷା କରିବା ପାଇଁ ଅସ୍ଥାୟୀ ଛାମୁଣ୍ଡିଆର ବ୍ୟବସ୍ଥା କରିବାକୁ ଚାଷୀମାନେ ଦାବି କରିଛନ୍ତି।



ଡେଲାଙ୍ଗଠାରେ ଧାନମଣ୍ଡି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଏବଂ ଅନ୍ୟମାନେ।

**ଆଜିର ମନ୍ତବ୍ୟ**

"ସଂଘ ପରିବାର ପାରମ୍ପରିକ ରାଜନୀତିରୁ ଦୂରତ୍ୱ ବଜାୟ ରଖିବ। କିନ୍ତୁ ସାଧାରଣ ଜନତାଙ୍କ ଦୁର୍ଦ୍ଦଶା ପ୍ରତି କ୍ଷମତାରେ ଥିବା ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବ।"

– ମୋହନ ଭାଗବତ, ଆର୍‌ଏସ୍‌ଏସ୍ ମୁଖ୍ୟ



ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ହକି ବିଶ୍ୱକପ୍ ଆୟୋଜନ କରାଯାଇଥିବାରୁ ସେଠାକାର ହକିପ୍ରେମୀ ଏବଂ ଯୁବଗୋଷ୍ଠୀ ମଙ୍ଗଳବାର ଭୁବନେଶ୍ୱର ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି।



ଐତିହ୍ୟ ସହର କଟକକୁ ବିଶ୍ୱକପ୍ ହକି ଆୟୋଜନରେ ସିଧାସଳଖ ଯୋଡ଼ିଥିବାରୁ କଟକର କ୍ରୀଡ଼ାପ୍ରେମୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଙ୍ଗଳବାର ନବୀନ ନିବାସରେ ସାକ୍ଷାତ କରି ଧନ୍ୟବାଦ ଜଣାଇଛନ୍ତି।

# ରାଉରକେଲାରୁ ସାଇକେଲ ରାଲିରେ ଆସି ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ

**ରାଉରକେଲା, ଭୁବନେଶ୍ୱରରେ ହକି ବିଶ୍ୱକପ୍ ଆୟୋଜନ**

- **କଟକ ଶାନ୍ତି କମିଟି ସଦସ୍ୟ ବି ଭେଟି କୃତଜ୍ଞତା ପ୍ରକାଶ କଲେ**
- **ସମସ୍ତଙ୍କ ସହଯୋଗ ଲୋଡ଼ିଲେ ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର,୧୦।୧(ବ୍ୟୁରୋ)

ସାରା ରାଜ୍ୟରେ ଏବେ ହକିର ମାହୋଲ। ପୁରପଲ୍ଲୀ, ସହର ବଜାର ସବୁଆଡ଼େ ଏବେ ହକିକୁ ନେଇ ଚର୍ଚ୍ଚା ଚାଲିଛି। କଟକରୁ ଆରମ୍ଭକରି ସୁନ୍ଦରଗଡ଼ ସମେତ ଅନ୍ୟ ସବୁଆଡ଼େ ଉତ୍ସବ ଚାଲିଛି। ଏଥର ପ୍ରଥମ ଥର ପାଇଁ ହକିର ଅନ୍ତୁଡ଼ିଶାଳ ସୁନ୍ଦରଗଡ଼ରେ ହକି ବିଶ୍ୱକପ୍ ଆୟୋଜନ ହେଉଛି। ଏହାସହ ରାଉରକେଲାରେ ବିଶ୍ୱର ବୃହତ୍ତମ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ମଧ୍ୟ ନିର୍ମାଣ କରାଯାଇଛି। ସେଠାରେ ବିଶ୍ୱକପ୍ ହକିର ଉଦ୍‌ଘାଟନୀ ମ୍ୟାଚ ଖେଳାଯିବ। ତେଣୁ ପୂରା ସୁନ୍ଦରଗଡ଼ ଜିଲାରେ ବିପୁଳ ଉତ୍ସାହ ଦେଖାଦେଇଛି। ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଚଳିତ ଥର ବିଶ୍ୱକପ୍ ଆୟୋଜନ କରାଯାଉଥିବାରୁ ସାରା ସୁନ୍ଦରଗଡ଼ ଉତ୍ସବମୁଖର ହୋଇଉଠିଛି। ସମସ୍ତେ ବିଶେଷ କରି ଯୁବସମାଜ ମଧ୍ୟରେ ଅପୂର୍ବ ଉତ୍ସାହ ଦେଖାଦେଇଛି। ବିଶ୍ୱକପ୍ ଆୟୋଜନ ପାଇଁ ଧନ୍ୟବାଦ ଜଣାଇବା ଲାଗି ମଙ୍ଗଳବାର ଶହ ଶହ ଯୁବକ ସାଇକେଲ ଯୋଗେ ଭୁବନେଶ୍ୱର ଆସି ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ସୁନ୍ଦରଗଡ଼ ଜିଲାର ପ୍ରାୟ ୧୫୦ଜଣ ସାଇକେଲ ଶୋଭାଯାତ୍ରାରେ ଆସି ଭୁବନେଶ୍ୱରଠାରେ ପହଞ୍ଚିବା ପରେ ସେମାନଙ୍କୁ ବିଧାୟକ ଏବଂ ମେୟର ସ୍ୱାଗତ ଜଣାଇଛନ୍ତି। ଏହାସହ ସୁନ୍ଦରଗଡ଼ ଜିଲାରୁ ମଧ୍ୟ ଅନେକ ନେତା ଓ କର୍ମୀ ବାଜା ବଜାଇ ନାଚ ଗୀତ କରି ଆସି ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ସେମାନଙ୍କର ଏହି ଉଦ୍ୟମ ପାଇଁ ଧନ୍ୟବାଦ ଜଣାଇବା ସହ ରାଉରକେଲାରେ ବିଶ୍ୱକପ୍‌ର ସଫଳତା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି। ସେହିପରି ବୁଧବାର କଟକରେ ହକି ବିଶ୍ୱକପ୍‌ର ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହେବ। ଐତିହ୍ୟ ସହର କଟକକୁ ବିଶ୍ୱକପ୍ ହକି ଆୟୋଜନରେ ସିଧାସଳଖ ଯୋଡ଼ିଥିବାରୁ ପୂର୍ବତନ ବିଧାୟକ ତଥା କଟକ ନଗର ଶାନ୍ତି କମିଟିର ଅଧ୍ୟକ୍ଷ ପ୍ରଭାତ ତ୍ରିପାଠୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଧନ୍ୟବାଦ ଜଣାଇଛନ୍ତି। ବିଶ୍ୱକପ୍ ହକି ଉଦ୍‌ଘାଟନୀ ସମାରୋହ ସଫଳ ଭାବେ ଆୟୋଜନ ପାଇଁ ମୁଖ୍ୟମନ୍ତ୍ରୀ କଟକ ସହରବାସୀଙ୍କ ସହଯୋଗ କାମନା କରିଛନ୍ତି। ସେମାନଙ୍କ ସହିତ ପୂର୍ବତନ ମନ୍ତ୍ରୀ ବିଧାୟକ ପ୍ରତାପ ଜେନା ଓ ରଘୁନାଥପଲ୍ଲୀ ବିଧାୟକ ସୁବ୍ରତ ତରାଇ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଅନ୍ୟପଟେ କଂସ ମହାରାଜ ହୃଷୀକେଶ ଭୋଇ ମଧ୍ୟ ନବୀନ ନିବାସ ଆସି ଓଡ଼ିଶାରେ ଆୟୋଜିତ ହେଉଥିବା ହକି ବିଶ୍ୱକପ୍ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆମ୍ବ ଫଳେ ନେନ୍ଥା ନେନ୍ଥା**
**କୟାଁ ଫଳେ ବଙ୍କା**
**ପୁଅ ଯାଇଥିଲା କଲିକତା**
**ଆଣିଛି ମୁଠାଏ ଟଙ୍କା।**

ପିଲା ଯେବେ ନିଜ ଗୋଡ଼ରେ ଛିଡା ହୋଇଯାଏ ସେତେବେଳେ ବାପା ମା'ଙ୍କ ମନ ଖୁସିରେ ଦ୍ୱିଗୁଣିତ ହୋଇଯାଏ। ଭଲ ରୋଜଗାର କରି ଚଳୁଥିବାର ଦେଖିଲେ ମନ କୁଣ୍ଢେମୋଟ ହୋଇଯାଏ। ଏପରିସ୍ଥଳେ ବିଦେଶରେ ରହି ଧନ ଉପାର୍ଜନ କରୁଥିବା ପୁଅର ପାରିବାରପଣିଆକୁ ନେଇ ଅନ୍ୟ ଆଗରେ କହି ବୁଲି ଗର୍ବ କରି ବସିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆରେ ଅଜା**
**ମୁଢ଼ି କି ନଡ଼ିଆ କେଡ଼େ ମଜା।**

ମୁଢ଼ି ଓ ନଡ଼ିଆର ମିଶ୍ରଣ ପାଟିକୁ ଖୁବ୍ ସୁଆଦିଆ ଲାଗିଥାଏ। ସାଧାରଣତଃ ବୟସ ଅଧିକ ହୋଇଗଲେ ଦାନ୍ତ ଝଡ଼ି ଯାଇଥାଏ। ମୁଢ଼ି ନଡ଼ିଆ ଚୋବେଇବା ପାଇଁ ଦାନ୍ତର ଆବଶ୍ୟକତା ରହିଥାଏ। ଦାନ୍ତ ନ ଥିଲେ ମୁଢ଼ି ନଡ଼ିଆ ଚୋବେଇବା ସମ୍ଭବପର ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

# ବିଦ୍ୟୁତ୍ ସଂସ୍ପର୍ଶରେ ଯୁବକ ମୃତ

**ହକି ଷ୍ଟାଡିୟମରେ ଅଘଟଣ**

ରାଉରକେଲା ଅଫିସ,୧୦।୧

ରାଉରକେଲା ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ମଙ୍ଗଳବାର ବିଦ୍ୟୁତ ସଂସ୍ପର୍ଶରେ ଆସ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗୋପାଳ ତିର୍କୀ(୨୨)। ଛେଣ୍ଡ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧/୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ସୂଚନା ଅନୁସାରେ, ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ମଙ୍ଗରାଟୋଲା ବସ୍ତିରେ ଗୋପାଳ ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ବିଦ୍ୟୁତ୍ କାମ କରନ୍ତି। ମଙ୍ଗଳବାର ପୂର୍ବାହ୍ନ ସାଢେ ୧୨ଟାରେ ଗୋପାଳ ଷ୍ଟାଡିୟମ ଲାଇଟ୍ ଲଗାଉଥିବା ବେଳେ ହଠାତ୍ ବିଦ୍ୟୁତ ସଂସ୍ପର୍ଶରେ ଆସିଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ଲାଗି ଆର୍‌ଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ମୃତକଙ୍କ ଭାଇ ସୁରେଶ ତିର୍କୀ ଛେଣ୍ଡ ଥାନାରେ ଅଭିଯୋଗ କରିବା ସହ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରିଥିଲେ।

# ଟ୍ରକ୍ ଧକ୍କାରେ ମହିଳା ଗୃହରକ୍ଷୀ ମୃତ

ରାଉରକେଲା ଅଫିସ,୧୦।୧

ରାଉରକେଲା ଉଦିତନଗର ଥାନା ଅନ୍ତର୍ଗତ ହନୁମାନ ବାଟିକା ଛକରେ ମଙ୍ଗଳବାର ଏକ ଟ୍ରକ୍ ଧକ୍କାରେ ଜଣେ ମହିଳା ଗୃହରକ୍ଷୀଙ୍କ ମୃତ୍ୟୁ ହୋଇଛି। ମୃତ ଗୃହରକ୍ଷୀ ହେଲେ ଜୋହାନୀ ତିର୍କୀ(୩୬)। ମୃତକଙ୍କ ପରିବାର ଲୋକେ କ୍ଷତିପୂରଣ ଦାବି କରିବାରୁ ମୃତଦେହ ବ୍ୟବଚ୍ଛେଦ ହୋଇପାରିନାହିଁ। ଅନ୍ୟପକ୍ଷେ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଚାଳକଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ରାଜେନ୍ଦ୍ର ଯାଦବ। ପୋଲିସ ଏ ନେଇ ଏକ ମାମଲା (ନଂ.୮।୨୩) ରୁଜୁ କରିଛି।

ସୂଚନା ଅନୁସାରେ, ବନ୍ଧମୁଣ୍ଡା ସେକ୍ଟର 'ଡି' କ୍ୟାବିନ କୁମ୍ଭାରପଡା ଅଞ୍ଚଳର ଜୋହାନୀ ଉଦିତନଗର ଥାନାରେ ଗୃହରକ୍ଷୀ ଭାବେ କାର୍ଯ୍ୟ କରନ୍ତି। ମଙ୍ଗଳବାର ସକାଳ ୬ଟାରେ ବିର୍ସାମୁଣ୍ଡା ହକି ଷ୍ଟାଡିୟମ ଗେଟ୍ ନଂ-୬ରେ ଡ୍ୟୁଟି କରିବା ପାଇଁ ଯାଇଥିବାବେଳେ ଉଦିତନଗର ହନୁମାନ ବାଟିକା ଛକରେ ଏକ ଟ୍ରକ୍ (ନଂ.ଓଆର୦୨କେ/୩୨୪୯) ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଆର୍‌ଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ହୀରାକୁଦ ଜଳଭଣ୍ଡାରରେ ବିଦେଶାଗତ ପକ୍ଷୀ ସଂଖ୍ୟା ବୃଦ୍ଧି

**୩ ଲକ୍ଷ ୧୬ ହଜାର ପକ୍ଷୀଙ୍କ ସମାଗମ**

**ଗଣନାରେ ସାମିଲ ଥିଲେ ୬୦ ପକ୍ଷୀ ବିଶେଷଜ୍ଞ**

ସମ୍ବଲପୁର,୧୦।୧(ବ୍ୟୁରୋ)

ସମ୍ବଲପୁରର ହୀରାକୁଦ ଜଳଭଣ୍ଡାରରେ ହୋଇଥିବା ଦିନିକିଆ ବିଦେଶୀ ପକ୍ଷୀ ଗଣନା ରିପୋର୍ଟ ବନ ବିଭାଗ ପକ୍ଷରୁ ମଙ୍ଗଳବାର ପ୍ରକାଶ ପାଇଛି। ଚଳିତବର୍ଷ ରେକର୍ଡ ସଂଖ୍ୟକ ଅର୍ଥାତ୍ ପୂର୍ବବର୍ଷ ଅପେକ୍ଷା ୧ଲକ୍ଷରୁ ଅଧିକ ପକ୍ଷୀ ଆସିଥିବା ରିପୋର୍ଟରୁ ଜଣାପଡିଛି। ଗତବର୍ଷ ୧୦୪ ପ୍ରଜାତିର ୨ଲକ୍ଷ ୮ ହଜାର ୬୩୪ ପକ୍ଷୀ ଆସିଥିବାବେଳେ ଚଳିତବର୍ଷ ୧୦୮ ପ୍ରଜାତିର ୩ ଲକ୍ଷ ୧୬ ହଜାର ୬୭୬ ପକ୍ଷୀଙ୍କ ସମାଗମ ହୋଇଥିବା ହୀରାକୁଦ ବନ୍ୟପ୍ରାଣୀ ବିଭାଗ ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାସ ସୂଚନା ଦେଇଛନ୍ତି।

ଚଳିତବର୍ଷ ହୀରାକୁଦ ଜଳଭଣ୍ଡାରରେ ବାର୍ଡ ଟ୍ୱଏଲେଟ, ପିଅଡ ହେରିଅର, କରଲିଉ ସନଡିପର, କଟନ ପାଇଜାମି ଗୋସ, କ୍ୟାସପିଆ ଟ୍ରିନ, ବ୍ଲୁ ଟେଲେଡ ବି-ଇଟର, କ୍ରେଷ୍ଟେଡ ସେପଟ୍ରେନ ଇଗଲ, ଓଲି ନେକେଡ ଷ୍ଟର୍କ, ୟେଲୋ ବିଲ୍ଡ ଡକ୍, ପାଇନାଟ ଷ୍ଟକ ପ୍ରଜାତିର ପକ୍ଷୀଙ୍କୁ ନୂତନ ଭାବେ ଦେଖିବାକୁ ମିଳିଥିଲା। ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ଡକ୍ ପ୍ରଜାତିର ରେଡ୍ କ୍ରେଷ୍ଟେଟ ପୋଚାର୍ଡ, ଟୁଫେଡ୍ ଡକ୍, ବ୍ରାମିନି ଡକ୍, ନର୍ଦ୍ଦନ ପିନ୍‌ଷ୍ଟେଲ, ୟୁରୋଏସିଆନ, ଏସିଆନ ୱିଗନ, ଏସିଆନ ଓପନବିଲ, ଗ୍ରେ ହୀରୋନ, ପର୍ପଲ ହିରୋଜେନ, କେଟେଲ ଗ୍ରେଡ୍ ଆଦି ପକ୍ଷୀଙ୍କ ସମାଗମ ହୋଇଥିଲା। ସମ୍ବଲପୁର ସମେତ ବରଗଡ ଓ ଝାରସୁଗୁଡ଼ା ଜିଲା ପଟରୁ ମଧ ପକ୍ଷୀ ଗଣନାକାରୀ ଟିମ୍ ଜଳଭଣ୍ଡାରକୁ ପ୍ରବେଶ କରିଥିଲେ। ରବିବାର ସକାଳ ୬ଟାରେ ୩୫ ଡଙ୍ଗାରେ ବନ ବିଭାଗ କର୍ମଚାରୀଙ୍କ ସହ ୬୦ ଜଣ ବିଶେଷଜ୍ଞ ପକ୍ଷୀ ଗଣନାରେ ସାମିଲ ହୋଇଥିଲେ। ଏଥିପାଇଁ ୩୦ ଟିମ୍ ଗଠନ କରାଯାଇଥିଲା। ସନ୍ଧ୍ୟା ପର୍ଯ୍ୟନ୍ତ ସମସ୍ତ ଟିମ୍ ଗଣନା ସାରି କୂଳକୁ ଫେରିଆସିଥିଲେ। ସୂଚନାଯୋଗ୍ୟ, ୨୦୨୨ରେ ୧୦୪ ପ୍ରଜାତିର ୨ ଲକ୍ଷ ୮ ହଜାର, ୨୦୨୧ରେ ୮୬ ପ୍ରଜାତିର ୧ ଲକ୍ଷ ୨୪ ହଜାର, ୨୦୨୦ରେ ୮୨ ପ୍ରଜାତିର ୧ ଲକ୍ଷ ୩୪ ହଜାର ପକ୍ଷୀ ଜଳଭଣ୍ଡାରକୁ ଆସିଥିବା ବନ ବିଭାଗ ରିପୋର୍ଟରୁ ଜଣାପଡିଛି। ପ୍ରତିବର୍ଷ ଶୀତଋତୁରେ ହୀରାକୁଦ ଜଳଭଣ୍ଡାରକୁ ବିଦେଶୀ ପକ୍ଷୀଙ୍କ ଆଗମନ ହୋଇଥାଏ।



ହୀରାକୁଦ ଜଳଭଣ୍ଡାରକୁ ଆସିଥିବା ବିଦେଶୀ ପକ୍ଷୀ।

# ପୋଲିସ କହୁଛି ଆତ୍ମହତ୍ୟା, ଦଳିତ ସଂଘର ଆନ୍ଦୋଳନ ଚେତାବନୀ

**ଈଶ୍ୱର ସେଠୀ ହାଜତ ମୃତ୍ୟୁ ମାମଲା**

ଚଣ୍ଡିଖୋଲ,୧୦।୧(ଡି.ଏନ୍.ଏ.)

ଯାଜପୁର ଜିଲା ବଡ଼ଚଣା ଥାନା ଅନ୍ତର୍ଗତ ଧାନମଣ୍ଡଳ ଫାଣ୍ଡି ହାଜତରେ କଟକ ଜିଲା ମାହାଙ୍ଗା ଥାନା ଅଧୀନ ସିନ୍ଧୁପୁର ଗ୍ରାମର ଯୁବକ ଈଶ୍ୱର ସେଠୀଙ୍କ ମୃତ୍ୟୁକୁ ନେଇ ବିବାଦ ବଢ଼ିବାରେ ଲାଗିଛି। ଏହି ଘଟଣାରେ ଯାଜପୁର ଏସ୍‌ପି ବଡ଼ଚଣା ଥାନା ଅଧିକାରୀ ସୁଶୀଲ କୁମାର ନାୟକଙ୍କୁ ଜିଲା ମୁଖ୍ୟାଳୟକୁ ବଦଳି କରିଥିବାବେଳେ ସେଦିନ ଧାନମଣ୍ଡଳ ଫାଣ୍ଡିରେ ସେଣ୍ଟ୍ରି ଦାୟିତ୍ୱରେ ଥିବା କନଷ୍ଟେବଲ ଦେବେନ୍ଦ୍ର ସାହୁଙ୍କୁ ନିଲମ୍ବନ କରାଯାଇଛି। ଘଟଣାରେ ମୃତ ଈଶ୍ୱରଙ୍କ ବାପାଙ୍କ ଏତଲା ଭିତ୍ତିରେ ପୋଲିସ ବଡ଼ଚଣା ଥାନାରେ ନଂ.୭/୨୩ରେ ଏକ ମାମଲା ରୁଜୁ କରିଥିବା ବେଳେ ତଦନ୍ତ ଦାୟିତ୍ୱ ଡିଏସ୍‌ପି ପ୍ରମୋଦ କୁମାର ମଲ୍ଲିକଙ୍କୁ ଦିଆଯାଇଛି।



ଈଶ୍ୱର ସେଠୀ

ଏ ସମ୍ପର୍କରେ ଡିଏସ୍‌ପି ମଲ୍ଲିକ କହିଛନ୍ତି, ଈଶ୍ୱର ସେଠୀ ହାଜତ୍‌ରେ ଥିବାବେଳେ କେବଳ ଫାଣ୍ଡିରେ ଜଣେ କନଷ୍ଟେବଲ ସାହୁ ସେଣ୍ଟ୍ରି ଦାୟିତ୍ୱରେ ଥିଲେ। ସେ ହାଜତ ମଧ୍ୟରେ ଥିବା ଏକ ପାଇଖାନା ଉପରକୁ ଚଢ଼ିଯାଇ ଫ୍ୟାନ୍‌ରେ ଲାଗିଥିବା ତାରକୁ ଛିଣ୍ଡାଇ ବେକରେ ଗୁଡ଼ାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସେତେବେଳେ ସେଣ୍ଟ୍ରି ଜଣକ ଫାଣ୍ଡି ଛାଡ଼ି ବାହାରକୁ ଯାଇଥିଲେ, ଯେଉଁଥିପାଇଁ ଯୁବକ ଜଣକ ଆତ୍ମହତ୍ୟା କରିବାର ସୁଯୋଗ ପାଇଲେ। ତଦନ୍ତ ବେଳେ ଜାଣିବାକୁ ପାଇଲୁ ଯେ, ସେଠାରେ ଯୁବକଙ୍କ ମୃତ୍ୟୁ ହୋଇ ନ ଥିଲା। ତାଙ୍କୁ ପ୍ରଥମେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଅନ୍ୟପକ୍ଷରେ ଏହାକୁ ନେଇ ଆମ୍ବେଦକର ଲୋହିଆ ମଞ୍ଚ ସଭାପତି ମନୋରଞ୍ଜନ ଜେନା ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ହାଜତ ଭିତରେ ପାଇଖାନା କେଉଁଠୁ ଆସିଲା ଓ ବିଦ୍ୟୁତ୍ ତାର କେଉଁଠୁ ଆସିଲା ଏବଂ କିପରି ସେ ଆତ୍ମହତ୍ୟା ଉଦ୍ୟମ କରିପାରିଲେ। ଏଥିନେଇ ପୋଲିସ ସମ୍ପୂର୍ଣ୍ଣ କଥା ଖୁଲାସା କରୁ। ପୋଲିସ ତାଙ୍କୁ ଗିରଫ କରି ହାଜତ ଭିତରେ ରଖିଥିଲା। ତେଣୁ ଫାଣ୍ଡିରେ ସମସ୍ତେ ଥିବାବେଳେ ସନ୍ଧ୍ୟା ୫ଟାରେ କିପରି ଈଶ୍ୱର ଆତ୍ମହତ୍ୟା ଉଦ୍ୟମ କରିପାରିଲେ। ଏହାକୁ ନେଇ ପୋଲିସ ମନଗଢା କାହାଣୀ ନ କହୁ। ଏସମ୍ପର୍କରେ ଆମେ ଯାଜପୁର ଏସ୍‌ପିଙ୍କୁ ଦାବିପତ୍ର ଦେଇଛୁ। ମୃତ ଈଶ୍ୱରଙ୍କ ବାପା ଏତଲାରେ ଉଲ୍ଲେଖ କରିଛନ୍ତି, ତାଙ୍କ ପୁଅକୁ ପୋଲିସ ପିଟି ମାରି ଦେଇଛି। ଯଦି ପ୍ରକୃତ ତଦନ୍ତ ହୋଇ ଉଚିତ୍ ନ୍ୟାୟ ନ ମିଳେ ତେବେ ଆଗାମୀ ଦିନରେ ଆନ୍ଦୋଳନ ବ୍ୟାପକ କରାଯିବ ବୋଲି ମଞ୍ଚ ସଭାପତି ଜେନା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଗତ ୪ ତାରିଖରେ ଈଶ୍ୱରଙ୍କ ମୃତ୍ୟୁ ହୋଇଥିଲା।

ପ୍ରଥମ ପୃଷ୍ଠାରୁ...

## ଖୋଲିଲା ଓଲି...

ଆଲୋକରେ ସୁସଜ୍ଜିତ କରାଯାଇଛି। ଏହା ଭିତରେ ସମସ୍ତଙ୍କ ଆକର୍ଷଣ ସାଜୁଛି, ହକି ବିଶ୍ୱକପ୍‌ର ବାର୍ତ୍ତା ଦେଉଛି ଚଳନ୍ତି ଓଲି। ଅପରାହ୍ନରୁ ଓଲି ରାଇଜକୁ ଲୋକଙ୍କ ଆଗମନ ଆରମ୍ଭ ହୋଇଥିଲା। ଓଲି ସହ ମିଶିବାର ସୁଯୋଗ ପାଇଥିଲେ ଲୋକେ। ଏଥିସହ ଆଖି ଖୋସି ହୋଇଗଲା ଭଳି ଆଲୋକ ଓ ସମସ୍ତ ସାଜସଜ୍ଜାକୁ ଦେଖି ସେମାନେ ଖୁବ୍ ପ୍ରଶଂସା କରିଥିଲେ। ଫ୍ୟାନ୍ସ କର୍ନର, ଓଲି ସହ ସେଲ୍‌ଫିର ମଜା ଉଠାଇଥିଲେ। ସେହିଭଳି ମାହୋଲକୁ ଆହୁରି ଉତ୍ସାହିତ କରିଥିଲା ହକି ସଙ୍ଗୀତ 'ହକି ହେ ଦିଲ୍ ମେରା'। ଗୀତର ତାଳେ ତାଳେ ନୃତ୍ୟ କରିଥିଲେ ଯୁବପିଢ଼ି। ଏହା ସାଙ୍ଗକୁ ଓଲି ସହିତ କିଛି ସମୟ ବିତାଇବାର ମଜା ମଧ ନେଇଥିଲେ। ଆଗକୁ ଓଲି ରାଇଜରେ ସ୍ୱାଦିଷ୍ଟ ଖାଦ୍ୟର ଭରପୂର ମଜା ନେଇ ପାରିବେ ସହରବାସୀ, ଖେଳପ୍ରେମୀ। ଏହାସାଙ୍ଗକୁ ଭରପୂର ମନୋରଞ୍ଜନର ମଧ ଲାଭ ଉଠାଇବେ। ହକି ମ୍ୟାଚ୍ ଦିନଗୁଡିକ କେବଳ ଟିକେଟଧାରୀଙ୍କ ପାଇଁ ଷ୍ଟାଡିୟମ ଖୋଲା ରହିବାକୁ ଥିବାବେଳେ ଅନ୍ୟ ଦିନଗୁଡିକ ଯଥା ଜାନୁୟାରୀ ୧୨, ୧୫, ୧୮, ୨୦, ୨୧, ୨୬ ଓ ୨୮ ତାରିଖରେ ଅପରାହ୍ନ ୩ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଲୋକେ ବିନା ମୂଲ୍ୟରେ ଷ୍ଟାଡିୟମ୍ ପରିଦର୍ଶନ କରିବା ସହ ଓଲି ରାଇଜକୁ ବୁଲି ଅନେକ ଅଭୁଲା ଅନୁଭୂତି ସାଉଣ୍ଟିପାରିବେ।

## ହକି ବିଶ୍ୱକପ୍ ଉଦ୍‌ଘାଟନୀ...

ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ତଥା ବେସରକାରୀ ବିଦ୍ୟାଳୟଗୁଡ଼ିକୁ ଛୁଟି ଘୋଷଣା କରିଛନ୍ତି। ସମସ୍ତ ବେସରକାରୀ ତଥା ପବ୍ଲିକ୍ ସ୍କୁଲ (ସେଲ୍‌ଫ ଫାଇନାନ୍ସ)ଗୁଡ଼ିକରେ ମଧ ଏହି ନିର୍ଦ୍ଦେଶନାମା ଲାଗୁ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଅଧୀନରେ ଥିବା ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ ଅଧାଦିନ ଅର୍ଥାତ୍ ଅପରାହ୍ନ ୩ଟାରୁ ବନ୍ଦ ରହିବ। ଏନେଇ ବିଭାଗ ପକ୍ଷରୁ ବୈଷୟିକ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି ଅବଗତ କରାଯାଇଛି। ସେପଟେ କଟକରେ ଏହି ହକି ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବ ହେଉଥିବାରୁ କଟକ ମହାନଗର ନିଗମ (ସିଏମ୍‌ସି) ଅଧୀନରେ ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟ, ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଓ ଅନ୍ୟାନ୍ୟ ସରକାରୀ ଶିକ୍ଷାନୁଷ୍ଠାନ ଅପରାହ୍ନ ୧ଟା ୩୦ରୁ ବନ୍ଦ ରହିବ। ସେହିପରି ସହରରେ ଥିବା ବ୍ୟାଙ୍କଗୁଡ଼ିକ ମଧ ଏହି ସମୟରେ ବନ୍ଦ ରହିବ। ଏ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଦୀର୍ଘଦିନର ସମସ୍ୟା ସମାଧାନ ସକାଶେ ବନ୍ଧୁଙ୍କ ଦିଗ୍‌ଦର୍ଶନ କାମ ଦେବ। କୃତ୍ତିକା ନକ୍ଷତ୍ର ସକାଶେ ସମ୍ପର୍କୀୟମାନେ ପାଖ ମାଡ଼ି ନ ପାରନ୍ତି। ଧାରକରଜ କରି କାମ ଚଳାଇ ନେବା ସକାଶେ ଚେଷ୍ଟା କରି ପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବ ଏବଂ ପରିବାରରେ ସୁଖ ଶାନ୍ତି ବୃଦ୍ଧି ପାଇଁ ଆଲୋଚନା କରିବେ।

**ବୃଷ**
ମୃଗଶିରା ନକ୍ଷତ୍ର ଯେଉଁ କାମକୁ ଆରମ୍ଭ କରିବେ ତାହା ଅବଶ୍ୟ ପୂର୍ଣ୍ଣାଙ୍ଗ ହୋଇଯିବ। ବାଣିଜ୍ୟ, ଶିଳ୍ପ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ସମସ୍ୟା ଭିତରେ ଗତିକଲେ ମଧ୍ୟ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାପାଇଁ ସମର୍ଥ ହେବେ। ଧାତୁ, ଅଳଙ୍କାର କିମ୍ବା ଯାନ୍ତ୍ରିକ ଜିନିଷ କ୍ରୟ କରିବା ସକାଶେ ମନ ବଳାଇ ପାରନ୍ତି।

**ମିଥୁନ**
ଆରଦ୍ରା ନକ୍ଷତ୍ର ବିଭିନ୍ନ ସମସ୍ୟା ଓ ପ୍ରତିବନ୍ଧକ ମଧ୍ୟରେ ଚଳିବାକୁ ବାଧ ହେବେ। ପାରିବାରିକ ସମସ୍ୟା ଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ବ୍ୟବସାୟରେ କ୍ରମଶଃ ସମସ୍ୟା ବଢ଼ି ବଢ଼ି ବଡ଼ ଆକାର ଧାରଣ କରିପାରେ। ଗୃହସଜ୍ଜା, ନିର୍ମାଣ, ଦୋକାନ, ଆଇନ ଅଦାଲତ, ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରୁ ସୁଫଳ ପାଇବେ।

**କର୍କଟ**
ପୁଷ୍ୟା ନକ୍ଷତ୍ରର ଆକସ୍ମିକ ଉପୁଜିଥିବା ସମସ୍ୟା ସମାଧାନ ପାଇଁ ବନ୍ଧୁଙ୍କୁ ଅନୁରୋଧ କରିବେ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ନିକଟ ସମ୍ପର୍କୀୟମାନଙ୍କ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ପିଲାମାନଙ୍କ ଆଚରଣରୁ ଭାବ ପ୍ରବଣାଜନିତ ଅସନ୍ତୁଷ୍ଟ ରହିବେ।

**ସିଂହ**
ପୂର୍ବାଫାଲ୍‌ଗୁନୀ ନକ୍ଷତ୍ରକୁ ଆର୍ଥିକ ସମସ୍ୟା ସୁଧୁରି ଯିବାରେ ପଡ଼ୋଶୀ ସହାୟତା କରିବେ। କର୍ମକ୍ଷେତ୍ରରେ ସହକର୍ମୀଟି ଆପଣଙ୍କ ଅସୁବିଧାକୁ ବୁଝି ସାହାଯ୍ୟ କରିବା ସକାଶେ ପ୍ରତିଶ୍ରୁତି ଦେଇପାରେ। କର୍ମଜଞ୍ଜାଳ ବୃଦ୍ଧି ହେତୁ ମାତ୍ରାଧିକ ଭ୍ରମଣ ଯୋଗୁ କ୍ଳାନ୍ତି ଅନୁଭବ କରିପାରନ୍ତି। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**କନ୍ୟା**
ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ରର ଭୁଲ୍ ବୁଝାମଣା ହେତୁ କଳହ ଲାଗି ରହିବ। କଳା, ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା ଓ ସଭା ସମିତିରେ ସମସ୍ୟା ସମାଧାନ ହେବ। ଅଫିସରୁ ଆସିବା ବେଳକୁ ନିଜ ମନ ପସନ୍ଦର ଜିନିଷଟି କିଣିବାରେ ସମର୍ଥ ହେବେ। ପରିବାରର ଆବଶ୍ୟକତା ବୃଦ୍ଧି ପାଇବା କାରଣରୁ ଆର୍ଥିକ ସଂକଟ ମଧ୍ୟରେ ଗତି କରିବେ।

**ତୁଳା**
ସ୍ୱାତୀ ନକ୍ଷତ୍ର ପରିବାରରେ ସୁଖ ଶାନ୍ତି ଫେରାଇ ଆଣିବା ଦିଗରେ ପ୍ରଯତ୍ନ କଲେ ଚେଷ୍ଟା କଦାପି ବିଫଳ ହେବନି। ନିର୍ମାଣ, ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସଫଳତା ମିଳିବ। ସାଧାରଣ କଥାରେ ତର୍କ କାରଣରୁ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖାଦେବ। ବନ୍ଧୁମାନେ ଆଗଭଳି ଭଲ ମନୋଭାବ ନ ଥିବା ଅନୁଭବ କରିପାରନ୍ତି।

**ବିଛା**
ଶନିଙ୍କ ପ୍ରଭାବରୁ ଅଧିକାଂଶ ସମୟରେ ଡିପ୍ରେସନ ଲାଗି ରହିବ। ଅନୁରାଧା ନକ୍ଷତ୍ର ଉତ୍ସାହ ନ ଥାଇ ପରିସ୍ଥିତିବିଶତଃ ଯନ୍ତ୍ରବତ୍ କାମ କରିବାକୁ ବାଧ ହେବେ। ସାହିତ୍ୟ, ସାମ୍ବାଦିକତା, ପ୍ରଶାସନ, ରାଜନୀତି ଓ ସଂଗୀତରେ ସୁନାମ ଅର୍ଜନ କରିବେ। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ ଦେଖାସାକ୍ଷାତରୁ ଉପକୃତ ହେବେ।

**ଧନୁ**
ପ୍ରତ୍ୟେକ କାମ ସମ୍ପନ୍ନରେ ସଫଳ ହେବେ କିନ୍ତୁ ପ୍ରତିବନ୍ଧକ ପିଛା ଛାଡ଼ିବ ନାହିଁ। ପରିବହନ କ୍ଷେତ୍ରରେ, ଆଲୋଚନା ପରିସରରେ, ସଭାସମିତିରେ ସ୍ଥଗିତ କାମ ପୂରା କରିବେ। ପୂର୍ବଷାଢ଼ା ନକ୍ଷତ୍ର ଅସମର୍ଥିତ ସୂତ୍ରରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବକେୟା ଆଦାୟରେ ଜଣେ ବନ୍ଧୁ ସାହାଯ୍ୟ କରିବେ।

**ମକର**
ପୂର୍ବ ସ୍ଥିରୀକୃତ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିପାରନ୍ତି। ପରିବାର କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିରେ ଚାପ କ୍ରମଶଃ ବଢ଼ିପାରେ। ଶ୍ରବଣା ନକ୍ଷତ୍ର ଆନୁଷ୍ଠାନିକ କାମର, ବ୍ୟବସାୟ ଓ ପରିବହନରୁ ଖୁସି ରହିବେ। ମାଲିମକଦ୍ଦମା, କ୍ରୀଡ଼ା, ପ୍ରେସ୍ ଓ ପବ୍ଲିକେଶନ ତଥା ଆର୍ଥିକ ଦିଗରୁ ସମସ୍ୟା ସମାଧାନ ହୋଇଯିବ।

**କୁମ୍ଭ**
ମାନସିକ ଚାପ ବୃଦ୍ଧି କାରଣରୁ ଅଫିସରେ ସୁବିଧାରେ କାମ ହାସଲ କଷ୍ଟକର ହେବ। ପୂର୍ବଭାଦ୍ରବ ନକ୍ଷତ୍ର ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ, ଯାହାକି ସମସ୍ୟାର କାରଣ ହୋଇପାରେ। ପରିବାରରେ ବୁଝାମଣା ଠିକ୍ ରହିବା ହେତୁ ଆଶ୍ୱସ୍ତି ଅନୁଭବ କରିବେ। ବ୍ୟବସାୟ ଓ ପରିବହନରେ ପ୍ରତିବନ୍ଧକ ଦୂରହେବ।

**ମୀନ**
କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମ ସଂପନ୍ନରେ ଅସୁବିଧା ହେବ ନାହିଁ। ରେବତୀ ନକ୍ଷତ୍ରର ପାରସ୍ପରିକ ମତାନ୍ତରଜନିତ ପାରିବାରିକ ଜୀବନରେ ଅନାଦର ପାଇପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ଅବଶ୍ୟ ମିଳିବ ଓ ବନ୍ଧୁ ମିଳନରୁ ଖୁସି ହେବେ। ଦୋକାନ, ନିର୍ମାଣ, ଯାତ୍ରା, ସଭାସମିତି ପ୍ରଭୃତିରୁ ଆଶାନୁରୂପ ଫଳ ପାଇବେ।

ଆଜି ମାଘ କୃଷ୍ଣ ଚତୁର୍ଥୀ ଯୁକ୍ତ ପଞ୍ଚମୀ ବୁଧବାର, ଜାନୁୟାରୀ ୧୧ ତାରିଖ, ସ୍ୱାଧୀନ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ୍‌ବାହାଦୁର ଶାସ୍ତ୍ରୀଙ୍କ ତିରୋଧାନ ଦିବସ। ସଡ଼କ ସୁରକ୍ଷା ସପ୍ତାହ ଆରମ୍ଭ, ରାଶି ନକ୍ଷତ୍ର- ଦିବା ଘ.୧୧.୪୯ମି. ଗତେ, ପୂର୍ବାଫାଲଗୁନୀ/ସିଂହ, ଚତୁର୍ଥୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ। ଦିବା ଘ.୦୬.୨୭ମି. ଗତେ ଘ.୦୮.୩୮ମି. ମଧ୍ୟେ, ଘ.୧୦.୪୯ମି. ଗତେ ଘ.୧୧.୫୪ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧.୫୪ମି. ଠାରୁ ଘ.୦୧.୧୬ମି. ମଧ୍ୟେ ରାହୁକାଳ।

# ମାଛ ସହ କୁକୁଡ଼ା ପାଳନ କରୁଥିଲେ

ମାଛଚାଷ ସହ କୁକୁଡ଼ା ପାଳନ ଏକ ଲାଭଜନକ ବ୍ୟବସାୟ । କୁକୁଡ଼ାର ମଳ ପୋଖରୀର ଏକ ଉତ୍କୃଷ୍ଟ ଜୈବିକଖତର ଆବଶ୍ୟକତା ପୂରଣ କରିଥାଏ। କୁକୁଡ଼ାର ମଳ ସିଧାସଳଖ ପୋଖରୀରେ ପକାଇଲେ ସେଥିରୁ ଅଧିକ ପ୍ଲାଙ୍କଟନ ବା ପ୍ଲବକ ସୃଷ୍ଟି ହୋଇଥାଏ । ମାଛମାନେ ତାକୁ ଖାଇ ବଞ୍ଚନ୍ତି । କୁକୁଡ଼ାମାନେ ନଷ୍ଟ କରୁଥିବା ଦାନାକୁ ମଧ ମାଛମାନେ ଖାଇଥାନ୍ତି । କୁକୁଡ଼ାଘର ପୋଖରୀ ହୁଡ଼ା ଉପରେ ବା ପୋଖରୀ ଭିତରକୁ ଅଧା ଝୁଲାଇ ତିଆରି କଲେ କୁକୁଡ଼ା ମଳ ଓ ନଷ୍ଟ ହେଉଥିବା ଖାଦ୍ୟ ସିଧାସଳଖ ପୋଖରୀରେ ପଡ଼େ ଓ ମାଛମାନେ ତାକୁ ଖାଇଥାନ୍ତି । ଏକ ଏକର ପୋଖରୀରେ ମାଛଚାଷ ପାଇଁ ଦରକାର ହେଉଥିବା ଖତସାର ୨୦୦ ରୁ ୨୪୦ଟି କୁକୁଡ଼ାଙ୍କଠାରୁ ମିଳିଥାଏ । ଗୋବର ଖତ ସହିତ ତୁଳନା କଲେ, କୁକୁଡ଼ା ଖତରେ ଅଧିକ ୬ଗୁଣ ଯବକ୍ଷାରଜାନ, ୧୦ ଗୁଣ ଫସ୍‌ଫରସ୍ ଓ ୪ ଗୁଣ ପୋଟାସିୟମ ନିହିତ ଥାଏ । ଏକ ଏକର ଜମିରେ ମାଛ–କୁକୁଡ଼ା ସମନ୍ୱିତ ଚାଷ କଲେ ବର୍ଷକୁ ପ୍ରାୟ ୧୮୦୦ ରୁ ୨୦୦୦ କି.ଗ୍ରା ମାଛ, ୨୮୦୦୦ ଅଣ୍ଡା ଓ ୪୦୦ କି.ଗ୍ରା. କୁକୁଡ଼ା ମାଂସ ମିଳିଥାଏ । ସେହିପରି ପ୍ରତି ଏକ ହେକ୍ଟର ପାଣି ଆକାର ପାଇଁ ୫୦୦ରୁ ୬୦୦ ସଂଖ୍ୟାକୁ କୁକୁଡ଼ା ପାଳନ କରାଯାଏ ।



# ଡାଲୁଅ ଧାନ ପାଇଁ...

ଡାଲୁଅ ଧାନ ତଳି ପ୍ରସ୍ତୁତି (ଏକ ହେକ୍ଟର ଚାଷ ପାଇଁ ୨୫ ଡେସିମିଲି ଜମିରେ ତଳି ପଡ଼େ) ପାଇଁ ତଳି କିଆରୀକୁ କାଦୁଅ କରି ଶେଷ ଓଡ଼ ଚାଷ ସମୟରେ ୩୦ କି.ଗ୍ରା. ସୁପର ଫସ୍‌ଫେଟ୍, ୮ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍, ୫୦ ଟୋକେଇ ଶଢ଼ା ଗୋବରଖତ କିମ୍ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ତଳି ପଟାଳି ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ରଖି ସୁବିଧା ଅନୁସାରେ ଲମ୍ବା ରଖନ୍ତୁ । ଦୁଇ ପଟାଳି ମଝିରେ ୩୦ ସେ.ମି. ଓସାରର ନାଳ ଛାଡ଼ିବା ଉଚିତ। ୧୨–୧୪ ଦିନ ବେଳକୁ ଘାସ ବାଛି ୫ କି.ଗ୍ରା. ଯବକ୍ଷାରଜାନ ଖାଦ୍ୟସାର (୧୧ କି.ଗ୍ରା. ୟୁରିଆ) ପ୍ରୟୋଗ କରନ୍ତୁ । ବିହନରୁ କଣ୍ଢା, ଅଗାଡ଼ି ବାହାର କରିବା ପାଇଁ ଏହାକୁ ଲୁଣ ପାଣି ଉପଚାର କରନ୍ତୁ । ଧାନ ବିହନକୁ ଭଲଭାବରେ ଧୋଇ ୨୪ ଘଣ୍ଟା ପାଣିରେ ଭିଜାଇ ଛାଣି ଚଟାଣରେ ଘୋଡ଼ାଇ ଦିଅନ୍ତୁ । ଗାଲି ଫିଟିବା ପରେ ବିହନକୁ କାଦୁଅ ତଳି ପଟିରେ ବୁଣନ୍ତୁ । ଡାଲୁଅ ଧାନର ଉନ୍ନତ କିସମ ବିହନ ମଧ୍ୟରେ ରହିଛି :ସହଳ – ଖଣ୍ଡଗିରି, ପାରିଜାତ, ଯୋଗେଶ, ସିଦ୍ଧାନ୍ତ ଓ ସହଭାଗୀ ଧାନ । ମଧ୍ୟମ –ଲଲାଟ, ମନସ୍ୱିନୀ, ମନ୍ଦାକିନୀ, ଜ୍ୟୋତିର୍ମୟୀ, କୋଣାର୍କ, ପ୍ରତିଭା, ତପସ୍ୱିନୀ, ଗଜପତି ଓ ନବୀନ। କିଆରିରେ ପାଣି ଚାଲିବା ନିମନ୍ତେ ନାଳି ମାନ ରଖନ୍ତୁ । ଏହାଦ୍ୱାରା ବି ସାର ଓ କୀଟନାଶକ ଦ୍ରବ୍ୟ ବ୍ୟବହାର କରିବା ସହଜ ହୋଇଥାଏ।



## ଜାଣିରଖନ୍ତୁ



➤ବିହନ ବିଶୋଧନ କରି ତରଭୁଜ ଲଗାନ୍ତୁ । କିସମ ଅନୁସାରେ ଧାଡ଼ିକୁ ଧାଡ଼ି ୨.୦ ରୁ ୨.୫ ମିଟର ଏବଂ ମନ୍ଦାକୁ ମନ୍ଦା ୧.୫ ମିଟର ଦୂରତାରେ ଅନୁମୋଦିତ ପ୍ରଣାଳୀରେ ଲଗାନ୍ତୁ । ଶୀଘ୍ର ଗଜା ହେବା ପାଇଁ ମନ୍ଦା ଉପରେ କିଛି ପାଳ କିମ୍ବା ଖଣ୍ଡିଏ ଜରି ଘୋଡ଼ାଇ ଦିଅନ୍ତୁ । ଗଜା ବାହାରିବା ପରେ ଏଗୁଡ଼ିକୁ ହଟେଇ ଦେବା ଆବଶ୍ୟକ। ତରଭୁଜର ଉନ୍ନତ କିସମଗୁଡିକ ହେଲା – ସୁଗାରବେବି, ଆର୍କାମାଣିକ, ଲାଲ୍‌ସେନା। ଏହାର ସଙ୍କର କିସମ ମଧ୍ୟରେ ରହିଛି – ମାଧୁରୀ, ମାୟା, ସୁଗାରବଏ, ସୁଇଟ୍‌ରୁବି, ମମତାଜ୍ ଏବଂ ଆଣ୍ଡାମାନ୍।



➤ସୋରିଷ ଚାଷ କରୁଥିଲେ ଆବଶ୍ୟକତା ଅନୁଯାୟୀ ଜଳସେଚନ କରନ୍ତୁ। ଜଉପୋକର ପ୍ରତିକାର ପାଇଁ ହେକ୍ଟର ପିଛା ୧ ଲିଟର ରୋଗର କିମ୍ବା ଇମିଡ଼ାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୦ ମି.ଲି. ସିଞ୍ଚନ କରନ୍ତୁ । କରତିଆ ମାଛି ଲାଗିଲେ ହେକ୍ଟର ପିଛା ୧୦୦୦ ମି.ଲି. ଇକାଲକ୍ସ କିମ୍ବା ୧୦୦୦ ମି.ଲି. କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।



➤ସୂର୍ଯ୍ୟମୁଖୀ ଚାଷରେ ରୋଗ ଓ ପୋକ ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ । ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସ ମୁକ୍ତ ରଖନ୍ତୁ । ମାଟିର ବତର ଦେଖି ଜଳସେଚନ କରନ୍ତୁ ।



➤ଗାଇମାନଙ୍କ ଠାରେ ପ୍ରସୂତି ସମସ୍ୟା ତଥା ଭୂତାଣୁଜନିତ ଫାଟୁଆ ରୋଗ ଦେଖାଦେଲେ, ଏହାର ପ୍ରତିକାର ପାଇଁ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ । ଚର୍ମବିଣ୍ଡି ରୋଗ ଲକ୍ଷଣ ପ୍ରକାଶ ପାଇଲେ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ପରାମର୍ଶ ନିଅନ୍ତୁ। ଗାଇକୁ ଚରାଇବାକୁ ଛାଡ଼ନ୍ତୁ ନାହିଁ ଏବଂ ଅନ୍ୟ ପ୍ରାଣୀଙ୍କଠାରୁ ଦୂରରେ ରଖନ୍ତୁ।

## ମଟର ଚାଷ



ପାଇରା ଫସଲ ଭାବେ ଚାଷ କରାଯାଇଥିବା ମଟର ୧ମାସ ହୋଇଯାଇଥିଲେ ୨% ଡିଏପି କିମ୍ବା ୨% ଏନ୍–ପି–କେ (୧୯–୧୯–୧୯) ସାର ସିଞ୍ଚନ କରନ୍ତୁ। ମଟର ଓ ବୁଟର ଝାଉଁଳା ରୋଗ ଦମନ ସକାଶେ ହେକ୍ଟର ପ୍ରତି ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ ଦମନ ଲାଗି ହେକ୍ଟର ପ୍ରତି ୧ ଲିଟର ପାଣି ପ୍ରତି ୩ ଗ୍ରାମ୍ ସଲ୍‌ଫର ସେଟିତଗୁଣ୍ଡ କିମ୍ବା ୧ ମି.ଲି. ପ୍ରୋପିକୋନାଜୋଲ ମିଶାଇ ସିଞ୍ଚନ କରନ୍ତୁ । ମୁଗ, ବିରି ଆଦି ଫସଲରେ ଜଉପୋକ ଲାଗିବା ଆଶଙ୍କା ଅଛି । ଏହାର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. କିମ୍ବା ୧୦୦୦ ମିଲି ଡାଇମିଥୋଏଟ୍ ୩୦ ଇ.ସି. ମିଶାଇ ସିଞ୍ଚନ କରନ୍ତୁ ।

# ମଇଁଷି ପାଳନ



ଭାରତରେ ମଇଁଷିଙ୍କୁ ଗୃହପାଳିତ ପ୍ରାଣୀ ଭାବରେ ପାଳନ କରାଯାଇଥାଏ। ଦୁଗ୍ଧ ଉତ୍ପାଦନରେ ମଇଁଷିଙ୍କର ଭୂମିକାକୁ ପ୍ରମୁଖ ଭାବରେ ବିବେଚନା କରାଯାଏ। ଏବେ ଆଧୁନିକ ଏବଂ ନୂତନ ପ୍ରଜାତିର ମଇଁଷିମାନଙ୍କୁ ସଙ୍ଗୀକରଣ ଓ କୃତ୍ରିମ ପ୍ରଜନନ ପାଇଁ ସରକାର ପ୍ରୋତ୍ସାହନ ଦେଉଛନ୍ତି। ଏହାଦ୍ୱାରା ଚାଷୀ ଉପକୃତ ହେଉଛନ୍ତି। ୨୦୧୯ ଗଣନା ଅନୁଯାୟୀ ଆମ ଦେଶରେ ୧୦୯.୮୫ ମିଲିୟନ ମଇଁଷି ଅଛନ୍ତି। ସମସ୍ତ ପ୍ରାଣୀଧନ ସଂଖ୍ୟା ୫୩୫.୭୮ ମିଲିୟନର ୨୧ ପ୍ରତିଶତ ହେଉଛନ୍ତି ମଇଁଷି। ଗାଈଙ୍କ ତୁଳନାରେ ୩୫ ପ୍ରତିଶତ । କିନ୍ତୁ ଦୁଗ୍ଧ ଉତ୍ପାଦନରେ ଗାଈଙ୍କ ତୁଳନାରେ ମଇଁଷିମାନଙ୍କର ଭୂମିକା ଅଧିକ। ୨୦୨୦–୨୧ ମସିହା ତଥ୍ୟ ଅନୁସାରେ ମଇଁଷି ୪୫ ପ୍ରତିଶତ ଦୁଗ୍ଧ ଉତ୍ପାଦନରେ ଭାଗୀଦାର । ଅନ୍ୟ ପ୍ରଜାତିର ପ୍ରାଣୀ ଯେପରିକି ଦେଶୀଗାଈ ୨୧ ପ୍ରତିଶତ, ସଙ୍କରଜାତୀୟ ଗାଈ ୨୮ ପ୍ରତିଶତ, ବିଦେଶୀ ପ୍ରଜାତିର ଗାଈ ୩ ପ୍ରତିଶତ ଏବଂ ଛେଳି ୩ ପ୍ରତିଶତ ଦୁଗ୍ଧ ଉତ୍ପାଦନରେ ଭାଗୀଦାର ଅଟନ୍ତି। ସେହିପରି ୨୦୨୧ ତଥ୍ୟ ଅନୁସାରେ ଭାରତରେ ସର୍ବମୋଟ ୨୦୯.୯୬ ମିଲିୟନ ଟନ୍ ଦୁଗ୍ଧ ଉତ୍ପାଦନ ହୋଇଥିଲା ଏବଂ ମଇଁଷି ପ୍ରଜାତି ସର୍ବମୋଟ ୪୪.୪୮୨ ମିଲିୟନ ଟନ୍ ଦୁଗ୍ଧ ଉତ୍ପାଦନ କରିବାରେ ଭାଗୀଦାର ଅଟନ୍ତି। ଓଡ଼ିଶା ସରକାର ମଧ ଅନ୍ୟ ପ୍ରାଣୀଙ୍କ ଭଳି ମଇଁଷି ପାଳନକୁ ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି।

**ମଇଁଷି ପ୍ରଜାତି**

ଭାରତୀୟ ପଶୁ ଆନୁବଂଶିକ ସାଧନ ସଂସ୍ଥା ତଥ୍ୟ ଅନୁସାରେ ଭାରତରେ ମୁଖ୍ୟତଃ ୨୦ ପ୍ରଜାତିର ମଇଁଷି ସହ ଅନ୍ୟ କିଛି ଅଞ୍ଚଳରେ ଦେଶୀ ମଇଁଷି ଦେଖିବାକୁ ମିଳିଥାଏ।

**ମୁରାହ :** ଏହି ପ୍ରଜାତିର ମଇଁଷି ମୁଖ୍ୟତଃ ହରିୟାଣା, ପଞ୍ଜାବ ଏବଂ ଉତ୍ତର ପ୍ରଦେଶରେ ଦେଖିବାକୁ ମିଳିଥାଆନ୍ତି। ୨୦୧୯ ଗଣନା ଅନୁସାରେ ଏହି ପ୍ରଜାତି ସଂଖ୍ୟା ୪୭.୦୬୫ ମିଲିୟନ, ଯାହାକି ସମୁଦାୟ ମଇଁଷିର ୪୨.୮ ପ୍ରତିଶତ। ଏହି ପ୍ରଜାତିର ମଇଁଷି ଦେଖିବାକୁ କଳା, ଶିଙ୍ଗ ଛୋଟ ଓ ଗୋଲାକାର। ଏମାନଙ୍କର କ୍ଷୀର ଉତ୍ପାଦନ କ୍ଷମତା ୧୩୬୦ରୁ୨୨୭୦ ଲିଟର। ଏମାନେ ୩୩୫ ଦିନ ବ୍ୟବଧାନରେ ବାଛୁରି ଜନ୍ମ କରିଥାଆନ୍ତି ଏବଂ ସାଢ଼େ ୩ ବର୍ଷରେ ବାଛୁରି ଜନ୍ମ କରିଥାଏ।

**ଜାଫ୍ରାବାଦି :** ଏଭଳି ପ୍ରଜାତିର ମଇଁଷି ଗୁଜରାଟରେ ଦେଖାଯାଇଥାଆନ୍ତି। ଏମାନଙ୍କର ସଂଖ୍ୟା ହେଉଛି ୨୧୪୯ ମିଲିୟନ, ଯାହାକି ସମୁଦାୟ ମଇଁଷିର ୧.୯ ପ୍ରତିଶତ। ଏମାନଙ୍କର ଦୁଗ୍ଧ ଉତ୍ପାଦନ କ୍ଷମତା ହେଉଛି ୧୩୦୦–୧୪୦୦ ଲିଟର ଏବଂ ସ୍ନେହର ମାତ୍ରା ହେଉଛି ୯–୧୯ ପ୍ରତିଶତ। ଏହି ପ୍ରଜାତିର ମଇଁଷି ୪ ବର୍ଷରେ ପ୍ରଥମ ବାଛୁରି ଜନ୍ମ ସହ ୪୪୭ ଦିନ ବ୍ୟବଧାନରେ ବାଛୁରି ଜନ୍ମ ଦେଇଥାଏ।

**ଭାବଭରି :** ଏହି ପ୍ରଜାତିର ମଇଁଷି ଉତ୍ତର ପ୍ରଦେଶ ଏବଂ ମଧ୍ୟପ୍ରଦେଶରେ ଦେଖାଯାଇଥାଆନ୍ତି। ଏମାନଙ୍କର ସଂଖ୍ୟା ହେଉଛି ୧୯୮୧ ମିଲିୟନ, ଯାହାକି ସମୁଦାୟ ମଇଁଷିର ୧.୮ ପ୍ରତିଶତ। ଏହି ପ୍ରଜାତିର ମଇଁଷିମାନଙ୍କର ଦୁଗ୍ଧ ଉତ୍ପାଦନ କ୍ଷମତା ହେଉଛି ୧୧୦୦–୧୩୦୦ ଲିଟର ଏବଂ ସ୍ନେହସାରର ମାତ୍ରା ହେଉଛି ୭–୧୩ ପ୍ରତିଶତ। ଏମାନେ ସାଢ଼େ ୪ ବର୍ଷରେ ପ୍ରଥମ ବାଛୁରି ଜନ୍ମ କରିବା ସହ ପରେ ୪୪୫ ଦିନ ବ୍ୟବଧାନରେ ପୁଣି ବାଛୁରି ଜନ୍ମ ଦେଇଥାଆନ୍ତି।

**ସୁରତି :** ଏହି ପ୍ରଜାତିର ମଇଁଷି ଗୁଜରାଟରେ ବେଶି ଦେଖାଯାଇଥାଆନ୍ତି। ଏମାନଙ୍କର ସଂଖ୍ୟା ହେଉଛି ୨୪୫୨ ମିଲିୟନ, ଯାହାକି ସମୁଦାୟ ମଇଁଷିର ୨.୨ ପ୍ରତିଶତ। ଏମାନେ ଦେଖିବାକୁ କଳା କିନ୍ତୁ ମୁଣ୍ଡ, ଗୋଡ଼ ଏବଂ ଲାଞ୍ଜର ରଙ୍ଗ ଧଳା। ୩ବର୍ଷରେ ଏମାନେ ପ୍ରଥମ ବାଛୁରି ଜନ୍ମ କରିବା ସହ ୪୬୪ ଦିନ ବ୍ୟବଧାନରେ ଦ୍ୱିତୀୟ ବାଛୁରି ଜନ୍ମ ଦେଇଥାଆନ୍ତି। ଦୁଗ୍ଧ ଉତ୍ପାଦନ କ୍ଷମତା ହେଉଛି ୧୩୦୦–୧୪୦୦ ଲିଟର ଏବଂ ସେଥିରେ ସ୍ନେହ ମାତ୍ରା ହେଉଛି ୭.୫ ପ୍ରତିଶତ।

**ମେହସନା :** ଏହି ପ୍ରଜାତି ମଇଁଷି ଗୁଜରାଟରେ ବେଶି ଦେଖାଯାଆନ୍ତି। ଏମାନଙ୍କର ସଂଖ୍ୟା ହେଉଛି ୪୩୭୮ ମିଲିୟନ, ଯାହାକି ସମୁଦାୟ ମଇଁଷିର ୪.୦ ପ୍ରତିଶତ। ଦୁଗ୍ଧ ଉତ୍ପାଦନ କ୍ଷମତା ହେଉଛି ୧୮୦୦–୨୨୦୦ ଲିଟର। ସ୍ନେହ ୬.୬–୮.୧ ପ୍ରତିଶତ। ଏମାନେ ସାଢ଼େ ତିନି ବର୍ଷରେ ପ୍ରଥମ ବାଛୁରିକୁ ଜନ୍ମ ଦିଅନ୍ତି ଏବଂ ଦ୍ୱିତୀୟ ବାଛୁରି ୪୮୪ ଦିନ ବ୍ୟବଧାନରେ ହୋଇଥାଏ। ଏହି ୫ ପ୍ରଜାତି ବ୍ୟତୀତ ଅନ୍ୟ ମଇଁଷି ପ୍ରଜାତିଗୁଡ଼ିକ ନୀଳଗିରି, ନାଗପୁରା, ବନ୍ନି, ପାଣ୍ଡରାପୁରୀ, ମରାଠବାଡ଼ି ଆଦିରେ ଦେଖିବାକୁ ମିଳନ୍ତି। ସେହିପରି ଓଡ଼ିଶାରେ ମଧ କିଛି ପ୍ରଜାତିର ମଇଁଷି ଦେଖାଯାଆନ୍ତି।

**ଚିଲିକା ମଇଁଷି :** ଏହି ପ୍ରଜାତିର ମଇଁଷି ଚିଲିକା ହ୍ରଦ ନିକଟ ଅଞ୍ଚଳରେ ଦେଖାଯାଆନ୍ତି। ଏମାନେ ସାଢ଼େ ୩ ବର୍ଷରୁ ୪ ବର୍ଷ ମଧ୍ୟରେ ପ୍ରଥମ ବାଛୁରି ଜନ୍ମ ଦେଇଥାଆନ୍ତି। କୌଣସି ଖର୍ଚ୍ଚ ବିନା ବା ସ୍ୱଳ୍ପ ଖର୍ଚ୍ଚରେ ଏହି ପ୍ରଜାତିର ମଇଁଷିଙ୍କ ଶରୀର ଉତ୍ତମ ବିକାଶ ହୋଇଥାଏ। ଏମାନେ ୪୩୦ ଦିନ ବ୍ୟବଧାନରେ ଦ୍ୱିତୀୟ ବାଛୁରି ଜନ୍ମ ଦେଇଥାଆନ୍ତି। ଏମାନେ ରାତିରେ ଚିଲିକା ହ୍ରଦରେ ବଢ଼ୁଥିବା ଘାସ ଏବଂ ଶିଉଳିକୁ ଖାଦ୍ୟ ଭାବରେ ଖାଇଥାଆନ୍ତି। ଏମାନଙ୍କର ରଙ୍ଗ କଳା ଓ ଖଇରିଆ। ଦୁଗ୍ଧ ଉତ୍ପାଦନ କ୍ଷମତା ହେଉଛି ୫୦୦ ଲିଟର। ସ୍ନେହସାର ୮.୭ ପ୍ରତିଶତ।

**କଳାହାଣ୍ଡି ମଇଁଷି :** ଏମାନେ ମୁଖ୍ୟତଃ କଳାହାଣ୍ଡି ଜିଲାରେ ଦେଖାଯାଆନ୍ତି। ଏମାନଙ୍କର ରଙ୍ଗ କଳା ଏବଂ ଦୁଗ୍ଧ ଉତ୍ପାଦନ କ୍ଷମତା ହେଉଛି ୯୦୦ ଲିଟର। ଏହି ପ୍ରଜାତିର ମଇଁଷି ୪ବର୍ଷରେ ପ୍ରଥମ ବାଛୁରିକୁ ଜନ୍ମ ଦେଇଥାନ୍ତି। ଏମାନଙ୍କ ଦୁଗ୍ଧରେ ସ୍ନେହସାର ମାତ୍ରା ରହିଛି ୮ ପ୍ରତିଶତ। ଏମାନେ ୫୦୦ ଦିନ ବ୍ୟବଧାନରେ ବାଛୁରି ଜନ୍ମ କରିଥାଏ। ଏହି ପ୍ରଜାତିର ମଇଁଷିଙ୍କୁ ସ୍ୱଳ୍ପ ଖର୍ଚ୍ଚରେ ପାଳନ କରାଯାଇଥାଏ।

**ମାଣ୍ଡା ମଇଁଷି :** ଏହି ପ୍ରଜାତିର ମଇଁଷି କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଜିଲାରେ ଦେଖାଯାଆନ୍ତି। ଏମାନଙ୍କର ରଙ୍ଗ ଧୂସର ଏବଂ ଦୁଗ୍ଧ ସ୍ନେହ ମାତ୍ରା ୮.୪ ପ୍ରତିଶତ। ଏମାନେ ପ୍ରତି ୪ ବର୍ଷରେ ପ୍ରଥମ ବାଛୁରି ଏବଂ ୫୫୦ ଦିନ ବ୍ୟବଧାନରେ ଦ୍ୱିତୀୟ ବାଛୁରି ଜନ୍ମ କରିଥାଏ। ଏହି ପ୍ରଜାତି ମଇଁଷିମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ଅଧିକ। (କ୍ରମଶଃ...)

–ଡା. ହିମାଂଶୁ ବେହେରା
ସହକାରୀ ପ୍ରାଧ୍ୟାପକ, ପ୍ରାଣୀ ପ୍ରଜନନ ଏବଂ ପ୍ରସୂତି ବିଭାଗ, ପଶୁ ଚିକିତ୍ସା ଓ ପଶୁପାଳନ ମହାବିଦ୍ୟାଳୟ, ଓୟୁଏଟି, ଭୁବନେଶ୍ୱର

## ଗହମରେ ରୋଗ-ପୋକ ନିୟନ୍ତ୍ରଣ



ଗହମ ଫସଲରେ କାଳିଗୁଣ୍ଡି ରୋଗ ହୋଇଥିଲେ, ଏହାର ଦମନ ସକାଶେ ଆକ୍ରାନ୍ତ ଗଛଗୁଡ଼ିକୁ ମାଟିରେ ପୋତି ଦିଅନ୍ତୁ କିମ୍ବା ପୋଡ଼ି ଦିଅନ୍ତୁ ଏବଂ ଏକର ପ୍ରତି ୨୦୦ଗ୍ରାମ୍ କାର୍ବେଣ୍ଡାଜିମ୍ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସଅଳ ଲଗାଯାଇଥିବା ଫସଲରେ ଶସ୍ୟତ୍ୟାଗ ରୋଗ ଲାଗିବାର ଆଶଙ୍କା ଅଛି। ଏହାର ଦମନ ପାଇଁ ଏକର ପ୍ରତି ୬୦୦ଗ୍ରାମ୍ ମାଙ୍କୋଜେବ୍ ୨୦୦ଲିଟର ପାଣିରେ ସିଞ୍ଚନ କରନ୍ତୁ। ବର୍ଷା ନ ଥିଲେ ଫସଲରେ ଜଳସେଚନର ଆବଶ୍ୟକତା ବଢ଼ିଯାଇଥାଏ, ଫୁଲ ଓ କ୍ଷୀର ଢୋକିବା ଅବସ୍ଥାରେ ଜଳସେଚନ ପ୍ରତି ଧ୍ୟାନ ଦିଅନ୍ତୁ।

## ଶୀଘ୍ର ଶଣ୍ଢା ବାହାରିବା ଲାଗି..

ପିଆଜର ପତ୍ରପୋଡ଼ା ସହ ଆଞ୍ଚୁଡ଼ା ଦାଗ ଦେଖାଦେଲେ ଉକୁଣିଆ ପୋକ ଲାଗିଥିବାର ଜଣାଯାଏ। ଏହାର ଦମନ ପାଇଁ ଏକର ପ୍ରତି ୪୦୦ ମିଲି ଡାଇମେଥୋଏଟ୍ କିମ୍ବା ୫୦ ମିଲି ଇମିଡାକ୍ଲୋପ୍ରିଡ୍ ସିଞ୍ଚନ କରନ୍ତୁ। ଆଗରୁ ଲଗାଯାଇଥିବା ପିଆଜରେ ଅଲ୍‌ଟର୍‌ନାରିଆ ଜନିତ ପତ୍ରପୋଡ଼ା ରୋଗ ଲାଗିଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ଆଗରୁ ଲଗାଇ ନ ଥିଲେ ବର୍ତ୍ତମାନ ଲଗାଇବା କାମ ଶେଷ କରନ୍ତୁ। ତଳିଗୁଡ଼ିକ ୧୨–୧୫ସେ.ମି. ଉଚ୍ଚା ହୋଇଗଲେ ସେଗୁଡ଼ିକୁ ଉପରବେଳା ଓପାଡ଼ି ଲଗାନ୍ତୁ। ଏହି ଋତୁରେ ୬–୮ ସପ୍ତାହର ଚାରା ଲଗାନ୍ତୁ। ଛୋଟ ତଳି ଲଗାଇଲେ ଜମିରେ ଗଛ ଦୁର୍ବଳ ରୁହେ ଓ ବଡ଼ ତଳି ଲଗାଇଲେ ଶୀଘ୍ର ଶଣ୍ଢା ବାହାରିଥାଏ।



## ଆମ୍ବ ବଉଳର ଯତ୍ନ

ଆମ୍ବବଉଳ ଆସିଥିଲେ ଆସିବାର ସାତ ଦିନ ପରେ ୨ ମି.ଲି. ପ୍ରୋଫେନୋଫସ୍ ୧ ଲିଟର ପାଣିରେ ପତ୍ର ଓ ବଉଳରେ ଭଲଭାବରେ ସିଞ୍ଚନ କରନ୍ତୁ । ନୂତନ ବଗିଚାରେ ମାଆ ଗଛର ମୂଳରୁ ଉଠିଥିବା ଦେଶୀ କଳିକାଗୁଡ଼ିକୁ ନଷ୍ଟ କରିଦିଅନ୍ତୁ ଓ ବଉଳ ଆସିବା ପରେ ହିଁ ଜଳସେଚନ କରନ୍ତୁ । ବଉଳ ପୂରା ମାତ୍ରାରେ ଥିବାବେଳେ କୁହୁଡ଼ିଆ ପାଗ ହେଲେ ବଗିଚାରେ ଅନାବନା ଘାସ, କାଠିକୁଟା ଆଦି ପୋଡ଼ି ବଗିଚାକୁ ଧୂଆଁ ଦିଅନ୍ତୁ ଓ ଡିଥେନ୍ ଏମ୍–୪୫ ଏକ ଲିଟର ପାଣିରେ ୩ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ । ସଲ୍‌ଫେକ୍ସ ୧ ଲିଟର ପାଣିରେ ୪ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଜାନୁୟାରୀ ୧୧/୨୦୨୩ Bhubaneswar, Wednesday, January 11/ 2023

# କୋହଲିଙ୍କ ଶତକ: ଭାରତ ବିଜୟୀ

ଗୁଆହାଟୀ,୧୦।୧




ବିରାଟ କୋହଲିଙ୍କ ଶତକ ବଳରେ ଭାରତ ଏଠାରେ ମଙ୍ଗଳବାର ଅନୁଷ୍ଠିତ ହାଇସ୍କୋରିଂ ପ୍ରଥମ ଦିନିକିଆ କ୍ରିକେଟ ମ୍ୟାଚରେ ଶ୍ରୀଲଙ୍କାକୁ ୬୭ ରନରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଭାରତ କୋହଲିଙ୍କ ୧୧୩ ଓ ରୋହିତ ଶର୍ମାଙ୍କ ୮୩ ରନ ବଳରେ ୫୦ ଓଭରରେ ୭ ଉଇକେଟ ହରାଇ ୩୭୩ ରନ୍ କରିଥିଲା। ଜବାବରେ ଶ୍ରୀଲଙ୍କା ଅଧିନାୟକ ଦାସୁନ ଶନକାଙ୍କ ଅପରାଜିତ ୧୦୮ ଓ ଓପନର ପାଥୁମ ନିଶଙ୍କାଙ୍କ ୭୪ ରନ୍ ସତ୍ତ୍ୱେ ୫୦ ଓଭରରେ ୩୦୬/୮ ରନରେ ସୀମିତ ରହିଥିଲା।

ଟସ୍ ହାରି ଭାରତ ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିଲା। ରୋହିତଙ୍କ ସହ ଇନିଂସ ଆରମ୍ଭ କରିଥିବା ଗିଲ୍ ପ୍ରଥମ ଉଇକେଟରେ ୧୯.୪ ଓଭରରେ ଯୋଡିଥିଲେ ୧୪୩ ରନ୍ । ରୋହିତ ୮୩ ଓ ଗିଲ୍ ୭୦ ରନ୍‌ର ଇନିଂସ ଖେଳିଥିଲେ। ୬୦ ବଲ୍‌ର ଇନିଂସରେ ଗିଲ୍ ୧୧ଚୌକା ମାରିଥିଲେ। ପ୍ରତ୍ୟାବର୍ତ୍ତନ କରିଥିବା ଅଧିନାୟକ ରୋହିତ ମଧ୍ୟ ୬୭ ବଲ ଖେଳି ୯ ଚୌକା ଓ ୩ ଛକା ମାରିଥିଲେ। ୩ ନମ୍ବରରେ ବ୍ୟାଟିଂ କରିଥିବା ବିରାଟ ବାଂଲାଦେଶ ବିପକ୍ଷ ମ୍ୟାଚର ଫର୍ମ ବଜାୟ ରଖିବା ସହିତ କ୍ୟାରିୟରର ୭୩ ତମ ଶତକ ହାସଲ କରିଥିଲେ। ୮୦ ବଲରୁ ନିଜର ଶତକ ହାସଲ କରିଥିବା କିଙ୍ଗ କୋହଲି ୮୭ ବଲରୁ ୧୧୩ ରନ୍ କରି ମ୍ୟାଚର ୪୯ ତମ ଓଭରରେ ପ୍ୟାଭିଲିୟନ ଫେରିଥିଲେ। କୋହଲିଙ୍କ ଇନିଂସରେ ୧୨ ଚୌକା ଓ ୧ ଛକା ସାମିଲ ଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଶ୍ରେୟସ ଆୟାର ୨୮ ଓ ଲୋକେଶ ରାହୁଲ ୩୯ ରନ୍‌ର ଉପଯୋଗୀ ଇନିଂସ ଖେଳିଥିଲେ। କୋହଲି ଆଉଟ ହେବା ପୂର୍ବରୁ ଆୟରଙ୍କ ସହିତ ୪୦ ଓ ରାହୁଲଙ୍କ ସହିତ ୯୦ ରନର ଭାଗୀଦାରି କରିଥିଲେ। ଶ୍ରୀଲଙ୍କା ପକ୍ଷରୁ କସୁନ୍ ରଜିଥା ୩ ଉଇକେଟ ନେଇଥିବା ବେଳେ ଦିଲଶାନ ମଦୁଶଙ୍କା, ଚାମିକା କରୁଣାରତ୍ନେ, ଦାସୁନ ଶନକା ଓ ଧନଞ୍ଜୟ ଡି ସିଲଭା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୩୭୪ ରନର ବିଶାଳ ଲକ୍ଷ୍ୟର ଚାପରେ ଶ୍ରୀଲଙ୍କା ଇନିଂସ ଆରମ୍ଭରୁ ଦିଗହରା ହୋଇ ଯାଇଥିଲା। ଅଭିଷ୍କା ଫର୍ନାଣ୍ଡୋ(୫) ଓ କୁଶାଲ ମେଣ୍ଡିସ୍(୦)ଙ୍କୁ ଶୀଘ୍ର ହରାଇ ବ୍ୟାକ୍‌ଫୁଟକୁ ଚାଲି ଯାଇଥିବା ଶ୍ରୀଲଙ୍କା ଆଉ ପ୍ରତ୍ୟାବର୍ତ୍ତନ କରିପାରି ନ ଥିଲା। ଓପନର ପଥୁମ୍ ନିଶଙ୍କା ଶ୍ରୀଲଙ୍କା ପକ୍ଷରୁ ୭୨ ରନ୍ କରିଥିଲେ। ୮୦ ବଲରୁ ୧୧ ଚୌକା ମାରିଥିବା ନିଶଙ୍କା ମ୍ୟାଚର ୩୧ ତମ ଓଭରରେ ଆଉଟ ହେବା ସହିତ ଶ୍ରୀଲଙ୍କାର ପରାଜୟ ନିଶ୍ଚିତ ହୋଇଥିଲା। ଅଧିନାୟକ ଦାସୁନ ଶନକା କିନ୍ତୁ ଲଢେଇ ଜାରି ରଖି ୧୦୮ ରନ୍ କରି ଶେଷ ଯାଏ ଅପରାଜିତ ରହିଥିଲେ। କସୁନ ରଜିଥାଙ୍କ ସହ ନବମ ଉଇକେଟରେ ୧୦୦ ରନ୍ ଯୋଡିଥିବା ବେଳେ ରଜିଥା ମାତ୍ର ୯ ରନ୍‌ର ଅବଦାନ ଦେଇଥିଲେ। ଭାରତ ପକ୍ଷରୁ ଉମ୍ରାନ ମଲିକ ସର୍ବାଧିକ ୩ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହମ୍ମଦ ସିରଜ ୨, ମହମ୍ମଦ ଶାମି, ୟୁଜବେନ୍ଦ୍ର ଚହଲ ଓ ହାର୍ଦ୍ଦିକ ପାଣ୍ଡ୍ୟା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

ଭାରତ ୫୦ ଓଭରରେ ୩୭୩/୭ (ବିରାଟ କୋହଲି-୧୧୩, ରୋହିତ ଶର୍ମା-୮୩, ଶୁବମାନ ଗିଲ୍-୭୦, କସୁନ୍ ରଜିଥା-୩/୮୮,ଦାସୁନ୍ ଶନକା-୧/୨୨, ଧନଞ୍ଜୟ ଡି ସିଲ୍‌ଭା-୧/୩୨)। ଶ୍ରୀଲଙ୍କା- ୫୦ ଓଭରରେ ୩୦୬/୮ ( ଦାସୁନ୍ ଶନକା-୧୦୮*, ପାଥୁମ ନିଶଙ୍କା-୭୨, ଧନଞ୍ଜୟ ଡି ସିଲ୍‌ଭା-୪୭, ଉମ୍ରାନ ମଲିକ୍-୩/୫୭, ମହମ୍ମଦ ସିରାଜ-୨/୩୦, ହାର୍ଦ୍ଦିକ୍ ପାଣ୍ଡ୍ୟା-୧/୩୩)।

## ସଚିନଙ୍କ ରେକର୍ଡର ସମକକ୍ଷ କୋହଲି

**ଗୁଆହାଟୀ,୧୦।୧:** ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଅନୁଷ୍ଠିତ ପ୍ରଥମ ଦିନିକିଆରେ ଶତକ ହାସଲ କରିବା ସହିତ ଭାରତର କିମ୍ବଦନ୍ତୀ କ୍ରିକେଟର ସଚିନ୍ ତେନ୍ଦୁଲକରଙ୍କ ସମକକ୍ଷ ହୋଇଛନ୍ତି ବିରାଟ କୋହଲି। ୨୦୨୨ ବର୍ଷ ଯେଉଁ ଫର୍ମରେ ଶେଷ କରିଥିଲେ ୨୦୨୩ ବର୍ଷକୁ ମଧ ସମାନ ଫର୍ମରେ ସ୍ୱାଗତ କରିଛନ୍ତି କୋହଲି। ଦିନିକିଆରେ ୪୫ ତମ ଶତକ ହାସଲ କରିଥିବା ବେଳେ ଅନ୍ତର୍ଜାତୀୟ କ୍ରିକେଟରେ ୭୩ ତମ ଶତକ ହାସଲ କରିଥିଲେ କୋହଲି। ଏହା ସହିତ ସଚିନ୍ ତେନ୍ଦୁଲକରଙ୍କ ଅନ୍ୟ ଏକ ରେକର୍ଡର ସମକକ୍ଷ ହୋଇଛନ୍ତି କୋହଲି। ଘରୋଇ ମାଟିରେ ସଚିନ୍ ତେନ୍ଦୁଲକର ୨୦ ଶତକ ହାସଲ କରିଥିବା ବେଳେ କୋହଲି ତାଙ୍କର ସମକକ୍ଷ ହୋଇଛନ୍ତି। ଭାରତରେ ୧୬୪ଟି ଦିନିକିଆ ଖେଳିଥିବା ସଚିନ୍ ୧୬୦ ଇନିଂସରୁ ୨୦ ଶତକ ମାରିଥିବା ବେଳେ ୪୮.୧୧ ଆଭରେଜ ସହିତ ୬୯୭୬ ରନ୍ କରିଛନ୍ତି। ଅନ୍ୟ ପକ୍ଷରେ ବିରାଟ କୋହଲି ୧୦୨ ମ୍ୟାଚରୁ ୯୯ ଇନିଂସରେ ହାସଲ କରିଛନ୍ତି ୨୦ ତମ ଶତକ । ସଚିନ୍‌ଙ୍କ ଠାରୁ ୬୨ ଇନିଂସ କମ ଖେଳିଥିବା କୋହଲି ଏହି ମାଇଲଖୁଣ୍ଟର ସମକକ୍ଷ ହୋଇଛନ୍ତି। ହାସିମ ଆମଲା ୧୪ ଶତକ ସହିତ ଏହି ତାଲିକାରେ ତୃତୀୟ ସ୍ଥାନରେ ରହିଥିବା ବେଳେ ରିକି ପଣ୍ଟିଂ(୧୩) ଓ ରସ୍ ଟେଲର(୧୨) ଯଥାକ୍ରମେ ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଛନ୍ତି। ଏହା ସହିତ ମଙ୍ଗଳବାରର ଶତକକୁ ମିଶାଇ କୋହଲି ଶ୍ରୀଲଙ୍କା ବିପକ୍ଷରେ ନିଜର ନବମ ଅନ୍ତର୍ଜାତୀୟ ଶତକ ହାସଲ କରିଛନ୍ତି। ଏହା ପୂର୍ବରୁ ସଚିନ୍ ଅଷ୍ଟ୍ରେଲିଆ ବିପକ୍ଷରେ ଏବଂ କୋହଲି ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ସମାନ ସଂଖ୍ୟକ ଶତକ ହାସଲ କରିଥିଲେ।

# ପ୍ରଥମ ଦିନରେ ୧୨ ଉଇକେଟ ପତନ

ଭୁବନେଶ୍ୱର,୧୦।୧
(ସ୍ପୋର୍ଟ୍ସ ବ୍ୟୁରୋ)

**ଓଡ଼ିଶା-ହିମାଚଳ ରଣଜୀ ଟ୍ରଫି**

ହିମାଚଳ ପ୍ରଦେଶର ଅଟଳ ବିହାରୀ ବାଜପେୟୀ କ୍ରିକେଟ ଷ୍ଟାଡିୟମରେ ମଙ୍ଗଳବାର ଆରମ୍ଭ ହୋଇଛି ଓଡ଼ିଶା ଓ ହିମାଚଳ ପ୍ରଦେଶ ମଧ୍ୟରେ ରଣଜୀ ଟ୍ରଫି ମ୍ୟାଚ୍। ପ୍ରଥମ ଦିବସରେ ଦୁଇଟି ଅର୍ଦ୍ଧଶତକ ଦେଖିବାକୁ ମିଳିଥିବା ବେଳେ ୧୨ ଉଇକେଟର ପତନ ଘଟିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୧୯୧ ରନରେ ଅଲଆଉଟ ହୋଇଥିବା ବେଳେ ଷ୍ଟମ୍ପ ଅପସାରଣ ସୁଦ୍ଧା ହିମାଚଳ ୨ ଉଇକେଟରେ ୯୧ ରନ୍ ସଂଗ୍ରହ କରିଛି। ଓଡ଼ିଶା ପକ୍ଷରୁ ଗତ ମ୍ୟାଚର ଦ୍ୱିଶତକ ହାସଲକାରୀ ଶାନ୍ତନୁ ମିଶ୍ର ସର୍ବାଧିକ ୫୨ ରନ୍ କରିଥିଲେ। ପ୍ରଥମ ଘଣ୍ଟାରେ କୁହୁଡିଆ ପରିବେଶର ଫାଇଦା ଉଠାଇଥିଲେ ହିମାଚଳ ବୋଲର। ଓଡ଼ିଶା ମାତ୍ର ୪୬ ରନରେ ୩ ଉଇକେଟ ହରାଇଥିଲା। ଶାନ୍ତନୁଙ୍କ ବ୍ୟତୀତ କାର୍ତ୍ତିକ ବିଶ୍ୱାଳ(୨୨), ପ୍ରୟାସ ସିଂ(୩୯), ସୂର୍ଯ୍ୟକାନ୍ତ ପ୍ରଧାନ(୧୬) ଓ ବସନ୍ତ ମହାନ୍ତି(୧୪) କେବଳ ଦୁଇ ଅଙ୍କରେ ପହଞ୍ଚିଥିଲେ। ହିମାଚଳ ପକ୍ଷରୁ ବୈଭବ ଅରୋରା ୫ ଉଇକେଟ ନେଇଥିବା ବେଳେ ରିଷି ଧାୱନ ଓ କର୍ଓ୍ୱର ଅଭିନୟ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ହିମାଚଳ ୨ ଉଇକେଟରେ ୯୧ ରନ୍ କରିଛି। ଓପନର ପ୍ରଶାନ୍ତ ଚୋପ୍ରା ୬୭ ରନରେ ବ୍ୟାଟିଂ କରୁଛନ୍ତି। ଓଡ଼ିଶା ପକ୍ଷରୁ ବସନ୍ତ ମହାନ୍ତି ଓ ସୂର୍ଯ୍ୟକାନ୍ତ ପ୍ରଧାନ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି।

### ସଂକ୍ଷିପ୍ତ ସ୍କୋର

ଓଡ଼ିଶା ପ୍ରଥମ ଇନିଂସ- ୫୦ ଓଭରରେ ୧୯୧/୧୦ (ଶାନ୍ତନୁ ମିଶ୍ର-୫୨, ପ୍ରୟାସ ସିଂ-୩୯, କାର୍ତ୍ତିକ ବିଶ୍ୱାଳ-୨୨, ବୈଭବ ଅରୋରା-୫/୫୧, ରିଷି ଧାୱନ-୨/୪୪, କର୍ଓ୍ୱର ଅଭିନୟ-୨/୩୯)। ହିମାଚଳ ପ୍ରଦେଶ ପ୍ରଥମ ଇନିଂସ- ୩୧ ଓଭରରେ ୯୧/୨ (ପ୍ରଶାନ୍ତ ଚୋପ୍ରା-୬୭*, ରାଘବ ଧାୱନ-୨୭, ବସନ୍ତ ମହାନ୍ତି-୧/୨୨, ସୂର୍ଯ୍ୟକାନ୍ତ ପ୍ରଧାନ-୧/୩୨)।

# ପଦାର୍ପଣ କଲେ ମହିଳା ଅମ୍ପାୟର

ନୂଆଦିଲ୍ଲୀ,୧୦।୧ (ପି.ଟି.)

**ରଣଜୀ ଟ୍ରଫିରେ ଇତିହାସ**

ରଣଜୀ ଟ୍ରଫି ଇତିହାସରେ ପ୍ରଥମ ଥର ପାଇଁ ଅମ୍ପାୟର ଭୂମିକାରେ ମ୍ୟାଚ ପରିଚାଳନା କରିଥିଲେ ୩ ଜଣ ମହିଳା। ଜଣେ ପୂର୍ବତନ ସ୍କୋରର, ଜଣେ ସଫ୍ଟୱେର ଇଞ୍ଜିନିୟର ଓ ଜଣେ ପୂର୍ବତନ ଖେଳାଳି ମଙ୍ଗଳବାର ରଚିଛନ୍ତି ଇତିହାସ। ପୂର୍ବରୁ ଅନ୍ତର୍ଜାତୀୟ କ୍ରିକେଟରେ ମହିଳା ଅମ୍ପାୟର ମ୍ୟାଚ ପରିଚାଳନା କରିଥିବାର ଅନେକ ନଜିର ରହିଛି। ଏପରିକି ଲିଜେଣ୍ଡ୍ସ ଲିଗ୍ କ୍ରିକେଟରେ କେବଳ ମହିଳା ଅମ୍ପାୟର ହିଁ ମ୍ୟାଚ୍ ପରିଚାଳନା କରିଥିଲେ। ତେବେ ଭାରତର ଘରୋଇ କ୍ରିକେଟ ରଣଜୀ ଟ୍ରଫିରେ ମହିଳାମାନେ ଅମ୍ପାୟରିଂ କରି ନ ଥିଲେ। ଏହି ଧାରାରେ ପରିବର୍ତ୍ତନ ସହିତ ପ୍ରଥମ ଥର ପାଇଁ ୩ ଜଣ ମହିଳା ପୁରୁଷଙ୍କ କ୍ରିକେଟ ମ୍ୟାଚରେ ଅମ୍ପାୟରିଂ କରିଛନ୍ତି। ମଙ୍ଗଳବାର ବ୍ରିନ୍ଦା ରାଠୀ, ଜନନୀ ନାରାୟଣନ ଓ ଗାୟତ୍ରୀ ଭେନୁଗୋପାଳନଙ୍କୁ ରଣଜୀ ଟ୍ରଫିର ଦ୍ୱିତୀୟ ରାଉଣ୍ଡରେ ଅମ୍ପାୟରିଂ କରିବାର ଦେଖିବାକୁ ମିଳିଥିଲା। ଭେନୁଗୋପାଳନ ଝାଡଖଣ୍ଡ ଓ ଛତିଶଗଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ଅମ୍ପାୟର ରହିଥିଲେ। ଅନ୍ୟପକ୍ଷରେ ନାରାୟଣନଙ୍କୁ ରେଲୱାଇ ବନାମ ତ୍ରିପୁରା ଓ ରାଠୀଙ୍କୁ ଗୋଆ ବନାମ ପୁଡୁଚେରୀ ମ୍ୟାଚରେ ଅମ୍ପାୟର ଭାବରେ ଦେଖିବାକୁ ମିଳିଥିଲା। ୩୬ ବର୍ଷୀୟା ନାରାୟଣନ ତାମିଲନାଡୁର ବାସିନ୍ଦା। ତାମିଲନାଡୁ କ୍ରିକେଟ ଆସୋସିଏଶନରେ ପ୍ରଥମେ ଅମ୍ପାୟରିଂ ସୁଯୋଗ ମିଳି ନ ଥିଲେ ହେଁ ବିସିସିଆଇର ନିୟମ ପରିବର୍ତ୍ତନ ପରେ ତାଙ୍କୁ ସୁଯୋଗ ମିଳିଥିଲା। ୨୦୧୮ରେ ବିସିସିଆଇ ଲେଭଲ-୨ ପରୀକ୍ଷାରେ ସେ ଉତ୍ତୀର୍ଣ୍ଣ ହୋଇଥିଲେ। ୨୦୨୧ରେ ସେ ତାମିଲନାଡୁ ପ୍ରିମିୟର ଲିଗ୍ ପରିଚାଳନା କରିଥିଲେ। ୩୨ ବର୍ଷୀୟା ବ୍ରିନ୍ଦା ରାଠୀ ମୁମ୍ବାଇର ମଇଦାନରେ ସ୍କୋରର ଭାବରେ କାମ କରନ୍ତି। ଏପରିକି ସେ ୨୦୧୩ ମହିଳା ବିଶ୍ୱକପରେ ବିସିଆଇର ସ୍କୋରର ଭାବରେ କାମ କରିଥିଲେ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ